# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ପୁଞ୍ଚ ଗସ୍ତ କରିବେ ରାହୁଲ | ୬



ରାଣ୍ୟାଙ୍କୁ ଆଶ୍ୱସ୍ତି | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫୩ Vol. 22 No-53 24 MAY 2025 SATURDAY, BHUBANESWAR ଶନିବାର, ୨୪ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ସୂଚନା ଓ ଲୋକସମ୍ପର୍କ ବିଭାଗର ନୂତନ ନିର୍ଦ୍ଦେଶକ ନିଯୁକ୍ତ

ଭୁବନେଶ୍ୱର, ୨୩।୫ (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଶୁକ୍ରବାର ବରିଷ୍ଠ ଓଏଏସ୍ ଅଧିକାରୀ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନୂତନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇଛନ୍ତି। ଏଥିପୂର୍ବରୁ ଶ୍ରୀ ଦାସପଟ୍ଟନାୟକ ପିଏମ୍ ପୋଷଣ ଏବଂ ଏମଏମ୍ ପୋଷଣର ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ।

### ୨୬ରେ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି

ଭୁବନେଶ୍ୱର, ୨୩।୫ (ଭାସ୍କର ନ୍ୟୁଜ): ଆସନ୍ତା ୨୭ ତାରିଖ ନୁହେଁ, ୨୬ ତାରିଖରେ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି ଘୋଷଣା କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି। ପୁରୀ ମୁକ୍ତିମଣ୍ଡପ ସହିତ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଓ ପଞ୍ଜିକା ଗଣନାକାରୀ ଅନୁଷ୍ଠାନମାନଙ୍କ ସହିତ ଯୋଗାଯୋଗ ପରେ ୨୬ ତାରିଖରେ ହିଁ ଏହି ଅମାବାସ୍ୟା ପାଳନ କରାଯିବ। ପୂର୍ବରୁ ୨୭ ତାରିଖ ସରକାରୀ ଛୁଟି ପାଇଁ ଘୋଷଣା କରାଯାଇଥିଲା।


### ଲିଙ୍ଗରାଜ ମନ୍ଦିରରେ ଅଣହିନ୍ଦୁ

ଭୁବନେଶ୍ୱର, ୨୩।୫ (ଭାସ୍କର ନ୍ୟୁଜ): ଶୁକ୍ରବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଜଣେ ଅଣହିନ୍ଦୁ ପ୍ରବେଶ କରିଥିବା ସୂଚନା ମିଳିଛି। ସଂପୃକ୍ତ ବ୍ୟକ୍ତି ରୋମାନର ନାଗରିକ ବୋଲି ଜଣାପଡ଼ିଛି। ତାଙ୍କ ନାମ ଆଣ୍ଡ୍ରି ଖ୍ରୀଷ୍ଟିଆନ। ଏହି ଘଟଣା ଭକ୍ତଙ୍କୁ ଆଘାତ ଦେଇଛି। ସେ ଲିଙ୍ଗରାଜ ମନ୍ଦିର ପରିସରରେ ବୁଲୁଥିବାବେଳେ ତାଙ୍କ ଗତିବିଧିକୁ ସନ୍ଦେହ କରି ସେବାୟତ ଓ ଲିଙ୍ଗରାଜ ମନ୍ଦିର ପୋଲିସ ପଚରାଉଚୁରା କରିଥିଲେ।

ସେନ୍‌ସେକ୍ସ: ୮୧,୫୯୬.୭୩
ସର୍ବାଧିକ: ୩୬.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

### ୨୩।୫।୨୦୨୫ ର ମତାମତ

୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓବାଦ ବିଲୋପ ସମ୍ଭବ କି?





### ଆଜିର ପ୍ରସଙ୍ଗ

ଓଡ଼ିଶାର ମନ୍ଦିରଗୁଡ଼ିକରେ ଅଣହିନ୍ଦୁଙ୍କ ପ୍ରବେଶକୁ ରୋକାଯାଇ ପାରିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## କାୟା ମେଲାଉଛି କରୋନା

# ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା



- ୨୦୨୩ ଅଗଷ୍ଟରେ ପ୍ରଥମ ଥରପାଇଁ ଚିହ୍ନଟ
- କେରଳରେ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ
- ସଚେତନ ଓ ସତର୍କ ରହିବାକୁ ପରାମର୍ଶ

ନୂଆଦିଲ୍ଲୀ, ୨୩।୫: ହଂକଂ ଓ ସିଙ୍ଗାପୁର ପରେ ଭାରତରେ କରୋନା ତା'ର କାୟା ମେଲାଇବାରେ ଲାଗିଛି। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ଘଟୁଥିବାରୁ ବିଭିନ୍ନ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ମହାରାଷ୍ଟ୍ର, ହରିଆଣା, ତାମିଲନାଡୁ, କର୍ଣ୍ଣାଟକ, ଗୁଜରାଟ ଏବଂ ଓଡ଼ିଶାରୁ ନୂଆ ମାମଲା ସାମ୍ନାକୁ ଆସୁଥିବା ସୂଚନା ଦିଆଯାଇଛି। ମହାରାଷ୍ଟ୍ରରେ ପାଖାପାଖି ୧୦୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୫ଟି ନୂଆ ମାମଲା ପଞ୍ଜିକୃତ ହୋଇଛି। ସେହିପରି କର୍ଣ୍ଣାଟକର ବେଙ୍ଗାଲୁରୁରେ ଏକ ନବଜାତ ଶିଶୁକୁ କରୋନା ହୋଇଥିବା ସୂଚନା ଦିଆଯାଇଛି। ମୁମ୍ବାଇ, ଚେନ୍ନାଇ, ଗୁରୁଗାମ ଓ ଅହମ୍ମଦାବାଦ ଭଳି ସହରରେ କରୋନାର ପ୍ରଭାବ ଅଧିକ ରହିଛି। ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟବିଭାଗ ମୁତାବକ ମୁମ୍ବାଇରେ ୯୫ଟି ମାମଲା ସାମ୍ନାକୁ ଆସିଥିବାବେଳେ ଏବେ ମୋଟ ମାମଲା ସଂଖ୍ୟା ୧୦୬ରେ ପହଞ୍ଚିଛି। ଏଥିମଧ୍ୟରୁ ୧୬ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ହରିଆଣାର ଗୁରୁଗାମ ଓ ଫରିଦାବାଦରେ କରୋନା ସଂକ୍ରମଣର ୩ଟି ମାମଲା ସାମ୍ନାକୁ ଆସିଛି। ହରିଆଣା ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଗୁରୁଗାମରୁ ୨ ଓ ଫରିଦାବାଦରୁ ଗୋଟିଏ ମାମଲା ଆସିଛି। ନିକଟରେ ମୁମ୍ବାଇରୁ ଫେରିଥିବା ୩୧ବର୍ଷୀୟ ମହିଳାଙ୍କଠାରେ କରୋନା ଭାଇରସ ସଂକ୍ରମଣ ସ୍ପଷ୍ଟ ହୋଇଥିବାବେଳେ ୬୨ବର୍ଷ ବୟସର ଜଣେ ବ୍ୟକ୍ତି ମଧ୍ୟ ସଂକ୍ରମିତ ହୋଇଛନ୍ତି। କିନ୍ତୁ ତାଙ୍କର ଯାତ୍ରା ଇତିହାସ ନାହିଁ। ଉଭୟ ହୋମ୍ କ୍ୱାରେଣ୍ଟାଇନରେ ରହିଛି। ସେହିପରି ଫରିଦାବାଦରେ ପଲା ଅଞ୍ଚଳର ୨୮ବର୍ଷୀୟ ସିକ୍ୟୁରିଟି ଗାର୍ଡ ସଂକ୍ରମିତ ହୋଇଛନ୍ତି। ସେ ଅନେକ ଦିନରୁ ଜ୍ୱର, କାଶ ଓ ଥଣ୍ଡାରେ ପୀଡ଼ିତ ଥିଲେ। ତେବେ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ପରୀକ୍ଷାପରେ ତାଙ୍କୁ କରୋନା ସଂକ୍ରମଣ ହୋଇଥିବା ସ୍ପଷ୍ଟ ହୋଇଛି। ସେହିପରି ଗୁଜରାଟର ଅହମ୍ମଦାବାଦରେ ୧୫ଟି ନୂଆ ମାମଲା ସାମ୍ନାକୁ ଆସିଛି। ଏହି ସଂକ୍ରମିତଙ୍କ ଶରୀରରେ କରୋନାର ଜେଏନ-୧ ଭାରିଆଣ୍ଟ ରହିଛି। ସେମାନଙ୍କର ଚିକିତ୍ସା ଆରମ୍ଭ କରାଯାଇଛି। ତାମିଲନାଡୁରେ ମଧ୍ୟ କରୋନା ବ୍ୟାପୁଛି। ପୁଡୁଚେରୀରେ ୧୨ଟି ନୂଆ ମାମଲା ସାମ୍ନାକୁ ଆସିଛି। ସେହିପରି କର୍ଣ୍ଣାଟକରେ ୧୬ଟି ସକ୍ରିୟ ମାମଲା ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। କେରଳରେ ୧୮୨ଟି ମାମଲା ସାମ୍ନାକୁ ଆସିଥିବାବେଳେ ଦିଲ୍ଲୀରେ ୫ଟି ନୂଆ ମାମଲା ଆସିଛି। ତେବେ ଏ ନେଇ କେନ୍ଦ୍ର ସରକାର ସଜାଗ ଅଛନ୍ତି ଓ ଠିକ୍ ସମୟରେ ଆବଶ୍ୟକ ହେଲେ ମାର୍ଗଦର୍ଶିକା ଜାରି କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

## ଗୋବର୍ଦ୍ଧନ ପୀଠର ସଂରକ୍ଷଣ, ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀଙ୍କ ବୈଠକ

# ପୀଠର ବିକାଶ ପାଇଁ ନିଆଯିବ ପଦକ୍ଷେପ



ଭୁବନେଶ୍ୱର/ପୁରୀ, ୨୩।୫ (ଭାସ୍କର ନ୍ୟୁଜ): ଶୁକ୍ରବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ବାଲିସାହି ସ୍ଥିତ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠର ସଂରକ୍ଷଣ ଓ ବିକାଶ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୁରୀ ଗୋବର୍ଦ୍ଧନ ପୀଠର ସୁରକ୍ଷା ଓ ସଂରକ୍ଷଣ, ସମସ୍ତ ପୂର୍ବାଚାର୍ଯ୍ୟ ମାନଙ୍କ ସମାଧୀ ସ୍ଥଳର ସୁରକ୍ଷା, ପୂଜ୍ୟ ଜଗଦଗୁରୁଙ୍କ ସୁରକ୍ଷା ବ୍ୟବସ୍ଥା, ମଠ ପରିସରରେ ଥିବା ଗୋବର୍ଦ୍ଧନ ଗୋଶାଳାର ବିକାଶ, ମହୋଦଧି ସନ୍ଧ୍ୟା ଆରତୀ ସ୍ଥଳର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ସନାତନ ଧର୍ମର ସୁରକ୍ଷା ତଥା ଅଦ୍ୱୈତ ବେଦାନ୍ତର ପ୍ରଚାର ନିମନ୍ତେ କାର୍ଯ୍ୟ କରୁଥିବା ଗୋବର୍ଦ୍ଧନ ପୀଠର ଉନ୍ନତି ପାଇଁ ଶଙ୍କରାଚାର୍ଯ୍ୟ ପୀଠ ଟ୍ରଷ୍ଟ ବୋର୍ଡର ସଦସ୍ୟ ମାନଙ୍କୁ ଆବଶ୍ୟକୀୟ କାର୍ଯ୍ୟ ସମ୍ବନ୍ଧରେ ସରକାରଙ୍କୁ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପୀଠର ଉନ୍ନତି ପାଇଁ ସବୁ ବିଭାଗ ତଥା ଜିଲ୍ଲା ପ୍ରଶାସନର ସମନ୍ୱୟରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂଜ୍ୟ ଜଗଦଗୁରୁଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ମଠର ପାରିପାର୍ଶ୍ୱିକ ବିକାଶ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ମହୋଦଧି ସନ୍ଧ୍ୟା ଆଳତୀ ସ୍ଥଳକୁ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ କହିଥିଲେ। ପୁରୀ ଗୋବର୍ଦ୍ଧନ ପୀଠର ବିକାଶ ପାଇଁ ଯାହା ଯାହା ଆବଶ୍ୟକତା ରହିଛି ସମସ୍ତ କାର୍ଯ୍ୟକୁ ଗୁରୁତ୍ୱର ସହ ନେଇ ସମ୍ପନ୍ନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡଃ ସମ୍ବିତ ପାତ୍ର, ମୁଖ୍ୟ • ପୃଷ୍ଠା ୫ ଦେଖନ୍ତୁ

## ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟାକୁ ନେଇ ସୁପ୍ରିମକୋର୍ଟଙ୍କ କ୍ଷୋଭ

# ରାଜ୍ୟ ସରକାର କ'ଣ କରୁଛନ୍ତି ପ୍ରଶ୍ନ କଲେ



ନୂଆଦିଲ୍ଲୀ, ୨୩।୫: ରାଜସ୍ଥାନର କୋଟା ସହରରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ବୃଦ୍ଧି ପାଇବା ନେଇ ସୁପ୍ରିମକୋର୍ଟ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ରାଜସ୍ଥାନ ସରକାରଙ୍କୁ କଡ଼ା ଭର୍ତ୍ସନା ମଧ୍ୟ କରିଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଜେ.ବି.ପାରଦିୱାଲା ଏବଂ ଜଷ୍ଟିସ ଆର.ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ଏହି ମାମଲାରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ନେଇ ମଧ୍ୟ ଖଣ୍ଡପୀଠ ଜାଣିବାକୁ ଚାହିଁଛନ୍ତି। ଗତ ୫ ମାସରେ କୋଟାରେ ୧୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଖଣ୍ଡପୀଠ ଚେତାବନୀ ଦେଇଛନ୍ତି ଯେ ଏହାକୁ ହାଲୁକା ଭାବରେ ଗ୍ରହଣ କରାଯିବା ଉଚିତ୍ ନୁହେଁ। କୋର୍ଟ ମଧ୍ୟ କଠୋର ମନୋଭାବ ପୋଷଣ କରିପାରିବେ। ସେହିପରି ଆଇଆଇଟି ଖଡ଼ଗପୁରର ଜଣେ ଛାତ୍ରଙ୍କ ଆତ୍ମହତ୍ୟା ମାମଲାରେ ୪ ଦିନ ପରେ ଏତଲା ଦାଏର ହେବା ନେଇ ଖଣ୍ଡପୀଠ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜସ୍ଥାନ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓକିଲଙ୍କୁ ଜଷ୍ଟିସ ପାରଦିୱାଲା ପଚାରିଥିଲେ ଯେ କୋଟାରେ ଏହି ଛାତ୍ରଛାତ୍ରୀମାନେ କେବଳ ଆତ୍ମହତ୍ୟା କରିବାର କାରଣ କ'ଣ? ଆପଣ ସେଠାରେ ରହି କ'ଣ କରୁଛନ୍ତି? ତେବେ ରାଜସ୍ଥାନ ସରକାରଙ୍କ ପକ୍ଷରୁ ନିଯୁକ୍ତ ଓକିଲ କହିଥିଲେ ଯେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ତଦନ୍ତ ଟିମ୍ ଗଠନ କରିଛନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ଆଇଆଇଟି ଖଡ଼ଗପୁରରେ ପଢୁଥିବା ଜଣେ ୨୨ବର୍ଷୀୟ ଛାତ୍ରଙ୍କ ମୃତ୍ୟୁ ମାମଲାର ଶୁଣାଣି ସମୟରେ ଏଫଆଇଆର ଦାଏର ପାଇଁ କାହିଁକି ୪ ଦିନ ଲାଗିଲା ସେ ନେଇ ପୋଲିସକୁ ପ୍ରଶ୍ନ କରିଥିଲେ। ଛାତ୍ରଜଣକ ଗତ ୪ ତାରିଖରେ ଆତ୍ମହତ୍ୟା କରିଥିଲେ। ଖଣ୍ଡପୀଠ କହିଥିଲେ ଯେ ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ଚିନ୍ତାର ସମାଧାନ ଏବଂ ଏପରି ଘଟଣାଗୁଡ଼ିକୁ ରୋକିବା ପାଇଁ ଏକ ଜାତୀୟ ଟାସ୍କଫୋର୍ସ ଗଠନ କରାଯାଇଥିଲା। ତେବେ କାହିଁକି ୪ ଦିନ ପରେ ଏତଲା ଦାଏର ହେଲା ସେ ନେଇ ପୋଲିସ ଉପରେ କ୍ଷୁବ୍ଧ ହୋଇଥିଲେ। ଖଣ୍ଡପୀଠ କହିଥିଲେ ଯେ ଏହା ଅତ୍ୟନ୍ତ ଗମ୍ଭୀର ବିଷୟ ହୋଇଥିବାରୁ ଏ ନେଇ କୋହଳ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ।

## ପାଣିପାଗ ବିଭାଗର ସୂଚନା

# ଆସୁଛି ଲଘୁଚାପ, ୨୭ରୁ ବର୍ଷା



- ୨୭ରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି
- ଦୁଇଦିନ ପରେ ହେବ ଅଧିକ ଘନୀଭୂତ
- ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷାର ସମ୍ଭାବନା
- ୧୩ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି
- ମୌସୁମୀ ପାଇଁ ହେବ ଅନୁକୂଳ

ଭୁବନେଶ୍ୱର, ୨୩।୫ (ଭାସ୍କର ନ୍ୟୁଜ): ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଆସନ୍ତା ୨୭ ତାରିଖରୁ ରାଜ୍ୟରେ ବର୍ଷାର ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ୨୭ ତାରିଖରେ ଲଘୁଚାପ କ୍ଷେତ୍ର ସୃଷ୍ଟିର ସମ୍ଭାବନା ରହିଛି। ଦୁଇଦିନ ଭିତରେ ଏହା ଅଧିକ ଘନୀଭୂତ ହୋଇ ପ୍ରବଳ ବର୍ଷିବ। ତେବେ ମୌସୁମୀ ସହଜ ଆସିବା ପାଇଁ ଏହା ସହାୟକ ହେବ ବୋଲି ସେ କହିଛନ୍ତି। ଆଗାମୀ ୫ ଦିନ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ରାଜ୍ୟରେ ତାପମାତ୍ରା କମିଥିଲେ ବି କାଳବୈଶାଖୀ ବର୍ଷା ଜାରି ରହିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗାମୀ ଦୁଇଦିନ ଭିତରେ କେରଳ ଛୁଇଁବା ପରେ ଓଡ଼ିଶା ଅଗ୍ରସର ପାଇଁ ପାଗ ଅନୁକୂଳ ହେବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଏହି ବର୍ଷା ମୌସୁମୀ ଅଗ୍ରସରକୁ ଅଧିକ ସକ୍ରିୟ କରିବ। ସକ୍ରିୟ ହେଲେ ଓଡ଼ିଶାରେ ମୌସୁମୀ ଆଗମନ ନେଇ ବାଟ ଫିଟିବ। ଆସନ୍ତା ୨୭ ଓ ୨୮ରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ସହ ଦକ୍ଷିଣ ଓଡ଼ିଶାର କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବ। ଆସନ୍ତା ୭ ଦିନ ଯାଏ କାଳବୈଶାଖୀ ବର୍ଷାର ପ୍ରଭାବ ଜାରି ରହିବ। ବିଜୁଳି, ଘଡ଼ଘଡ଼ି ସହ ପବନ ମଧ୍ୟ ବହିବ। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କିମି ବେଗରେ ପବନ ବହିବ। ଏଥିପାଇଁ ୧୩ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ଲଘୁଚାପ ଜନିତ ବର୍ଷାର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ କହିଛି।

## ଧୋକା ଦେଲା ପାକିସ୍ତାନ

# ୨୨୭ ଯାତ୍ରୀଙ୍କ ଜୀବନ ସହ ଖେଳିଲା

ନୂଆଦିଲ୍ଲୀ, ୨୩।୫: ଭାରତ-ପାକିସ୍ତାନ ଉତ୍ତେଜନା ପରେ ଅସ୍ତ୍ରବିରତି ଜାରି ରହିଛି। ହେଲେ ପାକିସ୍ତାନ ମନରୁ ଭାରତ ପ୍ରତି ତୀକ୍ତତା ମନୋଭାବ ଦୂର ହୋଇଛି। ଏହାର ସଦ୍ୟ ଉଦାହରଣ ହେଉଛି ଇଣ୍ଡିଗୋ ବିମାନକୁ ନିଜର ଏରୋସ୍ପେସ୍ ବ୍ୟବହାର କରିବାକୁ ନ ଦେବା। ଗତ ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଅଚାନକ ପାଦ ବଦଳି ଭୀଷଣ ଝଡ଼ତୋଫାନ ସହ କୁଆପଥର ବର୍ଷା ଯୋଗୁ ମଝି ଆକାଶରେ ଥିବା ଦିଲ୍ଲୀ-ଶ୍ରୀନଗର ଇଣ୍ଡିଗୋ ଫ୍ଲାଇଟ୍ ପ୍ରଭାବିତ ହୋଇଥିଲା। ବିମାନରେ ୨୨୭ଜଣ ଯାତ୍ରୀ ଥିଲେ। ପାଇଲଟ ଜରୁରିକାଳୀନ ସ୍ଥିତିରେ ପାକିସ୍ତାନ ଏରୋସ୍ପେସ୍ ବ୍ୟବହାର କରିବାକୁ ଅନୁମତି ମାଗିଥିଲେ ବି ଲାହୋର ଏଟିସି ଏଥିପାଇଁ ଅନୁମତି ଦେଇ ନଥିଲେ। କୌଣସି ଅପ୍ରୀତିକର ଘଟଣାରୁ ବର୍ତ୍ତିବା ଲାଗି ପାଇଲଟ ଲାହୋର ଏଟିସି ସହ ଯୋଗାଯୋଗ କରିଥିଲେ। ହେଲେ ଏଟିସି ମନା କରି ଦେଇଥିଲେ। ସେତେବେଳେ ବିମାନଟି ଅମୃତସର ଉପରେ ଉଡୁଥିଲା। ଏଣୁ ପାଇଲଟ ଲାହୋର ଏଟିସିକୁ ମାର୍ଗ ବଦଳାଇ ପାକିସ୍ତାନ ଏରୋସ୍ପେସ୍ ଦେଇ ଯିବାପାଇଁ ଅନୁମତି ମାଗିଥିଲେ। ତେବେ ଏହି ଅନୁରୋଧକୁ ଏଟିସି ଟାଳି ଦେଇଥିଲେ। କୁଆପଥର ମାଡ଼ରେ ବିମାନର ନୋଜ୍ ଭାଙ୍ଗି ଯାଇଥିଲା। ଏହାପରେ ପାଇଲଟ ଶ୍ରୀନଗର ଏଟିସିକୁ ସୂଚନା ଦେବାପରେ ସୁରକ୍ଷିତ ଲ୍ୟାଣ୍ଡିଂର ବ୍ୟବସ୍ଥା କରାଯାଇଥିଲା। ଅନ୍ୟପକ୍ଷରେ ଭାରତ ମଧ୍ୟ ପାକିସ୍ତାନକୁ ତା'ର ଆକାଶପଥ ବ୍ୟବହାର କରିବାକୁ ଯେଉଁ କଟକଣା ଜାରି କରିଥିଲା ତାହାକୁ ଆଉ ମାସେ ବୃଦ୍ଧି କରାଯାଇଛି। ଆସନ୍ତା ଜୁନ ୨୩ ଯାଏ ଭାରତୀୟ ଆକାଶ ଦେଇ ପାକିସ୍ତାନ ବିମାନକୁ ଉଡାଣ ମନା କରାଯାଇଛି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଦୋସ୍ତି, ମସ୍ତି ଆଉ ବୃତ୍ତି, ପ୍ରବୃତ୍ତିର
ହେଉଅଛି ପର୍ଦ୍ଦାଫାସ,
ହରିୟାଣା ଝିଅ ଜ୍ୟୋତି ତ ଭିତରେ
ପ୍ରିୟଙ୍କା କରିବେ କିସ ?
ତଦନ୍ତ ମୋଡୁଛି ନିଶ,
ଯିଏ ଯେତେ ଯାହା ନାଟକ କଲେ ବି
ଗୁପ୍ତଚରଗିରି ଶେଷ !!

## ଏନ୍‌କାଉଣ୍ଟର

# ୪ ଦୁର୍ଦ୍ଦାନ୍ତ ମାଓବାଦୀ ନିପାତ



ଗଡ଼ଚିରୋଲି/ମାଲକାନଗିରି, ୨୩।୫ (ବ୍ୟୁରୋ): ମହାରାଷ୍ଟ୍ରର ଗଡ଼ଚିରୋଲିରେ ମାଓବାଦୀ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ୪ଜଣ ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଶୁକ୍ରବାର ସକାଳେ ମହାରାଷ୍ଟ୍ର-ଛତିଶଗଡ଼ ସୀମାନ୍ତ କାୱାଣ୍ଡେରେ ଏହି ଏନକାଉଣ୍ଟର ହୋଇଛି। ମହାରାଷ୍ଟ୍ର ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗଡ଼ଚିରୋଲିର ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୧୨ସି-୬୦ କମାଣ୍ଡୋ ଟିମ୍‌ର ୩୦୦ ଯବାନଙ୍କ ସହିତ ସିଆରପିଏଫ୍‌ର ଏକ ୟୁନିଟ୍ ଅପରେସନରେ ସାମିଲ ହୋଇଥିଲେ। ଗୁଇନ୍ଦା ସୂଚନା ଆଧାରରେ ଗୁରୁବାରଠାରୁ କାୱାଣ୍ଡେ ଓ ନେଲଗୁଣ୍ଡା ଅଞ୍ଚଳରୁ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ପରେ ସୁରକ୍ଷାକର୍ମୀ ଇନ୍ଦ୍ରାବତୀ ନଦୀକୂଳ ଆଡକୁ ଅଗ୍ରସର ହୋଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଶୁକ୍ରବାର ସକାଳେ ସୁରକ୍ଷାକର୍ମୀ ଜଙ୍ଗଲ ଭିତରକୁ ଯାଉଥିବାବେଳେ ସେଠାରେ ଥିବା ମାଓବାଦୀମାନେ ପ୍ରଥମେ ଗୁଳିବର୍ଷା କରିଥିଲେ। ସୁରକ୍ଷାକର୍ମୀ ମଧ୍ୟ ପାଲଟା ଜବାବ ଦେଇଥିଲେ। ଏହି ଗୁଳି ବିନିମୟ ପ୍ରାୟ ୨ ଘଣ୍ଟାଧରି ଚାଲୁ ରହିଥିଲା। ମାଓବାଦୀମାନେ ଛତ୍ରଭଙ୍ଗ ଦେବାପରେ ସୁରକ୍ଷାକର୍ମୀ ଘଟଣାସ୍ଥଳରୁ ୪ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏଥିସହ ଗୋଟିଏ ସ୍ୱୟଂଚାଳିତ ରାଇଫଲ, ୨ଟି ୩୦୩ ରାଇଫଲ ଓ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଥିଲେ। ଅନ୍ୟପକ୍ଷରେ ଗତ ବୁଧବାର ମଧ୍ୟ ଛତିଶଗଡ଼ର ନାରାୟଣପୁର ଜିଲ୍ଲା ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାବାହିନୀ ୨୭ଜଣ ମାଓବାଦୀଙ୍କୁ ନିପାତ କରିଥିଲେ। ସେମାନଙ୍କ ମଧ୍ୟରେ ସିପିଆଇ • ପୃଷ୍ଠା ୫ ଦେଖନ୍ତୁ

## ପରାକ୍ରମ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ଦେଶପ୍ରୀତିର ନିଛକ ନିଦର୍ଶନ



ତାଳଚେର, ୨୩।୫ (ଭାସ୍କର ନ୍ୟୁଜ): 'ପରାକ୍ରମ ଶୋଭାଯାତ୍ରା' ଦେଶପ୍ରୀତିର ନିଛକ ନିଦର୍ଶନ ବୋଲି ଶୁକ୍ରବାର ତାଳଚେରରେ ଆୟୋଜିତ ଏହି ଶୋଭାଯାତ୍ରା'ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ନାଗରିକ ମଞ୍ଚ ତରଫରୁ ଆୟୋଜିତ ଏହି ପରାକ୍ରମ ଶୋଭାଯାତ୍ରା ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ଉପ ଜିଲ୍ଲାପାଳ ଅଫିସ୍ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ପହଞ୍ଚିବା ପରେ ଶ୍ରୀ ପ୍ରଧାନ ଶହୀଦ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହା ଉପରେ ଶ୍ରୀ ପ୍ରଧାନ କହିଛନ୍ତି, ସାରା ବିଶ୍ୱ ଅପରେସନ ସିନ୍ଦୁର ଜରିଆରେ ଭାରତର ପରାକ୍ରମ ଓ ଶୌର୍ଯ୍ୟକୁ ଦେଖିଛି । ଏହି ପରାକ୍ରମ ଶୋଭାଯାତ୍ରା ଆମର ସୈନ୍ୟଶକ୍ତି • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ପ୍ରମୁଖ ପାଲାକାର ଅନୁଷ୍ଠାନ ଶ୍ରୀବଳଦେବଜୀଉ ପାଲାକାର ସଂଘର ଏକ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ନରଣପୁର ଉପଖଣ୍ଡର ବସନ୍ତପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉପସଭାପତି ଶତ୍ରୁଘ୍ନ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକ ପ୍ରାରମ୍ଭରେ ଗାୟକ ଧନେଶ୍ୱର ମହାନ୍ତ ଓ ବସନ୍ତପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ତଥା ଗାୟକ ପ୍ରଫୁଲ୍ଲ କୁମାର ଦାଶ ମଙ୍ଗଳା ଚରଣ ପାଠ କରି ବୈଠକ ଆରମ୍ଭ କରିଥିଲେ। ଜିଲ୍ଲା ସମ୍ପାଦକ କବି ସୌରଭ ପ୍ରସନ୍ନ କୁମାର ଲେଙ୍କା ମସିଣାଯୋଡି ଗ୍ରାମରେ ଗତ ୯ ରୁ ୧୦ତାରିଖ ପର୍ଯ୍ୟନ୍ତ ଦୁଇଦିନ ବ୍ୟାପୀ କରାଯାଇଥିବା ସମ୍ମିଳନୀର ଆୟବ୍ୟୟର ହିସାବ ଓ ସମ୍ମିଳନୀର ସଫଳତା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।ମସିଣାଯୋଡି ଗ୍ରାମବାସୀଙ୍କ ସହଯୋଗ କ୍ରମେ ସମ୍ମିଳନୀ ସମ୍ପନ୍ନ ହୋଇଥିବାରୁ କଳାକାରବୃନ୍ଦ ଗ୍ରାମବାସୀଙ୍କୁ ଏହି ବୈଠକ ମାଧ୍ୟମରେ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ସ୍ଥାୟୀ ସଭାପତି ବସନ୍ତ କୁମାର ବାରିକ୍ ଉପସ୍ଥିତ କଳାକାରମାନଙ୍କୁ ଶ୍ରୀବଳଦେବଜୀଉ ପାଲାକାର ସଂଘରେ ଏକତା ଓ ସଂଘ ପ୍ରତି ପ୍ରତିବଦ୍ଧତା ପ୍ରଦର୍ଶନ କରିବା ଉପରେ ପରାମର୍ଶ ଦେଇଥିଲେ। ପରେ ପରେ ଜିଲ୍ଲାର ବରିଷ୍ଠ ୧୨ଜଣ କଳାକାରଙ୍କୁ ପାଲାକାର ସଂଘ ପକ୍ଷରୁ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ବସନ୍ତ କୁମାର ବାରିକ୍, ପ୍ରଫୁଲ୍ଲ କୁମାର ଦାଶ, ଉତ୍ତମ କୁମାର ସେଠୀ, ଲକ୍ଷ୍ମୀବଲ୍ଲଭ ସାହୁ, ଲମ୍ବୋଧର ନାଏକ, ନିତ୍ୟାନନ୍ଦ ପଲେଇ, ରାଜକିଶୋର ବେହେରା, ତ୍ରିଲୋଚନ ମହାନ୍ତ, ମନ୍ତ୍ରୀବର ଷଡ଼ଙ୍ଗୀ, ଦୟାନିଧି ବାରିକ୍, ଲୋକନାଥ ମହାନ୍ତ, ପାଳିଆ ରବିନ୍ଦ୍ର ନାଏକ, ଗାୟକ ଦୁର୍ଯ୍ୟୋଧନ ମହାନ୍ତ, ଦୁର୍ଯ୍ୟୋଧନ ନାଏକ, ଗଣେଶ୍ୱର ଘଣା, ଦିନବନ୍ଧୁ ମହାନ୍ତ, ସୁରେଶ ଚନ୍ଦ୍ର ମହାନ୍ତ, ବିରଞ୍ଚି ମାନସିଂ, ମଦନସୁନ୍ଦର ଦାସ, ପୂର୍ଣ୍ଣଚନ୍ଦ୍ର ଦେହୁରୀ, ଧନେଶ୍ୱର ବାରିକ୍, ଗାୟୀକା ଯଶୋଦା ବାରିକ୍, ପ୍ରମୁଖ କଳାକାର ଗ୍ରାମବାସୀ ଓ କଳାକାରଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।



## ମାସେ ଗଲାନି, ରାସ୍ତାରେ ପଡିଲା ପିଚୁ ପ୍ୟାଚ୍


ଗୋପ-ବାଲିଘାଇ ରାସ୍ତା

ଗୋପ (ଭାସ୍କର ନ୍ୟୁଜ୍): ୮ କୋଟି ଟଙ୍କାର କାର୍ଯ୍ୟ । ୮ ଦିନରେ ଫାଟି ଆଁ କରିଥିଲା । ଆଜି ପ୍ୟାଚ୍ ପଡିଲା । ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ହୋଇଥିବା ଗୋପ-ବାଲିଘାଇ ରାସ୍ତାରେ। ଯାହାକୁ ନେଇ ଅସନ୍ତୋଷ ଦେଖା ଦେଇଥିବା ବେଳେ ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ୮ କୋଟି ଟଙ୍କା ପାଣିରେ ପଡିବା ଆଶଙ୍କା ଦେଖାଦେଇଛି । ସୂଚନାମୁତାବକ ଗତ ମାସରେ କୋଣାର୍କ ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ୮ କୋଟି ଟଙ୍କା ବ୍ୟୟ ବରାଦରେ ଗୋପ ଠାରୁ ବାଲିଘାଇ ପ୍ରାୟ ୧୬ କିମି ରାସ୍ତା ପିଚୁ ଏବଂ ସିମେଣ୍ଟ, କଂକ୍ରିଟ କାର୍ଯ୍ୟ କରାଯାଇଥିଲା । ମାତ୍ର ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ସ୍ଥାନୀୟ ଜନସାଧାରଣ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ । ଏଥିପ୍ରତି କେହି ଦୃଷ୍ଟି ନଦେବାରୁ ସଂପୃକ୍ତ ଠିକାଦାର ତାର ମନଇଚ୍ଛା କାର୍ଯ୍ୟ କରି ଛୁ ମାରିଥିଲା। ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ତଦାରଖ ଅଭାବରୁ ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ଚୁକ୍ତି ଅନୁଯାୟୀ ହୋଇ ନଥିବା ଅଭିଯୋଗ ହୋଇଛି । ଯାହାର ଫଳ ସ୍ୱରୁପ ଏହି ରାସ୍ତାରେ ଏବେ ଦେଖା ଦେଇଥିବା ଦୁର୍ଦ୍ଦଶା ଗୋପ ଅଂଚଳବାସୀ ଭୋଗିବାକୁ ଯାଉଛନ୍ତି । ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହି ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଥିବା ବେଳେ ଫାଟି ଆଁ କରିଛି । ସେହିପରି କାର୍ଯ୍ୟର ୮ ଦିନ ନପୁରୁଣୁ ଫାଟ ସୃଷ୍ଟି କରିଥିବା ଗୋପ ମାଟିଆଖାତ ନିକଟସ୍ଥ ରାସ୍ତା କୁ ନେଇ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେବା ପରେ ଆଜି ଉକ୍ତ ସ୍ଥାନ ଖୋଳାଯାଇ ପ୍ୟାଚ ହେଉଥିବା ଦେଖିବାକୁ ମିଳିଥିଲା । ଉକ୍ତ ରାସ୍ତାଟି କଟକରୁ ସିଧାସଳଖ ପୁରୀକୁ ସଂଯୋଗ କରୁଥିବା ବେଳେ ଏହା ଉପରେ ବିଶ୍ୱ ପ୍ରସିଦ୍ଧ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କୁ ଦର୍ଶନ କରିବା ନିମନ୍ତେ ପ୍ରତ୍ୟେହ ହଜାର ହଜାର ପର୍ଯ୍ୟଟକ ନିର୍ଭର କରୁଥିବା ବେଳେ ଯାତାୟାତ ନିମନ୍ତେ ହଜାର ହଜାର ସ୍ଥାନୀୟ ଜନସାଧାରଣ ମଧ୍ୟ ନିର୍ଭର କରିଥାନ୍ତି। ମାତ୍ର ୮ କୋଟି ଟଙ୍କା ବ୍ୟୟ ବରାଦରେ ହୋଇଥିବା ଏହି ନିମ୍ନମାନର କାର୍ଯ୍ୟକୁ ନେଇ ଜନସାଧାରଣ ସହଜରେ ହଜମ କରିପାରୁନାହାଁନ୍ତି। ଏହା ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ଲୋକଲୋଚନକୁ ଆସିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

## ଗୋଟିଏ ମୂର୍ତ୍ତି ପୂଜା, ଆଉ ଗୋଟିଏ ଅପୂଜା

### ଗାନ୍ଧୀଜିଙ୍କ ଅସମ୍ମାନକୁ ବିଜେଡିର ପ୍ରତିବାଦ




ବଡ଼ଚଣା(ଭାସ୍କର ନ୍ୟୁଜ୍): ବଡ଼ଚଣା ନିର୍ବାଚନ ମଣ୍ଡଳୀର ଚମ୍ପାପୁର ପଂଚାୟତରେ ଥିବା ହାଟ ନିକଟସ୍ଥ ଶହେ ଫୁଟ ଦୂରତାରେ ଥିବା ୨ ଟି ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ମଧ୍ୟରୁ ଗୋଟିଏ ଫୁଲ ମାଳ ଦିଆଗଲା ଅନ୍ୟ ଏକ ପ୍ରତିମୂର୍ତ୍ତୀରେ ଦିଆଗଲା ନାହିଁ । ଏହା ପଛରେ କାରଣ କିମ୍ବା ଜାଣି ଶୁଣି କରାଯାଇଛି ବୋଲି ବଡ଼ଚଣା ବିଜେଡି ତରଫରୁ ପ୍ରତିବାଦ ଏବଂ ନିନ୍ଦା କରିବା ସହ ଜନପ୍ରତିନିଧିଙ୍କୁ ପ୍ରଶ୍ନ କରିଛନ୍ତି। ପ୍ରକାଶ ଥାଉକି ଗତକାଲି ଚମ୍ପାପୁର୍ ହାଟ ଉନ୍ନତୀକରଣ ଶୁଭ ଉଦ୍ଘାଟନ ଅବସରରେ ରାଜ୍ୟମନ୍ତ୍ରୀ ଆଇନ୍ ପୂର୍ତ୍ତ ଓ ଅବକାରୀ ବିଭାଗୀୟ ପୃଥ୍ୱୀରାଜ୍ ହରିଚନ୍ଦନଙ୍କ କରକମଳରେ ଲୋକାର୍ପିତ ହୋଇଛି। ଏହି ଉଦ୍ଘାଟନୀ ଉତ୍ସବରେ ଯାଜପୁର ସାଂସଦ ରବି ନାରାୟଣ ବେହେରା, ବଡ଼ଚଣା ବିଧାୟକ ଉପସ୍ଥିତିରେ ସମାହିତ ହୋଇଥିଲା। ୧୯୩୪ ମସିହା ମଇମାସ ୨୧ରିଖରେ ଜାତିର ଜନକ ମହାତ୍ମା ଗାନ୍ଧୀ ହରିଜନ ବା ପତିତପାବନ ପଦ ଯାତ୍ରାରେ ଆସି ବୈରି ରେଳ ଷ୍ଟେସନ ରେ ଓହ୍ଲାଇ ଚମ୍ପାପୁର୍ ସେବାଶ୍ରମର ଦୁଇ ଦିନ ଅବସ୍ଥାନ କରିଥିଲେ। ମଇ୨୨ତାରିଖରେ ଚମ୍ପାପୁର୍ ଠାରେ ଏକ ଜନସଭାକୁ ସମ୍ବୋଧିତ କରିଥିଲେ। ସେହି ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ବୈରି ଠାରୁ ଚମ୍ପାପୁର୍ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାକୁ ମହାତ୍ମା ଗାନ୍ଧି ମାର୍ଗ ଭାବରେ ନାମିତ କରାଯିବା ସହ ଚଂପାପୁର ହାଟକୁ ମଧ ଗାନ୍ଧୀ କୃଷକ ବଜାର ଆଖ୍ୟା ଦିଆଯାଇଛି। ଦୁଃଖ ଓ ପରିତାପର ବିଷୟ ଏହିକି ହାଟର ସମ୍ପୂର୍ଣ୍ଣ କାମକୁ ଅଧା ପନ୍ତରିଆ ରଖି ତରବରିଆ ଭାବେ କେଉଁ ମନ୍ଦ ଉଦ୍ଦେଶ୍ୟ ରଖି ଉଦ୍ଘାଟନ କରାଗଲା ବଡ଼ଚଣା ବିଜେଡି ଏବଂ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଇନ୍ ମନ୍ତ୍ରୀ ଓ ଅନ୍ୟ ଅତିଥି ମାନେ ଏହି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ ମଧ ଗୋଟିଏ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ପ୍ରଦାନ କରିଥିବା ବେଳେ ଅନ୍ୟ ଏକ ପ୍ରତିମୂର୍ତ୍ତୀ ସଭା ସ୍ଥଳ ଠାରୁ ୨୦ ମିଟର ଦୂରରେ ଥାଇ ମଧ ସେଠାକୁ ନଯିବା ଓ ପୁଷ୍ପମାଲ୍ୟ ନଦେବା ଗାନ୍ଧୀଜୀଙ୍କ ପ୍ରତି ଘୋର ଅପମାନ ବୋଲି ଅଞ୍ଚଳବାସୀଙ୍କ ତରଫରୁ ଘୋର ନିନ୍ଦା କରାଯାଇଛି । ଏହି ଅବସରରେ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ବ୍ଲକ୍ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରହ୍ଲାଦ ନନ୍ଦ, ଭାଗ୍ୟଧର ମଲ୍ଲିକ ,ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ ବରାଳ , ଚମ୍ପାପୁର୍ ପଞ୍ଚାୟତର ପୂର୍ବତନ ସରପଞ୍ଚ ବାସୁଦେବ ସ୍ୱାଇଁ , ସରପଞ୍ଚ ଜୟନ୍ତୀ ସ୍ୱାଇଁ, କୈଳାଶ ରାଉତ, ଛତିଆ ସରପଞ୍ଚ ରମେଶ ପୃଷ୍ଟି , ମାଧବ ନନ୍ଦ ମହାପାତ୍ର , ଧନେଶ୍ୱର ବେହେରା , ରବୀନ୍ଦ୍ର ପ୍ରଧାନ , ତୁଷାର ପଣ୍ଡା , ଦିଲ୍ଲିପ ରାଉତ , ଅମର ମହାନ୍ତି, ନିରଞ୍ଜନ ବିଶ୍ୱାଳ , ପ୍ରଦୀପ ମହାନ୍ତି, ସମିତି ସଭ୍ୟ ସଞ୍ଜୟ ବେହେରା ,ସରପଞ୍ଚ ବିଜୟ ସ୍ୱାଇଁ ,ଧୀରେନ୍ଦ୍ର ନାଥ ପ୍ରମୁଖ ଏ ଭଳି କାର୍ଯ୍ୟକୁ ଦୃଢ଼ ପ୍ରତିବାଦ କରିବା ସହ ନିନ୍ଦା କରିଛନ୍ତି ।

## ଯୁକ୍ତଦୁଇ ବିଜ୍ଞାନରେ ବିନିତ ଟପ୍ପର

ରଘୁନାଥପୁର(ଭାସ୍କର ନ୍ୟୁଜ୍): ଯୁକ୍ତଦୁଇ ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ତଥା ରଘୁନାଥପୁର ଗ୍ରାମର ବିଜୟାନନ୍ଦ ମହାନ୍ତି ଓ ଶୈଳବାଳା ମହାନ୍ତିଙ୍କ ପୁତ୍ର ବିନିତ ମହାନ୍ତି ବିଜ୍ଞାନରେ ମୋଟ ୯୭. ୬୬ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କୁ ଓଡିଶା ଟପର ବୋଲି ବିବେଚନା କରାଯାଉଛି ।ସେ କଟକସ୍ଥିତ ସରସ୍ୱତୀ ଜୁନିୟର ସାଇନ୍ସ କଲେଜରେ ପଢୁଥିଲେ। ସଫଳତା ପରେ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କଲେଜରେ ପାଠପଢା ପରେ ସେ ଦିନକୁ ୧୧ଘଣ୍ଟା ପାଠ ପଢୁଥିଲେ। ଭବିଷ୍ୟତରେ ସେ ଜଣେ ଇଞ୍ଜିନିୟର ହେବାର ଲକ୍ଷ୍ୟ ରଖିଛନ୍ତି।ଏହି ଖୁସି ଖବର ପ୍ରସାରିତ ହେବାପରେ



ରଘୁନାଥପୁର ଜୋନର ବିଜେପି ପୂର୍ବତନ ଜିଲ୍ଲାପରିଷଦ ଅଶୋକ କୁମାର ମହାରଣା ଙ୍କ ନେତୃତ୍ୱ ରେ ସିତାଶୁଂ ବରାଳ, ବାନାମ୍ବର ଜେନା, ସୁଧୀର ତ୍ରିପାଠୀ,ଚିତ୍ତରଞ୍ଜନ ଦାସ,ଦିପ୍ତି ରଂଜନ ସାହୁ,ସଂଦୀପ ଦାସ ପ୍ରମୁଖ ବିନିତଙ୍କ ଘରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବିନିତଙ୍କ ପିତା ବିଜୟାନନ୍ଦ ମହାନ୍ତି ଜଣେ ସଫଳ ବ୍ୟବସାୟୀ ହୋଇଥିବା ବେଳେ ମାତା ଶୈଳବାଳା ମହାନ୍ତି ହାଉସୱାଇଫ୍ ଅଟନ୍ତି।

## ବଜ୍ରପାତ ନେଲା ଜୀବନ

ମାଲକାନଗିରି (ଭାସ୍କର ନ୍ୟୁଜ୍): ପ୍ରକୃତି କୋପର ଶିକାର କିଏ ହେବ ତାହା କେହି କଳ୍ପନା କରି ପାରିବେ ନାହିଁ। କେହି କିଛି ଭାବିବା ପୂର୍ବରୁ ଅକାଳରେ ଚାଲିଯାଏ ଜୀବନ। ବୁଧବାର ଦିନ ଅପରାହ୍ଣ ସମୟରେ କାଳବୈଶାଖୀ ଯୋଗୁଁ ବଜ୍ରପାତ ହୋଇ ମାଲକାନଗିରି ଜିଲ୍ଲାର ଚାଲାଣଗୁଡା ପଂଚାୟତ ଅନ୍ତର୍ଗତ ଏମଭି-୪ ଗ୍ରାମର ଢେନା ମୁର୍ମୁଙ୍କ ମୃତ୍ୟୁ ହୋଇଛି। ଢେନା ମୁର୍ମୁ ବୟସ ୩୫ରୁ ଉର୍ଦ୍ଧ୍ୱ ବର୍ଷ ହେବ। ସେ ଏମଭି-୫ରୁ ମୁଖ୍ୟରାସ୍ତା ଦେଇ ନିଜ ଘର ଏମଭି-୪କୁ ଏକ ସାଇକେଲରେ ଯାଉଥିଲେ। ଏହି ସମୟରେ ହଠାତ ବଜ୍ରପାତର ଶିକାର ହୋଇଥିଲେ। ଯାହା ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଆଖପାଖରେ ଥିବା କିଛି ଲୋକ ଢେନାଙ୍କୁ ବଜ୍ରପାତର ଶିକାର ହେବା ଦେଖି ଏମଭି-୪ ଗ୍ରାମବାସୀଙ୍କୁ ଖବର ଦେବା ପରେ ଢେନା ସମ୍ପର୍କୀୟ ଲୋକେ ଘଟଣାସ୍ଥଳରେ ପହଁଚି ଶବ ଚିହ୍ନଟ କରିଥିବା ଜଣାପଡିଛି।

## ନୂତନ କଳାକାର ଭବନର ଶିଳାନ୍ୟାସ ସମ୍ପନ୍ନ



ଅନୁଗୁଳ(ଭାସ୍କର ନ୍ୟୁଜ୍): ଅନୁଗୁଳର ସର୍ବପୁରାତନ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାରର ନୂତନ କାର୍ଯ୍ୟାଳୟ 'କଳାକାର ଭବନ'ର ଶିଳାନ୍ୟାସ ଅନୁଗୋଳର ଯୁବ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ କରକମଳରେ ସମ୍ପନ୍ନ ହୋଇଛି। ପ୍ରକାଶ ଥାଉକି ଆଜକୁ ପ୍ରାୟ ଚାଳିଶି ବର୍ଷ ଧରି କଳାକାର ଅନୁଷ୍ଠାନ ନିରନ୍ତର ଭାବରେ ଓଡ଼ିଆ କଳା, ସଂସ୍କୃତି କୁ ପ୍ରଚାର ପ୍ରସାର କରିବା ସହିତ, ସମାଜସେବା, ସଚେତନତା ଓ ବହୁ ସୁନାମଧନ୍ୟ କଳାପ୍ରତିଭାଙ୍କୁ ସୃଷ୍ଟି କରିବାର ପ୍ରୟାସ କରିଆସୁଛି । ନିଜସ୍ୱ ଉଦ୍ୟମ ଓ ପ୍ରଶାସନିକ ସହାୟତାରେ ଗୋଟିଏ ଛୋଟ କଳାକାର ଭବନ ନିର୍ମାଣ କରି ସେଠାରେ ଅନୁଷ୍ଠାନର କାର୍ଯ୍ୟକ୍ରମ କରିଆସୁଥିଲା। କିନ୍ତୁ ଗତ ସରକାର ବେଳେ କିଛି ଅହଙ୍କାରୀ ଜିଲ୍ଲା ଅଧିକାରୀଙ୍କ ଚକ୍ଷୁଶୀଳ କାରଣରୁ ପ୍ରଶାସନ ପକ୍ଷରୁ ସେଇ ଭବନ କୁ ଭାଙ୍ଗିଦିଆଯାଇଥିଲା। ସେହିଦିନଠୁ କଳାକାର ଅନୁଷ୍ଠାନର ପ୍ରତ୍ୟେକ ସଦସ୍ୟ ମାନେ ଦୁଃଖରେ ଭାଙ୍ଗିପଡ଼ିଥିଲେ । ତେବେ ସରକାରର ପରିବର୍ତ୍ତନ ପରେ ବିଜେପି ନେତୃତ୍ୱାଧୀନ ମୋହନ ମାଝିଙ୍କ ସରକାରୀ କଳ, ଲୋକଙ୍କ ସରକାର କଳାକାର ଅନୁଷ୍ଠାନର ଆବଶ୍ୟକତା ଓ ଅଭାବକୁ ହୃଦୟଙ୍ଗମ କରି ସହଯୋଗର ହାତ ବଢ଼େଇଛନ୍ତି । ବିଧାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ନୂତନ କଳାକାର ଭବନର ନିର୍ମାଣ ପାଇଁ ଆଜି ଶିଳାନ୍ୟାସ କାର୍ଯ୍ୟ ସମାପନ ହୋଇଛି । ବିଧାୟକ ପ୍ରତାପ ପ୍ରଧାନ ଓ ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ରନାରାୟଣ ପାଣି ମହୋଦୟଙ୍କ ଉନ୍ନୟନ ପାଣ୍ଠିରୁ ଆବଶ୍ୟକ ପଡୁଥିବା ଆର୍ଥିକ ଅନୁଦାନରୁ ଅନୁଗୋଳ ପୌର ପରିଷଦ ପକ୍ଷରୁ ନୂତନ ଭବନ ନିର୍ମାଣ କାର୍ଯ୍ୟ ସମ୍ପର୍ଣ୍ଣ କରାଯିବ। ଆଜିର ଏହି ଶିଳାନ୍ୟାସ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ୧୪ ନଂ ୱାର୍ଡ ପାରିଷଦ ସୁଲୋଚନା ଦ୍ୱିବେଦୀ, ପୌରପରିଷଦ କାର୍ଯ୍ୟ ନିର୍ବାହୀଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ପୌର ଯନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କ ସମେତ କଳାକାର ଅନୁଷ୍ଠାନର ଉପଦେଷ୍ଟା ଭୂପେଶ ପ୍ରଧାନ, ସଭାପତି ବୀରେନ୍ଦ୍ର କୁମାର ପ୍ରଧାନ,ସାଧାରଣ ସମ୍ପାଦକ ବିଭୁତି ମହାପାତ୍ର, ଉପସଭାପତି କାମାକ୍ଷାପ୍ରସାଦ ଜେନା, ସହସମ୍ପାଦକ ପ୍ରଶାନ୍ତ ରଥ, ରୁଚିର ବରାଳ, ଅନୀତା ସିଂଦେଓ, ଅଜୟ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ଅନୁଷ୍ଠାନର ସଦସ୍ୟ ମାନେ ବହୁସଂଖ୍ୟାରେ ଉପସ୍ଥିତ ଥିଲେ ।

## ବଳଦେବଜିଉଙ୍କ ନନ୍ଦିଘୋଷ ରଥ ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ରଥଯାତ୍ରା ପାଇଁ ହାତରେ ଆଉ ୩୩ଦିନ ଥିବାବେଳେ ବିଶ୍ୱର ସର୍ବବୃହତ୍ ଏକକ ରଥର ମାନ୍ୟତା ପାଇଥିବା କେନ୍ଦୁଝର ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ନନ୍ଦିଘୋଷ ରଥର କାମ ତ୍ୱରାନିତ ହୋଇଛି । ଯଦିଓ ପୂର୍ବରୁ ପ୍ରତ୍ୟେକ ବର୍ଷ ସଂପୂର୍ଣ୍ଣ ଭାବେ ନୂଆ ହୁଏ ନାହିଁ, କିନ୍ତୁ ଚଳିତ ବର୍ଷ ରଥର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଅଂଶ ନିର୍ମାଣ ଦୃତ ଗତିରେ ଚାଲିଥିବା ଜଣାପଡିଛି । ପୂର୍ତ୍ତ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଅଭିଜ୍ଞ ରଥ ମହାରଣାମାନେ ଏହି ରଥ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ମାତ୍ର ଜଙ୍ଗଲ ବିଭାଗ ସହ ସମନ୍ୱୟ ରଖି କାଠ ପ୍ରଦାନ କରିବା ମନ୍ଦିର ପ୍ରଶାସନର ଦାୟିତ୍ୱ ରହିଛି । ସର୍ବଜନବିଦିତ ଯେ, ନନ୍ଦିଘୋଷ ରଥର ଉଚ୍ଚତା ଓ ମୋଟେଇ ଦୃଷ୍ଟିରୁ ସର୍ବବୃହତ୍। କେନ୍ଦୁଝରର ରାଷ୍ଟ୍ରଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ସମେତ ଦେବୀ ସୁଭଦ୍ରା ଓ ଜଗନ୍ନାଥ ଗୋଟିଏ ରଥରେ ବିରାଜମାନ କରି ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି । ବଡଠାକୁର ବଳଦେବ ହେଲେ ମଧ ରଥର ନାମ ନନ୍ଦିଘୋଷ ରହି ଆସିଛି । ଶ୍ରୀ ବଳଦେବଜୀଉଙ୍କ କାଷ୍ଠ ନିର୍ମିତ ରଥ ସମଗ୍ର ପୃଥିବୀରେ ସର୍ବୋଚ୍ଚ ରଥର ମାନ୍ୟତା ଲାଭ କରିଛି, ଯାହାର ସ୍ୱୀକୃତି ସ୍ୱରୁପ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି।ଏହା ଜିଲ୍ଲା,ରାଜ୍ୟ ଓ ଦେଶ ପାଇଁ ଗର୍ବ ଓ ଗୌରବର କଥା । ଏହା ପୂର୍ବରୁ ଶ୍ରୀ ବଳଦେବଜୀଉଙ୍କ ରଥ ନନ୍ଦିଘୋଷ ନ୍ୟାସନାଲ ରେକର୍ଡସ,ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ,ଏସିଆ ପାସିଫିକ ଆଇକନ, ଗ୍ଲୋବାଲ ରେକର୍ଡସ,ୱଣ୍ଡର ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇସାରିଛି। ଏହି ରଥର ଉଚ୍ଚତା ୭୪ଫୁଟ ଏବଂ ଗୋଲେଇ ୪୫ଫୁଟ ହୋଇଥିବାବେଳେ ଏଥିରେ ପ୍ରାୟ ୮ଫୁଟ ଉଚ୍ଚର ଷୋହଳଟି ଚକ ଲାଗିଛି । ରଥନିର୍ମାଣ ପାଇଁ ଧଉରା କାଠରେ ଅଖ ତିଆରି ପାଇଁ ୪୬ଫୁଟ ଲମ୍ବର ସାଢେ ୪ଫୁଟ ମୋଟେଇର ୪ଟି କାଠ, ପୁଣି ଧଉରା କାଠ ୪୦ ଫୁଟ ଲମ୍ବର ସାଢେ ୪ଫୁଟ ମୋଟେଇର ୨ଟି କାଠ,ବରାନ୍ଦ ପାଇଁ ୪୬ଫୁଟ ଲମ୍ବର ସାଢେ ୪ଫୁଟ ମୋଟେଇର ୪ଟି ଶାଳକାଠ,ସୁନା ନାଏକା ପାଇଁ ୨୫ଫୁଟ ଲମ୍ବର ୪ଫୁଟ ମୋଟେଇର ୨ଟି ଶାଳକାଠ,ଚକାପଟି ପାଇଁ୨୦ଫୁଟ ଲମ୍ବର ୫ଫୁଟ ମୋଟେଇର ୫ଟି ଶାଳକାଠ,ଅରାପଟି ପାଇଁ୨୦ଫୁଟ ଲମ୍ବର ୩ଫୁଟ ମୋଟେଇର ୧୦ଟି ଶାଳକାଠ,ସିଂହାସନ ଓରା ପାଇଁ ୧୬ଫୁଟ ଲମ୍ବର ୪ଫୁଟ ମୋଟେଇର ୨ଟି ଶାଳକାଠ, ଭୂଇଁଅରା ପାଇଁ ୧୮ଫୁଟ ଲମ୍ବର ୪ଫୁଟ ମୋଟେଇର ୨ଟି ଶାଳକାଠ,ମୁହାଣ୍ଡା ପାଇଁ ୨୨ଫୁଟ ଲମ୍ବର ୫ଫୁଟ ମୋଟେଇର ୨ଟି ଶାଳକାଠ, ପଟା ପାଇଁ ୧୮ଫୁଟ ଲମ୍ବର ୪ଫୁଟ ମୋଟେଇର ୨୦ଟି ଶାଳକାଠ ଓ ଘୋଡାଇଶ,ତୁମ୍ବ ଏବଂ ଭୂଇଁଘର ପାଇଁ ଆବଶ୍ୟକ ହୋଇଥାଏ । ଏହି ବିଶାଳ ରଥ ପାଇଁ ପ୍ରାୟ ୧ଶହ ଟନ୍‌ରୁ ଅଧିକ କାଠର ଆବଶ୍ୟକତା ଥିବାବେଳେ ବ୍ୟବହାର କରାଯାଉଥିବା କାଠଗୁଡିକ ଏକଶହ ବର୍ଷରୁ ଅଧିକ ପୁରୁଣା ନହେଲେ ବ୍ୟବହାର ଉପଯୋଗୀ ହୋଇପାରିବ ନାହିଁ ବୋଲି ମୁଖ୍ୟ ରଥ ମହାରଣା ନିଳମଣୀ ମହାରଣା ପ୍ରକାଶ କରିଥାନ୍ତି । ରଥପାଇଁ ଆବଶ୍ୟକ ହେଉଥିବା ଶାଳ ଏବଂ ଦୋହରା କାଠର ପରିମାଣ ରଥାଯାତ୍ରାର ୬ ମାସ ପୂର୍ବରୁ ବରାଦ ହେଉଥିବାବେଳେ ବନବିଭାଗ ପକ୍ଷରୁ ଆବଶ୍ୟକ ପରିମାଣର କାଠ ଯୋଗାଇ ଦିଆଯାଇଥାଏ । ରଥ ଚକ ସମେତ ଅଖ,ବରାନ୍ଦ,ହାପୁଡା, ସୁନାନାୟିକା,ଭୂଇଁଘର ଆଦି ରଥ ଅଂଶ ପାଇଁ ଏହି ପୁରୁଣା କାଠର ନିତାନ୍ତ ଆବଶ୍ୟକତା ହୋଇଥାଏ । କାଠଗୁଡିକ ବିଶେଷ କରି କେନ୍ଦୁଝର ଜିଲ୍ଲାର ତେଲକୋଇ ଓ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ପୁରୁଷୋତ୍ତମପୁର, ଟେଣ୍ଟେଇନାଳି,ସିନ୍ଦୁରିଆ, କାଳିଆହତା ଓ କାଞ୍ଜିପାଣିରେ ଥିବା ଘଞ୍ଚ ଜଙ୍ଗଲରୁ ଯୋଗାଡ଼ କରାଯାଇଥାଏ । ଚଳିତ ବର୍ଷ କାଠ ଆସି ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ବିଶ୍ୱର ସୁଉଚ୍ଚ କେନ୍ଦୁଝର ନନ୍ଦିଘୋଷ ରଥକୁ ଦେଖିବା ପାଇଁ ବର୍ଷର ବିଭିନ୍ନ ସମୟରେ ଭକ୍ତଙ୍କ ଭିଡ ଲାଗି ରହିଥିବାବେଳେ ଏହାର ପ୍ରଚାର-ପ୍ରସାର ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରାଯାଇଛି ।

## କମାରଶାଳିଆ ଆଦିବାସୀ ସାହିରେ ପିଇବାପାଣି ସଂକଟ




ଜଳେଶ୍ୱର ୨୨/୫ : ପ୍ରବଳ ରୌଦ୍ରତାପ ଓ ଗୁଳୁଗୁଳିରେ ଓଡିଶା ସିଝୁଥିବା ବେଳେ ଜଳେଶ୍ୱର ଥାନା ନେତୁଆ ପଂଚାୟତର କମାରଶାଳିଆ ଆଦିବାସୀ ସାହିରେ ପିଇବାପାଣି ସଂକଟ ଦୂର ଲାଗି ଗ୍ରାମବାସୀମାନେ ଗରା, ବାଲଟି ଧରି କମାରଶାଳିଆ-କପାସୁଦା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ । ଘଟଣାରୁ ପ୍ରକାଶଯେ, କମାରଶାଳିଆ ଆଦିବାସୀ ସାହିର ୧୨ ପରିବାରର ଶତାଧିକ ବ୍ୟକ୍ତି ଏକମାତ୍ର ନଳକୂପ ଉପରେ ନିର୍ଭର କରନ୍ତି । କିନ୍ତୁ ଗ୍ରୀଷ୍ମାବକାଶ ଯୋଗୁଁ ଭୂତଳ ଜଳ ତଳକୁ ଖସିଯିବାରୁ ପିଇବାପାଣିର ଘୋର ସଂକଟ ଦେଖାଦେଇଛି । ଅନ୍ୟପକ୍ଷରେ ସାହିଠାରୁ ମାତ୍ର ୩୦୦ ମିଟର ଦୂରରେ ଥିବା କପାସୁଦା ଗାଁରେ ଥିବା ବସୁଧା ଯୋଜନାର ପାଣି ଟାଙ୍କିରୁ ଆଦିବାସୀ ସାହିକୁ ପିଇବାପାଣି ଯୋଗାଇବାଲାଗି ଆଜି ପାଇପ୍ ବିଛା କାର୍ଯ୍ୟ ଚାଲିଥିଲା । କିନ୍ତୁ କପାସୁଦା ଗାଁର କେତେକ ଲୋକ ଏହାକୁ ବିରୋଧ କରି କାର୍ଯ୍ୟ ବନ୍ଦ କରିଥିଲେ। ଅନ୍ୟପକ୍ଷରେ ଆଦିବାସୀ ସାହିର ଲୋକମାନେ ସେମାନଙ୍କ ଦୈନନ୍ଦିନ ପିଇବାପାଣିର ସମାଧାନ ଲାଗି ଦୁଇ ଗାଁକୁ ଲାଗିଥିବା ରାସ୍ତା ଅବରୋଧ କରିବାକୁ ବାଧ୍ୟ ହୋଇଥିଲେ । ପ୍ରକାଶଯୋଗ୍ୟ ଗତ ୩ବର୍ଷ ଧରି ସାହି ଲୋକମାନେ ସ୍ଥାନୀୟ ଜିଲାପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ ଏହାର ପ୍ରତିକାର ହୋଇନଥିଲା । ଆଜି ଆନ୍ଦୋଳନ ପରେ ଘଟଣାସ୍ଥଳକୁ ପୋଲିସ୍ ଯାଇ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଏ ସଂପର୍କରେ ଆରଡବ୍ଲୁଏସ୍ଏସ୍ ର କନିଷ୍ଠ ଯନ୍ତ୍ରୀ ପ୍ରଦ୍ୟୁମ୍ନ ଦାସ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏ ସଂପର୍କରେ ସରପଞ୍ଚ ବେଣୁଧର ଜେନାଙ୍କୁ ପଚାରିବାରୁ ଆଦିବାସୀ ସାହିକୁ ଖୁବ୍‌ଶୀଘ୍ର ପାଣି ଯୋଗାଣ କରାଯିବ ବୋଲି କହିଛନ୍ତି ।

## ରିମୁଳି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଚମ୍ପୁଆ ପଞ୍ଚାୟତ ସମିତି ଅନ୍ତର୍ଗତ ରିମୁଳି ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ୱାର୍ଡ ମେମ୍ବରମାନେ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ରିମୁଳି ଗ୍ରାମ ପଞ୍ଚାୟତ ୧୩ ଗୋଟି ୱାର୍ଡକୁ ନେଇ ଗଠିତ । ବର୍ତ୍ତମାନ ପଞ୍ଚାୟତରେ ୧୨ ଜଣ ୱାର୍ଡ ମେମ୍ବର ରହିଥିବା ବେଳେ ଗୋଟିଏ ୱାର୍ଡ ମେମ୍ବର ପଦ ଖାଲି ରହିଛି । ଉକ୍ତ ୧୨ ଜଣ ୱାର୍ଡ ମେମ୍ବରମାନଙ୍କ ମଧ୍ୟରୁ ୮ ଜଣ ୱାର୍ଡ ମେମ୍ବର ରିମୁଳି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଚମ୍ପୁଆ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରିମୁଳି ସରପଞ୍ଚ ୱାର୍ଡ ମେମ୍ବରମାନଙ୍କ ମତାମତ ନନେଇ ନିଜ ମନ ମୁତାବକ କାର୍ଯ୍ୟ କରିବା ସହିତ ପଞ୍ଚାୟତର ଉନ୍ନତି ପାଇଁ ଚେଷ୍ଟା ନକରି ନିଜର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ନେଇ ୱାର୍ଡ ମେମ୍ବରମାନେ ଅଭିଯୋଗ କରିଛନ୍ତି। ରିମୁଳି ସରପଞ୍ଚ ଦୀର୍ଘ ୫ ମାସ ଧରି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ଯୋଗୁଁ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ୱାର୍ଡମେମ୍ବରମାନେ ମଧ ପଞ୍ଚାୟତ ବାସୀଙ୍କ ଅସ୍ଥା ହରାଇ ବସିଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି।




## ବିଦ୍ୟାଳୟରେ ଭୋଜି ପାଇଁ ଟେଣ୍ଟ ବନ୍ଧା ଘଟଣା ||||||||||||||
## ଏତଲା ପରିବର୍ତ୍ତେ ଚିଠିଟିଏ ଲେଖିଦେଇ ଦାୟିତ୍ୱ ସାରିଦେଲେ ପ୍ରଧାନ ଶିକ୍ଷୟିତ୍ରୀ



ଯାଜପୁର (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅନତିଦୂର ତଥା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ବିଚିତ୍ରପୁର ଗ୍ରାମ ପଂଚାୟତ ବାଣପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆସନ୍ତା ୨୫ ତାରିଖ ଦିନ ଏକ ବିବାହ ଭୋଜି ନିମନ୍ତେ ସେହି ଗ୍ରାମର ସନ୍ତୋଷ କୁମାର ସାହୁ ନାମକ ଜନୈକ ବ୍ୟକ୍ତି ଟେଣ୍ଟ ବାନ୍ଧିଛନ୍ତି । ସରକାରଙ୍କ ସ୍ୱଷ୍ଟ ନିର୍ଦ୍ଦେଶନାମା ସତ୍ତ୍ୱେ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ସାହୁ ସ୍କୁଲ ପରିଚାଳନା କମିଟିର ସୁପାରିଶକୁ ଗ୍ରହଣ କରି ପ୍ରଥମେ ସନ୍ତୋଷ ସାହୁଙ୍କୁ ଟେଣ୍ଟ୍ ବାନ୍ଧି ଭୋଜିଭାତ ନିମନ୍ତେ ଅନୁମତି ଦେଇଥିଲେ । ଯାହାକି ସମ୍ପୂର୍ଣ୍ଣ ବେଆଇନ୍ ଏବଂ ସରକାରୀ ନିର୍ଦ୍ଦେଶନାମାର ଖୋଲାଖୋଲି ଉଲଂଘନ ଅଟେ । ତେବେ ଏହି ବେଆଇନ କାର୍ଯ୍ୟ ସମ୍ପର୍କରେ ଗତ ୨୨ ତାରିଖ ଦିନ କିଛି ବୁଦ୍ଧିଜୀବୀ ଏବଂ ଗଣମାଧମ ପ୍ରତିନିଧି ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଯାଜପୁର ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଶିକ୍ଷା ବିଭାଗ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ପ୍ରଥମେ ସ୍କୁଲ ପରିଚାଳନା କମିଟିର ଅନୁରୋଧ ଆଳରେ ପ୍ରଧାନ ଶିକ୍ଷୟିତ୍ରୀ ଏପରି ଏକ ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଇଥିବା ଏବଂ ତାଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବା ନିଶ୍ଚିତ ଜାଣି ଗୁରୁବାର ୨୨ ତାରିଖରେ ଏକ ଚିଠି, ଟେଣ୍ଟ ବାନ୍ଧିଥିବା ସନ୍ତୋଷ ସାହୁଙ୍କୁ ଲେଖି ତୁରନ୍ତ ସ୍କୁଲ ପରିସରରୁ ଟେଣ୍ଟ ସାମଗ୍ରୀ ସବୁ ଉଠାଇ ନେବାକୁ ଜଣାଇଛନ୍ତି । କିନ୍ତୁ ଇତି ମଧ୍ୟରେ ଦୁଇ ଦିନ ବିତିଯାଇଥିଲେ ମଧ ୨୩ ତାରିଖ ଦିନ ସୁଦ୍ଧା ବାଣପୁର ପ୍ରାଥମିକ ବିଦ୍ୟାଳୟ ପରିସରରୁ ଟେଣ୍ଟ ଉଠାଯାଇ ନାହିଁ । ବରଂ ଟେଣ୍ଟ ବାନ୍ଧିଥିବା ବ୍ୟକ୍ତି ଓ ତାଙ୍କର କିଛି ସମ୍ପର୍କୀୟ ଜୋର ଜବରଦସ୍ତ ବିଦ୍ୟାଳୟ ପରିସରରେ ରବିବାର ଦିନ ଭୋଜିଭାତ କରିବେ ବୋଲି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗକୁ ଖୋଲାମେଲା ଚ୍ୟାଲେଞ୍ଜ ଦେଇଥିବା ଦେଖାଯାଇଛି । ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକଙ୍କୁ ପଚାରିବାରୁ ସେ କହିଲେ ଯେ ସ୍କୁଲ ପରିଚାଳନା ଓ ଏହାର ଭଲମନ୍ଦ ଦାୟିତ୍ୱ ପ୍ରଧାନ ଶିକ୍ଷୟିତ୍ରୀଙ୍କର ହୋଇଥିବାରୁ ଶ୍ରୀମତୀ ବେହେରା ଟେଣ୍ଟ ବାନ୍ଧିଥିବା ବ୍ୟକ୍ତିଙ୍କ ନାମରେ ଏବଂ ସରକାରୀ ନିର୍ଦ୍ଦେଶନାମା ଉଲ୍ଲଙ୍ଘନ କରିଥିବା ଅନ୍ୟମାନଙ୍କ ବିରୁଦ୍ଧରେ ସ୍ଥାନୀୟ ଥାନାରେ ଏତଲା ଦେବା କଥା। ପ୍ରଧାନ ଶିକ୍ଷୟିତ୍ରୀ ଯଦି ଏହା ନକରିବେ ତେବେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଏପରିକି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ପୃକ୍ତ ବିଦ୍ୟାଳୟରର ସୁରକ୍ଷା ନିମନ୍ତେ ମଧ ପୋଲିସରେ ଅଭିଯୋଗ କରିବେ। କେବଳ ସେତିକି ନୁହେଁ ସରକାରୀ ନିର୍ଦ୍ଦେଶକୁ ଉଲ୍ଲଂଘନ କରିଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ମଧ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ଯଦି ପ୍ରଶାସନ ଅବା ଶିକ୍ଷା ବିଭାଗ ଗୁରୁତ୍ୱ ନ ଦିଏ ତେବେ ଆଗାମୀ ଦିନରେ ସରକାରୀ ବିଦ୍ୟାଳୟ ପରିସରକୁ ଯେ କୌଣସି ବ୍ୟକ୍ତି ବା ଅନୁଷ୍ଠାନର ବ୍ୟବହାରକୁ ରୋକା ଯାଇ ପାରିବନାହିଁ ଏବଂ ଏହାଦ୍ୱାରା ବିଦ୍ୟାଳୟ ଶୈକ୍ଷିକ ପରିବେଶ ନିଶ୍ଚିତ ଭାବେ ନଷ୍ଟ ହେବ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ଖବର ପ୍ରସାରଣ ପରେ ଯନ୍ତ୍ରୀଙ୍କ ବଢିଲା ଅଡୁଆ

ନିଆଳି (ଭାସ୍କର ନ୍ୟୁଜ୍): ଜଳସମ୍ପଦ ବିଭାଗରେ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ପଣ୍ଡା ଙ୍କ ବଢିଲା ଅଡୁଆ ପହଙ୍ଗା ଜଳସେଚନ ବିଭାଗ ଅଧିନରେ କୋଟିକୋଟି ଟଙ୍କା କାମହେଉଥିବା ବେଳେ ଯନ୍ତ୍ରୀ ସଞ୍ଜୟ କୁମାର ପଣ୍ଡା ବିଦେଶରେ ଭ୍ରମଣ କରୁଥିଲେ। ଠିକାଦାର ନିଜ ମନମର୍ଜୀରେ କାମକରୁଥିଲେ। ଏହାକୁ ତଦାରଖ କରିବାକୁ ନା ଥିଲେ କେହି। ସରକାରୀ କର୍ମଚାରୀ ଯନ୍ତ୍ରୀ ଙ୍କ ବିଦେଶ ଭ୍ରମଣ ପାଇଁ ସରକାରଙ୍କ ପକ୍ଷରୁ ବିଦେଶ ଭ୍ରମଣ ପାଇଁ ଅନୁମତି ମିଳି ଥିଲା ନାଁ ବିନାନୁମତିରେ ଯନ୍ତ୍ରୀ ବିଦେଶରେ ବୁଲୁଥିଲେ। ବିଦେଶ ଯାତ୍ରା ପାଇଁ ଯନ୍ତ୍ରୀଙ୍କ ଏତେ ଟଙ୍କା ଆସିଲା କେଉଁଠୁ। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଦାବିହେଉଛି। ଯନ୍ତ୍ରୀ ଶ୍ରୀ ପଣ୍ଡାଙ୍କ ବିରୋଧରେ ଦୁର୍ନୀତିର ଅଭିଯୋଗ ବାରମ୍ବାର ଆସୁଥିଲେ ମଧ ପ୍ରଭାବଶାଳୀ ବ୍ୟକ୍ତି ଙ୍କ ଚାପ ଓ ମୋଟା ଅଙ୍କର ଅର୍ଥ ଦେଇ ଘଟଣାକୁ ଚାପିଦେଉଥିବା ସାଧାରଣରେ ଅଭିଯୋଗ ହେଉଛି। ନଦୀବନ୍ଧ ଭଲ ଥିବା ସତ୍ତ୍ୱେ ଯନ୍ତ୍ରୀ ଉପରିସ୍ଥ ଅଧିକାରୀଙ୍କୁ ଧରି କୋଟିକୋଟି ଟଙ୍କା ଟେଣ୍ଡର କରାଇ ଯେଉଁ ଜାଗାରେ ବନ୍ୟା ଜଳରେ ବନ୍ଧର କ୍ଷୟ କ୍ଷତି ନହେବ ସେହି ବାନ୍ଧକୁ କାଟି ପଥର ପ୍ୟାକିଂ କରୁଥିବା ଅଭିଯୋଗ ଆସିଛି। ଏଭଳି କାମ କରାଇ ମୋଟା ଅଙ୍କର ଅର୍ଥ ଭାଗନେଉଛି। ଏ ସବୁର ତଦନ୍ତ କରାଯାଇ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବିହେଉଛି।

## ଯୁକ୍ତଦୁଇ ପରୀକ୍ଷାଫଳ: କଳାରେ ୭୭୫, ବିଜ୍ଞାନରେ ୪୬୨ ଓ ବାଣିଜ୍ୟରେ ୧୮ ଉତ୍ତୀର୍ଣ୍ଣ



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଉଚ୍ଚ ମାଧ୍ୟମିକ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ଜଳେଶ୍ୱର ଅଂଚଳରେ ୫ଟି ବେସରକାରୀ ଓ ୭ଟି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶ ପାଇଛି। ସରକାରୀ ଭାବେ ଦୀନକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୮୩ଜଣ ଛାତ୍ରଛାତ୍ରୀ କଳାରେ ପାସ୍ କରିଥିବା ବେଳେ ବିଜ୍ଞାନରେ ୮୭ ଓ ବାଣିଜ୍ୟରେ ୧୮ଜଣ ପାସ୍ କରିଥିବା ଜଣାଯାଇଛି । କଳାରେ ତବସୁମ ଖାତୁନ ୫୨୦, ବିଜ୍ଞାନରେ ପ୍ରିୟଦର୍ଶନୀ ଚାନ୍ଦ ୫୦୬ ଓ ବାଣିଜ୍ୟରେ ଶୁଭମ୍ ସିଂ ୫୧୦ ରଖି କଲେଜ ଟପ୍ପର ହୋଇଛନ୍ତି । ଜଳେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାରେ ୨୪୬ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ସୁଜାତାରାଣୀ ପଣ୍ଡା ୫୨୦ନଂ ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି । ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୧ଜଣ ଛାତ୍ରୀ କଳାରେ ପାସ୍ କରିଥିବାବେଳେ ତପନୀ ମହାନ୍ତି ୫୧୨ନଂ ରଖି ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ଖୁଲୁଡାସ୍ଥିତ ଶୀତଳାମାତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୦ଜଣ ଛାତ୍ରଛାତ୍ରୀ କଳାରେ ପାସ୍ କରିଥିବାବେଳେ ରାହୁଲ ବେହେରା ୫୧୧ ନଂ ରଖି ଟପ୍ପର ହୋଇଛନ୍ତି। ବିଜ୍ଞାନରେ ୪୪ଜଣ ପାସ୍ କରିଛନ୍ତି । ବର୍ତ୍ତମାନ ମା' ଗାଜିଆଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ ୬୫ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ତେଘରୀ ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୦ଜଣ ଓ ଓଲମରାସ୍ଥିତ ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୬ଜଣ ପାସ୍ କରିଥିବା ବେଳେ ଆକାଶ ବେହେରା ୫୩୦ନଂ ରଖି ଟପ୍ପର ହୋଇଛନ୍ତି । ସେହିପରି ସେଣ୍ଟ ସିଟି ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟରେ ୧୧୯ଜଣ ପାସ୍ ହୋଇଥିବା ବେଳେ ଲିପ୍ସାରାଣୀ ଦାସ ୫୩୯ ନଂ ଟପ୍ପର ହୋଇଛନ୍ତି । ଜଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୯୬ଜଣ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ସମ୍ବିତ କୁମାର ବାରିକ ୫୨୮ରଖି ଟପ୍ପର ହୋଇଛନ୍ତି । ଦି ମଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୪ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଦିଗମ୍ବରୀ ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୪୪ଜଣ ଓ ମାସ୍ ଏକାଡେମୀ ଅଫ ସାଇନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୪ଜଣ ପାସ୍ କରିଥିବା ବେଳେ ରଂଜିତ ଖଟୁଆ ୫୪୩ ନଂ ରଖି ଟପ୍ପର ହୋଇଥିବା ଜଣାଯାଇଛି ।

ଓଡ଼ିଶା ଭାସ୍କର
ମହାନଗର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଂଗ୍ରେସ ଦଳର ଛାମୁଆ ସଂଗଠନ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଅସାନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନକୁ ସୁଦୃଢ଼ କରିବାର ପ୍ରକ୍ରିୟା ଜାରି ରଖିଛି । ଆଗରୁ ସଂଗଠନର ୧୪ ଜିଲ୍ଲା ପାଇଁ ଆବାହକ ଓ ସହ ଆବାହକ ନିଯୁକ୍ତ ହୋଇଛନ୍ତି । ପ୍ରତି ଜିଲ୍ଲା ପାଇଁ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଆବାହକ ଓ ସହ ଆବାହକ ଭାବେ ନିଯୁକ୍ତି ମିଳିଛି । ସଂଗଠନରେ ମହିଳା ସହଭାଗିତା ଓ ସଂପୃକ୍ତିକୁ ବଢ଼ାଇବା ପାଇଁ ପ୍ରତ୍ୟେକଟି ସ୍ତରରେ ମହିଳାଙ୍କୁ ପଦବୀ ଓ ଅଗ୍ରାଧିକାର ଦେବା ପାଇଁ ସଂଗଠନ ଏଭଳି ନିଷ୍ପତ୍ତି କରିଛି। ୪ଟି ଜିଲ୍ଲା ପାଇଁ ଆବାହକ ଓ ସହ ଆବାହକ ନିଯୁକ୍ତି ହୋଇଛନ୍ତି। ଭୁବନେଶ୍ୱର ଜିଲ୍ଲା ପାଇଁ ଡକ୍ଟର ଦେବାହୁତି ଆଚାର୍ଯ୍ୟ ଆବାହକ ଓ ଉମେଶ ଚନ୍ଦ୍ର ଦାସ ସହ ଆବାହକ ଭାବେ ନିଯୁକ୍ତ ହୋଇଛନ୍ତି । ଭଦ୍ରକ ସୁଶାନ୍ତ ବାରିକ, ଆବାହକ ଓ ମଞ୍ଜୁଲତା ପଣ୍ଡା ସହ ଆବାହକ, ନୂଆପଡ଼ା ଅମିତ ଆହିର, ଆବାହକ ଓ ହୀରା ନିହାଲ, ବରଗଡ଼ର କିଶୋର ସାହୁ ଆବାହକ ଓ ବାସମତି ବଂଚୋର ସହ ଆବାହକ ଭାବେ ନିଯୁକ୍ତି ପାଇଛନ୍ତି । ଡକ୍ଟର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ରାଜ୍ୟ କମିଟିର ସମ୍ପାଦକ ଭାବେ ନିଯୁକ୍ତ କରି ରାଜ୍ୟ ଅଫିସ ପରିଚାଳନା ଦାୟିତ୍ୱ ଦିଆଯାଇଛି ।



# ଏବେର କୋଭିଡ୍ କେସ୍ ଲହର ନୁହେଁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଏବେ ଦେଖାଯାଉଥିବା କୋଭିଡ୍ କେସକୁ ଲହର କୁହାଯାଇପାରିବ ନାହିଁ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର।। ସେ କହିଛନ୍ତି ଦୁଇ ତିନିଟି ଲହର ପରେ ଏହା ସାଧାରଣ ଥଣ୍ଡା କାଶ ରୋଗରେ ପାଲଟିଛି। ମଝିରେ ମଝିରେ କୋଭିଡ୍ ହେଉଛି, କେହି ଗୁରୁତର ହେଉନାହାନ୍ତି। ଅକ୍ଟୋବର ଯାଏଁ ପଜିଟିଭ ଆସୁଥିଲା, ଏବେ ଜଣେ ମାତ୍ର ପଜିଟିଭ ଚିହ୍ନଟ ହୋଇଛନ୍ତି। ତାଙ୍କର ବିଭିନ୍ନ ରୋଗ ପାଇଁ ଦେହ ଖରାପ



ଥିଲା, କୋଭିଡ୍ ନୁହେଁ। ଭାରିଆଂଟ ଜାଣିବାକୁ ନମୁନାକୁ ଜିନମ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। କୋଭିଡ୍ ମୁକାବିଲା ଲାଗି ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ରାଜ୍ୟବାସୀ ଭୟଭୀତ ହୁଅନ୍ତୁ ନାହିଁ ବୋଲି ସେ ପରାମର୍ଶ ଦେଇଛନ୍ତି।

## ଜିନମ୍ ସିକ୍ୱେନ୍ସିଂ ପାଇଁ ଗଲା ସଂକ୍ରମିତଙ୍କ ନମୁନା

ରାଜ୍ୟରେ କୋଭିଡ ସଂକ୍ରମିତ ବ୍ୟକ୍ତିଙ୍କ ନମୁନା ଜିନମ ସିକୁଏନ୍ସିଂ ପାଇଁ ପଠାଯାଇଛି। ଏହା କୋଭିଡର କେଉଁ ପ୍ରଜାତି ତାହା ଜିନମ ସିକ୍ୟୁଏନ୍ସିଂ ରିପୋର୍ଟ ଆସିବା ପରେ ଜଣାପଡିବ। ରିପୋର୍ଟ ଆସିବା ପରେ ଜଣାପଡିବ ଏହା କୋଭିଡର ପୁରୁଣା ସ୍ୱ ଭାରିଆଣ୍ଟ କିମ୍ବା ଆଉ କିଛି ନୂଆ ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର। ସମ୍ପୃକ୍ତ କୋଭିଡ ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସଂକ୍ରମିତ ବ୍ୟକ୍ତିଙ୍କ ଘରେ କିମ୍ବା ଆଖପାଖରେ ଆଉ କାହା ପାଖରେ କୋଭିଡ ଲକ୍ଷଣ ନାହିଁ। କୋଭିଡ ପାଇଁ ହସ୍ପିଟାଲ ପ୍ରସ୍ତୁତ ଅଛନ୍ତି। ସବୁ ହସ୍ପିଟାଲର କୋଭିଡ ବ୍ୟବସ୍ଥାକୁ ଚେକ କରାଯାଉଛି। ଆଇସିୟୁ ଓ ଟେଷ୍ଟ ପାଇଁ ପ୍ରସ୍ତୁତି କରାଯାଇଛି। କୋଭିଡ ସଂଖ୍ୟା ବଢିଲେ ବେଡ୍ ବଢ଼ିବ। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ହସ୍ପିଟାଲ ସହ ଯୋଗାଯୋଗରେ ଅଛି ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ।

## ଜୁନ୍‌ରେ ଆସିବ ନୂଆ ଅବକାରୀ ନୀତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ଜୁନ ୧୫ରୁ ୨୦ତାରିଖ ଭିତରେ ଆସିବ ନୂଆ ଅବକାରୀ ନୀତି । ଏଥର ୩ ବର୍ଷିଆ ଅବକାରୀ ନୀତି ଲାଗୁ କରିବାକୁ ଯାଉଛୁ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ୪ଟି କମିଟି ବିଭିନ୍ନ ରାଜ୍ୟକୁ ଯାଇ ଅନୁଧ୍ୟାନ କରୁଛନ୍ତି । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ ସରିଛି ।

## ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଆର ଆଣ୍ଡ ବି ଡିଭିଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀଙ୍କ ଘରେ ଭିଜିଲାନ୍ସ ଚଢାଉ କରିଛି । ଏକକାଳୀନ ୮ଟି ସ୍ଥାନରେ ଚଢାଉ ଚାଲିଥିବା ସୂଚନା ମିଳିଛି । ଚଢାଉରେ ୭ଜଣ ଡିଏସପି, ୩ଜଣ ଇନସ୍ପେକ୍ଟର, ୧୦ଜଣ ଏଏସଆଇ ଏବଂ ଅନ୍ୟ ଅଧିକାରୀ ମାନେ ସାମିଲ ହୋଇଛନ୍ତି ।

### ପୂର୍ତ୍ତ ବିଭାଗ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ଟ୍ୱିନ୍‌ସିଟିର ଟ୍ରାଫିକ୍ ଭିଡ ହ୍ରାସ ସହ ସୌନ୍ଦର୍ଯ୍ୟକରଣକୁ ପ୍ରାଧାନ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ଭୁବନେଶ୍ୱର-କଟକ ଟ୍ୱିନ ସିଟିରେ କାର୍ଯ୍ୟକାରୀ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହିତ ଟ୍ରାଫିକ୍ ଭିଡ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେସନ ଛକରୁ ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ, ଏବଂ କଳ୍ପନା ଛକ, ମ୍ୟୁଜିଅମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏ ଓଭର୍ ସହିତ ଏଜି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି। ସେହିପରି ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାଥ୍‌ମେଟିକସ୍ ରୁ ପଥର ଗାଡିଆ-ଉତ୍କଳ ହସ୍ପିଟାଲ-ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ ପାରାଲେଲ୍ ରୋଡ୍ କାମ ମଧ ଜାରି ରହିଛି । ଏହା ସହିତ ଡମଣାରୁ ପ୍ରେସ୍ ଛକ, କଳାରାହାଙ୍ଗରୁ ବାରିମୁଣ୍ଡ ଓ କେଳୁଚରଣ ପାର୍କରୁ ବାରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ୍ ଆକ୍‌ସେସ୍ ରୋଡ୍ ନିର୍ମାଣର ଯୋଜନା ରଖାଯାଇଛି। ଏହା ସହିତ ଏକ ଇନର୍ ରିଙ୍ଗ୍ ରୋଡ୍ ମଧ ନିର୍ମାଣ କରାଯିବ। ଏହି ସମସ୍ତ ନିର୍ମାଣ ଦ୍ୱାରା ଭୁବନେଶ୍ୱରରେ ଦିନ ପ୍ରତିଦିନ ବଢୁଥିବା ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିବ ଏବଂ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟକରଣରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଏହି ନିର୍ମାଣ ଯୋଗୁଁ ବିସ୍ଥାପିତ ହେବାକୁ ଥିବା ପ୍ରାୟ ୩୬୬ଟି ପରିବାରକୁ ଥଇଥାନ କରାଯିବା ସହିତ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାସ୍ୱତ ମିଶ୍ର, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ୬୨ତମ ଜାତୀୟ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଣ୍ଟ୍ ଆକାଉଣ୍ଟାଣ୍ଟ୍ ସମ୍ମିଳନୀ ଉଦ୍‌ଘାଟିତ

## ସମୃଦ୍ଧ ଭାରତ ଗଠନ ପାଇଁ ନିରନ୍ତର କାର୍ଯ୍ୟ କରନ୍ତୁ ଆକାଉଣ୍ଟାଣ୍ଟ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଣ୍ଟ୍ ଆକାଉଣ୍ଟାଣ୍ଟ୍‌ମାନେ ଏକ ସମୃଦ୍ଧ ଓ ବିକଶିତ ଭାରତ ଗଠନ ପାଇଁ ନିରନ୍ତର କାର୍ଯ୍ୟ କରନ୍ତୁ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି। ଶୁକ୍ରବାର ସୋଆ ବିଶ୍ୱ ବିଦ୍ୟାଳୟର ଅଡ଼ିଟୋରିୟମ୍‌ରେ ଆୟୋଜିତ ୬୨ତମ ଜାତୀୟ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଣ୍ଟ୍ ଆକାଉଟାଣ୍ଟ୍ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ପୂରଣ ଆଡକୁ ଅଗ୍ରସର ହେଉଥିବା ବେଳେ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଣ୍ଟ୍ ଆକାଉଣ୍ଟାଣ୍ଟଙ୍କ ଭୂମିକା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ବିଶ୍ୱ ଏକ ଅଭୁତପୂର୍ବ ଗତିରେ ବିକଶିତ ହେଉଛି ବୋଲି ରାଜ୍ୟପାଳ କହିଥିଲେ। ଉଦ୍‌ଘାଟନୀ ସମାରୋହରେ ଇଣ୍ଡିଆନ୍ ରିନ୍ୟୁଏବଲ୍ ଏନର୍ଜି ଡେଭେଲପମେଣ୍ଟ ଏଜେନ୍ସି ଲିଃର ଚେୟାରମ୍ୟାନ ଓ ମ୍ୟାନେଜିଂ ଡିରେକ୍ଟର ପ୍ରଦୀପ କୁମାର ଦାସ, ଓପିଜିସି ଲିଃର ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ, ଆଇସିଏମ୍‌ଏଆଇର ଅଧ୍ୟକ୍ଷ ତଥା ଚିଫ୍ ପାଟ୍ରନ ବିଭୁତି ଭୂଷଣ ନାୟକ, କାଉନସିଲ୍ ମେମ୍ବର ତଥା କନ୍‌ଭେନର ମନୋଜ କୁମାର ଆନନ୍ଦ ଓ ବିନୟ ରଞ୍ଜନ ପି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ଏନ୍‌ସିଏମ୍‌ଏସିର ଚେୟାରମ୍ୟାନ ଶ୍ରୀନିବାସ ପ୍ରସାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଜନପଥରେ ସିରିଜ୍ ଦୁର୍ଘଟଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ରାତିରେ ରାଜଧାନୀ ଭୁବନେଶ୍ୱରର ଜନପଥରେ ଏକ ସିରିଜ୍ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ କେହି ଆହତ ହୋଇନଥିବା ଜଣାପଡ଼ିଛି । ତେବେ ଗୋଟିଏ କାର ପଛକୁ ଆଉ ଚାରୋଟି କାର ଧକ୍କା ଦେଇଥିଲା । ଫଳରେ କାରଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଏହି ଘଟଣାରେ ଖାରବେଳ ନଗର ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ କେଉଁ କାରଣରୁ ଏହି ସିରିଜ୍ ଦୁର୍ଘଟଣା ଘଟିଛି ଅନୁଧ୍ୟାନ କରୁଛି । ତେବେ ଜନପଥ ଗନଗହଳିପୂର୍ଣ୍ଣ ରାସ୍ତା ହୋଇଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟିବା ପଥଚାରୀଙ୍କ ପାଇଁ ବିପଦ ଆଣୁଛି । ତେଣୁ ଏ ଦିଗରେ ସମସ୍ତେ ସଚେତନଶୀଳ ହୋଇ ଗାଡି ଚଳାଚଳ କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି । ଏହି ଦୁର୍ଘଟଣା ଘଟିବା ପରେ ଘଟଣାସ୍ଥଳରେ ଶତାଧିକ ଲୋକଙ୍କ ଭିଡି ଜମିଥିଲା । ସମସ୍ତେ ହୋହାଲ୍ଲା କରିବା ଭଳି ପରିସ୍ଥିତି ସୃଷ୍ଟି କରିଥିଲେ ।

### ଶିଳ୍ପମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

## ଆଇଓସିଏଲ୍ ମେଗା ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଔଦ୍ୟୋଗିକ ବିକାଶ ଓ ନିବେଶକୁ ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଖାରବେଳ ଭବନରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ୍)ର ପାରାଦୀପରେ ଡୁଆଲ୍ ଫିଡ୍ ନାଫ୍ଥା କ୍ରାକର୍ ପ୍ଲାଣ୍ଟ ଓ ଭଦ୍ରକରେ ୟାର୍ନ ଉତ୍ପାଦନ ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବୋଦୟ ଅର୍ଥାତ ଦେଶର ପୂର୍ବଭାଗରେ ଥିବା ରାଜ୍ୟଗୁଡିକର ପ୍ରଗତି ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି । ଏହି ଦୁଇଟି ପ୍ରକଳ୍ପ ଦେଶ ତଥା ରାଜ୍ୟ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହି ପ୍ରକଳ୍ପ ଗୁଡିକୁ ନେଇ ଥିବା ଜମି ଅଧିଗ୍ରହଣ ସମସ୍ୟାଗୁଡିକୁ ଶୀଘ୍ର ସମାଧାନ କରାଯିବା ଦରକାର ତାସହ ପ୍ରକଳ୍ପଗୁଡିକର ଶୀଘ୍ର କାର୍ଯ୍ୟାନ୍ୱୟନ ନେଇ ସ୍ପଷ୍ଟ ନିଷ୍ପତ୍ତି ନିଆଯିବା ସହ ବିଭିନ୍ନ ଅନୁମତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଉଚିତ। ପ୍ରକଳ୍ପଗୁଡିକର ଶୀଘ୍ର ଆରମ୍ଭ ଓ ଏହାର ସଫଳତା ନିମନ୍ତେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ । ଏହି ଦୁଇ ପ୍ରକଳ୍ପ ରାଜ୍ୟ ପାଇଁ ଆଖିଦୃଶିଆ ନିବେଶ ଆଣିବେ, ବ୍ୟବସାୟର ପରିଧି ବଢ଼ାଇବେ ଓ ହଜାର ହଜାର ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିବେ । ଏହାସହ ଓଡ଼ିଶାକୁ ପୂର୍ବ ଭାରତର ଏକ ଅଗ୍ରଣୀ ଶିଳ୍ପ କେନ୍ଦ୍ରରୂପେ ପ୍ରତିଷ୍ଠିତ କରିବାରେ ସହଯୋଗ କରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଶାବ୍ୟକ୍ତ କରିଛନ୍ତି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ସହ ସମନ୍ୱୟ ଏବଂ ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ହେମାନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ, ଆଇଓସିଏଲ୍, ଉଡ୍‌କୋ, ଇପିକଲ୍, ଓପିଟିସିଏଲ୍, ଟାଟା ପାୱାର୍, ଡ୍ରେଜିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍‌ର ପ୍ରତିନିଧି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ, ଭଦ୍ରକ ଓ ଜଗତସିଂହପୁରର ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ ।



ରବିନ୍ଦ୍ରମଣ୍ଡପଠାରେ ଆୟୋଜିତ ସପ୍ତମ ଜାତୀୟ ନାଟ୍ୟ ମହୋତ୍ସବରେ ହିନ୍ଦୀ ନାଟକ 'ବ୍ୟଥା'ର ଏକ ମନୋରମ ଦୃଶ୍ୟ

## ଚୋରା ବନ୍ଧୁକ କାରଖାନା ଠାବ, ମାଷ୍ଟରମାଇଣ୍ଡ ଗିରଫ

କଟକ(ଭାସ୍କର ନ୍ୟୁଜ୍): କଟକର ବୟାଳିଶ ମୌଜାରୁ ଠାବ ହୋଇଥିବା ଚୋରାବନ୍ଧୁକ କାରଖାନା ଘଟଣାରେ ଏହା ପଛର ମାଷ୍ଟରମାଇଣ୍ଡ ମହମ୍ମଦ୍ ଅସଲମ୍‌କୁ କ୍ରାଇମବ୍ରାଞ୍ଚ୍ ଏସଟିଏଫ୍ ବିହାରର ମୁଙ୍ଗେରରୁ ଗିରଫ କରିବାରେ ସଫଳ ହୋଇଛି । ଅଭିଯୁକ୍ତ ମହମ୍ମଦ୍ ଅସଲମ୍ ଓଡ଼ିଶାରୁ ବିହାର, ପଶ୍ଚିମବଙ୍ଗ ଓ ଝାରଖଣ୍ଡକୁ ଚୋରାବନ୍ଧୁକ ଚାଲାଣ କରୁଥିଲା। ଅସ୍‌ଲମ୍ ଓଡିଶା ସମେତ ଛତିଶଗଡ, ବିହାର, ପଶ୍ଚିମବଙ୍ଗ, ଝାଡଖଣ୍ଡ ଆଦି ଅଞ୍ଚଳରେ ତାର ନେଟ୍‌ୱାର୍କ ଚଳାଇଥିଲା। ତେବେ ନିକଟରେ କଟକର ଶଙ୍କରପୁର ଅଂଚଳର ଦୁର୍ଦ୍ଧାନ୍ତ ଅପରାଧୀ ଚଗଲାକୁ ପଚରା ଉଚରା କରିବା ପରେ ସେ ବ୍ୟବହାର କରୁଥିବା ମୋବାଇଲ୍‌ରୁ ଚୋରା ବନ୍ଧୁକ କାରବାରର ସମସ୍ତ ତଥ୍ୟ ମିଳିଥିଲା। ଏସବୁ ତଥ୍ୟକୁ ଆଧାର କରି କ୍ରାଇମବ୍ରାଞ୍ଚ୍ ଏସଟିଏଫ୍ ଘଟଣାର ମୁଖ୍ୟ ମାଷ୍ଟର୍‌ମାଇଣ୍ଡ୍ ଅସ୍‌ଲମ୍‌କୁ ଧରିବାରେ ସଫଳ ହୋଇଛି। ସୂଚନାଥାଉକି ଗତ ମାର୍ଚ୍ଚ ମାସ ୧୩ ତାରିଖରେ କଟକର ବୟାଳିଶ ମୌଜା ଥାନା ଅଧିନସ୍ଥ ଧୁଳେଶ୍ୱର ଅଂଚଳରୁ ଠାବ ହୋଇଥିଲା ଚୋରା ବନ୍ଧୁକ କାରଖାନା। ଏହି ମିନି ମାଉଜର୍ ଫ୍ୟାକ୍ଟ୍ରି ଧୂଳେଶ୍ୱର ଗାଁ ସିଙ୍ଗୁଆ ନଦୀ କୂଳରେ ଶରତ ଚନ୍ଦ୍ର ବେହେରା ଓରଫ ଯାଦବଙ୍କ ଏକ ଚାଳ ଛପର ଗୁହାଳ ଘରେ ଚାଲିଥିଲା । ଚାଳ ଘର ସହ ଗାଈ ଗୁହାଳରେ ଥିବା କାରଖାନାରେ ବନ୍ଧୁକ ତିଆରି ମେସିନ ସହିତ ଅନେକ ଯନ୍ତ୍ରପାତି ଓ କଞ୍ଚାମାଲ୍‌କୁ ମଧ୍ୟ ଏସ୍‌ଟିଏଫ୍ ଟିମ୍ ଜବତ କରଥିଲା । କମିଶନରେଟ ପୋଲିସ ଆଖିରେ ଧୂଳି ଦେଇ ଅଭିଯୁକ୍ତ ଏପରି ବନ୍ଧୁକ ତିଆରି କରି ଆସୁଥିଲା । କ୍ରାଇମ୍‌ବ୍ରାଞ୍ଚ୍ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଶରତ ଚନ୍ଦ୍ର ବେହେରା ଓରଫ ଯାଦବଙ୍କ ସହ ତାଙ୍କର ତିନି ସହଯୋଗୀ ମସେର ଅଲ୍ଲୀ, ଅଜାମ ଓ ମହମ୍ମଦକଙ୍କୁ ଗିରଫ କରିଥିଲା ।

### ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲା

## ୩ ଆସାମୀଙ୍କୁ ଆଜୀବନ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): କଟକ ସଦର ଅଞ୍ଚଳର ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଗଣଦୁଷ୍କର୍ମ କରିବା ଅଭିଯୋଗର ଶୁଣାଣି କରି କଟକର ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିଟ୍ ଏଣ୍ଡ୍ ସେସନ୍ ଜଜ୍ ଫାଷ୍ଟ ଟ୍ରାକ କୋର୍ଟ (୧) ୩ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସଜା ଶୁଣାଇଛନ୍ତି । ତେବେ ଏଠାରେ ଆଜୀବନ ଦଣ୍ଡାଦେଶ ଅର୍ଥ ହେଉଛି ପ୍ରାକୃତିକ ଜୀବନର ଶେଷ ପର୍ଯ୍ୟନ୍ତ । ଏଥିସହିତ ୩୦ ହଜାର ଟଙ୍କା ଲେଖାଏ ଜରିମାନା ଦାଖଲ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି । ତେବେ ଜରିମାନା ନ ଦେଇ ପାରିଲେ ଆଉ ଅଧିକ ୧ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି କୋର୍ଟ କହିଛନ୍ତି । ସେହିପରି କୋର୍ଟ ପିଡିତାକୁ ୮ ଲକ୍ଷ ଟଙ୍କାର କ୍ଷତିପୁରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । ୮ ମାସ ପୂର୍ବରୁ ଘଟଣା ଘଟିଥିଲେ ମଧ୍ୟ ୨୦୨୧ ମସିହା ଜୁଲାଇ ୨୭ ତାରିଖରେ କଟକ ସଦର ଥାନାରେ ଏତଲା ଦିଆଯାଇଥିଲା । ଏକ ମାନସିକ ବିକାରଗସ୍ତ ଯୁବତୀଙ୍କୁ କଟକ ସଦର ଅଂଚଳର ବହଳପଡା ଢିହସାହି ଅଂଚଳର ମଙ୍ଗରାଜ ଭୋଇ ଓରଫ ମଙ୍ଗୁ, ଅରୁତମ ଭୋଇ ଓରଫ ଟିକି ଓ ଅମର ଭୋଇ ଓରଫ ନନ୍ଦୁ ପ୍ରଲୋଭନ ଦେଖାଇ ଗଣଦୁଷ୍କର୍ମ କରିଥିଲେ। ଏହା ପରେ ୨୦୨୧ ମସିହା ଜୁଲାଇ ୨୨ ତାରିଖରେ ସେ ଏସସିବି ମେଡ଼ିକାଲରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ତେବେ ଦୁଇ ଦିନ ମଧ୍ୟରେ ଶିଶୁଟି ମୃତ୍ୟୁବରଣ କରିଥିଲା । ପୋଲିସ୍ ଘଟଣାର ତଦନ୍ତ କରି ୨୦୨୧ ମସିହା ସେପ୍ଟେମ୍ବର ୨୪ ତାରିଖରେ ପୋଲିସ୍ କୋର୍ଟରେ ଆସାମୀମାନଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରିଥିଲା । ୨୦୨୨ ମସିହା ଏପ୍ରିଲ୍ ୨୨ ତାରିଖରେ କୋର୍ଟ ଆସାମୀମାନଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ କୋର୍ଟରେ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ପରିଚାଳନା କରୁଥିଲେ ।

## ଜଟିଳ ମୁଖ ଗହ୍ୱର କ୍ୟାନ୍‌ସର୍‌ର ସଫଳ ଚିକିତ୍ସା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଠାରେ ଏକ ଜଟିଳ ଅପରେସନ୍ ସଫଳତାର ସହିତ କରାଯାଇଛି । କଳାହାଣ୍ଡି ଜିଲ୍ଲାର ୩୮ ବର୍ଷୀୟ ଯୁବକଙ୍କ ମୁହଁର ବାମ ପାର୍ଶ୍ୱରେ ଥିବା ଗାଲର ମାଂସପେଶୀରେ ଏକ ଘା' ଓ ଜଳାପୋଡା ଅନୁଭବ କଲେ । ଠିକ୍ ସମୟରେ ଚିକିତ୍ସା ନକରିବାରୁ ଏବଂ ଅବହେଳା କାରଣରୁ ଏହା ଧୀରେ ଧୀରେ ଜବଡ଼ା ହାଡ଼କୁ ପ୍ରସାରିତ ହେବାକୁ ଲାଗିଲା, ଯାହା ଫଳରେ ସେ ମୁହଁ ଖୋଲିବାରେ ଅସୁବିଧା ଅନୁଭବ କରିଥିଲେ, ଯାହା ଫଳରେ ତାଙ୍କ ପରିବାର ସଦସ୍ୟ ମାନେ ସଠିକ୍ ଚିକିତ୍ସା ପାଇଁ ତାଙ୍କୁ ମଣିପାଲ ହସ୍ପିଟାଲ ଭୁବନେଶ୍ୱରକୁ ନେଇଆସିଥିଲେ । ହସ୍ପିଟାଲରେ ତାଙ୍କର ସମସ୍ତ ପ୍ରକାର ଡାକ୍ତରୀ ପରୀକ୍ଷା ସହିତ ସିଟି ସ୍କାନ୍ ଓ ବାୟୋପ୍ସି କରାଯାଇଥିଲା । ସମସ୍ତ ପ୍ରକାର ପରୀକ୍ଷା ପରେ ତାଙ୍କର ଆଡଭାନ୍ସ କ୍ୟାନସର ଚିହ୍ନଟ ହୋଇଥିଲା । ରୋଗର ଜଟିଳତାକୁ ଦେଖି ମଣିପାଲ ହସ୍ପିଟାଲର ସର୍ଜିକାଲ ଅଙ୍କୋଲୋଜି ବିଭାଗର ଡାକ୍ତର ନିତିଶ ରଞ୍ଜନ ଆଚାର୍ଯ୍ୟ ଏବଂ ପ୍ଲାଷ୍ଟିକ୍ ସର୍ଜନ ଡାକ୍ତର ବିଶ୍ୱଜିତ୍ ମିଶ୍ରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା । ଡାକ୍ତର ନିତିଶ ରଞ୍ଜନ ଆଚାର୍ଯ୍ୟ କ୍ୟାନସର ଆକ୍ରାନ୍ତ ହୋଇଥିବା ମାଢ଼ିକୁ କାଟି ଅଲଗା କରିଦେଇଥିଲେ । ଏହା ପରେ ଡାକ୍ତର ବିଶ୍ୱଜିତ୍ ମିଶ୍ର ବାମ ଗୋଡ଼ର ଗୋଟିଏ ହାଡ଼ (ଫ୍ରୀ ଫିବୁଲା ବୋନ୍ ଗ୍ରାଫ୍ଟ) ସହିତ ଚର୍ମ ମାଇକ୍ରୋଭାସ୍କୁଲାର୍ ସର୍ଜରୀ ଦ୍ୱାରା ପୁନଃନିର୍ମାଣ କରିଥିଲେ । ଏହି ଜଟିଳ ଅତ୍ୟାଧୁନିକ ସର୍ଜରୀ ମାଧ୍ୟମରେ ରୋଗୀଙ୍କ ଫିବୁଲା ହାଡ଼ ଦ୍ୱାରା ତଳ ଜବଡ଼ାକୁ ପୁଣିଥରେ ତିଆରି କରାଯାଇଥିଲା । ଯାହା ଫଳରେ ରୋଗୀ ଜଣକ ପୂର୍ବ ଭଳି ମୁହଁ ଖୋଲିବା, ଏବଂ ମୁହଁର ଗଠନ ମଧ ପୂର୍ବ ଭଳି ପାଇଥିଲେ । ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର, ଡାକ୍ତର ନିତିଶ ରଞ୍ଜନ ଆଚାର୍ଯ୍ୟ ଏବଂ ଡାକ୍ତର ବିଶ୍ୱଜିତ୍ ମିଶ୍ରଙ୍କ ସମେତ ତାଙ୍କ ଟିମ୍ ର ସମସ୍ତ ଡାକ୍ତର ନର୍ସଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହା ସହିତ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଠାରେ ଅତ୍ୟାଧୁନିକ ଓଟି ଏବଂ ଅଭିଜ୍ଞ ଡାକ୍ତରଙ୍କ ଟିମ୍ ଥିବାରୁ ଏଭଳି ଜଟିଳ ରୋଗର ଚିକିତ୍ସା ଏଠାରେ ସମ୍ଭବ ।

## ଆଣ୍ଟି ଲିକର ଓ ଆଣ୍ଟି ଡ୍ରଗ୍ ପାଇଁ ରାଜ୍ୟରେ ହେବ ସ୍ୱତନ୍ତ୍ର ଡ୍ରାଇଭ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଣ୍ଟି ଲିକର ଓ ଆଣ୍ଟି ଡ୍ରଗ ପାଇଁ ରାଜ୍ୟରେ ହେବ ସ୍ୱତନ୍ତ୍ର ଡ୍ରାଇଭ । ବର୍ଷରେ ତିନିଥର କ୍ୟାମ୍ପେନ ଚାଲିବ । କିଭଳି କାର୍ଯ୍ୟକାରୀ କରାଯିବ ସେ ନେଇ ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଛି ଉଚ୍ଚସ୍ତରୀୟ ବୈଠକ । ବୈଠକରେ ମୁଖ୍ୟ ଶାସନ ସଚିବ, ଅବକାରୀ କମିଶନର, ଏସ୍‌ଟିଏଫ୍ ଡିଆଇଜିଙ୍କ ସହ ମିଶନ ଶକ୍ତି, ଶିକ୍ଷା ଓ କଳା ଓ ସଂସ୍କୃତି ବିଭାଗ ଅଧିକାରୀ ଯୋଗ ଦେଇଥିଲେ । ଆଣ୍ଟି ଲିକର ଓ ଅଣ୍ଟି ଡ୍ରଗ କ୍ୟାମ୍ପେନକୁ ଗାଁ ପର୍ଯ୍ୟନ୍ତ ପହଞ୍ଚାଇ ପ୍ରଚାର ସହ ନାଟକ ମାଧ୍ୟମରେ କିପରି ଲୋକଙ୍କୁ ସଚେତନ କରାଯିବ ସେନେଇ ଆଲୋଚନା ହୋଇଛି । ଗାଇଡ଼ ଲାଇନ ଉଲଂଘନ କରି ଭୁବନେଶ୍ୱର ୟୁନିଟ ୮ ଡିଏଭି ସ୍କୁଲ ଓ ସୈନିକ ସ୍କୁଲ ପାଖରେ ମଦ ଦୋକାନ ଥିବା ଯୋଗୁଁ ବାତାବରଣ ଖରାପ ହେଉଥିବା ଅଭିଯୋଗ କରିଥିଲା ଶିକ୍ଷା ବିଭାଗ । ଏ ଦିଗରେ ତର୍ଜମା କରାଯାଇ ଶୀଘ୍ର ପଦକ୍ଷେପ ନିଆଯିବ କହିଛନ୍ତି ଅବକାରୀ ମନ୍ତ୍ରୀ ।

## ଦେବସ୍ମୃତି ଉତ୍ସବରେ ଓଡ଼ିଶୀ ନୃତ୍ୟର ସମ୍ଭାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପରେ ଗୁରୁ ଦେବପ୍ରସାଦ ଦାସଙ୍କ ଅନନ୍ୟ ଶୈଳୀକୁ ବଜାୟ ରଖୁଥିବା ଏକ ଅଗ୍ରଣୀ ଅନୁଷ୍ଠାନ ତ୍ରିଧାରା ଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିରେ ଦେବସ୍ମୃତି ମହୋତ୍ସବ ୨୦୨୫ର ଆୟୋଜନ କରିଥିଲା। ସ୍ୱର୍ଗତ ଗୁରୁ ଦେବପ୍ରସାଦ ଦାସଙ୍କ ଅନନ୍ୟ ଶୈଳୀ (ଘରାନା)କୁ ଓଡ଼ିଶୀ ନୃତ୍ୟ ରୂପରେ ପ୍ରଦର୍ଶନ ଓ ତାର ପ୍ରଚାର କରିବା ସହ ଓଡ଼ିଶୀ ନୃତ୍ୟକୁ ପାରମ୍ପରିକ ଆଦିବାସୀ ଓ ଲୋକନୃତ୍ୟରେ ସଂଯୋଗ କରାଇବା ମହୋତ୍ସବ ଆୟୋଜନର ଉଦ୍ଦେଶ୍ୟ। ସମ୍ମାନିତ ଅତିଥି ଭାବେ ପ୍ରସାର ଭାରତୀର ପୂର୍ବତନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା, କିଟ, କିମ୍ସ ଓ କିସ୍‌ର ସମ୍ପାଦକ ଆର ଏନ ଦାସ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ହରେକୃଷ୍ଣ ମେହେର, ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ବିଭାଗର ମୁଖ୍ୟ ଡକ୍ଟର ରମେଶ ପ୍ରସାଦ ପାଣିଗ୍ରାହୀ, ଚିନ୍ତା ଓ ଚେତନାର ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାସ ଏବଂ ତ୍ରିଧାରାର କାର୍ଯ୍ୟକାରୀ ସଭାପତି ସିମାଞ୍ଚଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାର ପ୍ରଥମ ଓଡ଼ିଶୀ ପରିବେଷଣରେ ଥିଲା ମଙ୍ଗଳାଚରଣ - ଲକ୍ଷ୍ମୀ ନୃସିଂହ ଧ୍ୟାନ ଯାହା ଗଞ୍ଜାମର ପ୍ରହଲ୍ଲାଦ ନାଟକରୁ ଉଦ୍ଧୃତ ଯାହାକୁ ପ୍ରସ୍ତୁତ କରିଥିଲେଲିତି, ହର୍ଷିତା, ରିୟା, ଆରିୟା, ସିବାନୀ, ମୁସ୍କାନ ଓ ସଲୋନୀ ଏବଂ ପରେ ମୋକ୍ଷଦା, ହରପ୍ରିୟା ପରିବେଷଣ କରିଥିଲେ ମୀନନୟନା ଯାହା ବିପ୍ରଲମ୍ଭ ଶୃଙ୍ଗାରରେ ନିବଦ୍ଧ ଥିଲା । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ବାତ୍ସଲ୍ୟ ରସରେ ଆଧାରିତ ଓଡ଼ିଆ ଅଭିନୟ କେଡ଼େ ଛନ୍ଦ ଯାହାକୁ ପରିବେଷଣ କରିଥିଲେ ପ୍ରିୟାଂଶୀ, ଶିବାଙ୍ଗୀ, ଓଶେନ୍ ଓ ସିଦ୍ଧିକ୍ଷା। ପରେ ଶିକ୍ଷାଂସୀ, ସ୍ୱେତା, ଆରାଧ୍ୟା, ଶ୍ରେୟାଂଶୀ, ଶୁଭଶ୍ରୀ ଏସ୍, ଆଦିତ୍ୟ, ଜିଗ୍ୟାନ୍‌ଶୁ, ସାନଭି ଓ ଶୁଭଶ୍ରୀ ପି ଦ୍ୱାରା ଦଶାବତାର ପରିବେଷଣ କରାଯାଇଥିଲା। ପ୍ରସ୍ତୁତିରେ ଥିଲା ଓଡ଼ିଆ ଅଭିନୟ ଉଠିଲୁ ଏଡ଼େ ବେଗି ଯାହାକୁ ପରିବେଷଣ କରିଥିଲେ ଅନ୍ୱେଷା, ଶିବାଂଶୀ, ପୂର୍ଣ୍ଣ ବୈଷ୍ଣବୀ ଓ ସିବାଙ୍ଗୀ। ତ୍ରିଧାରା ଦ୍ୱାରା ଅନୁଷ୍ଠିତ ଆନ୍ତର୍ଜାତୀୟ ସମର ଓଡ଼ିଶୀ କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ନୃତ୍ୟଶିଳ୍ପୀ ନୃତ୍ୟ ପାରଦର୍ଶିତା ପ୍ରଦର୍ଶିତ କରିଥିଲେ । ଶୋମା ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ତ୍ରିଧାରାର ସହକାରୀ ନିର୍ଦ୍ଦେଶକ ପ୍ରଭୁତୋଷ ପଣ୍ଡା ସହଯୋଗ କରିଥିଲେ।



"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



# ପୋଲାଭରମ୍‌ର କଥା ଓ ବ୍ୟଥା

## ଆନ୍ଧ୍ର ଦାଦାଗିରିର ଅନ୍ତ କାହିଁ !

ଓଡ଼ିଶାର ପ୍ରବଳ ବିରୋଧ ସତ୍ତ୍ୱେ ଆନ୍ଧ୍ରପ୍ରଦେଶ ସରକାର ଏକତରଫା ଭାବରେ ପୋଲାଭରମ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ଆଗେଇ ନେଇ ଏହାକୁ ଶେଷ ପର୍ଯ୍ୟାୟରେ ପହଞ୍ଚାଇ ସାରିଲେଣି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶା ବିଶେଷ ଭାବରେ କ୍ଷତିଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ମାଲକାନଗିରି ଜିଲ୍ଲାର ବିସ୍ତୃତ ଅଞ୍ଚଳ ଜଳମଗ୍ନ ହେବାର ସମ୍ଭାବନା ରହିଛି। ଜଳ ସମ୍ପଦ ବିଭାଗର ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ପୋଲାଭରମ୍ ପ୍ରକଳ୍ପର ଉଚ୍ଚତା ୧୫୦ ଫୁଟ୍ ହୋଇଥିବାରୁ ୫୦ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ଆସିବା ନିଶ୍ଚିତ ମନେହେଉଛି, ଯଦ୍ୱାରା ମାଲକାନଗିରି ଜିଲ୍ଲା ଭୀଷଣ ଭାବରେ କ୍ଷତିଗ୍ରସ୍ତ ହେବ। ବିଶେଷ କରି ମୋଟୁ ନିକଟରେ ୧୯୪ ଫୁଟ୍ ଉଚ୍ଚତାର ପଛୁଆ ଜଳ ଏହି ଜିଲ୍ଲାର ବିସ୍ତୃତ ଅଞ୍ଚଳକୁ ବୁଡ଼ାଇ ରଖିବ। କେବଳ ଓଡ଼ିଶା ନୁହେଁ, ତେଲେଙ୍ଗାନା ଓ ଛତିଶଗଡ଼ ମଧ୍ୟ ଉଣା ଅଧିକେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥିବାରୁ ଏହି ଦୁଇ ରାଜ୍ୟ ମଧ୍ୟ ପୋଲାଭରମ୍ ଜଳ ପ୍ରକଳ୍ପକୁ ବିରୋଧ କରୁଛନ୍ତି। ଆନ୍ଧ୍ର ସରକାରଙ୍କ ମନମାନି ବିରୋଧରେ ଓଡ଼ିଶା, ଛତିଶଗଡ଼ ଓ ତେଲେଙ୍ଗାନା ସରକାର ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)ଙ୍କ ଦ୍ୱାରସ୍ଥ ହୋଇ ପୋଲାଭରମ୍ ପ୍ରକଳ୍ପ ବନ୍ଦ ରଖିବାକୁ ଆବେଦନ କରିଛନ୍ତି ଏବଂ ଏହା ବର୍ତ୍ତମାନ କୋର୍ଟଙ୍କ ବିଚାରାଧୀନ ରହିଛି। ଏସବୁ ସତ୍ତ୍ୱେ ଆନ୍ଧ୍ର ସରକାର ନ୍ୟାୟାଳୟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ପର୍ଯ୍ୟନ୍ତ ଅପେକ୍ଷା ନରଖି ଖୁବ୍ ତରବରିଆ ଭାବେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି ଏବଂ ଆସନ୍ତା ବର୍ଷ (୨୦୨୬) ଅକ୍ଟୋବର ସୁଦ୍ଧା ଏହା ଶେଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିବାର ଜଣାପଡିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଆନ୍ଧ୍ର ସରକାରଙ୍କ ଏହି ମନମୁଖୀ କାର୍ଯ୍ୟରେ କେନ୍ଦ୍ର ସରକାର ସବୁପ୍ରକାର ସହଯୋଗ କରୁଥିବାର ଲକ୍ଷ୍ୟ କରାଯାଉଛି। ପ୍ରଥମତଃ କେନ୍ଦ୍ର ସରକାର ଓଡ଼ିଶା, ଛତିଶଗଡ଼ କିମ୍ବା ତେଲେଙ୍ଗାନାର ଆପତ୍ତି ଅଭିଯୋଗ ପ୍ରତି କର୍ଣ୍ଣପାତ ନକରି ପୋଲାଭରମ୍‌କୁ ଏକ ଜାତୀୟ ପ୍ରକଳ୍ପ ମାନ୍ୟତା ପ୍ରଦାନ କଲେ। ପରବର୍ତ୍ତୀ ସମୟରେ ପ୍ରକଳ୍ପ ନିର୍ମାଣ ନିମନ୍ତେ ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରି ଅର୍ଥରାଶି ଅଜାଡ଼ିବାରେ ଲାଗିଛନ୍ତି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏହି ବିବାଦୀୟ ପ୍ରକଳ୍ପ ନିମନ୍ତେ ଆନ୍ଧ୍ର ସରକାରଙ୍କୁ ୧୨ହଜାର ୧୫୭କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ୨୦୨୫-୨୬ ବର୍ଷ ବଜେଟ୍‌ରେ ୫ହଜାର ୯୩୬ କୋଟି ଟଙ୍କା ବରାଦ୍ କରିଛନ୍ତି। ଓଡ଼ିଶାର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଅଣଦେଖା କରି ଆନ୍ଧ୍ର ସରକାରକୁ ଏକ ବେଆଇନ୍ ନିର୍ମାଣ କାର୍ଯ୍ୟ ପାଇଁ କେନ୍ଦ୍ର ପ୍ରୋତ୍ସାହନ ଦେବା ସଂଘୀୟ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଏହାରି ଭିତରେ ପୋଲାଭରମ୍ ପ୍ରକଳ୍ପକୁ ନେଇ ଏକ ଏକ ଉତ୍ସାହଜନକ ଖବର ସାମ୍ନାକୁ ଆସିଛି, ଯାହା ନ୍ୟାୟ ପାଇଁ ଲଢ଼େଇ କରୁଥିବା ଓଡ଼ିଶାକୁ କିଛିଟା ଆଶ୍ୱସ୍ତି ଆଣି ଦେଇଛି। ପୋଲାଭରମ୍ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିବା ପାଇଁ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଣ୍ଟା ଭିଡ଼ିଛନ୍ତି ଏବଂ ଆସନ୍ତା ୨୮ ତାରିଖରେ ଏଥିନେଇ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇଛି। ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଚାରି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଏହି ବିବାଦୀୟ ପ୍ରସଙ୍ଗରେ ଆଲୋଚନା କରିବାକୁ ଆଗ୍ରହୀ ହେବା ସ୍ୱାଗତଯୋଗ୍ୟ ମନେହେଉଛି। ସମୀକ୍ଷା ବୈଠକରେ ଓଡ଼ିଶାର ଯୁକ୍ତିକୁ ଦୃଢ଼ ଭାବରେ ଉପସ୍ଥାପନ କରାଯିବ ବୋଲି ରାଜ୍ୟ ଆଇନମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ଆନ୍ଧ୍ର ସରକାର ପୋଲାଭରମ୍‌ର ନିର୍ମାଣ କାର୍ଯ୍ୟକୁ ଶେଷ ସ୍ପର୍ଶ ଦେବାକୁ ଯାଉଥିବା ଦୃଷ୍ଟିରୁ ବିବାଦର କିଭଳି ସମାଧାନ ହେବ, ତାହା ସମୟ ହିଁ କହିବ।

## ନୀତିବାଣୀ

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ସକଳ ତୀର୍ଥ ଘେନି କରି...



**ସୌର ଚନ୍ଦ୍ର ମହାପାତ୍ର**
ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ
ମୋ : ୯୪୩୭୦୦୪୪୬୬

'ସାକ୍ଷାତ ବୈକୁଣ୍ଠରୂପଂ ତତକ୍ଷେତ୍ରଂ ଶ୍ରୀପୁରୁଷୋତ୍ତମ, କ୍ଷେତ୍ରାଣାମ୍ ଅପି କ୍ଷେତ୍ରଂ ଚ ତୀଥନାମପି, ଯଦବରମ୍।' ଯୁଗେ ଯୁଗେ ପାବକତ୍ୱର ମହାମହିମାରେ ଶ୍ରୀକ୍ଷେତ୍ର ତୀର୍ଥରାଜର ଗୌରବ ଲାଭ କରିଛି। କାରଣ ଏ କ୍ଷେତ୍ର ଦେବ ଦୁର୍ଲ୍ଲଭ, ସମସ୍ତ ତୀର୍ଥର ମୌଳିକତା ତୀର୍ଥରାଜ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପ୍ରକଟିତ। ଏହା କେବଳ ସମ୍ଭବ ହୋଇଛି ତୀର୍ଥ ଶିରୋମଣି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ। ତେଣୁ ଭାଗବତକାର ଯଥାର୍ଥରେ କହିଛନ୍ତି - 'ସକଳ ତୀର୍ଥ ଘେନି କରି, ନୀଳ କନ୍ଦରେ ବିଜେ ହରି।'

ଜଗନ୍ନାଥ ମହାପ୍ରଭୁ ସମଗ୍ର ହିନ୍ଦୁ ସନାତନ ଜଗତର ପରମାରାଧ୍ୟ ଦେବତା ଓ ଅବତାରୀ ପୁରୁଷର ସାର୍ଥକ ବିଗ୍ରହ। ସେ ସର୍ବଧର୍ମ ମତବାଦ ସମନ୍ୱୟର ମହାନ ପ୍ରତୀକ। ସେ ଦାରୁଦେବତା ସେ ସନ୍ଥ ତୁଳସୀ ଦାସଙ୍କ ନୟନାଭିରାମ, ସେ ବୈଷ୍ଣବୀୟ ଦର୍ଶନରେ ବୃନ୍ଦାବନ ଚନ୍ଦ୍ରେଶ୍ୱର ଶ୍ରୀକୃଷ୍ଣ ଓ ରସବତୀ ରାଧିକାଙ୍କ ଘନଯୁଗଳ ବିଗ୍ରହ। ଶୈବ ବିଚାରରେ ସେ ଶିବ ବା ଭୈରବ। ଶାକ୍ତ ମତରେ ସେ ହେଉଛନ୍ତି ଗଣେଶ, ଜୀବମାନଙ୍କର ଜୀବନାଥ। ଏଣୁ ତାଙ୍କର ତତ୍ତ୍ୱ ରୂପ ଓ ଦର୍ଶନ ମାନବ ଚିନ୍ତା ଓ ଚେତନାର ବହୁ ଉର୍ଦ୍ଧ୍ୱରେ।

ପ୍ରତିବର୍ଷ ଆନ୍ଧ୍ରପ୍ରଦେଶର ପବିତ୍ର ତୀର୍ଥକ୍ଷେତ୍ର ତିରୁପତି ଠାରେ ନୀଳାଦ୍ରୀରେ ଜଗନ୍ନାଥଙ୍କର ରଥୋତ୍ସବ ଭଳି ଶେଷାଦ୍ରିରେ ପ୍ରଭୁ ଭେଙ୍କଟନାଥଙ୍କର ମଧ୍ୟ ବ୍ରହ୍ମୋତ୍ସବ ନଅଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥ ଏବଂ ତାଙ୍କ ମନ୍ଦିରର ଉତ୍ପତ୍ତି, କ୍ରମବିଶକା, ନିର୍ମାଣବିଧି, ପୂଜାପର୍ବାଣ, ମହୋତ୍ସବ, ଦୈନନ୍ଦିନ ନୀତି, କ୍ଷେତ୍ର ମାହାତ୍ମ୍ୟ ଇତ୍ୟାଦି ବିଷୟରେ ଅନେକ ଉପାଖ୍ୟାନ ଯେଭଳି ଅନେକ ପୁରାଣ ଯଥା ସ୍କନ୍ଦ, ନୀଳାଦ୍ରି ମହୋତ୍ସବ, ପଦ୍ମ, ବାମଦେବ ସଂହିତା ପ୍ରଭୃତିରୁ ମିଳିଥାଏ, ଠିକ୍ ସେହିଭଳି ପ୍ରଭୁ ଭେଙ୍କଟେଶ ତଥା ଭେଙ୍କଟାଚଳ ବା ଶେଷାଚଳଙ୍କର ଆବିର୍ଭାବ, ମାହାତ୍ମ୍ୟ, ଯାନିଯାତ୍ରା ବିଷୟରେ ସ୍କନ୍ଦ, ପଦ୍ମ ପ୍ରଭୃତି ବିଭିନ୍ନ ପୁରାଣରୁ ସମ୍ୟକ ସୂଚନା ମିଳିଥାଏ। ଏହି ପୌରାଣିକ ଉପାଖ୍ୟାନ ଅନୁସାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପରେ ଏହାର ପ୍ରତିଷ୍ଠା କାର୍ଯ୍ୟ ଯେଭଳି ଭଗବାନ ବ୍ରହ୍ମା ସ୍ୱୟଂ ସଂପାଦନ କରି ତାଙ୍କର ନବଦିନ ବ୍ୟାପୀ ରଥଯାତ୍ରା କରିବା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଠିକ୍ ସେହିଭଳି ଶେଷାଚଳ ବା ଭେଙ୍କଟେଶଙ୍କର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସ୍ୱୟଂ ବ୍ରହ୍ମା ସଂପାଦନ କରି ତାଙ୍କର ନବଦିନ ବ୍ୟାପୀ ରଥଯାତ୍ରାର ପ୍ରବର୍ତ୍ତନ କରାଇଥିଲେ, ଯାହାକି, ଆଜି 'ବ୍ରହ୍ମୋତ୍ସବ' ବୋଲି କୁହାଯାଏ। ଏ ସଂପର୍କରେ ପ୍ରଫେସର ହରେକୃଷ୍ଣ ଶତପଥୀ ଯାହା କହନ୍ତି।

ଜଗନ୍ନାଥଙ୍କର ରଥୋତ୍ସବ ଏକ ପର୍ବତ ନୀଳାଚଳ ବା ନୀଳାଦ୍ରିରେ ଯେଭଳି ଅନୁଷ୍ଠିତ ହୋଇଥାଏ, ଠିକ୍ ସେହିଭଳି ପ୍ରଭୁ ଭେଙ୍କଟନାଥଙ୍କର ରଥଯାତ୍ରା ମଧ୍ୟ ବ୍ରହ୍ମୋତ୍ସବ ନାମରେ ଅନ୍ୟ ଏକ ପବିତ୍ର ପର୍ବତ ତାମିଲ ଭାଷାରେ ତିରୁମଲ୍ଲ ତିରୁ ଅର୍ଥ ଶ୍ରୀ ମଲ୍ଲଅର୍ଥ ପର୍ବତ। ଶେଷାଚଳ ବା ଶେଷାଦ୍ରିରେ ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥଙ୍କ ରଥୋତ୍ସବ ଯେଭଳି ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ ଠିକ୍ ସେହିଭଳି ବ୍ରହ୍ମୋତ୍ସବ ମଧ୍ୟ ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ପୌରାଣିକ ଆଖ୍ୟାନ ଅନୁସାରେ ରଥଯାତ୍ରାର ପ୍ରବର୍ତ୍ତକ ଯେଉଁଭଳି ସ୍ୱୟଂ ବ୍ରହ୍ମା, ଠିକ ସେହିଭଳି ବ୍ରହ୍ମୋତ୍ସବର ଆଦିମ ପ୍ରବର୍ତ୍ତକ ମଧ୍ୟ ସ୍ୱୟଂ ବ୍ରହ୍ମା। ଏଠାରେ ଉଲ୍ଲେଖନୀୟ ଯେ ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ତିରୁପତି କ୍ଷେତ୍ର ବହୁତ ଦିନ ଧରି ତାମିଲନାଡୁର ଏକ ଅଂଶବିଶେଷ ଭାବରେ ରହିଥିଲା ଏବଂ ୧୯୫୬ ମସିହାରେ ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶ ଗଠନ ପରେ ଏହାକୁ ଆନ୍ଧ୍ରରେ ମିଶାଇ ଦିଆଯାଇଥିଲା। ତେଣୁ ମନ୍ଦିରର ପୂଜା ପଦ୍ଧତି, ସଂସ୍କୃତି ଓ ପରମ୍ପରା ତଥା ତିରୁପତିର ଭାଷା, ଚଳଣି ଓ ପରମ୍ପରା ମଧ୍ୟ ତାମିଲନାଡୁର ପରମ୍ପରା ଦ୍ୱାରା ପ୍ରଭାବିତ ହୋଇଛି।

ଗୀତାରେ ଭଗବାନ ପ୍ରକାଶ କରିଛନ୍ତି, 'ମୁଁ ଜଡ଼ସମୂହର ଅତୀତ, ଚେତନ ପଦାର୍ଥ ଅପେକ୍ଷା ଶ୍ରେଷ୍ଠ। ମୁଁ ବେଦ ଓ ପୁରାଣରେ ପୁରୁଷୋତ୍ତମ ନାମରେ ଖ୍ୟାତ। ଶ୍ରୀକ୍ଷେତ୍ରରେ ଅନ୍ୟନାମ ପୁରୁଷୋତ୍ତମ କ୍ଷେତ୍ର ଓ ଅଧିଷ୍ଠିତ ଦେବତା ପୁରୁଷୋତ୍ତମ ନାମରେ ପ୍ରସିଦ୍ଧି ଲାଭ କରି ଅଛନ୍ତି। ଗୀତାର ବାଣୀକୁ ତତ୍ତ୍ୱବିଦମାନେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରତ୍ୟକ୍ଷ କରିଅଛନ୍ତି। ସକଳ ଧର୍ମ, ସକଳ ଦର୍ଶନ, ସକଳ ସଂସ୍କୃତିର କେନ୍ଦ୍ରବିନ୍ଦୁ ଶ୍ରୀଜଗନ୍ନାଥ।

# ଘର ନୁହେଁ ମୋର ସିଏ ସରଗପୁର...



**ନିରୂପମା ଭୂୟାଁ**
ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା)
ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା
ପଲାଇ ବାଲିଚନ୍ଦ୍ରପୁର, ଯାଜପୁର
ମୋ: ୯୯୩୭୪୭୦୯୮୦

ନାରୀକୁ ଦିଆଯାଉଥିବା ପଦବୀ ଗୃହଲକ୍ଷ୍ମୀ, ଘର ଓ ପରିବାରର ସବୁପ୍ରକାର ସମୃଦ୍ଧି, ଆଦର ଓ ସୁନାମ ବୃଦ୍ଧି କରିବା ନାରୀ ଠାରୁ ଆଶା କରାଯାଏ। ଆଉ ଏକ ନାମ ଅର୍ଦ୍ଧାଙ୍ଗୀନୀ, ସ୍ୱାମୀର ଅର୍ଦ୍ଧାଙ୍ଗୀନୀ ଓ ତା'କାମରେ ସହଯୋଗୀ ଅଟେ। ତା'ପରେ ଘରଣୀ ଘର ଭିତରେ ମାଲିକ, ଚତୁର୍ଥ ଉପାଧି ଧର୍ମପତ୍ନୀ, କାରଣ ଘର ହେଉଛି ସମସ୍ତ ଧର୍ମ କର୍ମର ପୀଠସ୍ଥଳ। 'ଘର ନୁହେଁ ମୋର ସିଏ ସରଗପୁର, ମୋ ଘରେ ମୋ ପିତାମାତା ଚଳନ୍ତି ଠାକୁର।' ସତ୍ୟ ଧର୍ମ ଶାନ୍ତି ପ୍ରେମ ମୋ ଭାଇ ଭଉଣୀ, ଅହିଂସା ପଥରେ ନାମ କେବେ ଝୁଣ୍ଟିବନି।' ସେଥିଲାଗୁ କୁହାଯାଉଛି ପ୍ରଥମେ ଘର ତା'ପରେ ଅନ୍ୟ ଚିନ୍ତା କର। ନାରୀମାନଙ୍କୁ ସାମାନ୍ୟ ମନେ କରିବା ଉଚିତ ନୁହେଁ। ନାରୀମାନେ ସାତ ପ୍ରକାର ଶକ୍ତିର ଅଧିକାରୀ, ପୁରୁଷ ତିନୋଟି ଗୁଣର ଅଧିକାରୀ। ନାରୀମାନଙ୍କୁ ପୁରୁଷମାନଙ୍କ ଠାରୁ ହୀନ ମନେକରିବା ପାପ। ନାରୀ ସେମାନଙ୍କ ମୃତ ପତିମାନଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରନ୍ତି। ପୁରୁଷ ନୁହେଁ ସଙ୍ଗେ ସଙ୍ଗେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବାର ଆଗଭରା। ସୀତା ପବିତ୍ରତାର ସ୍ୱରୂପ। ପରମ ପତିବ୍ରତା ନାରୀ। ତାଙ୍କ ହୃଦୟ ନିର୍ମଳ। ସୁମିତ୍ରା, ଉର୍ମିଳା ତ୍ୟାଗର ପ୍ରତୀକ। ଯେତେବେଳେ ଲକ୍ଷ୍ମଣ ସୁମିତ୍ରାଙ୍କ ପାଖକୁ ଯାଇ ଆଶୀର୍ବାଦ ଭିକ୍ଷାଲାଭ କଲେ ସେତେବେଳେ ସୁମିତ୍ରା ଲକ୍ଷ୍ମଣଙ୍କୁ କହିଥିଲେ ହେ ମୋର ପ୍ରିୟ ପୁତ୍ର ରାମ ତୋର ପିତା, ସୀତା ତୋର ମାତା ସେମାନଙ୍କ ସେବାରେ ତୋର ଯେପରି ପ୍ରତିବନ୍ଧକ ନହେଉ। ଏପରି କଥା କୌଣସି ମାତା କହିପାରିବ ନାହିଁ। ତା'ପୁଅ ରାମ ପାଇଁ ଚଉଦ ବର୍ଷ ବନକୁ ଯାଉ। ସେହିପରି ଉର୍ମିଳା ଲକ୍ଷ୍ମଣଙ୍କୁ ବନକୁ ଯିବାର ବାରଣ ନକରି ସେ କିପରି ରାମ ସୀତାଙ୍କ ସେବା କରିବେ ତାଙ୍କ ସ୍ୱାମୀଙ୍କୁ କହିଥିଲେ।

ମନ୍ଦୋଦରୀ ମଧ୍ୟ ରାବଣ ଅସତ୍ ପଥରେ ଯାଉଥିବା ଦେଖି କେତେ ବୁଝାଇ ଥିଲେ। ଯେତେବେଳେ ସୀତା ଅଶୋକ ବନରେ ଥିଲେ ସେ ରାବଣଙ୍କୁ କହିଥିଲେ, ଅନ୍ୟଜଣଙ୍କ ପତ୍ନୀକୁ ଅପହରଣ କରିବା ସବୁଠୁ ଜଘନ୍ୟ ଅପରାଧ। ଟିକେ ଚିନ୍ତାକର ଯଦି ମୋତେ କିଏ ଅପହରଣ କରିନିଏ ତୁମର ଅବସ୍ଥା କ'ଣ ହେବ। ପତ୍ନୀର ଅଧିକାର ଅଛି ସ୍ୱାମୀ କୁପଥରେ ଗଲେ ବାରଣ କରିବା। ରାବଣ ମନ୍ଦୋଦରୀଙ୍କ କଥା ଶୁଣିନଥିଲେ ରାବଣର ନିହତ ହେଲା। କୁନ୍ତୀ ହେଉଛନ୍ତି ଆଦର୍ଶ ଭକ୍ତିର ପ୍ରତୀକ। ସେ କୃଷ୍ଣଙ୍କୁ କହିଥିଲେ ମୁଁ ଦେହତ୍ୟାଗ କରି ତୁମ ପାଦତଳେ ବିଲୀନ ହେବାଯାଏ ମୋତେ କଷ୍ଟ ଦେଉଥାଅ। କୃଷ୍ଣ କହିଥିଲେ ଯେହେତୁ ମହାରାଜ ପଣ୍ଡୁଙ୍କୁ ବିବାହ କଲା ଦିନଠୁ କଷ୍ଟ ପାଉଛ, ତାହା ଯଥେଷ୍ଟ ନୁହେଁ କି? କୁନ୍ତୀ କହିଥିଲେ କଷ୍ଟ ଭୋଗିବାରେ ଯେଉଁ ସୁଖ ଅଛି ତାହା କେବଳ ମୁଁ ଜାଣେ କାରଣ ଯେ ପିଲାମାନେ ଓ ମୁଁ ତୁମର ଯେଉଁ ଦିବ୍ୟ ସାନ୍ନିଧ୍ୟ ଉପଭୋଗ କରିଆସୁଛି ତାହା ହିଁ ମୋତେ ଆନନ୍ଦ ଦେଉଛି। ସେହିପରି ନାରୀ ଦ୍ରୌପଦୀ ଦୟାର ମୂର୍ତ୍ତୀମନ୍ତ। ଅଶ୍ୱତ୍ଥାମା ଉପପାଣ୍ଡବଙ୍କୁ ହତ୍ୟା କରିସାରିଲା ପରେ ଯେତେବେଳେ ଦ୍ରୌପଦୀ ଏତେ ଦୁଃଖ ସହି ମଧ୍ୟ ଅର୍ଜ୍ଜୁନଙ୍କୁ କହିଥିଲେ ମୁଁ ଯେପରି ମୋର ପୁତ୍ରଙ୍କ ମୃତ୍ୟୁ ପରେ ଯେତେ ଦୁଃଖ ପାଉଛି ମୁଁ ଚାହେଁ ନାହିଁ ମୋ ପରି କେହି ମାତା ଦୁଃଖ ପାଉ।

ଏ ପୁରାଣ ବର୍ଣ୍ଣିତ କଥା ଗଲା ସେହିପରି ପୂତଲୀବାଇ, ଶାରଳା ଦେବୀ, ମଦର ଟେରେସା, ରମାଦେବୀ, ଏମିତି କେତେ ଯେ ମହିମାନାରୀ ଆମ ଦେଶରେ ଆମ ପାଇଁ ଚିରସ୍ମରଣୀୟ ହୋଇଛନ୍ତି ତା'ର କଳନା ନାହିଁ। ନାରୀ ହୃଦୟ ଅଟନ୍ତି ପବିତ୍ର କାରଣ ତାହା ଅମୃତତମ ପ୍ରେମ କରୁଣାର ପରିପୂର୍ଣ୍ଣ। ବେଳେ ବେଳେ ନାରୀମାନେ ରାଗି ଯାଆନ୍ତି କାରଣ ସେମାନେ କିନ୍ତୁ ସେମାନେ ସଙ୍ଗେ ସଙ୍ଗେ ମିଳାମିଶା କରନ୍ତି। କଳିଯୁଗର ପ୍ରଭାବ ଯୋଗୁଁ ଅର୍ବାଚିତ ନାରୀମାନଙ୍କ ଠାରେ ବେଳେବେଳେ ପ୍ରେମଭାବର ଅଭାବ କଥା ଦେଖାଯାଉଛି। ସେହିପରି କ୍ୱଚିତ ନାରୀମାନଙ୍କ ପାଇଁ ଘର ପରିବାର ଭିତରେ ଭିନ୍ନ ଭାବନା ସୃଷ୍ଟି ହେଉଛି। ଅନେକ ପରିବାର ଭାଙ୍ଗି ଯାଉଛି ଏବଂ ଭାଇ ଭାଇଙ୍କ ଭିତରେ ସମ୍ପର୍କ ମଧ୍ୟ ତିକ୍ତ ଆସି ଅତ୍ୟନ୍ତ ଜଟିଳପୂର୍ଣ୍ଣ ଓ ଆହ୍ୱାନ ଦାୟକ ସମସ୍ୟା ସୃଷ୍ଟି କରୁଛି। କିନ୍ତୁ ଆଜି ଗୁଣବତୀ ଓ ଶୀଳବତୀ ନାରୀ ଅଛନ୍ତି। ଏତାଦୃଶ ମହିମାମୟୀ ନାରୀମାନଙ୍କ ଉପରେ ନିର୍ଭର କରେ। ତେଣୁ ସେମାନଙ୍କୁ ହୀନ ଦୃଷ୍ଟିରେ ଦେଖିବା ନାହିଁ। ସବୁ ବୟସ୍କା ନାରୀମାନଙ୍କୁ ଆମେ ଆମର ମାତା ଭାବରେ ଓ ଅଳ୍ପ ବୟସ୍କା ଆମର ଭଉଣୀ ଭାବରେ ଦେଖିବା। ମାତା ଜଣେ ସାଧାରଣ ନାରୀ ନୁହନ୍ତି। ସେ ଦେବୀ ସ୍ୱରୂପିଣୀ ତାଙ୍କର ପ୍ରାର୍ଥନା କର। ଥରେ ଆମେ ଆମର ମାତା ଆଶୀର୍ବାଦ ଲାଭ କଲେ ପୃଥିବୀର ଯେ କୌଣସି କଥା ହାସଲ କରିବ ତାକୁ କଦାପି ଅବଜ୍ଞା ଅପ୍ରସନ୍ନ କରିବାନାହିଁ। 'ନାରୀ ଅସମ୍ମାନ କରନାହିଁ କେବେ, ନାରୀ ନାମେ ଆମ ଦେଶ। ଯେଉଁ ଘରେ ନାରୀ ଲୁହକୁ ଗଡ଼ାଏ, ସେ ଘର ହୁଅଇ ଧ୍ୱଂସ।'

# ଓଡ଼ିଆ ସିନେମାରେ ଜଗନ୍ନାଥ

**ବାଦଲ ଭୂୟାଁ**
୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼,
ପୁରୁଣା ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨

ଶ୍ରୀଜଗନ୍ନାଥଙ୍କର ଜନପ୍ରିୟତା କେବଳ ଓଡ଼ିଶା ମଧ୍ୟରେ ସୀମିତ ନରହି ଦେଶ ଭିତରେ ଓ ବାହାରେ ବିଭିନ୍ନ ଅଞ୍ଚଳରେ ପରିବ୍ୟାପ୍ତ। ସାହିତ୍ୟ, ସଙ୍ଗୀତ ଓ ସ୍ଥାପତ୍ୟ ଶିଳ୍ପ ମଧ୍ୟରେ ଜଗନ୍ନାଥ ଧର୍ମ ଓ ସାହିତ୍ୟର ପରିବେଷଣ ବହୁଦିନ କ୍ଷୀପ୍ରତର ହେବାରେ ଲାଗିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅନେକ ଓଡ଼ିଆ ସିନେମା ତିଆରି ହୋଇଛି ଏବଂ ଏହା କୋଟି କୋଟି ଓଡ଼ିଆଙ୍କ ହୃଦୟ ଭିତର ମହାପ୍ରଭୁଙ୍କ କୃପା ବାରିଧାରା ତଥା ଅଲୌକିକ ମହିମାର ଚେତନାକୁ ଜାଗ୍ରତ କରିଛି। ଫିଲ୍ମ ଆମ ସଂସ୍କୃତିର ଅଂଶ ବିଶେଷ। ସାହିତ୍ୟ ଭଳି ଫିଲ୍ମ ଜରିଆରେ ମଧ୍ୟ କେବଳ କଳାତ୍ମକ ଦକ୍ଷତାର ପରିପ୍ରକାଶ ଘଟେନି, ତା ମାଧ୍ୟମରେ ଗୋଟେ ଦେଶ, ରାଜ୍ୟ, ସମାଜ, ଭାଷା ବା ଜାତିର ସାମୂହିକ ଭାବ ପ୍ରବଣତା ବି ପ୍ରକାଶ ପାଏ। ଓଡ଼ିଆଙ୍କ ଜନଜୀବନ ଓ ଭାବ ପ୍ରବଣତାରେ ଜଗନ୍ନାଥଙ୍କ ଗଭୀର ପ୍ରଭାବ ରହିଛି। ତେଣୁ ଆମ ସାହିତ୍ୟ ଓ ଜୀବନଶୈଳୀ ଭଳି ଓଡ଼ିଆ ସିନେମାରେ ବି ଜଗନ୍ନାଥଙ୍କୁ ଆମେ ବାରମ୍ବାର ଭେଟିଛୁ। ଫିଲ୍ମ ନିର୍ମାତାମାନେ ଓଡ଼ିଆ ଜୀବନର ଚିତ୍ର ଆଙ୍କିବାକୁ ଯାଇ କେବେ ଜଗନ୍ନାଥଙ୍କୁ କାହାଣି ଭିତରକୁ ଆଣିଛନ୍ତି ତ ପୁଣି କେବେ ଜଗନ୍ନାଥଙ୍କ ପ୍ରତି ଓଡ଼ିଆଙ୍କ ଭିତରେ ଥିବା ଅନୁରକ୍ତିକୁ ଦେଖି ଭଲ ବ୍ୟବସାୟ ଆଶାରେ ତାଙ୍କୁ ନେଇ ଫିଲ୍ମ ତିଆରି କରିଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ତିଆରି ହୋଇଥିବା ସିନେମା ସମ୍ପର୍କରେ ଆଲୋଚନା କଲାବେଳେ ସର୍ବପ୍ରଥମେ ତିଆରି ହୋଇଥିଲା 'ସୀତା ବିବାହ' ପରେ ୧୯୪୯ ମସିହାରେ 'ଲଳିତା' ଠାରୁ ୨୦୧୪ ମସିହା ଭିତରେ ରିଲିଜ ହୋଇଥିବା 'ବାଇଶି ପାହାଚେ ଖେଳିବ ମୀନ' ଭିତରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଫିଲ୍ମର କାହାଣୀରେ ଜଗନ୍ନାଥ ବା ତାଙ୍କୁ ନେଇ ସୃଷ୍ଟି ହୋଇଥିବା ଲୋକକଥାର ସିଧା ବର୍ଣ୍ଣନା ରହିଛି। ତା ବାହାରେ ଆହୁରି ଅନେକ ଫିଲ୍ମରେ ଜଗନ୍ନାଥଙ୍କ ମହିମା ଓ ତାଙ୍କର ଭଜନ ଆଦି ସ୍ଥାନ ପାଇଛି। ଓଡ଼ିଶାର ପ୍ରଥମ ଫିଲ୍ମ 'ସୀତାବିବାହ' ରିଲିଜ ହୋଇଥିଲା ୧୯୩୬ ମସିହାରେ। ତାପରେ ଦ୍ୱିତୀୟ ଓଡ଼ିଆ ଫିଲ୍ମ 'ଲଳିତା' ରିଲିଜ ହୋଇଥିଲା ୧୯୪୯ରେ। ଶ୍ରୀମନ୍ଦିର ନିର୍ମାଣ କାହାଣୀର ଆଧାରରେ ଏ ଫିଲ୍ମଟି ତିଆରି ହୋଇଥିଲା। ୧୯୫୦ ମସିହାରେ ରିଲିଜ ହୋଇଥିଲା ତୃତୀୟ ଓଡ଼ିଆ ଫିଲ୍ମ 'ଶ୍ରୀଜଗନ୍ନାଥ'। ରୂପ ଭାରତୀ ପବ୍ଲିକ ଲିମିଟେଡ ବ୍ୟାନରେ ନିର୍ମିତ 'ଶ୍ରୀଜଗନ୍ନାଥ' ପଛରେ ଗୋପାଳ ଘୋଷଙ୍କ ପ୍ରଚ୍ଛନ୍ନ ଭୂମିକା ଥିଲା। ଏହାର ନିର୍ଦ୍ଦେଶକ ଥିଲେ ଗୋପାଳ ଘୋଷଙ୍କ ମାଉସୀ ପୁଅ ଭାଇ ଚିତ୍ତରଂଜନ ମିତ୍ର। ସଙ୍ଗୀତ ନିର୍ଦ୍ଦେଶକ ଥିଲେ ରଣଜିତ ରାୟ ଓ ତାଙ୍କର ସହକାରୀ ଥିଲେ ବାଳକୃଷ୍ଣ ଦାଶ। ଏଥିରେ ଅଭିନୟ କରିଥିଲେ ସାମୁଏଲ ସାହୁ, ଭୋଳାନାଥ ଦାସ, ବିମ୍ବାଧର ମହାପାତ୍ର, ଖଗେନ୍ଦ୍ର ନାଥ ମିତ୍ର, ଗୋପାଳ ଘୋଷ, ରାମଚନ୍ଦ୍ର ମାଣିଆ, କାର୍ତ୍ତିକ ଘୋଷ, ଗୌର ଘୋଷ, ସୀତା ଦେବୀ, ଗ୍ଲୋରିଆ ରାଉତ, ବିଦ୍ୟୁତଲତା ଦେବୀ ଓ ଶିଶୁ କଳାକାହାର ଭାବେ ପାର୍ବତୀ ଘୋଷ। ଫିଲ୍ମଟି ମୁକ୍ତିଲାଭ କରି ପ୍ରଚୁର ସଫଳତା ହାସଲ କରିଥିଲା। ଏଥିରେ ବଙ୍ଗଳା ଓ ତେଲଗୁ ଡବିଂ ମଧ୍ୟ ହୋଇଥିଲା। ଶ୍ରୀଜଗନ୍ନାଥର ତେଲଗୁ ରୂପାନ୍ତ ସମଗ୍ର ଦକ୍ଷିଣ ଭାରତରେ ଚହଳ ସୃଷ୍ଟି କରିଥିଲା। ବଙ୍ଗଳା 'ଶ୍ରୀଜଗନ୍ନାଥ' ବିଷୟରେ ଇଂରାଜୀ ସୃଷ୍ଟି କରିଥିଲା। ବଙ୍ଗଳା 'ଶ୍ରୀଜଗନ୍ନାଥ' ବିଷୟରେ ଇଂରାଜୀ ଖବର କାଗଜ 'ଦି ଷ୍ଟେଟସମ୍ୟାନ'ରେ ଯେଉଁ ଖବରଟି ପ୍ରକାଶିତ ହୋଇଥିଲା ତାର ଶୀର୍ଷକ ଥିଲା 'ଶ୍ରୀଜଗନ୍ନାଥ ବ୍ରିଙ୍ଗସ ଖ୍ରୀସମସ୍ ଇନ କ୍ୟାଲକାଟା'।

୧୯୫୦ରୁ ୧୯୫୧ ପର୍ଯ୍ୟନ୍ତ ଏହି ଧାରା ନିରବ ରହିଲା। କାରଣ 'ଶ୍ରୀଜଗନ୍ନାଥ'ର ପ୍ରଚୁର ସଫଳତା ପରେ ଅନ୍ୟ କେହି ଜଗନ୍ନାଥଙ୍କୁ ନେଇ ଫିଲ୍ମ କରିବାକୁ ଉଚିତ ମନେକଲେ ନାହିଁ। ଜଗନ୍ନାଥଙ୍କର ଭିନ୍ନ ଅନ୍ୟ କାହାଣୀ ନେଇ ଫିଲ୍ମ କରିବାରେ ବିଫଳତା ତଥା ଶ୍ରୀଜଗନ୍ନାଥକୁ ଟପି ନପାରିବାର ଭୟ ଏହାର କାରଣ ହୋଇପାରେ। ତେବେ ୧୯୫୯ ମସିହାରେ ଆସ୍କାର କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା ପ୍ରସ୍ତୁତ କଲେ 'ମହାଲକ୍ଷ୍ମୀ ପୂଜା'। ୧୯୬୨ରେ ପୁରୀର ସୁକୁମାର ଗାଙ୍ଗୁଲି ପ୍ରସ୍ତୁତ କରିଥିଲେ 'ଶ୍ରୀ ଶ୍ରୀ ପତିତପାବନ'। ଗାଙ୍ଗୁଲି ସେନାବାହିନୀରେ ଫଟୋଗ୍ରାଫର ଚାକିରି କରୁଥିଲେ। ନିଜକୁ ଭଲ ଲାଗୁଥିବା ପୁରୀର କିଛି ଦୃଶ୍ୟର ସୁଟିଂ କରି କଲିକତାରେ ତାର ଏଡିଟିଂ କରି ସେ 'ଶ୍ରୀ ଶ୍ରୀ ପତିତପାବନ' ଫିଲ୍ମ ତିଆରି କରିଥିଲେ। ତାକୁ ବଜାରକୁ ବି ଛାଡ଼ିଥିଲେ। ତେବେ ଏହା ସେପରି ସଫଳତା ପାଇନଥିଲା।

ପରେ ପରେ ଜଗନ୍ନାଥଙ୍କୁ ନେଇ ୧୯୭୩ରେ 'ଜୟଦେବ' ପ୍ରଯୋଜକ କଲ୍ୟାଣ ଗୁପ୍ତ, ନିର୍ଦ୍ଦେଶକ ଶିବ ଭଟ୍ଟାଚାର୍ଯ୍ୟ, କାହାଣୀ ଓ ସଂଳାପ କବିଚନ୍ଦ୍ର କାଳୀଚରଣ ପାଣିଗ୍ରାହୀ, ସଙ୍ଗୀତ ବାଳକୃଷ୍ଣ ଦାଶ, ୧୯୭୭ରେ 'ବନ୍ଧୁ ମହାନ୍ତି' ପ୍ରଯୋଜକ ଧୀରେନ ମହାନ୍ତି, ନିର୍ଦ୍ଦେଶକ ଚିତ୍ରନାଟ୍ୟ ଓ ସଂଳାପ ନିତାଇ ପାଲିତ, ସଙ୍ଗୀତ ପ୍ରଫୁଲ୍ଲ କର, ୧୯୭୯ରେ 'ଶ୍ରୀଜଗନ୍ନାଥ' (ଦ୍ୱିତୀୟ, ପ୍ରଯୋଜକ କ୍ରାନ୍ତି କୁମାର, ନିର୍ଦ୍ଦେଶକ ବିଜୟ ଭାସ୍କର, ସଙ୍ଗୀତ ଅକ୍ଷୟ ମହାନ୍ତି) ଓ 'ନୀଳମାଧବ' ପ୍ରଯୋଜକ, ନିର୍ଦ୍ଦେଶକ ଓ ଚିତ୍ରନାଟ୍ୟ ଜଗନ୍ନାଥ ପ୍ରସାଦ ଭଗତ, ସଙ୍ଗୀତ ନିର୍ମଳ କୁମାର ନିର୍ମାଣ କରାଯାଇଛନ୍ତି। ସେହିପରି ୧୯୮୩ରେ ନିର୍ମାଣ କରାଯାଇଥିଲା 'ଭକ୍ତ ସାଲବେଗ' ୧୯୮୫ରେ 'ଜଗାବଳିଆ', ୧୯୮୬ରେ 'ମାଣିକ' ତଥା ୧୯୮୭ରେ 'ଜୟଦେବ' (ଦ୍ୱିତୀୟ)। ଅମୀୟ ପଟ୍ଟନାୟକ ୧୯୮୮ ମସିହାରେ 'ପୁଅ ମୋର କଳାଠାକୁର', '୧୯୮୯ରେ ଚକା ଆଖି ସବୁ ଦେଖୁଛି' ଓ 'ଆସୁଛି ମୋ କାଳିଆ ସୁନା' ତଥା୧୯୯୦ରେ 'ଚକାଡୋଳା କରୁଛି ଲୀଳା' ଭଳି ଜଗନ୍ନାଥଙ୍କୁ ନେଇ ଚାରିଟି ଫିଲ୍ମ ନିର୍ମାଣ କରିଥିଲେ। ଏ ଫିଲ୍ମ ଗୁଡ଼ିକରେ ସାମାଜିକ କଥାବସ୍ତୁ ଓ ଆଧୁନିକତାର ଛାପ ଥିଲେ ମଧ୍ୟ ଜଗନ୍ନାଥଙ୍କ ମହିମା ସଂପର୍କରେ ବର୍ଣ୍ଣନା ଥିଲା। ସେଗୁଡ଼ିକ ବହୁ ବ୍ୟବସାୟିକ ସଫଳତା ହାସଲ କରିଥିଲା। ୧୯୯୦ ମସିହାରେ 'ଠାକୁର ଅଛନ୍ତି ଚଉବାହାକୁ', ୧୯୯୧ରେ 'କାଳିଆ ଭରସା' ଓ 'କୋଟିଏ ମଣିଷ ଗୋଟଏ ଜଗା', ୧୯୯୨ରେ 'ଏଇ ଆଖି ଆମ ସାକ୍ଷୀ' ଓ 'ହିସାବ କରିବ କାଳିଆ', ୧୯୯୩ରେ 'ପଥର ଖୁସିଛି ବଡ଼ଦେଉଳୁ', ୧୯୯୫ରେ 'ମୋ ଭାଇ ଜଗା' ଓ 'ସୁଭଦ୍ରା', ୧୯୯୬ରେ 'ରଘୁ ଅରକ୍ଷିତ', ୨୦୦୩ରେ 'ବାହୁଡ଼ିବେ ମୋ ଜଗାବଳିଆ', ୨୦୦୪ରେ 'ସାକ୍ଷୀ ରହିଲା ଏ ସିଂହ ଦୁଆର' ଜଗନ୍ନାଥଙ୍କର ମହିମାକୁ ଆଧାର କରି ନିର୍ମିତ ହୋଇଥିଲା। ଏଭିତରକୁ କେତୋଟି ହିଟ୍ ହୋଇଥିବାବେଳେ କିଛି ବ୍ୟବସାୟରେ ସମ୍ପୂର୍ଣ୍ଣ ବିଫଳ ମଧ୍ୟ ହୋଇଥିଲେ।

୨୦୦୭ ମସିହାରେ ରିଲିଜ ହୋଇଥିଲା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ଡ୍ରିମ ପ୍ରୋଜେକ୍ଟ 'ଜୟ ଜଗନ୍ନାଥ'। ଏହି ଫିଲ୍ମ ଉଭୟ ଓଡ଼ିଆ ଓ ହିନ୍ଦୀରେ ନିର୍ମିତ ହୋଇଥିଲା, ପରେ ଇଂରାଜୀ ସମେତ ୧୩ଟି ଆଞ୍ଚଳିକ ଭାରତୀୟ ଭାଷାରେ ଡବିଂ ହୋଇଥିଲା ଏବଂ ସମଗ୍ର ଭାରତ ଓ ଦେଶ ବାହାରେ ମଧ୍ୟ ମୁକ୍ତିଲାଭ କରିଥିଲା। ଜଗନ୍ନାଥଙ୍କୁ ଆଧାର କରି ଏହା ଥିଲା ସବୁଠାରୁ ବଡ଼ ବଜେଟର ଫିଲ୍ମ। ଭରତ ଶାହା ଏହାର ପ୍ରଯୋଜକ ଥିଲାବେଳେ ଶରତ ପୂଜାରୀ, ସାଧୁ ମେହେର, ଶ୍ରୀତମ ଦାସ, ପିଣ୍ଟୁ ନନ୍ଦ, ଦେବାଶିଷ, ଜ୍ୟୋତି ମିଶ୍ର ଓ ମୋହିନୀ ପ୍ରଭୃତି ଏଥିରେ ଅଭିନୟ କରିଥିଲେ। ଏ ତ ଗଲା ଜଗନ୍ନାଥ, ତାଙ୍କ ମହିମା ବା ତାଙ୍କୁ ନେଇ ସୃଷ୍ଟି ହୋଇଥିବା ଲୋକକଥାର ଆଧାରରେ ନିର୍ମାଣ କରାଯାଇଥିବା ଓଡ଼ିଆ ଫିଲ୍ମର ତାଲିକା। ଲକ୍ଷ୍ୟକଲେ ଜାଣିହେବ, ଏ ଫିଲ୍ମଗୁଡ଼ିକର ଶୀର୍ଷକରେ ଜଗନ୍ନାଥ ବା ତାଙ୍କ ସହିତ ସଂପୃକ୍ତ ଚରିତ୍ରଙ୍କ ସୂଚନା ରହିଛି। କିନ୍ତୁ ଯା ବାହାରେ ଆହୁରି ଅନେକ ଓଡ଼ିଆ ଫିଲ୍ମ ଅଛି, ଯେଉଁଠି ପୁରା କାହାଣୀରେ ନଥିଲେ ବି କୋଉଠି କେମିତି ଥରେ ଅଧେ ଶ୍ରୀଜଗନ୍ନାଥ ପରଦା ଉପରେ ଦେଖା ଦେଇଛନ୍ତି। ଗୋଟିଏ ସମୟ ତ ଥିଲା ଯେତେବେଳେ ପ୍ରାୟ ସବୁ ଓଡ଼ିଆ ଫିଲ୍ମରେ ଜଗନ୍ନାଥଙ୍କୁ ନେଇ ଗୋଟିଏ ଗୀତ ବା ତାଙ୍କ ଭଜନ/ ପ୍ରାର୍ଥନା ନିଶ୍ଚିତ ଭାବେ ସ୍ଥାନ ପାଉଥିଲା। ଏବେ ବି କିଛି ଫିଲ୍ମରେ ସେ ଧାରା ବଜାୟ ରହିଥିବାର ଦେଖାଯାଉଛି। ୫-୭ ବର୍ଷ ହେଲା ଓଡ଼ିଆ ଫିଲ୍ମ କାହାଣୀରେ ବହୁତ ପରିବର୍ତ୍ତନ ଆସିଛି। କାହାଣୀ ଗାଁରୁ ଆସି ସହରରେ ପହଞ୍ଚି ଯାଇଛି। ସେଥିରେ ପ୍ରେମ, ହିଂସା ଆଉ କମେଡ଼ି ପ୍ରମୁଖ ସ୍ଥାନ ଅଧିକାର କରି ନେଇଛି। ଧର୍ମ ବା ଧର୍ମ ଭାବପ୍ରବଣତା କ୍ରମେ ଓଡ଼ିଆ ଫିଲ୍ମ କାହାଣୀରୁ ହଜି ଯାଉଛି। ସେଥିପାଇଁ ଜଗନ୍ନାଥଙ୍କୁ ନେଇ ତିଆରି ହେଉଥିବା ଫିଲ୍ମର ସଂଖ୍ୟା ବି ହଠାତ୍ ବହୁ ପରିମାଣରେ କମି ଯାଇଛି। କିନ୍ତୁ ସେ ଧାରା ପୁରା ବନ୍ଦ ହୋଇଯାଇନି। ଗତବର୍ଷ ଆରମ୍ଭରେ ରିଲିଜ ହୋଇଥିବା ଫିଲ୍ମ 'ତୁ ଥିଲେ ମୋର ଡର କାହାକୁ'ରେ ଜଗନ୍ନାଥଙ୍କ ମହିମାର ସୁନ୍ଦର ବର୍ଣ୍ଣନା ରହିଥିଲା। ସେହିପରି ରଜରେ ରିଲିଜ ହୋଇଥିବା ନିର୍ଦ୍ଦେଶକ ସଂଜୟ ନାୟକଙ୍କ ନୂଆ ଫିଲ୍ମ 'ବାଇଶି ପାହାଚେ ଖେଳିବ ମୀନ'ର କାହାଣୀରେ ବି ଜଗନ୍ନାଥଙ୍କୁ ଆମେ ଦର୍ଶନ କରିଛୁ।

ଜଗନ୍ନାଥ ଓଡ଼ିଆର ହୃଦୟର ଠାକୁର। ଓଡ଼ିଆର ନିଶ୍ୱାସ ଓ ବିଶ୍ୱାସରେ ସେ ଅଛନ୍ତି। ତେଣୁ ଜଗନ୍ନାଥଙ୍କୁ ନେଇ ଭଲ ଫିଲ୍ମ ତିଆରି ହେଲେ ଓଡ଼ିଆମାନେ ନିଶ୍ଚୟ ଆକର୍ଷିତ ହୋଇଯିବେ। ଆଜିକାଲି ତ ଐତିହାସିକ ଓ ପୌରାଣିକ ଚରିତ୍ରଙ୍କୁ ନେଇ ବିଗ୍ ବଜେଟ ଫିଲ୍ମ ତିଆରିବା ହଲିଉଡ ଓ ବଲିଉଡରେ ଭାରି ଲୋକପ୍ରିୟ ହେଲାଣି। ସେହି ଶୈଳୀରେ ଶ୍ରୀଜଗନ୍ନାଥଙ୍କୁ ନେଇ ଗଢ଼ି ଉଠିଥିବା ଚମତ୍କାର କିମ୍ବଦନ୍ତୀ ଗୁଡ଼ିକର ଆଧାରରେ ବିଶ୍ୱସ୍ତରରେ ଚମତ୍କାର ବ୍ୟବସାୟିକ ଫିଲ୍ମ ତିଆରି କରିବା ଅସମ୍ଭବ ନୁହେଁ। ସେଥିପାଇଁ କିନ୍ତୁ ଲୋଡ଼ା ଇଚ୍ଛାଶକ୍ତି ଓ ନିଷ୍ଠାପର ଉଦ୍ୟମ।

# ଈଶବାସ୍ୟମ୍ ଇଦଂ ସର୍ବଂ...

**ବିଜୟଲକ୍ଷ୍ମୀ ଶତପଥି**
ଖରିଆର ରୋଡ଼, ନୂଆପଡ଼ା
ମୋ : ୯୬୬୮୭୬୬୮୭୦

ଶ୍ରୀରାମକୃଷ୍ଣ ପରମହଂସ ସର୍ବଦା ସରଳ ଓ ବୋଧଗମ୍ୟ ଭାଷାରେ ନିତିଦିନିଆ ସଂସାରରୁ ଦୃଷ୍ଟାନ୍ତ ଦେଇ ଆଧାତ୍ମିକ ତତ୍ତ୍ୱମାନ ବୁଝାଉଥିଲେ। ଏକଦା ଆଶ୍ରମରେ ସମବେତ ଶିଷ୍ୟଙ୍କୁ ଉପଦେଶ ଛଳରେ କହିଲେ 'ଆଧାତ୍ମିକ ମାର୍ଗ ଅବଲମ୍ବନ ମାଧ୍ୟମରେ ମନୁଷ୍ୟର ମୋକ୍ଷ ପ୍ରାପ୍ତି ହୁଏ। ମାତ୍ର ମୂଢ଼ ମନୁଷ୍ୟ ଆଧାତ୍ମିକତାର ସଦୁପଯୋଗ କରେନାହିଁ। ଏହା ତା'ର ଅଜ୍ଞାନତା ହୋଇପାରେ କିମ୍ବା ଆବଶ୍ୟକ ସାହସ ଅଭାବରୁ ହୋଇପାରେ। ଏଣୁ, ମନୁଷ୍ୟ ନିଜ ବିବେକ ଓ ଜ୍ଞାନ ପ୍ରୟୋଗ କରି ସାହସ ସଞ୍ଚୟ କରିବା ଦରକାର। ଏଭଳି ସୁଯୋଗ କେବଳ ମଣିଷକୁ ମିଳେ।' କଥାଟିକୁ ଆଉ ଟିକେ ପ୍ରାଞ୍ଜଳ ଭାବେ ବୁଝାଇବାକୁ ଯାଇ ସେ ପ୍ରିୟ ଶିଷ୍ୟ ବିବେକାନନ୍ଦଙ୍କୁ କହିଲେ, ତୁମେ ନିଜକୁ ମାଛିଟିଏ ଭାବ। ଏ କଥା ବି କଳ୍ପନା କର ଯେ ତୁମ ସମ୍ମୁଖରେ ରହିଛି ଗୋଟିଏ ଅମୃତ ଭାଣ୍ଡ। ଅମୃତର ସ୍ୱାଦ ଚାଖିବା ପାଇଁ ଭାଣ୍ଡ ଭିତରକୁ ତୁମେ ଡେଇଁବ ନା ଏହାର ଧାରରେ ବସିରହି ଧୀରେ ଧୀରେ ଅମୃତ ପାନ କରିବ? ବିବେକାନନ୍ଦ ସାମାନ୍ୟ ଅପ୍ରତିଭ ହୋଇ ଉତ୍ତର ଦେଲେ, 'ମୁଁ ଭାଣ୍ଡ ଧାରରେ ବସି ଅମୃତ ପାନ କରିବାକୁ ଚେଷ୍ଟା କରିବି। ତା' ଭିତରକୁ ଡେଇଁଲେ ହୁଏ ତ ମୋ ଜୀବନ ଚାଲିଯାଇପାରେ।' ତାଙ୍କ ଉତ୍ତର ଶୁଣି ଶ୍ରୀରାମକୃଷ୍ଣ କହିଲେ, 'ମୂର୍ଖ, ଅମୃତ ଆଣେ ଅମରତ୍ୱ। ଅମୃତରେ ସ୍ନାନ କରି ସଂପୂର୍ଣ୍ଣ ଭାବେ ନିଜକୁ ସେଥିରେ ହଜାଇ ଦେବାରେ କୁଣ୍ଠା କାହିଁକି ? ଏଥିରେ ତ ଭୟର କୌଣସି କାରଣ ନାହିଁ। ଏହା ହେଉଛି ତୁମର ଅଜ୍ଞାନତା। ସାହସର ସହ ସେଥିରେ ସଂପୂର୍ଣ୍ଣ ବୁଡିଗଲେ, ନିମଜ୍ଜିତ ରହିଲେ ଯାଇ ତୁମ ଜୀବନ ସାର୍ଥକ ହେବ। ଏଣୁ ମୋକ୍ଷ ପ୍ରାପ୍ତି ପାଇଁ ଅର୍ଥାତ୍ ଯେ କୌଣସି କ୍ଷେତ୍ରରେ ପୂର୍ଣ୍ଣ ସଫଳତା ପାଇଁ ପୂର୍ଣ୍ଣ ସମର୍ପଣ ଭାବ ଲୋଡ଼ା ତାହା ଭୌତିକ ହେଉ କିମ୍ବା ଆଧାତ୍ମିକ।

ଠିକ୍ ସେହିପରି ରାମକୃଷ୍ଣ ପରମହଂସଙ୍କ ଆଲୋଚନା ସାମ୍ନାକୁ ଆସିଲାବେଳେ ଭଗବାନ ଶ୍ରୀସତ୍ୟସାଇଙ୍କ ଦିବ୍ୟ ସମ୍ଭାଷଣ ଆମ ହୃଦୟ ଭିତରେ ପ୍ରେରଣାର ମହନୀୟତାକୁ ସ୍ପଷ୍ଟ କରିଛି। ଭଗବାନ ଶ୍ରୀସତ୍ୟସାଇ ବାବା ସବୁବେଳେ ଆମକୁ 'ପ୍ରେମ ସ୍ୱରୂପ' ବୋଲି ସମ୍ବୋଧନ କରିଥାନ୍ତି। ଆମେ ସ୍ୱୟଂ ହିଁ ପ୍ରେମ। ନିଜକୁ ପ୍ରେମ କରିବାକୁ ଆମକୁ କିଛି ବି କଷ୍ଟ କରିବାକୁ ପଡ଼ିନଥାଏ କାରଣ ଏହା ସ୍ୱାଭାବିକ କଥା। ତେବେ ଏହି ପ୍ରେମକୁ ପ୍ରାପ୍ତ କରିବାରେ ପ୍ରଥମ କିଏ ? ତାହା ହେଉଛି ଆମ ପରିବାର। ସମଗ୍ର ବିଶ୍ୱରେ ସଂହତି ପାଇଁ ପରିବାର ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ପରିବାର ମଧ୍ୟରେ ସଂହତି ରହିଲେ ହିଁ ସାରା ବିଶ୍ୱରେ ସଂହତି ରହିବ ଏବଂ ପରିବାରରେ ଏକତ୍ୱବୋଧ ହେଉଛି ଏହାର ଚାବି କାଠି। ଏକତ୍ୱ ହେଉଛି ପ୍ରତି ପରିବାରର ପୋଷକ ତତ୍ତ୍ୱ। ଏକତ୍ୱ ହିଁ ଦିବ୍ୟତ୍ୱ। ସମଗ୍ର ସୃଷ୍ଟିରେ ଏକତା ଥିଲେ ମଧ୍ୟ ଆମେ ତା' ମଧ୍ୟରେ ବିବିଧତା ହିଁ ଦେଖିଥାଉ। କିନ୍ତୁ ଆମକୁ ବୁଝିବାକୁ ହେବ ଯେ ଏକତ୍ୱ ବିନା ଏ ସୃଷ୍ଟିର ଅସ୍ତିତ୍ୱ ହିଁ ନାହିଁ। ଗୋଟିଏ ଦର୍ପଣ ଘର ଭିତରକୁ ଯେତେବେଳେ କୁକୁରଟିଏ ଯାଏ ସେ ସର୍ବତ୍ର ତା'ର ପ୍ରତିଛବି କୁକୁର ହିଁ ଦେଖେ ଓ ଭୟଭୀତ ହୋଇପଡ଼େ। ଜୋର୍‌ରେ ଭୋ ଭୋ କଲେ ସବୁ ପଟୁ ତାହା ହିଁ ସେ ଦେଖେ ଏବଂ ଆକ୍ରମଣ କରିବାକୁ ଦର୍ପଣ ଉପରକୁ ଲମ୍ଫ ପ୍ରଦାନ କରେ। ଦର୍ପଣ କାଚଟି ଭାଙ୍ଗିଯାଏ ଏବଂ କୁକୁର ଭାବେ ଯେ ଅନ୍ୟ ସମସ୍ତେ ଚାଲି ଯାଇଛନ୍ତି ଏବଂ ଏବେ ସେ ଭୟମୁକ୍ତ। କିନ୍ତୁ ପ୍ରକୃତରେ ସେ ସବୁ ତ ଥିଲା ତା'ର ହିଁ ପ୍ରତିବିମ୍ବ। ଠିକ୍ ସେହିପରି ଏ ସମ୍ପୂର୍ଣ୍ଣ ସୃଷ୍ଟି ହେଉଛି ଦିବ୍ୟତ୍ୱର ସ୍ଫୁଲିଙ୍ଗ। ବିଶ୍ୱ ରୂପକ ଆଇନାରେ ଆମେ ପ୍ରତ୍ୟେକଙ୍କୁ ନିଜ ପ୍ରତିରୂପ ବୋଲି ଯଦି ଦେଖିପାରିବା, ତେବେ ହିଁ ଏକତ୍ୱକୁ ଅନୁଭବ କରିପାରିବା। ପିତା, ମାତା, ଭାଇ ଭଉଣୀ ଏସବୁ ଆମ ଶରୀରଗତ ସମ୍ପର୍କର ନାମକରଣ। କିନ୍ତୁ ଆତ୍ମିକ ଦୃଷ୍ଟିରୁ ଆମେ ସମସ୍ତେ ଏକ ଈଶ୍ୱରଙ୍କ ପ୍ରତିରୂପ। ଈଶବାସ୍ୟମ୍ ଇଦଂ ସର୍ବଂ... ସବୁକିଛି ଈଶ୍ୱର।

ଈଶ୍ୱର ମନୁଷ୍ୟ କଳ୍ପନାର ଉର୍ଦ୍ଧ୍ୱରେ ଅବସ୍ଥିତ। ତଥାପି ସେ ଏକ ଜୀବନ୍ତ ସତ୍ୟ; ସେ ଅତ୍ୟନ୍ତ ବାସ୍ତବ ସତ୍ତା। ବହ୍ମ କୌଣସି ନୈୟାୟିକ ବିମୂର୍ତ୍ତତା ନୁହନ୍ତି। ସେ ହେଉଛନ୍ତି ପୂର୍ଣ୍ଣତମ ତଥା ପରମ ବାସ୍ତବ ସତ୍ତା। ଅହଂକାରଶୂନ୍ୟ ହୋଇଯାଆନ୍ତୁ। ସେହି ଶୂନ୍ୟସ୍ଥାନ ଈଶ୍ୱର ଭାବରେ ପୂର୍ଣ୍ଣ ହୋଇଯିବ। ନିଜର ବ୍ୟକ୍ତିତ୍ୱ ବା ଅହଂତ୍ୱ ହରାଇ ଦିଅନ୍ତୁ। ଆପଣ ଦିବ୍ୟ ଜୀବନ ଲାଭ କରିବେ, ଈଶ୍ୱର ସାକ୍ଷାତକାର ଲାଭ କରିବେ।

ଓଡ଼ିଶା ଭାସ୍କର ODISHA BHASKAR

ରାଜ୍ୟ ଖବର



ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ସହରରେ ଥିବା କୁପିଟର ଶିକ୍ଷାନୁଷ୍ଠାନକୁ ଚଳିତବର୍ଷ ଯୁକ୍ତଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟରେ ଶତପ୍ରତିଶତ ସଫଳତା ମିଳିଛି । ବିଜ୍ଞାନରେ ସୁମନ ଶୌଚ୍ଚ ୫୪୪ ଅଙ୍କ ରଖି ଟପର ହୋଇଥିବା ବେଳେ ବାଣିଜ୍ୟରେ ଅମିତ ବେହେରା ୫୧୫ ଓ କଳାରେ ସୁଭାଙ୍ଗି ପ୍ରିୟଦର୍ଶିନୀ ସାହୁ ୪୬୧ ମାର୍କ ରଖି ଟପର ହୋଇଛନ୍ତି । ଶୁକ୍ରବାର ଶିକ୍ଷାନୁଷ୍ଠାନ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅନୁଷ୍ଠାନର ମୁଖ୍ୟ ନିର୍ଦ୍ଦେଶକ ସୁଧୀର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବରୁ ଏହି ଅନୁଷ୍ଠାନରୁ ଅନେକ ଛାତ୍ରଛାତ୍ରୀ ଅଭୂତପୂର୍ବ ସଫଳତା ହାସଲ କରି କ୍ରମାଗତ ରିଜଲ୍ଟ ଦେଇଆସିଛନ୍ତି । ଏହି ଶିକ୍ଷାନୁଷ୍ଠାନରେ ବିଜ୍ଞାନ, ବାଣିଜ୍ୟ ଓ କଳାରେ ମୋଟ ୮୭ ଜଣ ମଧ୍ୟରୁ ୪୪ ଜଣ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୩୧ ଜଣ ଦ୍ୱିତୀୟ ଓ ୧୨ ଜଣ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।



# କାମାକ୍ଷାନଗରରେ କେନ୍ଦ୍ରୀୟ ବିଦ୍ୟାଳୟ ସହ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ



କାମାକ୍ଷାନଗର(ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ କେନ୍ଦ୍ରୀୟ ବିଦ୍ୟାଳୟ ସମେତ ପ୍ରାୟ ୧୩୩ କୋଟି ୬୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଆଜି ଉଦଘାଟିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ଗୁଡିକ ଢେଙ୍କାନାଳ ଜିଲ୍ଲାକୁ ବିକଶିତ କରିବା ଦିଗରେ ବିଶେଷ ସହାୟକ ହେବ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । କେନ୍ଦ୍ରମନ୍ତ୍ରୀ ପ୍ରଥମେ ଆଜି ପ୍ରଥମେ କାମାକ୍ଷାନଗର ବାଇସିଙ୍ଗା ଠାରେ ଜାତୀୟ ରାଜପଥ – ୫୩ ନମ୍ବରର କାମାକ୍ଷାନଗର ବାଇପାସ୍‌ରୁ ଡୁବୁରି ସେକ୍ସନର ପ୍ରାୟ ୧୦ କୋଟି ୬୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ଓଭର ବ୍ରିଜର ଲୋକାର୍ପଣ କରିଥିଲେ । ପରେ କାମାକ୍ଷାନଗର ମହିଳା କଲେଜ କ୍ୟାମ୍ପସରେ କେନ୍ଦ୍ରୀୟ ବିଦ୍ୟାଳୟ, କାମାକ୍ଷାନଗରର ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ସହ ଜରାଡିହରେ ପ୍ରାୟ ୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ହେବା ପାଇଁ ଭିତିପ୍ରସ୍ତର ସ୍ଥାପନା କରିଥିଲେ । ଏହି ଅବସରରେ ଢେଙ୍କାନାଳର ବିକାଶ ପାଇଁ ଓଡିଶା ସରକାରଙ୍କର ପ୍ରାୟ ୯୩ କୋଟି ଟଙ୍କା ମୂଲ୍ୟର ୨୨ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ କେନ୍ଦ୍ରମନ୍ତ୍ରୀ । ଏଠାରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଯୋଗଦେଇ କହିଥିଲେ ପ୍ରାଚୀନ ପୁରାତନ ଏବଂ ଢେଙ୍କାନାଳ ବୀରଭୂମି ନାମରେ ଖ୍ୟାତ । ଢେଙ୍କାନାଳ ଜିଲ୍ଲା ଶହୀଦ ବୀର ବାଜି ରାଉତ, ବୈଷ୍ଣବ ଚରଣ ପଟ୍ଟନାୟକ, ଗଡଜାତ ଗାନ୍ଧୀ ସାରଙ୍ଗଧର ଦାସ, ମହେଶ ଚନ୍ଦ୍ର ସୁବାହୁ ସିଂ ଓ ମୂଷା ମଲିକଙ୍କ ସଂଗ୍ରାମୀ ଭୂମି ଭାବରେ ଜଣାଶୁଣା । ସେହିପରି ରାଜ୍ୟରେ ୬୭୯୪ ଗ୍ରାମ ପଂଚାୟତରେ ଗୋଟିଏ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରିବା ପାଇଁ ଡବଲ ଇଞ୍ଜିନ ସରକାର ବଡ ପଦକ୍ଷେପ ନେଇଛନ୍ତି । ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ବାରୁଆ, ଗୁନେଇବିଲି ଓ ମାର୍ଥାପୁର ଆଦି ଅନେକ ପ୍ରକଳ୍ପର ଲୋକାର୍ପଣ କରିଥିଲେ । ଏତଦ୍‌ବ୍ୟତୀତ କେନ୍ଦ୍ରମନ୍ତ୍ରୀଙ୍କ କରକମଳରେ ଭୁବନ ଠାରେ ୧୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ସୌରଶକ୍ତି ଚାଳିତ ଶୀତଳ ଭଣ୍ଡାର, ବଡଝରା, ଚାନ୍ଦପୁର, ଗଁଦିଆ, କାମାକ୍ଷାନଗର, ଘଟିପିରି ଗ୍ରାମପଂଚାୟତ ଠାରେ ପୃଥକ ୧୦ ମେଟ୍ରିକ୍ ଟନ୍ ବିଶିଷ୍ଟ ସୋଲାର ଶୀତଳ ଭଣ୍ଡାରର ଭିତିପ୍ରସ୍ତର ସ୍ଥାପନ ହୋଇଛି । ସାଂସଦ ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ ଓ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ଡେପୁଟି କମିଶନର ଡଃ. ଶ୍ରୀହରନ୍ ବୋଷ ସ୍ୱାଗତ ଭାଷଣ ଦେଇଥିବାସ୍ଥଳେ ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଧନ୍ୟବାଦ ଜ୍ଞାପନ କରିଥିଲେ । ଉତରାଂଚଳ ଆରକ୍ଷୀ ଉପ-ମହାନିର୍ଦ୍ଦେଶକ ହିମାଂଶୁ ଲାଲ୍ ଓ ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନ୍‌କର ମଂଚାସୀନ ଥିଲେ ।

# ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨ ପ୍ରକଳ୍ପର ଶିଳାନ୍ୟାସ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦୁଇଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ଆଗକୁ ବିକାଶ ଜାରି ରହିବ ବୋଲି ଜଣାପଡ଼ିଛି । ନିଆଳି ପ୍ରାଚୀ ଡ଼ିଭିଜନ୍ କୁଣ୍ଡେଇ ଡ଼ିଷ୍ଟ୍ରିବ୍ୟୁଟାରୀ ମୁଖ୍ୟ କେନାଲ ତୁଳସୀପୁର-ବିନିଶପୁର ସବ୍-ମାଇନର କେନାଲ ବନ୍ଧ ହିରାପାଟଣା-ନାହିକଂଟା ନୂତନ ରାସ୍ତା ଓ ଏକ ବ୍ରିଜ୍ ଓ କଳାପାଂଚଣ ପଂଚାୟତ କୋଠସାହି-ବଡ଼େଇକଣ ରାସ୍ତା ଓ ଏକ ବ୍ରିଜର ଶିଳାନ୍ୟାସ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ହୋଇଯାଇଛି । ତୁଳସୀପୁର ପଂଚାୟତ ହିରାପାଟଣା ବ୍ରିଜ୍‌ରୁ ନାହିକଂଟା ପର୍ଯ୍ୟନ୍ତ ୧ କି.ମି. ରାସ୍ତା ଓ ଏକ ପାଦଚଲା ବ୍ରିଜ୍ ପାଇଁ ୨୬ ଲକ୍ଷ ଟଙ୍କା, ସେହିପରି କଳାପାଂଚଣ ପଂଚାୟତ କୋଠସାହି-ବଡ଼େଇକଣ କେନାଲ ବନ୍ଧ ରାସ୍ତା ଓ ଏକ ବ୍ରିଜ୍ ପାଇଁ ୨୬ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି । ଦୁଇଟି ପ୍ରକଳ୍ପକୁ ଶୁକ୍ରବାର ଅପରାହ୍ନରେ ଉପ-ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି । କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ମାନଲତା ମହାନ୍ତି, ଚାରିଛକ ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ, ତୁଳସୀପୁର ପୂର୍ବତନ ସରପଂଚ ଭଗବାନ ମିଶ୍ର, ପ୍ରାଚୀ ଡ଼ିଭିଜନ ଅଧୀକ୍ଷକ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାକର ମଲ୍ଲିକ, ସହକାରୀ ଯନ୍ତ୍ରୀ ଉପାଲି ଅପରାଜିତା, ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ, ବିଶ୍ୱନାଥ ତ୍ରିପାଠୀ, କୈଳାସ ଚନ୍ଦ୍ର ଦାସ, ଜ୍ୟୋତିରଂଜନ ପାତ୍ର, ଦୁର୍ଯ୍ୟୋଧନ ମହାନ୍ତି, ଭକ୍ତବନ୍ଧୁ ବିଶ୍ୱାଳ, ମନମୋହନ କୁମାର ନାୟକ, ସଂଜୟ ବାରିକ, ସୁନୀଲ କାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ଦୀର୍ଘଦିନ ହେବ ଅଣିଷ୍ଟ ଗ୍ରାମ ପଂଚାୟତ ବାମଦେଇପୁର ଗଡ଼ାରୁ ବେଦବସ୍ତ ତୋଟା, ଖରିପଡ଼ିଆରୁ ଡ଼ଗରାସାହି ଗ୍ରାମ ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଉନଥିବାରୁ ଉପ-ମୁଖ୍ୟମନ୍ତ୍ରୀ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି ।

### ■ ପୁଣି ଖଟିଆରେ ବୁହା ହେଲେ ରୋଗୀ

# ବିଡ଼ିଓ-ଠିକାଦାର ପାଇଁ ହନ୍ତସନ୍ତ ଗ୍ରାମବାସୀ



ବାରିପଦା(ଭାସ୍କର ନ୍ୟୁଜ): ବିଡ଼ିଓ ଏବଂ ଠିକାଦାର ପାଇଁ ହନ୍ତସନ୍ତ ଗ୍ରାମବାସୀ । ମନରେଗାରେ ଅଧା କାମ କରି କେବଳ ମାଟି ପକାଇ କଚ୍ଚା ରାସ୍ତାକୁ କରିଦେଲେ ଖରାପ । ସାରସକଣା ବ୍ଲକ ପଞ୍ଚମତଳିଆ ଗ୍ରାମରେ ରାସ୍ତା ଖରାପ ପାଇଁ ଯାଇପାରିଲାନି ଆମ୍ବୁଲାନ୍ସ । ଏନେଇ ଖଟିଆରେ ବୁହା ହେଲେ ରୋଗୀ । ପ୍ରତ୍ୟେକ ଦିନ କାଳବୈଶାଖୀ ପାଇଁ ବର୍ଷା ପ୍ରବଳ ହେଉଥିବା ହେତୁ କଚ୍ଚାରାସ୍ତାକୁ ମରାମତି କିମ୍ବା ମାଟି ପକାଇବାକୁ ବାରଣ କରିଥିଲେ ଗ୍ରାମବାସୀ । କିନ୍ତୁ ବିଡ଼ିଓ ଏବଂ ଠିକାଦାର କର୍ଣ୍ଣପାତ ନକରି ତରବରିଆ ଭାବେ ଯନ୍ତ୍ର ସାହାଯ୍ୟରେ ଆରମ୍ଭ କରିଥିଲେ ମନରେଗା କାମ । ଅଧାପନ୍ତିଆ କାମ ପାଇଁ ଗ୍ରାମବାସୀଙ୍କୁ ମରଣଜନ୍ତାକୁ ଠେଲି ଦେଲେ ଠିକାଦାର ଓ ବିଡ଼ିଓ । ଉନ୍ନତିକରଣ ବଦଳରେ ରାସ୍ତାରେ ବାଇକ୍ କିମ୍ବା ଆମ୍ବୁଲାନ୍ସ ଗାଁ ମଧକୁ ଯିବା ଏବେ ସମ୍ଭବ ହେଉନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ତେବେ ଗ୍ରାମର ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ପାଇଁ ଗାଡ଼ି ଡକାଯାଇଥିଲା । କିନ୍ତୁ ରାସ୍ତା ବିପର୍ଯ୍ୟୟ ଅବସ୍ଥାରେ ଥିବା ହେତୁ ଆସିପରିଲାନି ଆମ୍ବୁଲାନ୍ସ । ଶେଷରେ ଲୋକଙ୍କ ସହାୟତାରେ ଖଟିଆରେ ବୁହାହୋଇ ଆମ୍ବୁଲାନ୍ସ ନିକଟକୁ ଆସିଥିଲା ରୋଗୀ ।

### ବିଦ୍ୟାଳୟ ପରିସରରେ ଭୋଜି ପାଇଁ ଟେଣ୍ଟ ବନ୍ଧା ଘଟଣା

# ଏତଲା ପରିବର୍ତ୍ତେ ଚିଠି ଲେଖି ଦାୟିତ୍ୱ ସାରିଦେଲେ ପ୍ରଧାନ ଶିକ୍ଷୟିତ୍ରୀ



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅନତିଦୂର ତଥା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ବିଚିତ୍ରପୁର ଗ୍ରାମ ପଂଚାୟତ ବାଣପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆସନ୍ତା ୨୫ରେ ଏକ ବିବାହ ଭୋଜି ନିମନ୍ତେ ସେହି ଗ୍ରାମର ସନ୍ତୋଷ କୁମାର ସାହୁ ନାମକ ଜନୈକ ବ୍ୟକ୍ତି ଟେଣ୍ଟ ବାନ୍ଧିଛନ୍ତି । ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶନାମା ସତ୍ତ୍ୱେ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ବେହେରା ସ୍କୁଲ ପରିଚାଳନା କମିଟିର ସୁପାରିଶକୁ ଗ୍ରହଣ କରି ପ୍ରଥମେ ସନ୍ତୋଷ ସାହୁଙ୍କୁ ଟେଣ୍ଟବାନ୍ଧି ଭୋଜିଭାତ ନିମନ୍ତେ ଅନୁମତି ଦେଇଥିଲେ । ଯାହାକି ସମ୍ପୂର୍ଣ୍ଣ ବେଆଇନ୍ ଏବଂ ସରକାରୀ ନିର୍ଦ୍ଦେଶନାମାର ଖୋଲାଖୋଲି ଉଲଂଘନ ଅଟେ । ତେବେ ଏହି ବେଆଇନ କାର୍ଯ୍ୟ ସମ୍ପର୍କରେ ଗତ ୨୨ ତାରିଖ ଦିନ କିଛି ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଯାଜପୁର ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଶିକ୍ଷା ବିଭାଗ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ । ପ୍ରଥମେ ସ୍କୁଲ ପରିଚାଳନା କମିଟିର ଅନୁରୋଧ ଆଳରେ ପ୍ରଧାନ ଶିକ୍ଷୟିତ୍ରୀ ଏପରି ଏକ ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଇଥିବା ଏବଂ ତାଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବା ନିଶ୍ଚିତ ଜାଣି ଗତ ଗୁରୁବାର ଏକ ଚିଠି ଟେଣ୍ଟ ବାନ୍ଧିଥିବା ସନ୍ତୋଷ ସାହୁଙ୍କୁ ଲେଖି ତୁରନ୍ତ ସ୍କୁଲ ପରିସରରୁ ଟେଣ୍ଟ ସାମଗ୍ରୀ ସବୁ ଉଠାଇବାକୁ ଜଣାଇଛନ୍ତି । କିନ୍ତୁ ଇତି ମଧ୍ୟରେ ଦୁଇଦିନ ବିତିଯାଇଥିଲେ ମଧ୍ୟ ବାଣପୁର ପ୍ରାଥମିକ ବିଦ୍ୟାଳୟ ପରିସରରୁ ଟେଣ୍ଟ ଉଠାଯାଇ ନାହିଁ । ବରଂ ଟେଣ୍ଟ ବାନ୍ଧିଥିବା ବ୍ୟକ୍ତି ଓ ତାଙ୍କର କିଛି ସମ୍ପର୍କୀୟ ଜୋର ଜବରଦସ୍ତ ବିଦ୍ୟାଳୟ ପରିସରରେ ରବିବାର ଦିନ ଭୋଜିଭାତ କରିବେ ବୋଲି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗକୁ ଖୁଲମଖୁଲା ଚ୍ୟାଲେଞ୍ଜ ଦେଇଥିବା ଦେଖାଯାଇଛି । ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକଙ୍କୁ ପଚାରିବାରୁ ସେ କହିଲେ ଯେ ସ୍କୁଲ ପରିଚାଳନା ଓ ଏହାର ଭଲମନ୍ଦ ଦାୟିତ୍ୱ ପ୍ରଧାନ ଶିକ୍ଷୟିତ୍ରୀଙ୍କ ହୋଇଥିବାରୁ ଶ୍ରୀମତୀ ବେହେରା ଟେଣ୍ଟ ବାନ୍ଧିଥିବା ବ୍ୟକ୍ତିଙ୍କ ନାମରେ ଏବଂ ସରକାରୀ ନିର୍ଦ୍ଦେଶନାମା ଉଲଘଂନ କରିଥିବା ଅନ୍ୟ ମାନଙ୍କ ବିରୁଦ୍ଧରେ ସ୍ଥାନୀୟ ଥାନାରେ ଏତଲା ଦେବା କଥା । ପ୍ରଧାନ ଶିକ୍ଷୟିତ୍ରୀ ଯଦି ଏହା ନକରିବେ ତେବେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଏପରିକି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ପୃକ୍ତ ବିଦ୍ୟାଳୟର ସୁରକ୍ଷା ନିମନ୍ତେ ମଧ୍ୟ ପୋଲିସରେ ଅଭିଯୋଗ କରିବେ । କେବଳ ସେତିକି ନୁହେଁ ସରକାରୀ ନିର୍ଦ୍ଦେଶକୁ ଉଲ୍ଲଂଘନ କରିଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ମଧ୍ୟ ଶୃଂଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି । ଏହି ଘଟଣାକୁ ଯଦି ପ୍ରଶାସନ ଅବା ଶିକ୍ଷା ବିଭାଗ ଗୁରୁତ୍ୱ ନଦିଏ ତେବେ ଆଗାମୀ ଦିନରେ ସରକାରୀ ବିଦ୍ୟାଳୟ ପରିସରକୁ ଯେକୌଣସି ବ୍ୟକ୍ତି ବା ଅନୁଷ୍ଠାନର ବ୍ୟବହାରକୁ ରୋକାଯାଇପାରିବ ନାହିଁ ଏବଂ ବିଦ୍ୟାଳୟ ଶୈକ୍ଷିକ ପରିବେଶ ନଷ୍ଟ ହେବ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି ।

# ପ୍ରଦୂଷଣ ସୃଷ୍ଟିକାରୀ ଗୋଆ କାର୍ବନ ଦ୍ୱାରା ଉଚ୍ଛେଦକୁ ବିରୋଧ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଉପକଣ୍ଠରେ ଥିବା ଗୋଆ କାର୍ବନ ନିକଟରେ ଦୀର୍ଘ ୪୦ ବର୍ଷ ଧରି ଦୋକାନ ବ୍ୟବସାୟ କରି ବସବାସ କରୁଥିବା ଲୋକଙ୍କ ଗୃହସବୁକୁ ଉଚ୍ଛେଦ କରିଛି କମ୍ପାନୀ ପ୍ରଶାସନ । ଏପରି ଅନ୍ୟାୟକୁ ବିରୋଧ କରି କମ୍ପାନୀ ଫାଟକ ଆଗରେ ଧାରଣରେ ବସି ରହିଛନ୍ତି କ୍ଷତିଗ୍ରସ୍ତ ପୁରୁଷ ଓ ମହିଳା । ତେବେ ଏବାବଦରେ ନିକଟରେ କ୍ଷତିଗ୍ରସ୍ତମାନେ ଜିଲ୍ଲାପାଳଙ୍କୁ ଭେଟି ଭୂମିହୀନ ପ୍ରମାଣପତ୍ର ଆଣିଥିଲେ । କିନ୍ତୁ କମ୍ପାନୀକୁ ଏହି ପ୍ରମାଣପତ୍ର ଦେଖାଇବା ସତ୍ତ୍ୱେ ସେ ଏହାକୁ ଗ୍ରହଣ ନକରି କୌଣସି କଥା ଶୁଣିନଥିଲେ । ସୂଚନାଥାଉ କି ଏହି କାର୍ବନ ଫ୍ୟାକ୍ଟ୍ରି ଏକ ବିଷାକ୍ତ ପ୍ରଦୂଷଣକାରୀ ସଂସ୍ଥା ଯାହାକୁ ଅତୀତରେ ସ୍ଥାନୀୟ ଅଞ୍ଚଳବାସୀ ପ୍ରବଳ ବିରୋଧ କରିଥିଲେ । ଦୀର୍ଘଦିନ ଧରି ନିଜର ଗୁଜରାଣ ମେଣ୍ଟାଉଥିବା ଏହି ନିରୀହ ଲୋକଙ୍କ ଘର ଭାଙ୍ଗି ବେସାହାରା କରିବା ଘଟଣା ନେଇ ଉତ୍ତେଜନା ବୃଦ୍ଧି ପାଇଛି ।

# ଗୌତମଙ୍କ ନେତୃତ୍ୱରେ ବିଶାଳ ତ୍ରିରଙ୍ଗା ଯାତ୍ରା



ଯାଜପୁର(ଭାସ୍କର ନ୍ୟୁଜ): ଜିଲ୍ଲା ସଦରମହକୁମା ସହର ଯାଜପୁର ଟାଉନ୍‌ରେ ଆଜି ବିଶାଳ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଜନତା ପାର୍ଟିର ନିର୍ବାଚନ ମଣ୍ଡଳୀ ନେତା ତଥା ପ୍ରାକ୍ତନ ବିଜେପି ଜିଲ୍ଲା ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ ଗାନ୍ଧୀ ଛକଠାରୁ ବାହାରି ସହର ପରିକ୍ରମା ପରେ ସମାପନ ହୋଇଥିଲା । ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ୩ ହଜାରରୁ ଅଧିକ ଲୋକ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଦେଶାତ୍ମବୋଧକ ସଙ୍ଗୀତର ତାଳେ ତାଳେ ଏବଂ ଭାରତ ମାତା କି ଜୟ ସ୍ଲୋଗାନ ମଧ୍ୟରେ ଶୋଭାଯାତ୍ରାରେ ତ୍ରିରଙ୍ଗା ପତାକା ନେଇ ଶ୍ରୀ ରାୟ ଅଗ୍ରଭାଗରେ ଚାଲିଥିଲେ । ଅପରେସନ ସିନ୍ଦୁର ପରେ ସେନାକୁ ସମ୍ମାନ ଜଣାଇ ଏହିପରି କାର୍ଯ୍ୟକ୍ରମ ସମଗ୍ର ଦେଶରେ ଚାଲିଛି । ଏହି ସଫଳ କାର୍ଯ୍ୟକ୍ରମ ଗୌତମଙ୍କ ଦୃଢ଼ ନେତୃତ୍ୱର ସୂଚନା ଦେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଏହି କାର୍ଯ୍ୟକ୍ରମରେ ସାଂସଦ ଡ଼ଃ ରବିନ୍ଦ୍ର ନାରାୟଣ ବେହେରା ଏବଂ ବିଜେପି ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନ ମଧ୍ୟ ଅଗ୍ରଭାଗରେ ରହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ରମେଶ ସାମଲ, ସଂଗ୍ରାମ ପାତ୍ର, ମୃତ୍ୟୁଞ୍ଜୟ ମିଶ୍ର, ମନ୍ମଥ ବରାଳ, ସୁରଜଲାଲ ସାମଲ, ସୁବାଷ ଚନ୍ଦ୍ର ମହାନ୍ତି, ଜିତାମିତ୍ର ଦାସ, ସୁଦିପ୍ତ ପଣ୍ଡା, ପ୍ରମୋଦ କୁମାର ପଣ୍ଡା, ସୁକାନ୍ତ ମହାନ୍ତି, ପତିତପାବନ ମହାନ୍ତି, ପ୍ରଶାନ୍ତ ସାହୁ, ଇନ୍ଦ୍ରଜିତ ଦାସ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।

### ରାଇବନ୍ଧ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ

# ଉପଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ୮ ୱାର୍ଡ ସଭ୍ୟା

ସୋରଡା(ଭାସ୍କର ନ୍ୟୁଜ): ସୋରଡା ବ୍ଲକ ଅନ୍ତର୍ଗତ ରାଇବନ୍ଧ ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ୮ ଜଣ ୱାର୍ଡ ସଭ୍ୟା ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ତାଙ୍କ ଅଫିସରେ ଭେଟି ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କେ ରାଇବନ୍ଧ ପଞ୍ଚାୟତର ସରପଞ୍ଚ ୱାର୍ଡ ସଭ୍ୟାମାନଙ୍କୁ କୌଣସି ସହଯୋଗ କରୁନଥିବା ଓ ପଞ୍ଚାୟତ ବିକାସ ଦିଗରେ ଆଲୋଚନା ମଧ କରୁନାହାନ୍ତି । ଫଳରେ ପଞ୍ଚାୟତର ବିକାଶ ଏକ ପ୍ରକାର ଠପ୍ ହୋଇଯାଇଛି । ପଞ୍ଚାୟତରେ ୬୦ ଲକ୍ଷରୁ ଉର୍ଦ୍ଧ ବିନିଯୋଗ ନହୋଇ ପଡିରହିଛି । ପଞ୍ଚାୟତର ମୋଟ ୧୧ ସଭ୍ୟାଙ୍କ ମଧ୍ୟରୁ ୮ ସଭ୍ୟା ଉପଜିଲ୍ଲାପାଳଙ୍କୁ ଅଭିଯୋଗ ଦରଖାସ୍ତ ଦେବା ସହ ଅନାସ୍ଥା ପ୍ରସ୍ତାବ ପାଇଁ ଲିଖିତ ଜଣାଇଥିଲେ । ଉପଜିଲ୍ଲାପାଳ ଶ୍ରୀ ବେହେରା ଅନାସ୍ଥା ପ୍ରସ୍ତାବ ଓ ଅଭିଯୋଗ ଦରଖାସ୍ତ ଗ୍ରହଣ କରିସାରିବା ପରେ କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିସୃତି ଦେଇଥିଲେ ଦରଖାସ୍ତର ଏକକିତା ନକଲ ବିଡ଼ିଓ ସୋରଡାଙ୍କୁ ପ୍ରଦାନ କରିଥିବା ସେମାନଙ୍କ ତରଫରୁ ପ୍ରକାଶ କରିଛନ୍ତି ।

### 'ଓଡ଼ିଶା ଭାସ୍କର'ର ପ୍ରଭାବ

# ଖବର ପ୍ରସାରଣ ପରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଉପଲବ୍ଧ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ 'ଓଡ଼ିଶା ଭାସ୍କର'ର ପଡ଼ିଲା ପ୍ରଭାବ । ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହେଲା କୁକୁର କାମୁଡ଼ା ଇଞ୍ଜେକ୍ସନ । ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାମାନେ ଦୂର ସ୍ଥାନକୁ ଯାଇ କୁକୁର କାମୁଡ଼ା ଇଞ୍ଜେକ୍ସନ୍ ପାଇଁ ହଇରାଣ ହେବାକୁ ପଡ଼ିବ ନାହିଁ । ଗତ ଏକ ସପ୍ତାହ ତଳେ 'ଓଡ଼ିଶା ଭାସ୍କର' ଏ ସଂପର୍କରେ ଖବର ପ୍ରସାରଣ କରିଥିଲା । ଏହାକୁ ଦୃଷ୍ଟି ଦେଇ ଉପ-ମୁଖ୍ୟମନ୍ତ୍ରୀ ତୁରନ୍ତ ସମସ୍ୟା ଦୂର କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ଉପଲବ୍ଧ ହେଲା କୁକୁର କାମୁଡ଼ା ଇଞ୍ଜେକ୍ସନ । ଜଣେ ଡ଼ାକ୍ତର ଏକ ହ୍ୱାଟସ୍ଆପ୍ ଗ୍ରୁପ୍‌ରେ ପ୍ରତିକ୍ରିୟା ଦେଇ କହିଛନ୍ତି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଉପଲବ୍ଧ ହୋଇଛି । ସୂଚନା ଅନୁଯାୟୀ, ଅନେକ କୁକୁର କାମୁଡ଼ା ଆହତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି କୁକୁର କାମୁଡ଼ା ଇଞ୍ଜେକ୍ସନ ନ ପାଇ ହଇରାଣ ହେବା ସହ ଭୁବନେଶ୍ୱର ଓ ପୁରୀକୁ ଯାଇ ଚିକିତ୍ସା ହେବାକୁ ପଡୁଥିଲା । ଏହି ଖବର 'ଓଡ଼ିଶା ଭାସ୍କର' ପ୍ରସାରଣ କରିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର, ବିଲେଇ, ବିଲୁଆ ଓ ମାଙ୍କଡ଼ କାମୁଡ଼ା ଇଞ୍ଜେକ୍ସନ ଉପଲବ୍ଧ ହୋଇଛି । ରୋଗୀଙ୍କୁ ଦୂର ସ୍ଥାନକୁ ଯିବାକୁ ପଡ଼ିବ ନାହିଁ । ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ରାବିଶ ଇମ୍ୟୁନୋଗ୍ଲୋବୁଲିନ ଇଞ୍ଜେକ୍ସନ ଆସି ଯାଇଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାନୀୟବାସୀ ଚିକିତ୍ସା ହେବା ସହ କୁକୁର କାମୁଡ଼ା ଇଞ୍ଜେକ୍ସନ ଆସି ଯାଇଥିବାରୁ ଲୋକମାନେ ବେଶ୍ ଆନନ୍ଦ ଅନୁଭବ କରୁଛନ୍ତି ।

# ୬ ଲକ୍ଷର ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ଥାନା ଅନ୍ତର୍ଗତ ଶାସନବାଡ଼ ଅଞ୍ଚଳରେ ଏସଡିପିଓ ମାନସ କୁମାର ଦେଓଙ୍କ ନେତୃତ୍ୱରେ ବୁଧବାର ବିଳମ୍ବିତ ରାତି ସମୟରେ ଏକ କାଳୀନ ୪ଟି ଟିମ ଚଢ଼ାଉ କରି ଭଡ଼ା ଘରୁ ୬ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ୍ କରିଛି । ସୂଚନା ଅନୁଯାଇ ବୁଧବାର ବିଳମ୍ବିତ ରାତିରେ ଜଳେଶ୍ୱର ଶାସନବାଡ଼ ଅଞ୍ଚଳରେ ଉଭୟ ଜଳେଶ୍ୱର ତହସିଲଦାର ଗୌରାଙ୍ଗ ଚରଣ ଘୋଷ ଓ ଜଳେଶ୍ୱର ଏସଡିପିଓ ମାନସ କୁମାର ଦେଓ କୌଣସି ବିଶେଷ ସୂତ୍ରରୁ ଖବର ପାଇ ୪ ଜଣିଆ ଟିମ ଗଠନ କରି ଭଡା ଘରକୁ ଚାରିପଟେ ଘେରିଯାଇ ଚଢ଼ାଉ କରିଥିଲେ । ଏହି ଚଢ଼ାଉରେ ୧୦୩ କ୍ୱିଣ୍ଟାଲ ୩ କେଜି ୭୨୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା । ଯାହାର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ଶୁକ୍ରବାର ଜଳେଶ୍ୱର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ସୁଚନା ଦେଇଛନ୍ତି ବାଲେଶ୍ୱର ଏସପି ରାଜ ପ୍ରସାଦ । ଚଢ଼ାଉ ସମୟରେ ଅଭିଯୁକ୍ତମାନେ ଖସି ଯିବାରେ ସଫଳ ହୋଇଥିଲେ । ସେମାନଙ୍କୁ ଧରିବା ପାଇଁ ଅଧିକ ତଦନ୍ତ କରା ଯାଉଛି ବୋଲି ଏସପି ସୂଚନା ଦେଇଥିଲେ ।

# ପୀରହାଟ ତାରିଣୀ ଛକରେ ୧୨ ଦୋକାନ ଉଚ୍ଛେଦ



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ତହସିଲ ହରସିଂହପୁର ପଞ୍ଚାୟତ ଅଧୀନ ତାରିଣୀ ଛକଠାରେ ସରକାରୀ ଜାଗାରେ ଥିବା ୧୨ ଦୋକାନକୁ ତହସିଲ ପକ୍ଷରୁ ଶୁକ୍ରବାର ଉଚ୍ଛେଦ କରାଯାଇଥିବା ଜଣାଯାଇଛି । ତହସିଲ କାର୍ଯ୍ୟାଳୟ ପକ୍ଷରୁ ଦୋକାନୀମାନଙ୍କୁ ନିୟମ ଅନୁଯାୟୀ ଦୋକାନ ଉଠାଇ ନେବାକୁ ନୋଟିସ ଜାରି କରାଯାଇଥିଲା । ପରେ ଗୁରୁବାର ଡାକବାଜି ଯନ୍ତ୍ର ମାଧ୍ୟମରେ ଉଚ୍ଛେଦ ପାଇଁ ସତର୍କ ସୂଚନା ଦିଆଯାଇଥିଲା । ଏହାପରେ ବି ଦୋକାନୀନ ଦେକାନ ଉଠାଇଲେ ନାହିଁ । ଫଳରେ ଶୁକ୍ରବାର ସକାଳ ୯ଟାରେ ତହସିଲ ପକ୍ଷରୁ ଦୋକାନିକୁ ଜେସିବି ସାହାଯ୍ୟରେ ଭାଂଗି ଦିଆଯାଇଛି । ଉଚ୍ଛେଦ ସମୟରେ ଅତିରିକ୍ତ ତହସିଲଦାର ନମିତା ଧଳ, ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ପୀରହାଟ ରାଜସ୍ୱ ନିରୀକ୍ଷକ ସ୍ମିତାରାଣୀ ସାହୁ, ତହସିଲ ସୁପରଭାଇଜର ଚନ୍ଦନ ମହାନ୍ତି, ବରିଷ୍ଠ କିରାଣୀ ବୁଦ୍ଧିରାମ ଟୁଡୁ, ହରସିଂହପୁର ସରପଞ୍ଚ ଅଜୟ ମହାନ୍ତି, ସମାଜସେବୀ ସଂଗ୍ରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଗଞ୍ଜେଇ ଜବତ, ବେପାରୀ ଗିରଫ




ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଅବକାରୀ ବିଭାଗ ତରଫରୁ ଟାଙ୍ଗୀ ବଇଁଚୁଆ ନିକଟ ଟୋଲ ଗେଟ ନିକଟରେ ଚଢ଼ଉ କରାଯାଇ ୮କେଜି ୨୦୦ଗ୍ରାମ ବେଆଇନ୍ ଗଞ୍ଜେଇ ଜବତ କରାଯିବା ସହିତ ଏ ସଂକ୍ରାନ୍ତରେ ଜଣକୁ ଗିରଫ କରାଯାଇଛି । ସେ ହେଲେ ପଶ୍ଚିମବଙ୍ଗର ଅରୂପା ବିଶ୍ୱାସ । ସୂଚନାରୁ ପ୍ରକାଶ ଯେ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଚୋରା ଗଞ୍ଜେଇ କାରବାର ଚାଲିଥିବା ଖବର ପାଇ କଟକ ଅବକାରୀ ଅଧିକ୍ଷକ କରୁଣା ଶଂକର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଚୌଦ୍ୱାର ଅବକାରୀ ବିଭାଗ ଇନିସ୍ପେକ୍ଟର ମାନସୀ ନାୟକ ଓ ଓଆଇସି ବାପି ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଟୋଲଗୋଟ ନିକଟରେ ଚଢ଼ଉକରି ଅଭିଯୁକ୍ତ ଅରୂପକୁ ଧରିବା ସହିତ ସେ ଏକ ବସ୍ତାରେ ରଖିଥିବା ଗଞ୍ଜେଇକୁ ଜବତ କରିଥିଲେ । ଅଧିକାରୀ ଆଶୁତୋଷ ଜେନା, ଦେବ୍ରତ ଓଝା, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା, ତୃପ୍ତିମୟୀ ପାତ୍ର ପ୍ରମୁଖ ଚଢ଼ଉରେ ଅଂଶଗ୍ରହଣ କରିଥିଲେ ।

# ଯୁବକକୁ ଟେକିନେଲା ପାହାଲ ପୋଲିସ୍

ନିଆଳୀ(ଭାସ୍କର ନ୍ୟୁଜ): ଦିନ ୧୨ଟା ୧୦ ମିନିଟ ସମୟରେ ନିଆଳୀ ସବରେଜିଷ୍ଟର କାଯ୍ୟାଳୟ ଆଗରୁ ଜିଲ୍ଲା ବାହାର ପୋଲିସର ଗାଡି ଆସିଲାଗିଲା । କେହି କିଛି ବୁଝିବା ଆଗରୁ ସବରେଜିଷ୍ଟର କାର୍ଯ୍ୟାଳୟ କୁ ଆସିଥିବା ଜଣେ ଯୁବକକୁ କାବୁ କରିନେଇ ଥିଲା । ପୋଲିସ ମିଳିଥିବା ସୂଚନା ଅନୁଯାଇ ଗୋବିନ୍ଦପୁର ଥାନା ଅନ୍ତର୍ଗତ ବ୍ରାହ୍ମଣସାଇଲୋ ପଞ୍ଚାୟତ ବ୍ରମାଣସାଇଲୋ ଗ୍ରାମର ହିମାଂଶୁ ବାରିକ ସବରେଜିଷ୍ଟର କାଜ୍ୟାଳୟ କୁ କାଯ୍ୟ ପାଇଁ ଆସିଥିବାବେଳେ ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ପାହାଲ ଥାନା ପୋଲିସ ୩୬/୨୪ରେ ପୂର୍ବ କେସ ।ବଳରେ ଉଠେଇ ଆଣିଥିଲା । ଏହି ଘଟଣା ନିଆଳୀ ଅଞ୍ଚଳରେ ଚର୍ଚ୍ଚା ର ବିଷୟ ପାଲଟିଛି ।

# ଖାଲିନା ଧାନମଣ୍ଡି ଉଦ୍‌ଘାଟିତ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ପଞ୍ଚାୟତର ଜୋଡିଜଙ୍ଗମ ସମବାୟ ସମିତିର ଖାଲିନା ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ପରିଚାଳନା କମିଟିର ସଭାପତି ସଞ୍ଜୟ କୁମାର କରଙ୍କ ଦ୍ୱାରା ଉଦଘାଟିତ ଏହି କାର୍ଯ୍ୟକ୍ରମରେ ଉପ ସଭାପତି ସ୍ୱର୍ଣ୍ଣମୟୀ ଦେ, ସମିତିର ସମ୍ପାଦକ ଅଜିତ କୁମାର ଜେନା, ସହ ସମ୍ପାଦକ କାମଦେବ ପଣ୍ଡା, ନୋଡାଲ ଅଫିସର ଅତୁଳ କୁମାର, ଆରଏମସି ଅଧିକାରୀ ବଳରାମ ଜେନା, ମାନ ପରୀକ୍ଷକ ସୁନନ୍ଦ କୁମାର ଜେନା ଖାଲିନା ସରପଞ୍ଚ ମିନତୀ ପାତ୍ର, ଡାଇରେକ୍ଟର ଅରୁଣ କୁମାର ରାଉଳ, ଜଗଦିଶ ପ୍ରଧାନ, ସୁଧାଂଶୁ ମହାପାତ୍ର, ନଗେନ୍ଦ୍ର ଦେ, ଅଜିତ ସିଟ ପ୍ରମୁଖ ଉପସ୍ଥିତ ଥିଲେ । ଖାଲିନା ଗ୍ରାମର ୩୯୭ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିଛନ୍ତି । ଉକ୍ତ ଚାଷୀମାନେ ଦୀର୍ଘ ବର୍ଷ ହେବ ୮ କିଲୋ ମିଟର ଦୂରରେ ଅବସ୍ଥିତ ଜୋଡିଜଙ୍ଗମ ସମବାୟ ସମିତିକୁ ଧାନ ବିକ୍ରୟ ପାଇଁ ଆଣୁଥିଲେ । ନିଜ ଗ୍ରାମରେ ସରକାରୀ ଧାନ ମଣ୍ଡି ଖୋଲି ଥିବାରୁ ସେମାନେ ଆନନ୍ଦିତ ଅଛନ୍ତି ବୋଲି ନୟନ ପାଠୀ, ଦେବ ପାଠୀ, ଜୟଦେବ କର, ତପନ ଦାସ, ଦିଲୀପ ସାମଲ, ଶ୍ରୀନିବାସ ପାଳ ପ୍ରମୁଖ ଚାଷୀ ପ୍ରକାଶ କରିଛନ୍ତି ।

# ବ୍ୟାସ୍ ଫାଉଣ୍ଡେସନ୍ ଦ୍ୱାରା ଅସହାୟ ଓ ମାନସିକ ଭିନ୍ନକ୍ଷମଙ୍କୁ ଥଇଥାନ



ପାରାଦୀପ(ଭାସ୍କର ନ୍ୟୁଜ): ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମ ସଂଗଠନ ବ୍ୟାସ ଫାଉଣ୍ଡେସନ ସମାଜ କଲ୍ୟାଣକାରୀ କାର୍ଯକ୍ରମ ମାଧ୍ୟମରେ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭକରି ସାଧାରଣ ଜନତାଙ୍କ ନିକଟରେ ନିଜର ପରିଚୟ ସୃଷ୍ଟି କରିପାରିଛି । ବାଲିକୁଦା ଅରିଲୋ ଗ୍ରାମର ଜନୈକ ମହିଳା ଅନେକ ଚିକିତ୍ସା ପରେ ତାଙ୍କର ମାନସିକ ଉନ୍ନତି ନ ହେବା ଦ୍ୱାରା ଶେଷରେ ଶାଶୁଘର ଲୋକେ ତାଙ୍କୁ ଘରୁ ବାହାର କରିଦେଇଥିଲେ । ମହିଳାଙ୍କ ମାନସିକ ସନ୍ତୁଳନ ଅଧିକରୁ ଅଧିକ ଖରାପ ହେବାରୁ ଗ୍ରାମର ମୁରବି ସ୍ଥାନୀୟ ବ୍ୟକ୍ତି ଜିଲ୍ଲା ସାମାଜିକ ଅଧିକାରିଣୀ ମମତା ନାୟକଙ୍କୁ ମହିଳାଙ୍କ ଅବଶିଷ୍ଟ ଜୀବନ, ତଥା ସୁରକ୍ଷା ପାଇଁ ଗୁହାରୀ କରିବା ପରେ ଶ୍ରୀମତୀ ନାୟକ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଉକ୍ତ ମହିଳାଙ୍କୁ ନୀଳାଚଳ ସେବା ପ୍ରତିଷ୍ଠାନ କଣାସଠାରେ ଅବସ୍ଥାପିତ କରାଇଲେ । ସେହିପରି ଶ୍ରୀମତୀ ଆଚାର୍ଯ୍ୟ ନିଜ ପୁଅଝିଅଙ୍କ ଜନ୍ମଦିନ ପାଳନ ପାଇଁ ପୁରୀ ଯାଉଥିବା ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସ୍ୱାଗତ ଦାସ, ସାଗର କୁମାର ବେହେରା ତଥା ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମମତା ନାୟକଙ୍କ ଫୋନ କଲ୍ ପାଇ ଜନ୍ମଦି, ପୁରୀ ଯିବା କଥା ଭୁଲି ତୁରନ୍ତ ଜଣେ ଅସହାୟ ଲୋକକୁ ଉଦ୍ଧାର କରି କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା କରାଇବା ବ୍ୟବସ୍ଥା କରାଇଥିଲେ । ପ୍ରକାଶଥାଉ କି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରତୀକ୍ଷାଳୟରେ ଆଜକୁ ୬/୭ ଦିନ ହେବ ଜଣେ ଅସହାୟ ବ୍ୟକ୍ତି ଯନ୍ତ୍ରଣାରେ ଛଟପଟ ହୋଇ ପଡି ରହିଥିଲେ ଓ ବ୍ୟକ୍ତି ଜଣକ ଚଳନକ୍ଷମ ନ ଥିଲେ । ମେଡିକାଲ୍ କର୍ମଚାରୀ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ବ୍ୟକ୍ତିଙ୍କୁ କିପରି କେଉଁଠି ଅବସ୍ଥାପିତ କରାଯିବ, ସେ ସମ୍ପର୍କରେ କୌଣସି ନିଷ୍କର୍ଷ ହୋଇପାରି ନଥିଲା, କାରଣ ଜଗତସିଂହପୁର ଜିଲ୍ଲାରେ କୌଣସି ଅସହାୟ କେନ୍ଦ୍ର ନାହିଁ । ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମମତା ନାୟକ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ଉପରେ ଆସ୍ଥା ପ୍ରକଟ କରି ଲୋକଟିର ଥଇଥାନ ନିମନ୍ତେ ଅନୁରୋଧ କରିଥିଲେ । ଶ୍ରୀମତୀ ଆଚାର୍ଯ୍ୟ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଲୋକଟିକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଡ଼ ଡ଼ାକ୍ତରଖାନା କଟକକୁ ସ୍ଥାନାନ୍ତରିତ କରାଇ ଚିକିତ୍ସା ସେବା ଯୋଗାଇ ଦେଇଥିଲେ । ଜିଲ୍ଲାରେ ଏକ ଅସହାୟ କେନ୍ଦ୍ର ନ ଥିବାରୁ ଅନେକ ସମୟରେ ଅନେକ ଅସହାୟ ଲୋକମାନେ ଏପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଏକ ଅସହାୟ କେନ୍ଦ୍ର ଖୋଲିବା ପାଇଁ ଶ୍ରୀମତୀ ଆଚାର୍ଯ୍ୟ ସରକାରଙ୍କୁ ନିବେଦନ କରିଛନ୍ତି । ନିଜ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ମା'ଙ୍କ ଏପରି କାର୍ଯକୁ ପୁଅ ସତ୍ୟପ୍ରିୟ ଓ ଝିଅ ଅନନ୍ୟା ତଥା ବ୍ୟାସ ଫାଉଣ୍ଡେସନର ସଭାପତି ଡ ସିଦ୍ଧେଶ୍ୱର ପଣ୍ଡା ସହଯୋଗ କରିଥିଲେ ।



ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଂଚାୟତ ଅନ୍ତର୍ଗତ ଜଗତି ନିକଟସ୍ଥ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଚତୁର୍ଥ ଗନ୍ଧରାଢ଼ୀ ଲୋକକଳା ମହୋତ୍ସବର ଆୟ ବ୍ୟୟ ସମୀକ୍ଷା ବୈଠକ ମନୋରଞ୍ଜନ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ସମ୍ପାଦକ ଶମ୍ଭୁ ଗିରି ସ୍ୱାଗତ ଭାଷଣ ଦେବା ସହିତ ମହୋତ୍ସବକୁ ସୁଚାରୁ ଭାବରେ ପରିଚାଳନା କରିଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। କୋଷାଧକ୍ଷ ନିରଞ୍ଜନ ଗିରି ଆୟ ବ୍ୟୟର ବିବରଣୀ ଉପସ୍ଥାପନା କରିଥିଲେ। ତେବେ ପୂର୍ବ ମହୋତ୍ସବର କିଛି ବକେୟା ଥିବାରୁ ତାହା ଶୀଘ୍ର ପୈଠ କରିବା ପାଇଁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଗଲା। ଆଗାମୀ ଦିନରେ ମହୋତ୍ସବ ଆହୁରି କିପରି ଆକର୍ଷଣୀୟ ହେବ ସେଥିପାଇଁ ସଭ୍ୟ ମାନଙ୍କ ସହଯୋଗ କାମନା କରାଯାଇଥିଲା। ମହୋତ୍ସବ ସ୍ମରଣିକା ପ୍ରକାଶ କରାଯାଇନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। କିନ୍ତୁ ଏ ସମ୍ପର୍କୀୟ ଦୁଇଟି କର୍ମଶାଳା କରାଯାଇଥିବାରୁ ତାହା ଉଚ୍ଚକୋଟିର ହୋଇଥିବା ପ୍ରକାଶ କରିଥିଲେ। ଗତ ମହୋତ୍ସବ ତୁଳନାରେ ଏଥର ଖର୍ଚ୍ଚ କାଟ ହୋଇଥିବାରୁ ସମସ୍ତେ ସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ସହ ସମ୍ପାଦକ ସ୍ୱାଧୀନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଉପ ସଭାପତି ବିଦ୍ୟାଧର ସ୍ୱାଇଁ, ସହ ସମ୍ପାଦକ ରାଜେନ୍ଦ୍ର କୁମାର ମେହେର, କାର୍ଯ୍ୟକାରୀ ସଭ୍ୟ ସ୍ୱପ୍ନେଶ୍ୱର ମହାନ୍ତି,ଅର୍ଥ କମିଟିର ଅଧ୍ୟକ୍ଷ ଗଜେନ୍ଦ୍ର ବାରିକ,ମନୋଜ ଗୁରୁ, ଆଦି ଜେନା, ପ୍ରଭାତ କୁମାର ଶତପଥି, ମୋହନ କୁମାର ସାହୁ,ହୃଦାନନ୍ଦ ସାହୁ,ସଂଜୀବ ମହାକୁଳ,ନୀଳ ଲୋହିତ ମହାପାତ୍ର, ବସନ୍ତ ସାହୁ, ଗୋପାଳ ଅମାତ ପ୍ରଚାର ପ୍ରସାର କମିଟିର ଅଧ୍ୟକ୍ଷ ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ନୂତନ ଖାଉଟି କାର୍ଡ ବଣ୍ଟନ କଲେ ମନ୍ତ୍ରୀ




ରାୟଗଡ଼, (ଭାସ୍କର ନ୍ୟୁଜ୍) : ରାୟଗଡ଼ ଜିଲ୍ଲାସ୍ତରୀୟ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଜିଲ୍ଲାପରିଷଦ ରାୟଗଡ ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କୃଷ୍ଣଚନ୍ଦ୍ର ପାତ୍ର ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ, ବୈଷୟିକ ବିଭାଗ, ଓଡିଶା ସରକାର ଯୋଗଦେଇ ଜିଲ୍ଲାର ରାୟଗଡ, କୋଲନରା ବ୍ଲକ ଓ ପୌରାଞ୍ଚଳର ୨୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ଖାଉଟି କାର୍ଡ ବଣ୍ଟନ କରିଥିଲେ। ପରବର୍ତ୍ତୀ ସମୟରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ନୂତନ ଖାଉଟି କାର୍ଡ ପ୍ରଦାନ କରାଯିବ ଏବଂ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଜିଲ୍ଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ ସାମିଲ ହୋଇ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ମାନ୍ୟବର ମନ୍ତ୍ରୀ ନିଜର ବକ୍ତବ୍ୟରେ କହିଲେ ନୂତନ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ସ୍ୱରୁପ ସୁଭଦ୍ରା ଯୋଜନା, କୃଷକଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ, ନୂତନ ଖାଉଟି କାର୍ଡ ପ୍ରଦାନ କରି ଲୋକଙ୍କ ମୁହଁରେ ହସ ଫୁଟାଇ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରୁ ଯେପରି କୌଣସି ଗରିବ ଲୋକ, ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲ୍ଲାର ଯୋଗ୍ୟ ହିତାଧିକାରୀ ଉପକୃତ ହେଉଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଡ଼ିଓ ରାୟଗଡ଼ ସୁଜିତ ମିଶ୍ର, ଭାଜପା ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ସମାଜସେବୀ କଳିରାମ ମାଝୀ, ବସନ୍ତ ଉଲ୍ଲାକା, ଯୋଗଦେଇ ହିତାଧିକାରୀଙ୍କୁ ନୂତନ ଖାଉଟି କାର୍ଡ ବଣ୍ଟନ କରିଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ରାଜକିଶୋର ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗାଣ ବିଭାଗର ଅଧିକାରୀ, ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାସ୍ତରୀୟ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ଯୋଗଦେଇ ଖାଉଟି କାର୍ଡ ହିତାଧିକାରୀଙ୍କୁ ବଣ୍ଟନ କରି ସମସ୍ତଙ୍କୁ ଉତ୍ସାହିତ କରିଥିବାରୁ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ। ।

## ସ୍ୱାସ୍ଥ୍ୟ ସଚେତନତା ବୈଠକ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ଅଞ୍ଚଳରେ କରୋନା ଭଳି ମହାମାରୀ ଚିହ୍ନଟ ହେଉଥିବା ଅବସରରେ ଜନସାଧାରଣ ସେଥିରୁ କିଭଳି ସତର୍କତା ଅବଲମ୍ବନ କରିବେ ସେଥିପାଇଁ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ସମସ୍ତ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତା ସହିତ ମୌସୁମୀ ଋତୁରେ ଜଳବାହିତ ରୋଗରୁ ରକ୍ଷା ପାଇବା ପାଇଁ ସଚେତନତା ଓ ପ୍ରତିଷେଧ ମୂଳକ ପଦକ୍ଷେପ ଗ୍ରହଣ ପାଇଁ ସଚେତନତା କରାଯିବାକୁ କହିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ରବି ଧାନ କିଣା ଆରମ୍ଭ




ବଲାଙ୍ଗିର, (ଭାସ୍କର ନ୍ୟୁଜ୍ ) : ବଲାଙ୍ଗିର ଜିଲ୍ଲାରେ ରବି ଧାନ କିଣା ଚଳିତବର୍ଷ ପାଇଁ ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟିର ନିଷ୍ପତ୍ତି ଅନୁସାରେ ଆଜି ଠାରୁ ଆରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ବଲାଙ୍ଗିର ଉପଖଣ୍ଡ ଅନ୍ତର୍ଗତ ଭାଲେର ପ୍ରାଥମିକ କୃଷି ସମବାୟ ସମିତି ଲିଃରେ ରବି ଧାନ କିଣାର ଶୁଭାରମ୍ଭ କରିଛନ୍ତି। ବଲାଙ୍ଗିର ଜିଲ୍ଲାରେ ଚଳିତ ମଇ ମାସ ୨୩ ତାରିଖରୁ ୧୧୨ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ) ଓ ୧୦ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସମୁଦାୟ ୧୨୨ ଗୋଟି ଧାନ କ୍ରୟ କେନ୍ଦ୍ର ଜରିଆରେ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ରବି ଧାନ କ୍ରୟ କରାଯିବ। ଚଳିତବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୧୧୬୫୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସମୁଦାୟ ୨,୦୫,୭୮୦ କୁଇଣ୍ଟାଲ ଧାନ କ୍ରୟର ଟାର୍ଗେଟ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ମିଳିଛି। ଝାଙ୍କରପାଲି ପେକ୍ସରେ ଧାନ କିଣା ଶୁଭାରମ୍ଭ କାର୍ଯ୍ୟକ୍ରମ ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ସମବାୟ ସମିତି ଉପ ନିବନ୍ଧକ ପ୍ରମୋଦ ବରିହାଙ୍କ ସମେତ ଯୋଗାଣ, ସମବାୟ, ନିୟନ୍ତ୍ରିତ ବଜାର କମିଟି, ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ)ର ଅଧିକାରୀ ଓ କର୍ମଚାରୀ ଏବଂ ଚାଷୀ ମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମନ୍ତ୍ରୀ,ବିଧାୟକ ଓ ବିଜେପି ନେତା



ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲାର ଦ୍ରୁତ ଶିଳ୍ପାୟନ, ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଆଖି ତରାଟିଲା ଭଳି। ୧ ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପ, ୩୬ ହଜାର ନୂଆ ନିଯୁକ୍ତି ଭିନ୍ନ ବାର୍ତ୍ତା ଦେଇଛି। ୨୪ ବର୍ଷ ନିରଙ୍କୁଶ କ୍ଷମତାରେ ରହିବା ଛୋଟିଆ କଥା ନୁହଁ। ମାତ୍ର ଖଣି ଖାଦାନ ଭରା ଯାଜପୁର ଜିଲା ନଗଡ଼ାର ନଗ୍ନ ବିକଳ ଚିତ୍ର ପାଇଁ ବେଶ୍ ନିନ୍ଦିତ ହେବା ଲଜ୍ୟାର ବିଷୟ। ଇସ୍ପାତ ରାଜଧାନୀ ଯାଜପୁରର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ପେଟ ପୋଷିବା ପାଇଁ ବାହାର ରାଜ୍ୟକୁ ଖଟିବାକୁ ଯିବା, ପିଲା ଛୁଆ ଛାଡ଼ି ଦାଦନ ଯିବା କଥା ଅତ୍ୟନ୍ତ ଦୁଃଖ ଦାୟକ। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ପ୍ରିୟ ମୁଖ୍ୟମନ୍ତ୍ରୀ ଘନ ଘନ ଯାଜପୁର ଆସି ବିକାଶର କାୟା ମେଲାଇବା ସହିତ ନାନାଦି ଯୋଜନା କରୁଛନ୍ତି। ଆଜି କଳିଙ୍ଗନଗରରେ ୧ ଲକ୍ଷ ୧୫ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପ, ୩୬ ହଜାର ନୂଆ ନିଯୁକ୍ତି ଆଦି ଘୋଷଣା, ଶିଳାନ୍ୟାସ କରିବା କମ୍ ବଡ କଥା ନୁହଁ। ଯାଜପୁର ସମ୍ଭାବନାର ଭୂମି ନୁହଁ ଏହା ସୀମାହୀନ ସୁଯୋଗର ଭୂମି ବୋଲି ବିଜେପି ନେତା ଗୌତମ ରାୟ କୁହନ୍ତି। ଆମେ ଯାଜପୁରିଆ କୃତଜ୍ଞତାର ପରିଭାଷା ବୁଝୁ। ମୁଖ୍ୟମନ୍ତ୍ରୀଙ୍କ ଯାଜପୁରକୁ ଭଲ ପାଇବା ପ୍ରତିଦାନରେ ଜିଲାର ମନ୍ତ୍ରୀ, ସମସ୍ତ ଦଳୀୟ ବିଧାୟକ ଓ ରାଜନେତା ମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲାବାସୀ ତାଙ୍କ ପାଖରେ ଋଣି। ଆଗକୁ ଜିଲ୍ଲା ପ୍ରତି ତାଙ୍କର ଶୁଭଦୃଷ୍ଟି ରହିଲେ କୌଣସି ସମସ୍ୟା ରହିବ ନାହିଁ ବୋଲି ମନ୍ତ୍ରୀ ବିଧାୟକ ପ୍ରକାଶ କରିଥିଲେ।

# ଭାର୍ଗବୀ +୨ ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦୦ ପ୍ରତିଶତ ସଫଳତା



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ): ଢେଙ୍କାନାଳ ସହରରେ ଥିବା ଭାର୍ଗବୀ +୨ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ୨୦୨୫ ବର୍ଷ ବିଜ୍ଞାନ ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ଲାଭ କରିଛନ୍ତି । ମହାବିଦ୍ୟାଳୟରେ ମୋଟ୍ ୧୮୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨ଜଣ ୯୦%, ୨୧ଜଣ ୮୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି । ବିଦ୍ୟାଳୟରେ ଶତପ୍ରତିଶତ ସଫଳତା ହୋଇଥିବାବେଳେ ୧୪୮ ଜଣ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାରୀ କରିଥିବାବେଳେ ୩୩ଜଣ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ଏହି ସଫଳତା ପାଇଁ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଗୋ ଚାଲାଣର ନୂଆ ତରିକା



ଗୋପ, (ଭାସ୍କର ନ୍ୟୁଜ୍ ) : ୫୦ରୁ ଉର୍ଦ୍ଧ୍ୱ ଗୋଚାଲାଣ ବେଳେ ଧରିଲେ ଗ୍ରାମବାସୀ। ଗୋ ଚାଲାଣରେ ସମ୍ପୃକ୍ତ ଥିଲେ ୪ଜଣ, ୩ଜଣ ଲୁଚି ଦୌଡ଼ି ପଳାଇଥିବା ବେଳେ ଜଣଙ୍କୁ ଗ୍ରାମବାସୀ କାବୁ କରିଛନ୍ତି। ତା'ସହିତ ଗୋରୁ ମାନଙ୍କୁ ଉଦ୍ଧାର କରିଛନ୍ତି। ଦୁର୍ବୃତ୍ତ ଜଣକ ହେଲେ ଚାରିଛକ ଥାନା ଛଣିଜଙ୍ଗ ପଞ୍ଚାୟତ ଖୋରଡ଼ ଗ୍ରାମର କୃଷ୍ଣ ରାଉତ। ଏହି ଘଟଣା ଗୋପ ଥାନା ବିରତୁଙ୍ଗ ପଞ୍ଚାୟତର ମନାପଡା ଗ୍ରାମର। ଗୋପ ବଜରଙ୍ଗ ଦଳର ସଦସ୍ୟ ମାନେ ଘଟଣା ସ୍ଥଳରେ ଉପସ୍ଥିତ ରହିବା ସହ ପୋଲିସକୁ ସୂଚନା ଦେଇଛନ୍ତି। ଗୋ ଚାଲାଣକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ଲାଗିରହିଛି। ସୂଚନାଯୋଗ୍ୟ ଯେ ଏବେ ରାସ୍ତାରେ ପୋଲିସ ଧରପଗଡ଼ କରିବା କାରଣରୁ ଗହୀର ମଧ୍ୟ ଦେଇ ଗୋ ଚାଲାଣ କରାଯାଉଛି ଯାହାର ଆଜି ପର୍ଦ୍ଦାଫାଶ ହୋଇଛି।

# ଦୁଇ ଆଇନଜୀବୀ ସମ୍ବର୍ଦ୍ଧିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲାର କୋଟପାଡ ଓକିଲ ସଂଘ ପକ୍ଷରୁ ଗତକାଲି ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ଓକିଲ ସଂଘକୁ ନେଇ ପଟେଲ କନଭେନସନ ହଲରେ ଲିଗାଲ ସେମିନାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ଜଷ୍ଟିସ ଶଶିକାନ୍ତ ମିଶ୍ର, ଓଡିଶା ହାଇକୋର୍ଟ ଜର୍ଜ ଏବଂ ସମ୍ମାନିତ ଅତିଥି ଭାବେ ଯଷ୍ଟିସ ଶିବଶଙ୍କର ମିଶ୍ର, ଓଡିଶା ହାଇକୋର୍ଟ ଜର୍ଜ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆଇନ ଏବଂ ସାକ୍ଷରତାକୁ ନେଇ ଅତି ସୁନ୍ଦର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମାଲକାନଗିରି ଜିଲ୍ଲାର ପୂର୍ବତନ ବାର ଆସୋସିଏସନର ସଭାପତି ତଥା ବରିଷ୍ଠ ଆଇନଜୀବି ନୃସିହଁ ଚରଣ ମହାନ୍ତି ଓ ଲମ୍ବୋଦାର ତୁରୁକଙ୍କୁ ଜଷ୍ଟିସ ଶଶିକାନ୍ତ ମିଶ୍ର ଓ ଯଷ୍ଟିସ ଶିବଶଙ୍କର ମିଶ୍ର ଉପଢୌକନ ଏବଂ ଉପହାର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଦୁଇ ଆଇନଜୀବି ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ଆଇନଜୀବିଙ୍କ ସହ ସୁସମ୍ପର୍କ ଓ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗର ହାତ ବଢାଉ ଥିବାରୁ କୋଟପାଡ ବାର ଆସୋସିଏସନ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରଯାଇଥିଲା। ତେବେ ସମ୍ମାନିତ ହୋଇଥିବା ଉଭୟ ବରିଷ୍ଠ ଆଇନଜୀବିଙ୍କୁ ମାଲକାନଗିରି ଜିଲ୍ଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ବେସ ପ୍ରଶଂସା କରାଯାଇଛି।




# ଆମ୍ବରୁ ପ୍ରସ୍ତୁତ ଖାଦ୍ୟ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ



ବରଗଡ଼, (ଭାସ୍କର ନ୍ୟୁଜ୍ ): କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ଦ୍ୱାରା ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ ଠାରେ ଏକ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ର ଗୃହ ବୈଜ୍ଞାନିକା ସୁଶ୍ରୀତା ସାହୁ ଉପସ୍ଥିତରହି ମହିଳା ମାନଙ୍କୁ ଆମ୍ବରୁ ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ଯଥା-ଆଚାର, ଆମ୍ବଶଢ଼ା, ଆମ୍ବଚୁର ପାଉଡ଼ର, ଆମ୍ବୁଲ/ସ୍କାସ୍ ଓ ଜାମ୍ ଆଦିର ପ୍ରସ୍ତୁତ କରି ବର୍ଷସାରା, ଆମ୍ବର ସଂରକ୍ଷଣ କରିବା ସହିତ ବଜାରରେ ବିକ୍ରିକରି ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱରୋପ କରିଥିଲେ। ଏଥିରେ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ର କୃଷି ଯାନ୍ତ୍ରୀକ ବୈଜ୍ଞାନିକ ସଙ୍ଘମିତ୍ରା ବିଶ୍ୱାଳ ଉପସ୍ଥିତ ରହି ମୂଲ୍ୟ ଯୁକ୍ତ ପଦାର୍ଥର ପ୍ୟାକେଜିଂ, ଲେବଲିଙ୍ଗ, ବ୍ରାଣ୍ଡିଂ ସହିତ ବ୍ୟବସାୟିକ ଭିତ୍ତିରେ ପ୍ରକ୍ରିୟାକରଣ ଶିଳ୍ପ ଅନୁଷ୍ଠାନ ପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରପାତି ଉପରେ ବିଶେଷ ଆଲୋକ ପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ମହିଳା ମାନଙ୍କ ସହ ବରଗଡ଼ (ଗ୍ରାମିତା) ଭଟଲି ଓ ଭେଡେନରୁ ଆସିଥିବା ସୁପର୍ ଭାଇଜର ଅଧିକାରୀ ଯୋଗଦାନ କରି ମୂଲ୍ୟ ଯୁକ୍ତ ପଦାର୍ଥର ପ୍ରସ୍ତୁତି ଓ ସଂରକ୍ଷଣ ସମୟରେ ଉପୁଜୁଥିବା ସମସ୍ୟା ଓ ପଦାର୍ଥ ଗୁଡ଼ିକର ବଜାରିକରଣ ସମ୍ବନ୍ଧୀୟ ସମସ୍ୟା ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ସର୍ବଶେଷରେ ଏହି କାର୍ଯ୍ୟକ୍ରମର ନେତୃତ୍ୟ ନେଇଥିବା ବରଗଡ଼ ଜିଲ୍ଲାର ପୂର୍ବତନ ଜିଲ୍ଲା ମୁଖ୍ୟ ପ୍ରାଣୀ ବିଭାଗ ଅଧିକାରୀ ଡ଼ଃ ଦିଲ୍ଲିପ କୁମାର ପଣ୍ଡା ତାଲିମ୍ ଶିବିରକୁ ସୁଚାରୁରୂପେ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷି ଭିତ୍ତିକ ପର୍ବ ଢେଲ ପୂଜା ଉଦ୍‌ଯାପିତ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ହରଭଙ୍ଗା ବ୍ଲକ ରାମ୍ପିକଟା ଗ୍ରାମରେ ମହା ଆଡମ୍ବରରେ ଢେଲ ଉଦ୍‌ଯାପିତ ହୋଇଛି। ବର୍ଷା ପୂର୍ବରୁ ଚାଷକୁ ନେଇ ଗ୍ରାମର ମା' ପିତାବଳୀ ପୀଠରେ ୩ବର୍ଷରେ ଥରେ ରୀତିନୀତିରେ କନ୍ଧ ସମାଜ ମା'ଙ୍କୁ ଓ ମାଟି ମା'ଙ୍କୁ ୨ଦିନ ଧରି ପୂଜା କରିବାର ପରମ୍ପରା ରହିଛି। ବୁଧବାର ଗ୍ରାମର ଅନ୍ୟ ଦେବା ଦେବୀଙ୍କୁ ମା'ଙ୍କ ପୀଠକୁ ନିମନ୍ତ୍ରଣ କରାଯାଇଥିବା ବେଳେ ଆଜି ମା' ପିତାବଳୀ ପୀଠରେ କନ୍ଧ ସମାଜର ରୀତିନୀତିରେ ପୂଜା ଅନୁଷ୍ଠିତ ହୋଇଥିଲା। ପରେ ଗ୍ରାମର ପୁରୁଷ ମହିଳା ଢୋଲ, ମହୁରୀ ଗୀତ ତାଳେ ତାଳେ ନାଚି ଗ୍ରାମ ପରିକ୍ରମା କରିଥିଲେ। ଏହି ଢେଲ ପୂଜାରେ ଗ୍ରାମର ସଭାପତି ଦୁର୍ଯ୍ୟୋଧନ ମଲ୍ଲିକ, ସମ୍ପାଦକ ପ୍ରଦୀପ ବେହେରା, ଗ୍ରାମ୍ୟ ପରିଚାଳନା କମିଟିଙ୍କ ତତ୍ତ୍ୱାବଧାନରେ ଦେହୁରୀ ଅଖିଳ କହଁର, ବାହୁକ ଭ୍ରମର କହଁର, ଯାନୀ ଶ୍ରୀବନ୍ତ ମଲ୍ଲିକ, ଝାଙ୍କର ଗୋକୁଳ ପ୍ରଧାନ, ପାଣିବୁହା ଅନିରୁଦ୍ଧ ବାଘ, ପୂଜକ ଅଗାଧୁ ଛତ୍ର ନିଜେ ନିଜ ଦାୟିତ୍ୱ ଦୁଇଦିନ ଧରି ସୁଚାରୁରୂପେ ତୁଲାଇଥିଲେ। ହରଭଙ୍ଗା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କହଁରଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଏହି ଢେଲ ପୂଜାରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଯୁକ୍ତ୨ ବିଜ୍ଞାନରେ ଜିଆଇଇଟିର ଅଭୂତପୂର୍ବ ସଫଳତା

ବଡ଼ଚଣା, (ଭାସ୍କର ନ୍ୟୁଜ୍) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷ +୨ବିଜ୍ଞାନ ପରୀକ୍ଷାରେ ଚଣ୍ଡିଖୋଲ ସ୍ଥିତ ଜିଆଇଇଟି ଆବାସିକ ବିଦ୍ୟାଳୟ ଅଭୂତପୂର୍ବ ସଫଳତା ହାସଲ କରିଛି। ମୋଟ ୨୧୨ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୧୦ଛାତ୍ରଛାତ୍ରୀ କୃତ କାର୍ଯ୍ୟ ହୋଇଛନ୍ତି। ଛାତ୍ରୀ ସ୍ମୃତି ସ୍ମରଣିକା ସାମଲ ୫୫୬ନମ୍ବର (୯୨.୬୭ଶତକଡା) ରଖି ବିଦ୍ୟାଳୟରେ ଟପ୍ପର ହୋଇଥିବା ବେଳେ ୪ଜଣ ଛାତ୍ର ଛାତ୍ରୀ ୯୦ଶତକଡ଼ା ନମ୍ବର ରଖି ଥିବା ବେଳେ ୧୭୦ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୧ଜଣ ଛାତ୍ରଛାତ୍ରୀ ୫୦୦ଶହରୁ ଉର୍ଦ୍ଧ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ଅବସରରେ ଆଜି ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟ ରଞ୍ଜନ ସେନାପତି ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଆସିକ ଇକବାଲ, ଶିକ୍ଷା ନିର୍ଦ୍ଦେଶକ ସଚିତ୍ର ଦାସ, ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।




# ଜିଲ୍ଲା ଉନ୍ନୟନ ସମନ୍ୱୟ, ତଦାରଖ କମିଟି ବୈଠକ




କୋରାପୁଟ, (ଭାସ୍କର ନ୍ୟୁଜ) : ସ୍ଥାନିୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଜିଲ୍ଲା ଉନ୍ନୟନ ସମନ୍ୱୟ, ତଦାରଖ କମିଟି (ଦିଶା) ବୈଠକ କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କିନ୍ତୁ ବୈଠକରେ ଆବଶ୍ୟକ ତଥ୍ୟ ନମିଳିବାରୁ ସାସଂଦ ଓ ବିଧାୟକ ବିଗିଡି ଯାଇଥିଲେ । ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କେତେ ଗାଁକୁ ରାସ୍ତା ନିର୍ମାଣ ପାଇଁ କରାଯାଇଥିବା ସର୍ଭେର ତଥ୍ୟ ନମିଳିବାରୁ ସାସଂଦ ବିଗିଡି ଯାଇଥିଲେ। ରାୟଗଡା ଜିଲ୍ଲାରେ ରାସ୍ତା ନଥିବା ଗାଁକୁ ପିଏମଜିଏସୱାଇରେ ସାମିଲ କରିବା ପାଇଁ ତାଙ୍କ ଦସ୍ତଖତରେ ରାଜ୍ୟକୁ ପ୍ରସ୍ତାବ ଯାଇଥିବା ବେଳେ କୋରାପୁଟ ଜିଲ୍ଲାରୁ କାହିଁକି ରିପୋର୍ଟ ପଠାଯାଇନି ବୋଲି ପଚାରିଥିଲେ । ରାଜ୍ୟକୁ ପ୍ରସ୍ତାବ ପଠାଯାଇଥିବା ନେଇ ବିଭାଗୀୟ ଅଧିକାରୀ କହିବା ପରେ ଜିଲ୍ଲା ପରିଷଦ ଓ ସାସଂଦଙ୍କ ବିନା ଅନୁମତିରେ କିଭଳି ପ୍ରସ୍ତାବ ପଠାଗଲା ବୋଲି ପ୍ରଶ୍ନ କରିଥିଲେ। ରାସ୍ତା ନଥିବା ଗାଁ ଗୁଡିକର ସର୍ଭେ କରି ୭ଦିନ ମଧ୍ୟରେ ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପାନୀୟ ଜଳ ପ୍ରକଳ୍ପ ଓ ଗ୍ରାମାଞ୍ଚଳରେ ପାନୀୟ ଜଳର ସ୍ଥିତିକୁ ନେଇ ସର୍ଭେ କରିବା ପାଇଁ ଗତ ବୈଠକରେ କୁହାଯାଇଥିବା ବେଳେ ସେହି ରିପୋର୍ଟ ମିଳୁନଥିବାରୁ ସାସଂଦ ଓ ଉପସ୍ଥିତ ସମସ୍ତ ବିଧାୟକ ବିଗିଡିଥିଲେ । କୋଲାବ ଓ ମାଛକୁଣ୍ଡ ପ୍ରକଳ୍ପ ଦ୍ୱାର ଉପରମୁଣ୍ଡର ଲୋକେ ପାଣି ପାଇପାରୁନାହାନ୍ତି । ବହୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନଥିବା ବେଳେ ନଳକୂପ ପାଣି ବାହାରୁନଥିବା ବେଳେ କିଭଳି ବିଲ୍ କରାଯାଉଛି ବୋଲି ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ପ୍ରଶ୍ନ କରିଥିଲେ । ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କେତେ ଗାଁର ଲୋକେ ପାଣି ପାଉଛନ୍ତି ତାହାର ସର୍ଭେ ହୋଇପାରିଲାନି । ଯନ୍ତ୍ରୀମାନେ କଣ କରୁଛନ୍ତି ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହୀନିପତି ପଚାରିଥିଲେ। ମେଗା ପ୍ରକଳ୍ପ ଦ୍ୱାରା ରାସ୍ତା ଖରାପ ହେଉଥିଲେ ମଧ୍ୟ ମରାମତି କରାଯାଇନି। ଯାହା କାମ ହେଉଛି ତାହା ନିମ୍ନମାନର ବୋଲି ଲକ୍ଷ୍ମୀପୁର ବିଧାୟକ କହିଥିଲେ। ସ୍ୱାସ୍ଥ୍ୟ ବିଭାଗର ଆଲୋଚନା ସମୟରେ କୋରାପୁଟ ବଡ ଡାକ୍ତରଖାନାରୁ ଗୁରୁତର ରୋଗୀଙ୍କୁ ଏଜେଣ୍ଟମାନଙ୍କ ମାଧ୍ୟମରେ ବିଶାଖାପାଟଣା ନିର୍ଦ୍ଦିଷ୍ଟ କିଛି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି । ସେଠାରେ ସ୍ୱାସ୍ଥ୍ୟ ବୀମା କାର୍ଡ କାମ କରୁନଥିବାରୁ ଗରିବ ଲୋକେ ଅଯଥା ଖର୍ଚ୍ଚାନ୍ତ ହେଉଥିବା ବିଧାୟକ ଶ୍ରୀ ବାହିନୀପତି କହିଥିଲେ। ପ୍ରତି ସିଏଚ୍‌ସିରେ ଆବଶ୍ୟକ ଆମ୍ବୁଲାନ୍ସ ଓ ମହାପ୍ରଣାୟ ଗାଡ଼ି ରଖିବା ପାଇଁ ବିଧାୟକ ରଘୁରାମ ମାଛ ଗୁରୁତ୍ୱାରୋପ କରିଥିଲେ । ଏଥିସହ ବୈଠକରେ ଜାତୀୟ ରାଜପଥ କୋରାପୁଟ ଏବଂ ଜୟପୁର ବାଇପାସ୍ ରାସ୍ତା, ରେଳ ପ୍ରକଳ୍ପ, ମୋବାଇଲ ଟାୱାର, ଭାରତମାଳା, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜୁନ ମାସ ଶେଷ ସୁଦ୍ଧା ବିଏସ୍‌ଏନ୍‌ଏଲ୍ ଓ ଜିଓ ଟାୱାର ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ଜୟପୁର ଉପଜିଲ୍ଲାପାଳ ଆକଭାରମ ଶସ୍ୟା ରେଡି, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରାଙ୍କ ସହ ଜିଲ୍ଲାର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ସିଡିଓ ବେଣୁଧର ଶବର ବୈଠକ ପରିଚାଳନା କରିଥିବାବେଳେ ଏପିଡି ଗୌରୀ ଶଙ୍କର ସାହୁ ଓ ମନରେଗା ଡିପିଓ ଜୟନ୍ତ କୁମାର ନାୟକ ସହଯୋଗ କରିଥିଲେ।

# ଲାଇଟ୍ ହାଉସ ଅଙ୍ଗନବାଡି କେନ୍ଦ୍ର ଉଦ୍‌ଘାଟିତ



କୋରାପୁଟ, (ଭାସ୍କର ନ୍ୟୁଜ) : ଦେଶର ଦ୍ୱିତୀୟ ତଥା ରାଜ୍ୟର ପ୍ରଥମ ଲାଇଟ ହାଉସ ଅଙ୍ଗନବାଡି କେନ୍ଦ୍ର କୋରାପୁଟରେ ଉଦ୍‌ଘାଟିତ ହୋଇଛି। ନୀତି ଆୟୋଗ ପକ୍ଷରୁ ଆକାଂକ୍ଷା ଜିଲ୍ଲା ଭାବେ ଉତ୍ତରପ୍ରଦେଶର ଫତେପୁର ଠାରେ ପୂର୍ବରୁ ଲାଇଟ ହାଉସ ଅଙ୍ଗନବାଡି କେନ୍ଦ୍ର ସ୍ଥାପନ ହୋଇଥିବା ବେଳେ କୋରାପୁଟ ବ୍ଲକ ଦେଓଘାଟି ଠାରେ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। କେନ୍ଦ୍ରକୁ କୋରାପୁଟ ସାସଂଦ ସପ୍ତଗିରି ଉଲାକା, କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରରେ ୱାଇଫାଇ ସେବା ସହ ସ୍ମାର୍ଟ ଟିଭି ସ୍ଥାପନ, ଦୋଳି, ସାଣ୍ଡ ପିଟି, ସ୍ଲାଇଡିଂ, ଶୌଚାଳୟ, ଥିଏଟର, ବର୍ଷାଜଳ ସଂରକ୍ଷଣ, ପାନୀୟ ଜଳ ଯୋଗାଣ, ପୃଷ୍ଟି ବଗିଚା, ଅଙ୍ଗନବାଡୀ କର୍ମୀ ଗୃହ, ମେଡିକାଲ ଗୃହ, ବିଶ୍ରାମ ଗୃହ ଆଦି ନିର୍ମାଣ କରାଯାଇଛି । ଶିଶୁଙ୍କୁ ଆକର୍ଷିତ କରିବାପାଇଁ ବହୁ ଶିକ୍ଷଣୀୟ ଉପଦାନ ସଂଯୋଗ କରାଯାଇଛି । ମହିଳାଙ୍କ ଗର୍ଭଧାରଣ ଠାରୁ ଜନ୍ମିତ ଶିଶୁଙ୍କୁ ୨ବର୍ଷ ହେବା ପର୍ଯ୍ୟନ୍ତ ୧୦୦୦ଦିନିଆ ଜଣେ ଶିଶୁର ମାନସିକ, ବୌଦ୍ଧିକ, ଭାଷାଗତ ଓ ଭାବନାତ୍ମକ ବିକାଶ ଦିଗରେ ଉନ୍ନତି ଆଣିବା ଏହି କେନ୍ଦ୍ରର ଲକ୍ଷ୍ୟ। ଏଥିପାଇଁ ଆଶା, ଅଙ୍ଗନବାଡୀ କର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯାଇଛି। ଅନ୍ୟ ଲାଇନ ବିଭାଗକୁ ମଧ୍ୟ ସାମିଲ କରାଯିବ। ସମସ୍ତ ବିଭାଗର ସହାୟତାରେ ଶିଶୁଙ୍କ ବିକାଶ ପ୍ରତି ଧ୍ୟାନ ଦିଆଯିବ । ଆଗାମୀ ଦିନରେ ପ୍ରତି ବ୍ଲକରେ ଏପରି କେନ୍ଦ୍ର ସ୍ଥାପନ ପାଇଁ ଲକ୍ଷ୍ୟ ରଖିଛି ପ୍ରଶାସନ । ଉଦ୍‌ଘାଟନୀ ଉତ୍ସବରେ ଦେଓଘାଟି ସରଂପଚ ହାରାମଣି ଜାନି, ସମିତିସଭ୍ୟ ମୁଳା ବାଘ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଷକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ ବିଡିଓ ଦେବାଶିଷ ଗୌଡ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ପାଢ଼ି, ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଅରିଲୋସ୍ଥିତ ପ୍ରସିଦ୍ଧ ଶିଶୁ ଅନନ୍ତ ଆଶ୍ରମ ପରିସରରେ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ଆହ୍ୱାନରେ ପୂଜ୍ୟ ବାବାଙ୍କ ଶିଷ୍ୟ ଡ଼ଃ ଚିଦାନନ୍ଦ ବ୍ରହ୍ମଚାରି ଓ ଡ଼ଃ ଅରୁଣ କୁମାର ପାଣିଙ୍କ ଅନୁରୋଧରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନଙ୍କୁ ଆମନ୍ତ୍ରଣ କରାଯାଇ 'ସନ୍ଥ ତୀର୍ଥ ପୂଜନ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ବାବାଜୀ ମନୋଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟ ବାବା ବାବା ବଳିଆ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରି କହିଲେ ଯେ ପ୍ରବଚନ, ଯଜ୍ଞ ଅପେକ୍ଷା ଦେଶ ଓ ଧର୍ମର ସୁରକ୍ଷା ସନ୍ଥଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ଅନ୍ୟ ସନ୍ଥମାନଙ୍କ ମଧ୍ୟରେ ଛଡିଆ ବଟର ସନମଣିମା ଜଗନ୍ନାଥ ଦାସମହାରାଜ, ବିଜ୍ଞାନୀ ଗୁରୁ ଶ୍ରୀସନ୍ଥ, ବାବା ବିଶ୍ୱାନନ୍ଦ ଦାସ, ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ସତ୍ୟାନନ୍ଦଦାସ ମହାରାଜ, ଦିବାକର ଦାସମହାରାଜ, ନଳିନୀ ଜୀ ମହାରାଜ, ବାବା ବିଜୟାନନ୍ଦ ପୁରୀ, ବାବା ଲକ୍ଷ୍ମୀଧର ଦାସ, ଶ୍ରୀଶଙ୍କରାଚାର୍ଯ୍ୟଙ୍କ ପ୍ରତିନିଧି ପଣ୍ଡିତ ମାତୃପ୍ରସାଦ ମିଶ୍ର, ଧାନକୁଦ ପୀଠର ଅରକ୍ଷିତ ଦାସ, ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ, ସନ୍ଥ ଦ୍ୱିପକ ଦାସ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ପ୍ରମୁଖଙ୍କ ସହ ପ୍ରାୟ ଶତାଧିକ ସାଧୁସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭବ୍ୟ କୀର୍ତ୍ତନ ଶୋଭାଯାତ୍ରାରେ ସନ୍ଥମାନଙ୍କୁ ସ୍ୱାଗତ ସହ ମଞ୍ଚକୁ ଆମନ୍ତ୍ରଣ କରାଯାଇ ପତିହରା ମା'ମାନଙ୍କ ଦ୍ୱାରା ଉପଢୌକନ, ଚନ୍ଦନ ଅକ୍ଷତ ପୁଷ୍ପମାଲ୍ୟ ଏବଂ ତାମ୍ର ପାତ୍ରରେ ତୁଳସୀ ବୃକ୍ଷ ପ୍ରଦାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଆଶ୍ରମର ସନ୍ୟାସ ଶ୍ରୀବାସ ଦାସ, ପ୍ରଣବାନନ୍ଦ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସେବକ ଗୋପାଳ ଦାସ, ସଞ୍ଜୟ ଦାସ ପ୍ରମୁଖ ସହଯୋଗ କରିଥିଲେ।



## ୧୦ କ୍ୱିଣ୍ଟାଲ ଖଇର ଗଣ୍ଡି ସହ ବାଇକ ଜବତ, ୨ ଗିରଫ

ମୁରିବାହାଲ (ଭାସ୍କର ନ୍ୟୁଜ୍) : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବନ ବିଭାଗ ଦ୍ୱାରା ଚଢ଼ାଉ ବେଳେ ୧୦କ୍ୱିଣ୍ଟାଲ ଖଇର ଗଣ୍ଡି ସହ ଏକ ହୋଣ୍ଡା ସାଇନ ବାଇକ (ଓଆର ୦୩ ଏଚ ୨୨୬୩) ଜବତ ହୋଇଥିବା ଜଣାଯାଇଛି। ସୂଚନା ଅନୁସାରେ ମୁରିବାହାଲ ରେଞ୍ଜ ଚଣାବାହାଲ ଗ୍ରାମ ପଞ୍ଚାୟତ ପୁଡାପାଲି ଗ୍ରାମ ସ୍ଥିତ ନର୍ସରୀରେ ଥିବା ଖଇର ଗଛ କାଟୁଥିବା ବେଳେ ଦୁଇ କାଠ ମାଫିଆଙ୍କ ସହ ଗୋଟିଏ ଗଛ କଟା ମେସିନ ଓ ଗୋଟିଏ ବାଇକ ମୁରିବାହାଲ ବନ ବିଭାଗ ଦ୍ୱାରା ଜବତ ହୋଇଛି। ଖଇର ଗଣ୍ଡିକୁ ଫରେଷ୍ଟ ବଙ୍ଗଳାକୁ ଅଣା ଯାଇଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ମୁରିବାହାଲ ଥାନା ଅନ୍ତର୍ଗତ ଅଣ୍ଡାଲଦର ଗ୍ରାମର ମାନ୍ଧାତା ଭୋଇ ଓ ବେଲପଡା ଥାନା ଅନ୍ତର୍ଗତ ମଲ୍ଲିକମୁଣ୍ଡା ଗ୍ରାମର ସୁଶୀଲ ସାହୁ। ଏହି ଚଢ଼ାଉ ସମୟରେ ଫରେଷ୍ଟର ଜୟକୃଷ୍ଣ ଭୋଇ, ଧ୍ରୁବଚରଣ ବରଗଡ଼, ଘନଶ୍ୟାମ ପଶାୟତ, ପୁଷ୍ପା ଯୋଶୀ, ନିଲୁ ବରିହା, ଅଜିତ ବେହେରା ଓ ସ୍କ୍ୱାଡ଼ ଚଢ଼ାଉ ବେଳେ ସାମିଲ ଥିଲେ। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବାବେଳେ ଜାମିନ ଆବେଦନ ଖାରଜ ହେବାରୁ ଜେଲ୍ ହାଜତକୁ ପଠାଯାଇଥିବା ମୁରିବାହାଲ ରେଞ୍ଜର ଶିବପ୍ରସାଦ ନାୟକ ପ୍ରକାଶ କରିଛନ୍ତି।

### ବାରିପଦା ପୌର ପରିଷଦରେ ଭିଜିଲାନ୍ସ ଚଢ଼ାଉ

## ଲାଞ୍ଚ ନେଇ ଧରା ପଡିଲେ ବରିଷ୍ଠ କିରାଣି

ବାରିପଦା (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ମୁଖ୍ୟାଳୟ ତଥା ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ବାରିପଦା ପୌର ପରିଷଦର ଏଷ୍ଟାବ୍ଲିସମେଣ୍ଟ ସେକ୍ସନର ବରିଷ୍ଠ କିରାଣି ଗୋପାଳ କୃଷ୍ଣ ପ୍ରଧାନ ମ୍ୟୁନିସିପାଲଟି ଦୋକାନ ଘରର ଓନରସିପ୍ ଟ୍ରାନଫର ପାଇଁ ଏମ. ଡି ଜାଭୀର ନାମକ ବ୍ୟକ୍ତିଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରେଡ ହ୍ୟାଣ୍ଡରେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ସୂଚନା ମୁତାବକ ଏମ. ଡି ଜାଭୀରଙ୍କ ସ୍ୱର୍ଗତଃ ପିତାଙ୍କ ନାମରେ ବାରିପଦା ସହରରେ ୨ଟି ମ୍ୟୁନିସିପାଲଟି ଦୋକାନ ଘର ରହିଥିଲା। ତେବେ ପିତାଙ୍କ ମୃତ୍ୟୁପରେ ପୁତ୍ର ଏମ ଡି ଜାଭୀର ଏବଂ ତାଙ୍କ ଭାଇ ଦୁଇଜଣଙ୍କ ନାମରେ ଓନରସିପ ଟ୍ରାନ୍ସଫର ପାଇଁ ଦୀର୍ଘ ଦୁଇବର୍ଷ ପୂର୍ବରୁ ଆବେଦନ କରିଥିଲେ। ତେବେ ଓନରସିପ ଟ୍ରାନ୍ସଫର ପାଇଁ ସମସ୍ତ କାଗଜପତ୍ର ଦାଖଲ କଲା ପରେ ମଧ୍ୟ ସେହି ବିଭାଗରେ କାର୍ଯ୍ୟରତ ବରିଷ୍ଠ କିରାଣୀ ଗୋପାଳ କୃଷ୍ଣ ପ୍ରଧାନ ତାଙ୍କୁ ଦୁଇବର୍ଷ ଧରି ନାନା ଆଳ ଦେଖାଇ ହଇରାଣ କରି ଆସୁଥିଲେ। ଶେଷରେ ଦଶହଜାର ଟଙ୍କା ଲାଞ୍ଚ ମାଗିଥିଲେ ଓନରସିପ୍ ଟ୍ରାନ୍ସଫର ବାବଦକୁ। ତେବେ ଅଭିଯୋଗକାରୀ ଏମ. ଡି ଜାଭୀର ଏହାକୁ ନେଇ ବାରିପଦା ଭିଜିଲାନ୍ସ ୟୁନିଟରେ ଅଭିଯୋଗ କରିବା ପରେ ଯୋଜନା ମୁତାବକ ଆଜି ଲାଞ୍ଚ ନେବା ବେଳେ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ଗୋପାଳ କୃଷ୍ଣଙ୍କୁ ରେଡ ହ୍ୟାଣ୍ଡରେ ଧରି ଲାଞ୍ଚ ନେଇଥିବା ସମସ୍ତ ଟଙ୍କା ତାଙ୍କ ଠାରୁ ଜବତ କରିବା ସହ ଗୋପାଳକୃଷ୍ଣଙ୍କୁ ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ କରାଯାଇଛି। ତାଙ୍କର କାର୍ଯ୍ୟାଳୟରେ ଫାଇଲପତ୍ର ଯାଞ୍ଚ କରିବା ସହ ବାସଗୃହ ମଧ ରେଡ କରାଯିବ ବୋଲି ବାରିପଦା ଭିଜିଲାନ୍ସ ୟୁନିଟର ଇନଚାର୍ଜ ବିକାଶ ସ୍ୱାଇଁ ଗଣମାଧ୍ୟମକୁ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି। ତେବେ ଏଭଳି ଘଟଣା ଲୋକଲୋଚନକୁ ଆସିବା ପରେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା। ଆଲୋଚନା ଜୋର ଧରିଛି ଯେ ଖାଲି କିରାଣୀଙ୍କୁ ଧରିଲେ ହେବନାହିଁ ଉକ୍ତ ଖାଉକିଆ, ଦୁର୍ନୀତିଖୋର କିରାଣିକୁ ଚାକିରିରୁ ବରଖାସ୍ତ କରିବା ସହିତ ଆଇନ୍ ଅନୁସାରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଦାବି ହେଉଛି। ଏଥିସହିତ ଲୋକେ ଆହୁରି ମଧ୍ୟ କହିଛନ୍ତି ଯେ ଗୋଟିଏ ଗୋଟିଏ ପରିବାରରେ ମ୍ୟୁନିସିପାଲଟି ପକ୍ଷରୁ ଏକାଧିକ ବ୍ୟବସାୟିକ ଗୃହ ବଣ୍ଟନ କରାଯିବା, ସମ୍ପୂର୍ଣ୍ଣ ଗାଇଡ୍ ଲାଇନ୍ ବାହାରେ ଗୃହ ବଣ୍ଟନ କରାଯାଇଛି ମ୍ୟୁନିସିପାଲଟି ପକ୍ଷରୁ। ଗରିବ, ମଧ୍ୟବିତ୍ତ, ବେକାରୀ ସମସ୍ୟାରେ ପୀଡିତ ଆର୍ଥିକ ଦୂରାବସ୍ଥା ଜର୍ଜରିତ ହିତାଧିକାରୀ ମାନଙ୍କୁ ରୋଜଗାରକ୍ଷମ କରାଇବା ନିମନ୍ତେ ଉଦ୍ଦିଷ୍ଟ ନକରି ପୁଞ୍ଜିପତି ପୋଷଣ ନୀତି ଆପଣେଇ ବ୍ୟବସାୟୀକ ଗୃହ ବଣ୍ଟନ କରିଛି ବାରିପଦା ପୌର ପ୍ରଶାସନ। ଲକ୍ଷ ଲକ୍ଷ ଟଙ୍କାର ଚଢା ମୂଲ୍ୟ ଟୋକେନ୍ ଡିପଜିଟ୍, ଲକି ଡ୍ରୋ ଇତ୍ୟାଦି ବିଭିନ୍ନ ଜାଲିଆତି ଥିବା କଥା ଆଲୋଚନା ହେଉଛି ଓ ନାନାମତ ପ୍ରକାଶ ପାଇଛି। ତେଣୁ ସଂପୂର୍ଣ୍ଣ ଭାବେ ବାରିପଦା ପୌରପାଳିକା ଦ୍ୱାରା ଏଇ ୧୦ବର୍ଷରେ ପ୍ରଦାନ କରାଯାଇଥିବା ସମସ୍ତ ବ୍ୟବସାୟିକ ଦୋକାନ ଘର ପ୍ରକୃତ ହିତାଧିକାରୀଙ୍କୁ ଦିଆଯାଇଛି କି ନାହିଁ ତା'ର ଏକ ଗଭୀର ତଦନ୍ତ ଜରୁରି ବୋଲି ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।



## ଦାନପୁର-ହାଟବାଣପୁର ରାସ୍ତା ପାଲଟିଛି ମରଣଯନ୍ତା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ କେନ୍ଦ୍ରାପଡ଼ା କେନାଲ୍‌ର ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁର ଲକ୍ ଠାରୁ ବସପୁର ପଞ୍ଚାୟତ ଅନ୍ତର୍ଗତ ହାଟବାଣପୁର ଯାଏ ରାସ୍ତା ମରଣଯନ୍ତା ପାଲଟିଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତାଟି ଗତବର୍ଷ ନିର୍ମାଣ କରାଯାଇଥିଲା। ହେଲେ ଦୈନିକ ଏହି ରାସ୍ତା ଦେଇ ନିକଟସ୍ଥ ଲୁଣାନଦୀର ବିଭିନ୍ନ ବାଲିଘାଟି ହାଇଓ୍ୱା ଭଳି ଭାରୀଯାନ ଅହରହ ବାଲି ଚାଲାଣ କରୁଥିବା ଯୋଗୁ ଏହି ରାସ୍ତାଟି ଧୀରେ ଧୀରେ ମରଣଯନ୍ତା ପାଲଟିଲାଣି। ବାଲି ବୋଝେଇ ଗାଡ଼ିରୁ ବାଲି ଝଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ବାଲିର ମୋଟା ଆସ୍ତରଣ ସୃଷ୍ଟି ହେବା ସହ ବହୁ ସ୍ଥାନରେ ବଡ଼ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଯାହା ଦ୍ୱାରା ଦୈନିକ ବାଇକ୍ ଆରୋହୀ ଓ ସାଇକେଲ ଆରୋହୀମାନେ ବାଲି ଓ ଖାଲଖମା ଯୋଗୁ ବିଭିନ୍ନ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ଅହରହ ଭାରୀଯାନ ଯାତାୟତ କରୁଥିବାରୁ ସେହି ବାଟ ଦେଇ ଅନ୍ୟ କୌଣସି ଛୋଟ ଯାନ ଯିବା କଷ୍ଟସାଧ ହୋଇପଡୁଛି। ଏହି ବାଟଦେଇ ଯାଉଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ ଦୁଇବର୍ଷ ତଳେ କେନାଲ ବନ୍ଧର ହାଟବାଣପୁର ଜନୈକ ହାଇସ୍କୁଲ ଛାତ୍ରୀର ହାଇଓ୍ୱା ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିଲା। ଏହି ରାସ୍ତାକୁ ଭାରୀଯାନ ଚଳାଚଳ ଉପଯୋଗ ନିମନ୍ତେ ମଜବୁତ୍ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ପାଇପ୍ ଲାଇନ୍ ବିଛା ଯୋଗୁ ବ୍ୟାପକ ବୃକ୍ଷ ନଷ୍ଟ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଡୁବୁରୀ ଠାରୁ ପାରାଦୀପ ବନ୍ଦରରକୁ କ୍ରୋମାଇଟ ପରିବହନ ପାଇଁ ୫୩ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ବିଛା ଯାଉଥିବା ପାଇପ ଲାଇନ୍ ଯୋଗୁ ବ୍ୟାପକ ବୃକ୍ଷ ନଷ୍ଟ ହେଉଥିବାରୁ ଦେଖା ଯାଉଛି। ଠିକା ସଂସ୍ଥା ଦ୍ୱାରା ଏହି ପାଇପ ଲାଇନ କାର୍ଯ୍ୟ ଚାଲୁ ଅଛି। ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଚଣ୍ଡିଖୋଲ ଛକ ମାଂସ ମାର୍କେଟ ଠାରୁ ଖୋସାଲିପୁର ପର୍ଯ୍ୟନ୍ତ ଆରଡି ରାସ୍ତାର ପାର୍ଶ୍ୱରେ ପୂର୍ବତନ ଗ୍ରାମ ପଞ୍ଚାୟତ ସରପଞ୍ଚ ଚାଚା ଲିନ୍



ସ୍ୱାଇଁଙ୍କ ଉଦ୍ୟମରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା। ବୃକ୍ଷଗୁଡିକ ବଡ ହୋଇ ଫଳ ଫୁଲ ଧରିବା ସମୟରେ ଠିକା ସଂସ୍ଥା ବିନା ଜଙ୍ଗଲ ବିଭାଗ ଅନୁମତିରେ ବୃକ୍ଷ ଗୁଡିକୁ ନଷ୍ଟ କରୁଥିବାର ଦେଖିବାକୁ ମିଳୁଛି। ଫଳରେ ପରିବେଶ ଦୂଷିତ ହେବା ସହିତ ରାସ୍ତାର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବ ଯାହା ପରିବେଶବିତ୍ ମାନଙ୍କୁ ବ୍ୟଥିତ କରିଛି। ବୃକ୍ଷ ନଷ୍ଟ କରୁଥିବା ଠିକା ସଂସ୍ଥା ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ସିବିଏସ୍‌ଇ ଡେରାବିଶ ବ୍ଲକ ଟପ୍ପରଙ୍କୁ ପାଟକୁରା ବିଧାୟକଙ୍କ ସମ୍ବର୍ଦ୍ଧନା



ଡେରାବିଶ (ଭାସ୍କର ନ୍ୟୁଜ୍) : ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲର ଛାତ୍ରୀ ଜିହାନ ତନଜିମ୍ ଖାନ ୯୪.୮ ପ୍ରତିଶତ ନମ୍ବର ରଖି ଡେରାବିଶ ବ୍ଲକ ଟପ୍ପର ହେବାର ଆଖ୍ୟା ଅର୍ଜନ କରିଛନ୍ତି। ଏହି ଖବର ପାଇବା ପରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଆଜି ଅପରାହ୍ନରେ ଜିହାନଙ୍କ ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବରିଷ୍ଠ ବିଜେଡ଼ି ନେତା ସରୋଜ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଲକ୍ଷମୀନାରାୟପୁରର ପୂର୍ବତନ ସରପଞ୍ଚ ମହେନ୍ଦ୍ର ସିଂ, ଗୋଲରାହାଟର ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ, ତ୍ରିଲୋଚନ ରାଉତ, ଗଗନ ଧଳ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଜିହହାନ୍‌ଙ୍କୁ ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଓ ଡେରାବିଶ ସାଂସ୍କୃତିକ ସଂଗଠନର ସଭାପତି ଡକ୍ଟର ଭକ୍ତକବି ଦାସ, ସଂଗଠନର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ଅଭିଭାବକ ଓ ପରିବାର ବର୍ଗ ଉପସ୍ଥିତ ରହିଥିଲେ।

## ମା' ଚାମୁଣ୍ଡା ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ଛତ୍ରପୁର (ଭାସ୍କର ନ୍ୟୁଜ୍) : ରମ୍ଭା ଥାନା ଅନ୍ତର୍ଗତ ବିରୁଳିଗଡ଼ ନିକଟରେ ଥିବା ମା' ଚାମୁଣ୍ଡା ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଗତକାଲି ରାତିରେ ଚାମୁଣ୍ଡା ମନ୍ଦିରରେ ପଶି ହୁଣ୍ଡି ଭାଙ୍ଗି ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ଫେରାର ହୋଇଯାଇଛନ୍ତି। ସକାଳେ ମନ୍ଦିର ପୂଜାରୀ ମନ୍ଦିରକୁ ଆସି ଦେଖିବାବେଳେ ମନ୍ଦିର କବାଟ ଖୋଲାଥିବାବେଳେ ହୁଣ୍ଡିରୁ ଟଙ୍କା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଗ୍ରାମର ଲୋକମାନଙ୍କୁ ଜଣାଇବା ପରେ ଏ ନେଇ ରମ୍ଭା ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ରମ୍ଭା ଥାନା ପକ୍ଷରୁ ମାମଲାକୁ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।



## ସାବିତ୍ରୀ ବ୍ରତ ପାଇଁ ବଜାର ଦର ଆକାଶଛୁଆଁ

ବୋଲଗଡ (ଭାସ୍କର ନ୍ୟୁଜ୍) : ଆଉ ୨ଦିନ ପରେ ସାବିତ୍ରୀ ବ୍ରତ। ଏଥିପାଇଁ ରାସ୍ତାକଡ଼, ଛକ ଓ ବଜାରରେ ଫଳ ବ୍ୟବସାୟୀ ପସରା ମେଲାଇଛନ୍ତି। ଶାଢ଼ି, ଚୁଡ଼ି, କସମେଟିକ୍ସ ଆଦି ଦୋକାନ, ବଜାରରେ ଦର ଆକାଶଛୁଆଁ ହୋଇଛି। ଏ ସମୟରେ ସମସ୍ତ ପ୍ରକାର ଜିନିଷର ଚାହିଦା ଅଧିକ ଥିବାରୁ ବ୍ୟବସାୟୀମାନେ ଦରବୃଦ୍ଧି କରିବାକୁ ପଛାଉ ନାହାନ୍ତି। ରାଜସୁନାଖଲା, ବୋଲଗଡ଼, ପିଚୁକୁଳି, କଳାପଥର ଆଦି ବଜାରରେ ସୀମିତ ପରିମାଣରେ ଫଳ ରହିଥିବାରୁ ବ୍ୟବସାୟୀମାନେ ଫଳ ଓ ସାବିତ୍ରୀ ବ୍ରତ ପାଳନ ନିମନ୍ତେ ଆବଶ୍ୟକ ଜିନିଷକୁ ଚଢ଼ା ଦରରେ ବିକ୍ରି କରୁଥିବା ଦେଖାଯାଇଛି। ଆମ୍ବ, ପଣସ, ସପୁରି, ଲିଚୁ, କମଳା, ସପେଟା, ଅଙ୍ଗୁର, କଦଳୀ, ଖଜୁରି, ତାଳ ଆଦି ଫଳମୂଳ ସହ ଗଜା ମୁଗର ଦର ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ତେଣୁ ଏ ସମୟରେ ବିଶେଷ ଭାବେ ନୂଆ କରି ବିବାହ କରିଥିବା କନ୍ୟା ପିତାଙ୍କ ପାଇଁ ଏଭଳି ପରିସ୍ଥିତି ଆର୍ଥିକ ବୋଝ ମନେ ହୋଇଥାଏ। କାରଣ ଦର ଯେତେ ଅଧିକ ହେଲେ ମଧ୍ୟ ସାବିତ୍ରୀ ଭାର ଦେବାକୁ ହିଁ ପଡ଼ିବ। ଅବଶ୍ୟ ବିଭିନ୍ନ ସ୍ଥାନର ଚାହିଦା ଅନୁସାରେ କେଉଁଠାରେ ଦର କମ୍ ଓ ଅଧିକ ରହିଛି। ତେବେ ଆମ୍ବ କିଲୋ ପ୍ରତି ୪୦ରୁ ୫୦ଟଙ୍କା ଥିବାବେଳେ ସେଓ,



ଅଙ୍ଗୁର, କମଳା କିଲୋ ପ୍ରତି ଶହେ ଟଙ୍କାରୁ ଅଧିକ, କଦଳୀ ଡର୍ଜନ ପ୍ରତି ସର୍ବନିମ୍ନ ୩୦ରୁ ୫୦ଟଙ୍କା, ସପୁରି ଗୋଟା ୩୦ରୁ ୪୦ଟଙ୍କା, ସପେଟା ୧୫୦ ଟଙ୍କା, ଗୋଟାତାଳ ୧୦ରୁ ୨୦ଟଙ୍କା, ନଡିଆ ଗୋଟା ୨୫ରୁ୩୫ଟଙ୍କା, କାକୁଡି କିଲୋପିଛା ୩୦ରୁ ୪୦ଟଙ୍କା, ପଣସ ଗୋଟିଏ ପିଛା ୫୦ରୁ ୩୫୦ଟଙ୍କା ରହିଛି। ଦରଦାମ ଯାହା ହେଉନା କାହିଁକି ଯେ କୌଣସି ମତେ ଓଡ଼ିଆ ବୋହୂଟିଏ ଉପରୋକ୍ତ ଜିନିଷ କିଣି ପାରମ୍ପାରିକ ସାବିତ୍ରୀ ବ୍ରତ ପାଳନ କରିବେ। ଆମ ହିନ୍ଦୁ ପରମ୍ପରା ଅନୁଯାୟୀ ପରିବାରର ବିବାହିତ ମହିଳାମାନେ ସ୍ୱାମୀଙ୍କ ଶୁଭମନାସୀ ନୀତି ନିୟମ ଅନୁସାରେ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି। ତେବେ ଦରଦାମରେ କଳାବଜାରୀ ରୋକିବାକୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଠିପିବନ୍ଧ ମଦ ଦୋକାନ ନିକଟରୁ ବେଆଇନ ଚାଖଣା ଦୋକାନ ହଟିବ କେବେ ?

ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର-ଦୋବଲ ରାସ୍ତା ଘୋଡ଼ାଗଣ୍ଡ ରାସ୍ତାକଡ଼ରେ ଠାରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଠିପିବନ୍ଦ ମଦଦୋକାନ ନିକଟରେ ଗୁରୁବାର ମଧ୍ୟାହ୍ନରେ ମଦ୍ୟପ ଯୁବକ ଗଣ୍ଡଗୋଳ ଲାଗିବା ଦ୍ୱାରା ଏମିତି ଉତ୍ତେଜନା ହେଲା ଯେ ବାଧ ହୋଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପଡ଼ିଥିଲା। ପ୍ରକାଶ ଥାଉକି ଉକ୍ତ ସରକାରୀ ସ୍ୱୀକୃତି ପ୍ରାପ୍ତ ଠିପିବନ୍ଦ ମଦଦୋକାନରୁ ଗୁରୁବାର ମଧ୍ୟାହ୍ନ ପ୍ରାୟ ୨ଟା ସମୟରେ କିଛି ଯୁବକ ଉକ୍ତ ମଦଦୋକାନରୁ କିଣି ସେଠାରେ ପିଉଥିଲେ। ଏହାର କିଛି ସମୟ ପରେ ଦୋବଲ ଅଞ୍ଚଳରୁ ଦୁଇ/ତିନି ଜଣ ଯୁବକ ମଦ କିଣି ପିଇବାକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ପୂର୍ବରୁ ମଦ୍ୟପ ଅବସ୍ଥାରେ ଥିବା ଯୁବକଙ୍କ କୌଣସି କାରଣରୁ ପ୍ରଥମେ ପାଟିତୁଣ୍ଡ ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ହୋଇଥିଲା। ପରେ ପରିସ୍ଥିତି ଏପରି ହୋଇଥିଲା ଯେ ପୂର୍ବରୁ ମଦ୍ୟପ ଅବସ୍ଥାରେ ଥିବା ଯୁବକମାନେ ଉକ୍ତ ଦୁଇ ଜଣ ଯୁବକଙ୍କୁ ପିଟିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ଖବର ପାଇ ଧାମନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଫଳରେ ମାଡ଼ ମାରିଥିବା ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୂର୍ବରୁ ମଧ ସେଠାରେ ଅନେକ ଥର ଗଣ୍ଡଗୋଳ ହୋଇଛି। ପ୍ରକାଶ ଥାଉକି ଠିପିବନ୍ଦ ମଦ ଦୋକାନ ନିକଟରେ କୌଣସି ଜଳଖିଆ ଓ ଚାଖନା ଦୋକାନ ରହିବାର ନିୟମ ନାହିଁ। ହେଲେ ମଦଦୋକାନ ପାଖରେ ସବୁଜ ରଙ୍ଗର କପଡ଼ା ଘେରାଇ ସେଠାରେ ତିନୋଟି ଚାଖନା ଦୋକାନ ଖୋଲି ସେଠାରେ ଖୋଲମ ଖୋଲା ମଦ ପିଆଯାଇ ମାତାଲ ଅବସ୍ଥାରେ ଗଣ୍ଡଗୋଳ ହେଉଛି। ସୂଚନାଥାଉ କି ନିକଟରେ ଧାମନଗର ଥାନାକୁ ନୂଆକରି ଆସିଥିବା କମିଶନରେଟ ପୋଲିସ ଗୋପାଳ କୃଷ୍ଣ ଯେନା ଉକ୍ତ ଚାଖନା ଦୋକାନ ଗୁଡ଼ିକୁ ବନ୍ଦ କରି ସମଗ୍ର ସାମଗ୍ରୀ ସିଜ୍ କରି ନେଇଥିଲେ। ପୁଣି ସାତଦିନ ପରେ ରାଜନୈତିକ ଚାପରେ ଥାନାବାବୁ ଚାପିହୋଇ ଯାଇଥିଲେ। ସେଠାରେ ଦୋକାନୀମାନେ କୁଆଡେ ଥାନାକୁ ମାସକୁ ୬ହଜାର ଟଙ୍କା ଦେବାକୁ ସ୍ଥିର କରିଥିଲେ। ପରେ ଏବେ ସେଠାରେ ଏବେ ମିନି ବାର୍ ପରି ବେପାର ଚାଲିଛି। ପ୍ରଥମେ ଯେମିତି ପୋଲିସ ଦୋକାନକୁ ବନ୍ଦ ରଖିଥିଲେ ପରେ ପୁଣି କେମିତି ପୋଲିସ ଖୋଲିବା ପାଇଁ କହୁଥିଲା ତାହା ସଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଯଦି ଉକ୍ତ ମଦ ଦୋକାନ ନିକଟରୁ ଏହି ବେଆଇନ ଚାଖନା ଦୋକାନ ହଟିବ ସେଠାରେ ଆଉ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବନାହିଁ। ଏ ଦିଗରେ ଅବକାରୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଠିପି ବନ୍ଦ ମଦଦୋକାନ ନିକଟରେ ଅନ୍ୟ କିଛି ଦୋକାନ ରହିବା କଥା ନୁହଁ ଯଦି ଏପରି ହୋଇଛି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।




## ପୁରୁଣା ପୋଖରୀର ହେବ ନବକଳେବର

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ପୁରୁଣା ବଜାର ଜଗନ୍ନାଥ ମନ୍ଦିର ପଛପଟ ଥିବା ବହୁ ପୁରୁଣା ପୋଖରୀର ଏବେ ନବକଳେବର ହେବାକୁ ଯାଉଛି। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଏଥିପ୍ରତି ଦୃଷ୍ଟି ଦେଇଛନ୍ତି। ବେଦାନ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉକ୍ତ ପୋଖରୀର ଭାଗ୍ୟ ବଦଳେଇବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ବେଦାନ୍ତ କମ୍ପାନୀ ପାରିପାର୍ଶ୍ୱିକ ପାଣ୍ଠି ଦ୍ୱାରା ଲକ୍ଷାଧିକ ଟଙ୍କା ବ୍ୟୟରେ ପୋଖରୀର ଚତୁଃର୍ପାଶ୍ୱ ସୁନ୍ଦର ସୁନ୍ଦର ଆଲୋକ ସଜା ସହ ଏକ ଅତ୍ୟାଧୁନିକ ପାର୍କ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏନେଇ ଆଜି ବିଧାୟକ ଶ୍ରୀ ସାଉନ୍ତା ଅତିରିକ୍ତ ତହସିଲଦାର ମାଧବ ଭତ୍ରା ଲକ୍ଷ୍ମୀପୁର ରାଜସ୍ୱ ନିରୀକ୍ଷକ ବିନାୟକ ସିର୍କା ଓ ବେଦାନ୍ତ କମ୍ପାନୀ ଅଧିକାରୀଙ୍କ ଉପସ୍ଥିତିରେ ଜାଗା ଚିହ୍ନଟ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଅତିଶୀଘ୍ର କାମ ଆରମ୍ଭ ହେବ ବୋଲି ବିଧାୟକ ପ୍ରକାଶ କରିଛନ୍ତି।


## ତାଳଚେରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ବିପୁଳ ସମ୍ବର୍ଦ୍ଧନା

ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେର ପୌରପରିଷଦ ପକ୍ଷରୁ ଆଜି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିପୁଳ ସମ୍ବର୍ଦ୍ଧନା ଜଣାଇବା ସହିତ ସ୍ୱାଗତ କରାଯାଇଛି। ତାଳଚେର ପୌର ପରିଷଦର ଅଧ୍ୟକ୍ଷ ପବିତ୍ର ଭୂତିଆଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଗହଣରେ ସ୍ଥାନୀୟ ପବିତ୍ର ମୋହନ ପ୍ରଧାନ ଛକ ଠାରେ ଥିବା ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମାଲ୍ୟାର୍ପଣ କରିଥିଲେ। ତାଙ୍କ ସହିତ ଢ଼େଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୁଳ ବିଧାୟକ ପ୍ରତାପ ପ୍ରଧାନ, ପର୍ଜଙ୍ଗ ବିଧାୟକ ବିଭୁତି ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ତାଳଚେରରେ ପୁରୁଣା ଯୁବରାଜ ହାଇସ୍କୁଲ ନିକଟରେ ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାର ଭୂମିପୂଜନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଯୋଗଦେବା ପାଇଁ ଓ ତାଳଚେର କଲେଜରେ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ଶୁଭ ଦେବା ଅବସରରେ ଆସିଥିବା ବେଳେ ପବିତ୍ର ମୋହନ ଛକ ଠାରେ ଏହି ସମ୍ବର୍ଦ୍ଧନା ପୌର ପରିଷଦ ପକ୍ଷରୁ ଦିଆ ଯାଇଥିଲା। ଏଥିରେ ବିଜେପି ଜିଲ୍ଲା ସଭାପତି ଯଯାତି କେଶରୀ ପଟ୍ଟନାୟକ ବିଭୁତି ସାହୁ, ସୀତିକାନ୍ତ ବାରିକ ନାରୀ ନେତ୍ରୀ ନୟନା ଦେହୁରୀ, ପୌର ପରିଷଦର ନିର୍ବାହୀ ଅଧିକାରୀ ପ୍ରଦୀପ ସାହା, କାଉନସିଲର ଆସିଫ ଖାଁ, କାଉନସିଲର ମମତା ରାଉତ, କାଉନସିଲର ସନ୍ତୋଷ ବେହେରା ବାବୁନି ସ୍ୱାଇଁ, ପୌର ଯନ୍ତ୍ରୀ ଗୋଲେଖ ସାହୁ, ସମସ୍ତ ପୌର କର୍ମଚାରୀଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ସମର୍ଥକ ଯୋଗ ଦେଇଥିଲେ।




## ରାଶିଫଳ


**ଶନିବାର, ୨୪ ମଇ ୨୦୨୫**




**ମେଷ:** ଜୀବନସାଥୀଙ୍କ ଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କ ଠାରୁ ସାବଧାନ ରୁହନ୍ତୁ।




**ବୃଷ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି। ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ।



**ମିଥୁନ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ।




**କର୍କଟ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ। ଯାନ-ଯନ୍ତ୍ରପାତି କ୍ରୟ ସମ୍ଭାବନା। ବ୍ୟବସାୟରେ ବାଧା ଆସିବ।




**ସିଂହ:** ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।




**କନ୍ୟା:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ବ୍ୟବସାୟ ଯାତ୍ରା ସଫଳ ହେବ। ଅହଂକାର ଦୂର କରନ୍ତୁ। ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ।



**ତୁଳା:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢ଼ିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ବିଛା:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରାର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।




**ଧନୁ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



**ମକର:** ଆପଣ ସ୍ୱାଦିଷ୍ଟ ଭୋଜନ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



**କୁମ୍ଭ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢ଼ିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।



**ମୀନ:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






କୋରାପୁଟ (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା କୋଟପାଡ କୋର୍ଟ ବାର୍ ଆସୋସିଏସନ ତରଫରୁ ପ୍ରଥମ ଥର ବଣ୍ଡାଗୁଡାରେ ଭାରତୀୟ ନାଗରିକ ଆଇନ ସମ୍ବନ୍ଧରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା । ଏଥିରେ ଆଇନ ଓ ସାହିତ୍ୟ କିଭଳି ଜଡିତ ଏବଂ ଅନଭିଜ୍ଞଙ୍କୁ ଆଇନଜୀବୀମାନେ କିଭଳି ସେବା ଯୋଗାଇବେ, ନାଗରିକତା ଆଇନ କିଭଳି ପରିଚାଳିତ ହୁଏ ତା'ଉପରେ ଯୁବ ଆଇନଜୀବୀମାନଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ହାଇକୋର୍ଟର ବିଚାରପତି ଶଶିକାନ୍ତ ମିଶ୍ର ମୁଖ୍ୟବକ୍ତା, ସମ୍ମାନୀୟ ଅତିଥି ହାଇକୋର୍ଟ ବିଚାରପତି ଶିବ ଶଙ୍କର ମିଶ୍ର ଓ ରାଜ୍ୟ ବାର ଆସୋସିଏସନ ସିତାଂଶୁ ମୋହନ ଦ୍ୱିବେଦୀ, ବରିଷ୍ଠ ଆଇନଜୀବୀ ପି.ରମେଶ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ପ୍ରଥମେ କୋଟପାଡ ବାର୍ କାଉନସିଲର ସଦସ୍ୟ ଓ କୋର୍ଟର ପ୍ରଥମ ଶ୍ରେଣୀ ବିଚାରପତି ତ୍ରିଜୀବ କୁମାର ନନ୍ଦ, ଜିଲ୍ଲା ଜଜ୍ ପି.କେ ମହନ୍ତ ପ୍ରମୁଖ ବିଚାରପତିମାନଙ୍କୁ କୋର୍ଟ ନିକଟସ୍ଥ ମଧୁବାବୁ ଓ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଇଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ବରିଷ୍ଠ ଆଇନଜୀବୀ ଜିତେନ୍ଦ୍ର ନାଥ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୋଟପାଡ ବାର୍ କାଉନସିଲର ଉପସଭାପତି ମଣି ପ୍ରସାଦ ପଟ୍ଟନାୟକ ସଭା ପରିଚାଳନା କରିଥିଲେ । ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥି ଆଇନ ସାକ୍ଷ୍ୟର ନିୟମ ଗୁଡିକ ଅନଭିଜ୍ଞ ଲୋକଙ୍କୁ ବୁଝାଇବା ସହ କିଭଳି ସେବା ଯୋଗାଇବା ଓ ନୀରିହ ଲୋକ ଆଇନ ଜାଲରେ ଛନ୍ଦି ହେଉଛନ୍ତି, ସେମାନଙ୍କୁ କିଭଳି ଏଥିରୁ ମୁକ୍ତି ମିଳିବ ସେନେଇ ଆଲୋଚନା କରିଥିଲେ । ବର୍ତ୍ତମାନର ଯୁବ ଆଇନଜୀବୀମାନେ ସାଧାରଣ ଲୋକଙ୍କୁ ସେବା ଦେଇପାରିବେ ବୋଲି ମତ ପ୍ରକାଶ ପାଇଥିଲା । ଦୋଷୀଙ୍କୁ ଆଇନ ଅନୁଯାଇ ଦଣ୍ଡ ମିଳୁ କିନ୍ତୁ ନିର୍ଦ୍ଦୋଷଙ୍କୁ ଦଣ୍ଡ ନମିଳୁ, ଏଥିପ୍ରତି ଯତ୍ନବାନ୍ ହେବା ଉଚିତ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ କୋଟପାଡ ବାର୍ କାଉନସିଲ ସମ୍ପାଦକ ମୁକ୍ତେଶ୍ୱର ନାୟକ, ଉପସଭାପତି ସୁଧୀର ମହାନ୍ତି, ଯୁଗ୍ମ ସମ୍ପାଦକ ଗୁପ୍ତ ବେହେରା, ସହସମ୍ପାଦକ ବିଦ୍ୟୁଲତା ମୁଦୁଲି, କୋଷାଧ୍ୟକ୍ଷ ଦୁର୍ଗା ସାହୁ, କାର୍ଯ୍ୟକାରୀ ସଦସ୍ୟ ବାଳକୃଷ୍ଣ ବିଶୋଇ, କିଶୋର ଚନ୍ଦ୍ର ମିଶ୍ର, ଶଙ୍କର ପଣ୍ଡା, ପ୍ରଦୀପ ବକ୍ସାଇ, ଘନଶ୍ୟାମ ବିଶୋଇ, ଜଗଦୀଶ ଚନ୍ଦ୍ର ହୋତା , ଲିଙ୍ଗରାଜ ନାୟକ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ମୁକ୍ତେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଳିଆ ପୃଥକୀକରଣ ଗୃହ ପାଲଟିଛି ଗୋଦାମ



କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍): ଅଳିଆ ପୃଥକୀକରଣ କରିବା ନିମନ୍ତେ ସରକାରଙ୍କ ତରଫରୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ତିନି ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଗୃହ ନିର୍ମାଣ ହୋଇଥିବା ବେଳେ, ଘରଘର ବୁଲି ଅଳିଆ ଆଣିବା ନିମନ୍ତେ ସରକାର ଗାଡି ମଧ୍ୟ ଯୋଗାଇ ଦେଇଛନ୍ତି । ବିଭିନ୍ନ ପଂଚାୟତରେ ଗାଡି ଗୁଡିକ ରାସ୍ତାରେ ଗଡୁଥିବା ଦେଖିବାକୁ ମିଳୁଛି ବୋଲି ଗ୍ରାମବାସୀ କହୁଥିବାବେଳେ, ଅଳିଆ ପୃଥକୀକରଣ ଗୃହ ଗୁଡିକ ଆଉ କେଉଁ କାମରେ ଆସିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେବେ କିଛି ବ୍ୟବସାୟୀ ଉକ୍ତ ଗୃହକୁ ନିଜ ଗୋଦାମ ଗୃହ ଭାବେ ବ୍ୟବହାର କରୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଧାନ ସମୟରେ ବାଦାମ ସିଜିନରେ ବାଦାମ ଏବଂ ମହୁଲ ଭଳି ବିଭିନ୍ନ ସାମଗ୍ରୀ ରଖୁଥିବାର ଦେଖିବାକୁ ମିଳୁଛି। ତାସହିତ ଉକ୍ତ ଗୃହକୁ ନିଜ ଗୋଦାମ ଗୃହ ଭାବି ବ୍ୟବସାୟୀ ଚାବି ପକାଇ ନିଜ ଅକ୍ତିଆରରେ ରଖୁଛନ୍ତି। ଏମିତି ଏକ ଅଳିଆ ପୃଥକୀକରଣ ଗୃହ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ଡୁଡାମେଟା ଗ୍ରାମପଞ୍ଚାୟତ ସଦରରେ । ୩.୫୦ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ଅଳିଆ ପୃଥକୀକରଣ ଗୃହ ନିର୍ମାଣ ହୋଇଥିଲା। ହେଲେ ଏବେ ସେହି ଗୃହକୁ କିଛି ସ୍ଥାନୀୟ ବ୍ୟବସାୟୀ ଗୋଦାମ ଗୃହ ଭାବେ ବ୍ୟବହାର କରିବାର ଦେଖିବାକୁ ମିଳୁଛି। ଗ୍ରାମ ବାସୀଙ୍କ କହିବା ଅନୁଯାୟୀ ଉକ୍ତ ଗୃହ ନିର୍ମାଣ ହେବା ଠାରୁ ଦିନେ ମଧ୍ୟ ଜନସାଧାରଣଙ୍କ କାମରେ ଆସିନି କି କୌଣସି ଅଳିଆବୁହା ଗାଡି ଦିନେ ମଧ୍ୟ କେଉଁ ଗାଁ ରେ ବୁଲି ଅଳିଆ ଆଣିବା ଦେଖିନୁ ବୋଲି କହିଛନ୍ତି। କିନ୍ତୁ ବିଭିନ୍ନ ସମୟରେ ଧାନ, ବାଦାମ, ମହୁଲ ଆଦି କିଛି ବ୍ୟବସାୟୀ ରଖୁଥିବାର ଦେଖିବାକୁ ମିଳୁଛି। ପଞ୍ଚାୟତ ସଦରଠାରୁ ମାତ୍ର ୫୦ମିଟର ଦୂର ରାସ୍ତାକଡରେ ଏହି ଅଳିଆ ପୃଥକୀକରଣ ଗୃହଟି ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଅଧିକାରୀ ନଜରରେ ପଡୁନାହିଁ ନା ସବୁ ଜାଣିଶୁଣି ଅଧିକାରୀମାନେ ନିରବଦ୍ରଷ୍ଟା ସାଜି ବ୍ୟବସାୟୀଙ୍କୁ ଗୋଦାମ ଗୃହ କରିବାକୁ ସୁଯୋଗ ଦେଉଛନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏନେଇ ଆମେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେକି ମୁଁ ଏବିଷୟ ଜାଣିନି । ବୁଝିକି ଦେଖୁଚି ଯଦି ସେମିତି କିଛି ହେଇଛି ତେବେ କିପରି ଭାବେ ସେ ଜନସାଧାରଣଙ୍କ କାର୍ଯ୍ୟରେ ଆସିବ ସେଭଳି ପଦକ୍ଷେପ ଗ୍ରହଣ କରାଯିବ।

## ଭିଜିଲାନ୍ସ ଜାଲରେ ପ୍ରକଳ୍ପ ନିର୍ଦ୍ଦେଶକ ଓ ତିନି ଅଧିକାରୀ



ରାୟଗଡ(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କାଶିପୁର ବ୍ଲକର ଜଳଛାୟା ବିଭାଗ ରେ ଦୁର୍ନୀତି ଅଭିଯୋଗର ପର୍ଦାଫାସ କରି ଏନଆରଇଜିଏସ୍ ଅଧୀନରେ ୨୦ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ଆତ୍ମସାତ ପାଇଁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ତିନି ଜଣ ସହାୟକ ଅଧିକାରୀଙ୍କୁ ଗିରଫ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ ଏନଆରଇଜିଏସ୍ ଅଧୀନରେ କୃଷି ପୋଖରୀ ଖନନ ନ କରି ସରକାରୀ ପାଣ୍ଠିର ଅପବ୍ୟବହାର ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଏକ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ ୪ ଜଣ ଅଭିଯୁକ୍ତ ଯଥା ରାଜେନ୍ଦ୍ର ନାଥ ନାୟକ, ସହ ପ୍ରକଳ୍ପ ନିର୍ଦ୍ଦେଶକ ତଥା ସହ-ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂସ୍ଥା (ଶ୍ରେଣୀ-୧),ଯୋଗେନ୍ଦ୍ର ଖୋସଲା ମୃତ୍ତିକା ସଂରକ୍ଷଣ,ଦୀପକ କୁମାର ସାହୁ ମୃତ୍ତିକା ସଂରକ୍ଷଣ ପର୍ଯ୍ୟବେକ୍ଷକ ଏବଂ ଶ୍ରୀକୁମାର ନାୟକ ମୃତ୍ତିକା ସଂରକ୍ଷଣ ସଂପ୍ରସାରଣ କର୍ମୀ,ରାୟଗଡ଼ା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି)ଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମିଶି ୨୦ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଟଙ୍କା ଆତ୍ମସାତ କରିଥିବା ଜଣାପଡ଼ିଥିଲା । ରାୟଗଡା ଜିଲ୍ଲାର କାଶୀପୁର ବ୍ଲକର ବିଭିନ୍ନ ଗ୍ରାମରେ ୨୩ ଟି କୃଷି ପୋଖରୀ ଖନନ ନକରି ୨୦ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଉକ୍ତ କାର୍ଯ୍ୟାଳୟର ଅଭିଯୁକ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଉପରୋକ୍ତ ଅର୍ଥକୁ ଜବକାର୍ଡ ଥିବା ଶ୍ରମିକଙ୍କ ଆକାଉଣ୍ଟରେ ଜମା କରି ଉଠାଇ ନେଇଥିବା ମଧ୍ୟ ଯାଞ୍ଚରେ ଜଣାପଡିଛି । ଏହା ବ୍ୟତୀତ କାଶୀପୁର ବ୍ଲକର ଦୁର୍ଗମ ଏବଂ ଜଙ୍ଗଲ ଅଞ୍ଚଳରେ ପୋଖରୀ ଥିବାରୁ କୃଷି ପୋଖରୀ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଥିବା କଥା ଯାଞ୍ଚ ଜାରି ରହିଛି ।

## ୭ ଚିକନଗୁନିଆ ଆକ୍ରାନ୍ତ ଚିହ୍ନଟ

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ସହରରେ ଭୟ ବଢାଇଛି ଚିକନଗୁନିଆ । ଗୋଟିଏ ଦିନରେ ସହରରୁ ଚିହ୍ନଟ ହୋଇଛନ୍ତି ୭ ଆକ୍ରାନ୍ତ । ଯାହା ଏବେ ସ୍ୱାସ୍ଥ୍ୟ ବିଭାଗର ଚିନ୍ତାକୁ ବଢାଇଛି । ସ୍ଥିତି ନିୟନ୍ତ୍ରଣ ଲାଗି ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି । କୋରାପୁଟ ପୌରପାଳିକା ଅନ୍ତର୍ଗତ ୯ନମ୍ବର ୱାର୍ଡରେ ରଥଶର୍ମା କଲୋନୀରେ କିଛି ଦିନ ହେଲା ଅଜଣା ରୋଗ ବ୍ୟାପିଥିଲା । ୫୦ରୁ ଅଧିକ ଜଣ ଆକ୍ରାନ୍ତ ହେବାପରେ ସ୍ୱାସ୍ଥ୍ୟ ବିଭାଗର ଗୋଟିଏ ଟିମ୍ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲା। ଆକ୍ରାନ୍ତଙ୍କ ରକ୍ତ ନମୁନା ସହ ବ୍ୟବହାର କରୁଥିବା ପାଣିର ନମୁନା ସଂଗ୍ରହ କରିଥିଲା । ପରୀକ୍ଷା ପରେ ପ୍ରାୟ ୨୦ଜଣ ନମୁନା ଉଦ୍‌ବେଗ ବଢାଇଥିଲା । ତେଣୁ ଉକ୍ତ ରକ୍ତ ନମୁନାକୁ ପୁଣି ପରୀକ୍ଷା କରିବାରୁ ୭ଜଣ ଚିକନଗୁନିଆରେ ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଛି । ମଶାଯୋଗୁଁ ଏହି ରୋଗ ହୋଇଥାଏ । ତେଣୁ ମଶାବଂଶ ଯେପରି ବଢିବ ନାହିଁ ସେଥିଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସିଡିଏମଓ ଡ.ବରଦା କାନ୍ତ ମିଶ୍ର ସୂଚନା ଦେଇଛନ୍ତି । ସେହିପରି ଘର ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ଆଖପାଖ ଅଞ୍ଚଳ ସଫା ରଖିବାକୁ ଗୁରୁତ୍ୱ ଦିଆଯାଇଛି । ଲୋକେ ସଚେତନ ହେଲେ ଏବଂ ସଫା ପରିବେଶ ରହିଲେ ସ୍ଥିତି ଶୀଘ୍ର ନିୟନ୍ତ୍ରଣକୁ ଆସିବ ବୋଲି ଡାକ୍ତର ମିଶ୍ର କହିଛନ୍ତି ।

## ଧାନମଣ୍ଡି ପରିଦର୍ଶନ କଲେ ବିଭାଗୀୟ ଅତିରିକ୍ତ ସଚିବ



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ଗସ୍ତରେ ଆସି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ନେତ୍ରମଣି ପଣ୍ଡା ବିଭିନ୍ନ ପ୍ରସ୍ତାବିତ ରବି ଧାନ କ୍ରୟ ମଣ୍ଡି ପରିଦର୍ଶନ କରିଛନ୍ତି । ମଣ୍ଡି ମାନଙ୍କର ଭିତ୍ତିଭୂମି, ଚାଷୀ ମାନଙ୍କ ପାଇଁ ଉପଲବ୍ଧ ଥିବା ଆନୁସଙ୍ଗିକ ସୁବିଧା ସୁଯୋଗର ତଦାରଖ କରିଥିଲେ । ପରିଦର୍ଶନ ସମୟରେ ସମବାୟ ସମିତି ସମୂହର ଉପନିବନ୍ଧକ ହାଡ଼ିବନ୍ଧୁ ମହାକୁଡ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜାନକୀ ଭୁଷଣ ହାବଡା ସିଂ, ଏସିଏସଓ ପ୍ରିୟ ରଂଜନ ନାଏକ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁକ୍ତଦୁଇ ପରୀକ୍ଷା ଫଳ

## ରେବତୀ ଓ ଆକାଶ କଲେଜ ଟପ୍ପର

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସମସ୍ତ ଯୁକ୍ତ ଦୁଇ କଲେଜର ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଲକ୍ଷ୍ମୀପୁର ବ୍ଲକର ଜଣେ ଛାତ୍ର ଓ ତିନି ଜଣ ଛାତ୍ରୀ ସର୍ବୋଚ୍ଚ ସ୍ଥାନ ଗ୍ରହଣ କରଛନ୍ତି ।ଲକ୍ଷ୍ମୀପୁର କଲେଜ ରେ ବାଳିକା ବର୍ଗର ଧନ୍ଦାମୂଳକ ଶିକ୍ଷାରେ ରେବତୀ ମାଣ୍ଡିଙ୍ଗା ୪୪୧ ମାର୍କ ରଖି କଲେଜ ଟପର ହୋଇଥିବାବେଳେ ବାଳକ ବର୍ଗର କଳା ବିଭାଗରେ ଆକାଶ ମାଝି ୫୦୨ ମାର୍କ ରଖି କଲେଜ ଟପର ହୋଇଛନ୍ତି ।ସେହିପରି ବୁର୍ଜା ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ମାୟାବତୀ ୱାଡେକା ୪୪୧ ଓ କାକିରିଗୁମା ମାଧ୍ୟମିକ ବିଦ୍ୟାଳୟର ପୁଷ୍ପାଞ୍ଜଳି ଝୋଡ଼ିଆ ୪୬୮ ମାର୍କ ରଖି ମାଧ୍ୟମିକ ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

### ବୁର୍ଜାରେ ମାୟାବତୀ ଓ କାକିରିଗୁମାରେ ପୁଷ୍ପାଞ୍ଜଳି ଟପ୍ପର

ଏଥିସହ ଲକ୍ଷ୍ମୀପୁର ମହାବିଦ୍ୟାଳୟର ବିଜ୍ଞାନ ବିଭାଗରେ ଜଣେ ମାତ୍ର ଛାତ୍ରୀ ଅମ୍ବିକା ପିଲେଣ୍ଟି ଛାତ୍ରମାନଙ୍କୁ ପଛରେ ପକାଇ ୪୨୬ ମାର୍କ ରଖି ପ୍ରଥମ ଡିଭିଜନରେ ପାସ କରି କଲେଜର ଟେକ ରଖିଛନ୍ତି ।ସମସ୍ତ ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି । ବିଜ୍ଞାନ ରେ ସମୁଦାୟ ୧୭୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଜଣେ ପ୍ରଥମ ଡିଭିଜନ,୨୬ ଜଣ ଦ୍ୱିତୀୟ ଡିଭିଜନ ଓ ୩୭ ଜଣ ତୃତୀୟ ଡିଭିଜନ ରେ ପାସ। ବାକି ୧୦୭ ଜଣ ଫେଲ। ଯୁକ୍ତ ଦୁଇ କଳା ରେ ୩୦୩ ଜଣ ପରୀକ୍ଷା ଦେଇଥିବା ବେଳେ ୨୪୫ ଜଣ ପାସ ହୋଇଛନ୍ତି ।ବେଳେ ୫୮ ଜଣ ଫେଲ ହୋଇଛନ୍ତି । ପାସଙ୍କ ମଧ୍ୟରୁ ପ୍ରଥମ ଡିଭିଜନ ରେ ୨୨ ଜଣ, ଦ୍ୱିତୀୟ ଡିଭିଜନରେ ୩୪ ଜଣ ଓ ତୃତୀୟ ଡିଭିଜନ ରେ ୧୮୯ ଜଣ ଛାତ୍ର ଛାତ୍ରୀ ପାସ ହୋଇଥିବା ବେଳେ ୫୮ ଜଣ ପରୀକ୍ଷାର୍ଥୀ ଫେଲ ହୋଇଥିବା ଜଣାପଡିଛି ।ବ୍ଲକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ କଳାରେ ୧୧୯ ଜଣ ପରୀକ୍ଷା ଦେଇଥିବାବେଳେ ୯୩ ଜଣ ପାସ ହୋଇଛନ୍ତି। ସେଥିମଧ୍ୟରେ ପ୍ରଥମରେ ୧୨ ଜଣ, ଦ୍ୱିତୀୟରେ ୧୩ ଜଣ ଓ ତୃତୀୟ ଡିଭିଜନ ରେ ୬୮ ଜଣ ପାସ ହୋଇଥିବାବେଳେ ୨୬ ଜଣ ଫେଲ ହୋଇଛନ୍ତି। ଲକ୍ଷ୍ମୀପୁର ବ୍ଲକର ବୁର୍ଜା ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ୬୪ ଜଣ ପରୀକ୍ଷା ଦେଇଥିବା ବେଳେ ୬୧ ଜଣ ପାସ ହୋଇଛନ୍ତି ।ସେଥି ମଧ୍ୟରେ ୧୭ ଜଣ ପ୍ରଥମ, ୨୦ ଜଣ ଦ୍ୱିତୀୟ ଓ ୧୪ ଜଣ ତୃତୀୟ ଡିଭିଜନ ରେ ପାସ ହୋଇଥିବା ଜଣାପଡିଛି।

## ବାଲ୍ୟ ବିବାହ ନିରାକରଣ ସଚେତନତା କାର୍ଯ୍ୟକ୍ରମ



ଗୁଣପୁର(ଭାସ୍କର ନ୍ୟୁଜ): ଗୁଣପୁର ବ୍ଲକ ସମ୍ମିଳନୀ କକ୍ଷରେ ବାଲ୍ୟବିବାହ ରୋକିବା ନିମନ୍ତେ ସଚେତନତା ଓ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଳ୍ପ ବୟସରେ କିଶୋରୀ ବାଳିକା ମାନେ ଭଲପାଇ ବିବାହ କରିବା ଓ ମାତୃତ୍ୱ ଲାଭ କରିବା ଦେଖିବାକୁ ମିଳୁଥିବାରୁ ଏହାକୁ ରୋକିବା ପାଇଁ ବିଭିନ୍ନ ଗୋଷ୍ଠୀକୁ ସଚେତନତା କରାଯାଇଥିଲା । ବାଲ୍ୟ ବିବାହ ରୋକିବା, ବାଲ୍ୟ ବିବାହ ଜନିତ କୁପ୍ରଭାବ ଯୋଗୁଁ ମା ଓ ଶିଶୁ ଜୀବନ ପ୍ରତି ବିପଦ ଥିବା ଆଦି ବିଷୟରେ ସଚେତନତା କରାଯାଇଥିଲା। ଶିଶୁଟିଏ ହସିଲେ ଦେଶ ହସିବ, ଆଜିର ଦିନଟି ଶିଶୁଙ୍କ ପାଇଁ ଉତ୍ସର୍ଗୀକୃତ, ଶିଶୁଙ୍କ ସୁରକ୍ଷା ଆମର ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସେଥିପାଇଁ ଶିଶୁ ବିକାଶ ବିଭାଗ, ଶିଶୁ ସୁରକ୍ଷା ୟୁନିଟ ମିଳିତ ଭାବେ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଗୁଣପୁର ଶିଶୁ ବିକାଶ ଯୋଜନା ଅଧିକାରୀ ସୁଷମା ପ୍ରସାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦର, ସମ୍ମାନିତ ଅତିଥି ଭାବେ ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ, ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶାଶ୍ୱତ ପରିଡା, ଉପଖଣ୍ଡ ପ୍ରୋଗ୍ରାମ ଅଧିକାରୀ କଳ୍ପନା ମହାକୁଡ଼, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଭାରପ୍ରାପ୍ତ ପଞ୍ଚାୟତ ଉନ୍ନୟନ ଅଧିକାରୀ ପି ଦିବାକର, ମାଝୀଗୌରୀ ଏବିଓ ସମ୍ପାଦକ ପିଙ୍କି ମହାପାତ୍ର, ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟକ୍ଷା, ଛାତ୍ରୀନିବାସର ମେଟ୍ରୋନ, ସମସ୍ତ ପଂଚାୟତ ଅଧିକାରୀ, ଅଙ୍ଗନବାଡି କର୍ମୀ, ଆଶା ଓ ସ୍ୱାସ୍ଥ୍ୟ କର୍ମୀ, ପଂଚାୟତରାଜ ସଦସ୍ୟ, ଟେଷ୍ଟ ହାଉସ ମାଲିକମାନେ ଉପସ୍ଥିତ ଥିଲେ ।

## ଖେଳପଡିଆର ଉନ୍ନତିକରଣ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ କଲେଜ ପଡିଆର ବିକାଶ ପାଇଁ ଛାତ୍ର ସଂଗଠନ ନେତା ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଥିବାବେଳେ ଜିଲ୍ଲାପାଳଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି କଲେଜ ପଡିଆର ଅବସ୍ଥା ବହୁତ ଖରାପ ଥିବା ଯୋଗୁ ଏହାର ଉନ୍ନତିକରଣ କରିବା ପାଇଁ ଅନେକ ବୁଦ୍ଧିଜୀବୀ ଓ ସହର ବାସିନ୍ଦା ବହୁ ବର୍ଷ ହେଲା ଦାବି କରି ଆସୁଥିଲେ । ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହି ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବ ସମାଜସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଖେଳ ପଡିଆର ଉନ୍ନତି ପାଇଁ ପତ୍ର ଲେଖିଥିଲେ। ସାଂସଦ ପ୍ରତିନିଧି ଦାରୁପୁ ରାଜେଶ କୁମାର (ଚିଟୀ ବାବୁ) ସୂଚନା ଦେଇ କହିଛନ୍ତି ଯେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆର ଉନ୍ନତି ପାଇଁ ଜିଲ୍ଲାପାଳ ଉଚ୍ଚଶିକ୍ଷା ବିଭାଗକୁ ୯୫ ଲକ୍ଷ ଟଙ୍କା ମଞ୍ଜୁରୀ ପାଇଁ ପତ୍ର ଲେଖିଛନ୍ତି

## 'ଜନତାର ବନ୍ଧୁ' ସଂପାଦକଙ୍କ ଶ୍ରାଦ୍ଧବାର୍ଷିକୀ

ବ୍ରଜରାଜନଗର (ଭାସ୍କର ନ୍ୟୁଜ): ବ୍ରଜରାଜନଗର ପ୍ରେସ କ୍ଲବ ପକ୍ଷରୁ ସାପ୍ତାହିକ ପତ୍ରିକା 'ଜନତା ର ବନ୍ଧୁ' ପ୍ରତିଷ୍ଠାତା ସଂପାଦକ ସ୍ୱର୍ଗତ ମିତ୍ରଭାନୁ ପାଟଯୋଶୀଙ୍କ ୨୦ ତମ ଶ୍ରାଦ୍ଧବାର୍ଷିକୀ ବ୍ରଜରାଜନଗର ଜଗନ୍ନାଥ ମନ୍ଦିର ସଭାଗୃହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରେସ କ୍ଲବ ସଭାପତି ଅନିଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କ୍ଲବର ବରିଷ୍ଠ ସଦସ୍ୟ ବ୍ୟାସଦେବ ପଣ୍ଡା, ତ୍ରିଲୋଚନ ଦାଶ, ଶ୍ୟାମସୁନ୍ଦର ଖଣ୍ଡେଲୱାଲ ସ୍ୱର୍ଗତ ମିତ୍ରଭାନୁ ପାଟଯୋଶୀଙ୍କ ସ୍ମୃତି ଚାରଣ କରି ସ୍ୱର୍ଗତ ମିତ୍ରଭାନୁ ପାଟଯୋଷୀ ଯେଉଁଭଳି ଭାବରେ ସାହିତ୍ୟିକ, ସାମ୍ବାଦିକ ଓ ରାଜନେତା ଭାବରେ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ ଆମେମାନେ ତାଙ୍କ ର ସେହି ଚରିତ୍ରକୁ ଆପଣାଇ ନେଲେ ତାହାହିଁ ହେବ ମିତ୍ରଭାନୁ ପାଟଯୋଷୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରେସ କ୍ଲବ ସାଧାରଣ ସମ୍ପାଦକ ସଂଗ୍ରାମ ସାଏ ଅମର ଆତ୍ମାର ସଦଗତି କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ଶ୍ରଦ୍ଧାଞ୍ଜଳି ସଭାରେ ସାମ୍ବାଦିକ ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ଅନୀଲ ଅଗ୍ରୱାଲ, ଶେଖର ବିଶି, ବିଜୟ ବରାଡ, ସଂଗ୍ରାମ ସାଏ, ସଞ୍ଜୟ ବାହୁବଳେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ବନ୍ଦ ପଡ଼ିଛି ପଥପ୍ରାନ୍ତ ସୁବିଧାକେନ୍ଦ୍ର, ପଥଚାରୀ ହନ୍ତସନ୍ତ




ଡାବୁଗାଁ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଡାବୁଗାଁରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ର ଦୀର୍ଘ ୧ ବର୍ଷ ହେଲା ବନ୍ଦ ହୋଇ ପଡ଼ିଛି। ଲକ୍ଷାଧିକ ଟଙ୍କା ବ୍ୟୟ ରେ ନିର୍ମିତ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଏବେ ଅଲୋଡା ହୋଇପଡିଛି। ଜୁଲାଇ ୨୦୧୮ ମସିହାରେ ବିଜେଡି ସରକାର ଅମଳରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଖୋଲାଯାଇଥିଲା। ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଦୂର ଦୂରାନ୍ତକୁ ଯାତାୟାତ କରୁଥିବା ଯାତ୍ରୀମାନେ ସ୍ୱଳ୍ପ ସମୟ ରହିବା ପାଇଁ ବିଭିନ୍ନ ସୁବିଧା ପାଉଥିଲେ। ଯାତ୍ରୀମାନଙ୍କ ପାଇଁ ଶୌଚାଳୟ, ୱାଶ ରୁମ୍, ପୁରା ସପରିବାର ବସିବା ପାଇଁ ସୁବିଧା, କାର, ମୋଟର ପାର୍କିଂ ସୁବିଧା ସହ ଚାହା ଜଳଖିଆ ଦୋକାନ ରହିଥିଲା। ଏଥିସହ ଭିନ୍ନକ୍ଷମମାନଙ୍କ ପାଇଁ ମଧ୍ୟ ଏଠାରେ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଉଥିଲା। ପୂର୍ତ୍ତ ବିଭାଗ ଦ୍ୱାରା ପରିଚାଳିତ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ଡାବୁଗାଁର କିଛି ଶିକ୍ଷିତ ଯୁବକ ନିଯୁକ୍ତି ହୋଇ ମାସିକ ବେତନ ପାଉଥିଲେ। କିନ୍ତୁ ୧ ବର୍ଷ ହେଲା ପଥପ୍ରାନ୍ତ କେନ୍ଦ୍ର କୌଣସି କାରଣରୁ ବନ୍ଦ ହୋଇଯାଇଥିବାରୁ ଯୁବକ ମାନେ ଏବେ ବେକାର ହୋଇ ରହିଛନ୍ତି।

## ମୌଳିକ ସୁବିଧା ଦାବିରେ ଅନଶନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଓଡିଶାର ପୁରାତନ ପାରଳା ପୌର ପରିଷଦ ଅଧିନରେ ୧୬ ଗୋଟି ୱାର୍ଡ଼ ରହିଛି । ଏହି ୱାର୍ଡ଼ ମଧ୍ୟରୁ ୧୪ନଂ ୱାର୍ଡ଼ର ସଞ୍ଜୟ ଗାନ୍ଧି ବସ୍ତି ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି । ବସ୍ତିକୁ ବିଦ୍ୟୁତ ସଂଯୋଗ କରଣ ହୋଇ ପାରୁନାହିଁ । ରାସ୍ତା ନିର୍ମାଣ ହୋଇ ପାରୁନାହିଁ, ଶୌଚାଳୟ ବ୍ୟବସ୍ଥା ସହ ଆବାସ ଯୋଜନାରୁ ବି ବଞ୍ଚିତ ଅଟନ୍ତି ବସ୍ତି ବାସିନ୍ଦା। ଏହି ଅଞ୍ଚଳର ବସ୍ତିବାସିନ୍ଦାମାନେ କହିଛନ୍ତିଯେ ଆମକୁ ଆବାସ ଗୃହ ନଦେଲେ ବେତଗୁଡା ଠାରେ ଥିବା ବିଜୁସ୍ମାର୍ଟ କଲୋନୀ ପଛପଟେ ଜାଗା ଦେବା ସହ ଭୂମିହୀନ ପ୍ରମାଣ ପତ୍ର ଯୋଗାଇଦେଲେ ସାହି ବସ୍ତି ବାସିନ୍ଦା ଉପକୃତ ହୋଇପାରିବେ। ଜିଲ୍ଲାର ବସ୍ତିବାସିନ୍ଦା ଆବାହକ ସୁଜିତ ପ୍ରଧାନ ଏଆଇଏବିର ଜିଲ୍ଲା ସଭାପତି ପି,ମୁରଲୀ କିଷ୍ଟାଙ୍କ ସହିତ ବସ୍ତିର ସିମାଞ୍ଚଳ,ଏମ୍ କ୍ରୀଷ୍ଣା, ପି.ରାମୁଲୁ ଓ ପଦ୍ମାଙ୍କ ଭଳି ବସ୍ତିବାସିନ୍ଦାମାନେ ଆଜି ଠାରୁ ଆମରଣ ଅନଶନ ରେ ବସିଛନ୍ତି । ସରକାର ଏଥି ପ୍ରତି ଦୃଷ୍ଟି ନଦେଲେ ଅନଶନ ଜୋରଦାର୍ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ମହାନଦୀ ବ୍ରିଜ୍ ଛକ

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ସହର ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ଓ ନିଶା ମାଫିଆଙ୍କ ଚରାଭୂଇଁ ପାଲଟିଛି। ଯାହାକୁ ନେଇ ବୌଦ୍ଧବାସୀଙ୍କ ମନରେ ଭୟର ବାତାବରଣସୃଷ୍ଟି ହୋଇଛି। କିଛି ଦିନ ତଳେ ସହରର ମୁଖ୍ୟଛକ ଠାରେ ସ୍ପଷ୍ଟ ଦିବାଲୋକରେ ଜଣେ ବ୍ୟବସାୟୀଙ୍କୁ କିଛି ନିଶାମାଫିଆ ହତ୍ୟା କରିଥିଲେ। ତାହାର ତଦନ୍ତ ଚାଲିଥିବାବେଳେ ଲୋକ ବା ଜନସାଧାରଣ ଯିବା ଆସିବା ସୁରକ୍ଷିତ ଭାବୁନାହାନ୍ତି। ପୋଲିସ ବିଭାଗର ନା ଅଛି ଚେକିଙ୍ଗ କି ପେଟ୍ରୋଲିଂ। ଯାହା ଫଳରେ ଅସାମାଜିକ ବ୍ୟକ୍ତି ଏବଂ ମଦ୍ୟପଙ୍କ ଆଡ୍ଡା ସ୍ଥଳୀ ପାଲଟିଛି ଏବେ ବୌଦ୍ଧ ବ୍ରିଜ ଛକ। ଏହି ଛକଦେଇ ସମ୍ବଲପୁର, ବଲାଙ୍ଗୀର, ସୋନପୁର, ରେଢ଼ାଖୋଲ, ଫୁଲବାଣୀ, ଅନଗୁଳ, ଆଠମଲିକ ଯିବା ପାଇଁ ଏହି ଛକରେ ବହୁତ ଯାତ୍ରୀ ଅପେକ୍ଷା କରିଥାନ୍ତି। ଏଠାରେ ନିଶାମାଫିଆ ଓ ମଦ୍ୟପଙ୍କ ବୃଦ୍ଧିକୁ ଦେଖି ଦେଖି ଲୋକେ ଭୟରେ ଯିବା ଆସିବା କରୁଛନ୍ତି। ବୌଦ୍ଧରେ ଦୈନିକ ଘଟିଚାଲିଥିବା ଏହି ଅପରାଧିକ କାର୍ଯ୍ୟ ପାଇଁ ଏହା ଖବରର ଶିରୋନାମା ପାଲଟିଛି। ସହରର ଓ ରାସ୍ତା ଘାଟର ଆଲୋକୀକରଣ ପାଇଁ କିଛି ମାସ ତଳେ ଏଠାରେ ପାଖରେ ଥିବା ଗ୍ରାମ ଟୁଟୁସିଙ୍ଗା ରେ ବହୁତ ସୋଲାର ଲାଇଟ ଲଗାଯାଇଥିବାବେଳେ କିଛି ଅସାମାଜିକ ବ୍ୟକ୍ତି ଏହି ସବୁକୁ ଭାଙ୍ଗି ନେଇଯାଇଥିବା ଜଣା ପଡ଼ିଅଛି। ଯାହା ଫଳରେ ମଦ୍ୟପ ମାନଙ୍କୁ ବହୁତ ସୁବିଧା ହେଉଥିବାର ସହରରେ ଚର୍ଚ୍ଚା ହେଉଅଛି। କିଛି ଯାତ୍ରୀ ନିଜର ପରିବାର ସାଙ୍ଗରେ ଏହି ଛକରେ ଯାତ୍ରୀବାହୀ ବସ୍‌କୁ ଅପେକ୍ଷା କରି ନିଜ ଗନ୍ତବ୍ୟ ସ୍ଥଳକୁ ଯିବା ରେ ସୁରକ୍ଷିତ ମଣୁନାହାନ୍ତି। କିଛିଦିନ ତଳେ କିଛି ଡ୍ରଗ୍ସମାଫିଆ ଧରାପଡିଥିବା ବେଳେ ନିୟମିତ ଏହି ଛକ ଦେଇ ଗଂଜେଇ ଚୋରା ଚାଲାଣ ହେଉଥିବା ଜଣାପଡ଼ିଛି। ଏହି ଛକ ନିକଟରେ ଜିଲ୍ଲା ର ବିଭିନ୍ନ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଯାହାକି ପୂର୍ତ୍ତ ବିଭାଗ, ଏନ ଏଚ ଅଫିସ, ଆରଟିଓ ଅଫିସ, ମେଡିକାଲ କ୍ୱାର୍ଟର୍ସ, ମୁଖ୍ୟ ଚିକିତ୍ସାଳୟର ସିନିଅର ସ୍ପେଶାଲିଷ୍ଟ ଡାକ୍ତରମାନଙ୍କ ବାସସ୍ଥାନ ଏଠାରେ ରହିଥିବାବେଳେ ରାତିରେ ନିଜ କର୍ତ୍ତବ୍ୟ ସାରି ଯିବା ପାଇଁ ଭୟ କରୁଛନ୍ତି। ଏହି ସବୁ ଘଟଣାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ସହର ବାସୀ ଓ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଦାବିକରିଛନ୍ତି।



## ସାମ୍ବାଦିକ ଆହତ

କୋରାପୁଟ (ଭାସ୍କର ନ୍ୟୁଜ): ଖବର ସଂଗ୍ରହ କରି ମୋଟରସାଇକଲ ଯୋଗେ ଘରକୁ ଫେରୁଥିବା ସମୟରେ ବୋରିଗୁମ୍ମା କୋରାପୁଟ ରାଜପଥର କେନ୍ଦାର ଛକ ନିକଟରେ ଦୁର୍ଘଟଣା ଶିକାର ହୋଇ ସାମ୍ବାଦିକ ତ୍ରିଲୋଚନ ମହାରଣା ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମ ଗୋଡରେ ଦୁଇଟି ହାଡ ଭାଙ୍ଗିଥିବା ଜଣାପଡିଛି । ଶ୍ରୀ ମହାରଣା ଓ ସାମ୍ବାଦିକ ଶଶାଙ୍କ ମୋହନ ଗୁରୁ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିଲେ । ତ୍ରିଲୋଚନ ମହାରଣା ବାଇକ ଚଳାଇ ଆସୁଥିବା ବେଳେ କେନ୍ଦାର ଛକ ନିକଟରେ ଅଚାନକ ଏକ ଗାଇ ରାସ୍ତା ଉପରକୁ ମାଡି ଆସି ଧକ୍କା ଦେବାରୁ ଉଭୟେ ବାଇକ ସହ ତଳେ ପଡିଯାଇଥିଲେ । ଶ୍ରୀ ମହାରଣାଙ୍କୁ ତୁରନ୍ତ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଆଣି ଚିକିତ୍ସା କରିବା ପରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । କୋରାପୁଟ ବିଧାୟକ ରଘୁରାମ ମାଛ ଡାକ୍ତରଖାନାରେ ପହଂଚି ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନାରେ କିଭଳି ଅସ୍ତ୍ରୋପଚାର ହୋଇପାରିବ ସେନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ ।



## ଯୁକ୍ତ ଦୁଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ବରଗଡ(ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱର, ଓଡ଼ିଶା ଦ୍ୱାରା ଆୟୋଜିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳକୁ ନେଇ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ ଶାଖାରେ ଏକ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଯାଇଛି। ଗତବର୍ଷ ଫଳାଫଳ ଅପେକ୍ଷା ଚଳିତ ବର୍ଷ ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିବା ସହିତ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। କ୍ରିଷ୍ଣା ବିକାଶ ଅନୁଷ୍ଠାନର ଚେୟାରମ୍ୟାନ ଦାଶରୀ ମୁରଲୀ କ୍ରୀଷ୍ଣାଙ୍କ ଅଧ୍ୟକ୍ଷତାରେ ଯୁକ୍ତ ଦୁଇ ପରୀକ୍ଷାରେ ୮୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରଛାତ୍ରୀ ଏବଂ ତାଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଶ୍ରେଷ୍ଠ ଫଳାଫଳ ପାଇଁ ଶ୍ରୀ ଦାଶରୀ ମୂରଲୀ କ୍ରୀଷ୍ଣା, ସଫଳ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାଙ୍କ ପରିଶ୍ରମକୁ ସଫଳତାର ଶ୍ରେୟ ଦେବା ସହିତ ଛାତ୍ରଛାତ୍ରୀମାନଙ୍କ ନିଟ୍ ଏବଂ ଜେ.ଇ.ଇ ପ୍ରବେଶିକା ପରୀକ୍ଷା ନିମନ୍ତେ ଦିଆଯାଉଥିବା ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍‌ର ଭୂୟସୀ ପ୍ରଶଂସା କରିଛନ୍ତି। ଚଳିତବର୍ଷ ବିଜ୍ଞାନରେ ଲିସା ପ୍ରଧାନ ୫୭୧ ମାର୍କ (୯୫.୧୬%) ଓ ବାଣିଜ୍ୟରେ ଶୁଭମ ପରିଡ଼ା ୫୬୯ ମାର୍କ (୯୪.୮୩%) ସହ କଲେଜ ଟପ୍ପର୍ ହୋଇଛନ୍ତି। ବିଜ୍ଞାନରେ ସମୁଦାୟ ୧୭ଜଣ ଏବଂ ବାଣିଜ୍ୟରେ ସମୁଦାୟ ୨ଜଣଙ୍କ ସହ ସର୍ବମୋଟ ୧୯ ଜଣ ଛାତ୍ରଛାତ୍ରୀ ୯୦%ରୁ ଉର୍ଦ୍ଧ୍ୱ ରଖିଛନ୍ତି। ଚଳିତବର୍ଷ ଗଣିତରେ ତିନି ଜଣ, ମନିଷ ଅଗ୍ରୱାଲ, ନେହାରାଣୀ ଜୈନ ଏବଂ ନମ୍ରତା ନୀଲା ଓ ପ୍ରାଣୀ ବିଜ୍ଞାନ(ଜୁଲୋଜି) ରେ ତିନିଜଣ ପ୍ରଜ୍ଞା ମେହେର, ସିଜଲ ପଣ୍ଡା ଏବଂ ନିଶିକାନ୍ତ ସାହୁ ୧୦୦ ରୁ ୧୦୦ ନମ୍ବର ରଖିଥିବାବେଳେ ବିଜ୍ଞାନରେ ସମୁଦାୟ ଛାତ୍ରଛାତ୍ରୀ ୩୪.୪%, ୮୦%ରୁ ଉର୍ଦ୍ଧ୍ୱ ଏବଂ ୮୦% ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରି ବିକାଶକୁ ପଶ୍ଚିମ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିପାରିଛି ବୋଲି କ୍ରିଷ୍ଣା ବିକାଶ ଅନୁଷ୍ଠାନର ଚେୟାରମ୍ୟାନ୍ ଦାଶାରୀ ମୁରଲୀ କ୍ରୀଷ୍ଣା କହିଛନ୍ତି। ଚଳିତ ବର୍ଷ ପ୍ରକାଶିତ ଆଇଆଇଟି-ଜେଇଇ(ମେନ୍) ସେସନ୍-୨ ପ୍ରବେଶିକା ପରୀକ୍ଷାରେ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଛାତ୍ର ପ୍ରତ୍ୟୁଷ କୁମାର ସାହୁ ୯୯.୩୯ ପର୍ସେଣ୍ଟାଇଲ ରଖିଥିବାବେଳ ୪ ଜଣ ଛାତ୍ରଛାତ୍ରୀ ୯୮ପର୍ସେଣ୍ଟାଇଲ ଉର୍ଦ୍ଧ୍ୱରେ, ୧୪ ଜଣ ଛାତ୍ରଛାତ୍ରୀ ୯୭ ପର୍ସେଣ୍ଟାଇଲ ଉର୍ଦ୍ଧ୍ୱରେ, ୨୧ ଜଣ ଛାତ୍ରଛାତ୍ରୀ ୯୫ ପର୍ସେଣ୍ଟାଇଲରୁ ଉର୍ଦ୍ଧ୍ୱରେ ଏବଂ ୮୭ ଜଣ ଛାତ୍ରଛାତ୍ରୀ ଆଇଆଇଟି-ଜେଇଇ(ମେନ୍) ସେସନ୍-୨ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷର ଫଳାଫଳକୁ ନେଇ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଟ୍ରଷ୍ଟି ଦାଶରୀ ରାମ ତୁଳସୀ, ପରିଚାଳନା ନିର୍ଦ୍ଦେଶକ ବିବେକ ଦାଶରୀ, ନିର୍ଦ୍ଦେଶକ ଡ.ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ରଥ, ସିନିୟର୍ ସେକେଣ୍ଡାରୀ ଶାଖାର ଅଧ୍ୟକ୍ଷ ଶ୍ରୀ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍.କାନ୍ତା ରାଓ, କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଏଚ୍‌ଆର୍ ହେଡ୍ ଅଶ୍ୱିନୀ ନାୟକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସମସ୍ତ କୃତି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ତାଙ୍କର ମଙ୍ଗଳ ତଥା ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ ।

## ସତ୍ୟନାରାୟଣ ଓ ଘଡାଇ କଲେଜର ଯୁକ୍ତ୨ ଛାତ୍ରଛାତ୍ରୀଙ୍କ ସଫଳତା

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଯୁକ୍ତ ଦୁଇ ବାଣିଜ୍ୟ, ବିଜ୍ଞାନ ଓ କଳାର ଫଳାଫଳ ଘୋଷଣା ହୋଇଛି। ବାଣିଜ୍ୟରେ ସରକାରୀ ଏସ୍‌ଏସ୍‌ଡି ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀର ଛାତ୍ର ରାମପ୍ରସାଦ ପାଙ୍ଗି ୫୩୬ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ସେହିପରି କଳାରେ ମାଥିଲି ମହାବିଦ୍ୟାଳୟର ସନ୍ୟାସୀ ଗୌଡ ୪୬୬ ମାର୍କ ରଖି ଜିଲ୍ଲା ଟପର ହୋଇଥିବା ବେଳେ ବିଜ୍ଞାନରେ ଘଡେଇ ଆବାସିକ ମହାବିଦ୍ୟାଳୟର ଛାତ୍ର ରାହୁଲ ସାଗର କୁଣ୍ଡୁ ୯୧.୫୦ ପ୍ରତିଶତ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି ଏବଂ ସତ୍ୟନାରାୟଣ ଆବାସିକ ମହାବିଦ୍ୟାଳୟର ଛାତ୍ର ରାହୁଲ ପଡିଆମି ୯୦.୩୩ ପ୍ରତିଶତ ମାର୍କ ରଖି ବିଜ୍ଞାନରେ ଜିଲ୍ଲା ଦ୍ୱିତୀୟ ଟପ୍ପର ହୋଇଛନ୍ତି। ଏହି ମହାବିଦ୍ୟାଳୟରେ ମୋଟ ୧୩୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ରଖି ଜଣେ, ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ରଖି ୧୫ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଘଡ଼େଇ ଆବାସିକ ମହାବିଦ୍ୟାଳୟରେ ସମୁଦାୟ ୨୧୦ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୧୯ଜଣ ଫାଷ୍ଟ ଡିଭିଜନ, ୫୮ ଜଣ ସେକେଣ୍ଡ ଡିଭିଜନ ଓ ଥାର୍ଡ ଡିଭିଜନ ରେ ୧୯ ଜଣ ଛାତ୍ର ଛାତ୍ରୀ ପାସ ହୋଇଛନ୍ତି। ଘଡାଇ କଲେଜ୍‌ର ପାସ ହାର ୯୩ ପ୍ରତିଶତ ହୋଇଥିବା ଜଣାପଡିଛି। ଓଁ ଭୁର୍ଭୁବଃ ସ୍ୱଃ ଆବାସିକ ବିଦ୍ୟାଳୟରେ ଦେବଜିତ ବିଶ୍ୱାସ ୪୫୧ ମାର୍କ ୭୫.୧ ପ୍ରତିଶତ ରଖି ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଏହି ମହାବିଦ୍ୟାଳୟରେ ମୋଟ ୪୯ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଡିଭିଜନରେ ୧୫ ଜଣ, ଦ୍ୱିତୀୟ ଡିଭିଜନରେ ୨୪ ଜଣ ତୃତୀୟ ଡିଭିଜନରେ ୪ ଜଣ ପାସ୍ ହୋଇଛନ୍ତି। ସେହିପରି ମହିଳା ମହାବିଦ୍ୟାଳୟର ଛାତ୍ରୀ ସାରା ଭୁମିଆ ୪୫୩ ମାର୍କ ୭୫.୫ ପ୍ରତିଶତ ରଖି ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଏହି ମହାବିଦ୍ୟାଳୟରେ ପ୍ରଥମ ଡିଭିଜନରେ ୪୯ ଜଣ, ଦ୍ୱିତୀୟ ଡିଭିଜନରେ ୬୭ ଜଣ ଓ ତୃତୀୟ ଡିଭିଜନରେ ୧୬୨ ଜଣ ଛାତ୍ରୀ ପାସ ହୋଇଛନ୍ତି। ଜିଲ୍ଲାରେ ଚଳିତ ବର୍ଷ ପାସ ହାର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ରହିଥିବାରୁ ଅଭିଭାବକ ଓ ଜିଲ୍ଲାବାସୀ ଖୁସି ବ୍ୟକ୍ତ କରିଛନ୍ତି।



ମାଲକାନଗିରି(ଭାସ୍କର ନ୍ୟୁଜ): ବିଶ୍ୱ କଇଁଛ ଦିବସ ଉପଲକ୍ଷେ ମାଲକାନଗିରି ବନ ବିଭାଗ ଓ ଇକୋ, ଓଡିଶା ର ମିଳିତ ଆନୁକୁଲ୍ୟରେ ବନ କର୍ମଚାରୀ ମାନଙ୍କ ପାଇଁ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଯାଇଛି। ବର୍ତ୍ତମାନ ସମୟରେ ମଧୁର ଜଳ କଇଁଛ ମାନଙ୍କର ଚୋରା ଚାଲାଣ, ବିକ୍ରି ଇତ୍ୟାଦି ଉପରେ ଅଙ୍କୁଶ ଲଗାଇବା ପାଇଁ ମାଲକାନଗିରି ଜିଲ୍ଲା ବନ ବିଭାଗ ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି କର୍ମଶାଳାଟି ଓଡ଼ିଶାର ବନ୍ୟପ୍ରାଣୀ ତଥା ସରୀସୃପ ବିଶେଷଜ୍ଞ ଟିମ୍ ତତ୍ତ୍ୱାବଧାନରେ ଅୟୋଜନ କରାଯାଇଛି।ଉକ୍ତ କର୍ମଶାଳାଟିକୁ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କଓାପଲ୍ଲି ଓ ସହକାରୀ ବନ ସଂରକ୍ଷକ ମନସୁନ ଖେମୁଣ୍ଡୁଙ୍କ ଉପସ୍ଥିତିରେ ସଞ୍ଚାଳନା କରାଯାଇଥିଲା। ଏହି କର୍ମଶାଳା ରେ ଫକିର ମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ଼ାଃ ନୀଳାଦ୍ରି ଭୂଷଣ କର, ସଂସ୍ଥାର ପ୍ରତିଷ୍ଠାତା ଅରବିନ୍ଦ ସାମଲ, କରନ ଜ୍ୟୋତି ନାୟକ ମଧୁର ଜଳ କଇଁଛ ର ଚିହ୍ନଟ, ସଂରକ୍ଷଣ, ଉଦ୍ଧାର ସମ୍ବନ୍ଧୀୟ ବିଷୟବସ୍ତୁକୁ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ଆଲୋଚନା ଚକ୍ରକୁ କଳିଙ୍ଗ ଜେନା ଓ ଶୁଭଜିତ୍ ନାୟକ ସଂଯୋଜନା କରିଥିଲେ।

# ଇମ୍ଫା ସମ୍ପ୍ରସାରିତ କାରଖାନାର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପ୍ରମୁଖ ପୁରୋଧା ସ୍ୱର୍ଗତ ଡ. ବଂଶୀଧର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ପକ୍ଷରୁ ଆଜି କଳିଙ୍ଗ ନଗରରେ ଏହାର ନୂତନ ଅତ୍ୟାଧୁନିକ ପ୍ଲାଣ୍ଟର ଶିଳାନ୍ୟାସ ହୋଇଯାଇଛି। ରାଜ୍ୟର ଶିଳ୍ପ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ ବିଭାଗ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପ୍ରଦୀପ ବଳ ସାମନ୍ତ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ଇମ୍ଫାର ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଧିବଦ୍ଧ ଭାବେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଆକାଶଦାସ ନାୟକ ଏବଂ ଅମର ନାୟକ ମଧ୍ୟ ଉପସ୍ଥିତ ରହିଥିଲେ। ୧୨୪.୨୬ ଏକରରେ ପରିବ୍ୟାପ୍ତ ଏହି କଳିଙ୍ଗ ନଗର କାରଖାନାରୁ ବାର୍ଷିକ ୧,୦୦,୦୦୦ ମେଟ୍ରିକ୍ ଟନ୍ ଫେରୋକ୍ରୋମ୍ ଉତ୍ପାଦନ ହେବ। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ସୁଦ୍ଧା ଏହି କାରଖାନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେବାକୁ ଥିବା ଏହି କାରଖାନା ଚୌଦ୍ୱାର ଏବଂ ଥେରୁବାଲିଠାରେ ଥିବା ଇମ୍ଫାର ସମନ୍ୱିତ କାର୍ଯ୍ୟସ୍ଥଳୀଗୁଡ଼ିକର ପରିପୂରକ ହେବ ଏବଂ ଏହାର ମୋଟ ଉତ୍ପାଦନ କ୍ଷମତା ୩,୮୪,୦୦୦ ଟନ୍‌କୁ ବୃଦ୍ଧି ପାଇବା ସହିତ ମୂଲ୍ୟ ଯୁକ୍ତ ଭାରତର ଅଗ୍ରଣୀ ଫେରୋକ୍ରୋମ୍ ଉତ୍ପାଦନକାରୀ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିବ । ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଏହି ପ୍ରକଳ୍ପର ମହତ୍ତ୍ୱ ଉପରେ ଆଲୋକପାତ କରି କହିଛନ୍ତି ଯେ, ଓଡ଼ିଶାର ବିକାଶ ପାଇଁ ଆମେ ସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛୁ । ଏହି ନୂତନ ପ୍ରକଳ୍ପ କେବଳ ରାଜ୍ୟର ଶିଳ୍ପ ମାନଚିତ୍ରକୁ ଉନ୍ନତ କରିବ ନାହିଁ ବରଂ ଦୀର୍ଘସ୍ଥାୟୀ ଏବଂ ଉନ୍ନତ ଜ୍ଞାନ କୌଶଳ ମାଧ୍ୟମରେ ଇମ୍ଫାର ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ। ଫେରୋ ଆଲଏଜ୍ କ୍ଷେତ୍ରରେ ଅଗ୍ରଣୀ ଇମ୍ଫା ଜେଏସଡବ୍ଲ୍ୟୁ ଗ୍ରୀନ୍ ଏନର୍ଜି ସହ ମିଳିତ ଉଦ୍ୟମରେ କଳିଙ୍ଗ ନଗର କାରଖାନାରେ ସ୍ମେଲଟିଙ୍ଗ ପ୍ରକ୍ରିୟା ପାଇଁ ୧୧୦ ମେଗାୱାଟ୍ ହାଇବ୍ରିଡ୍‌ର ନବିକରଣୀୟ ବିଦ୍ୟୁତ ଶକ୍ତି ଯୋଗାଣ କରିବ। ଏହା କେବଳ ଇମ୍ଫାର ସବୁଜ ପରିବେଶ ସୃଷ୍ଟି ପାଇଁ ଉଦ୍ୟମକୁ ତ୍ୱରାନିତ କରିବା ସହିତ ଏକ ସବୁଜ ଭବିଷ୍ୟତ ନିର୍ମାଣ ଦିଗରେ ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ ୨୦୭୦ ସୁଦ୍ଧା ନେଟଶୂନ୍ୟ ନିର୍ଗମନ ହାସଲ କରିବାରେ ଭାରତର ଅଭିଯାନକୁ ସହାୟତା ମଧ୍ୟ କରିବ ।

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ଖଣି ଦୁର୍ନୀତିର ତଦନ୍ତ କରିବ ଭିଜିଲାନ୍ସ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଓ କୋଇଡ଼ା ତହସିଲରେ ହୋଇଥିବା ବ୍ୟାପକ ବେଆଇନ୍ ଖଣି ଉତ୍ତୋଳନ ଓ କାରବାରର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିନିମନ୍ତେ ଭିଜିଲାନ୍ସ ପକ୍ଷରୁ ଏକ ଏସ୍‌ଆଇଟି ଗଠନ କରାଯାଇଛି। ପୂର୍ବରୁ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଭାଗୀୟ ଅଧିକାରୀ ମାନଙ୍କ ସହ ଉକ୍ତ ବେଆଇନ ଖଣି ଉତ୍ତୋଳନ ସ୍ଥାନକୁ ଗସ୍ତ କରି ରିପୋର୍ଟ ସଂଗ୍ରହ କରିବା ସହ ଏଥି ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ଦୁର୍ନୀତି ବିରୋଧରେ ବିଶେଷକରି ଖଣିଦୁର୍ନୀତି ସମ୍ପର୍କରେ ସବୁବେଳେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଆସିଛନ୍ତି । ଖଣି ଦୁର୍ନୀତିର ମୂଳୋତ୍ପାଟନ କରାଯିବ ବୋଲି ସେ ବାରମ୍ବାର କହି ଆସିଛନ୍ତି । ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ର ଏହି ଖଣି ଦୁର୍ନୀତିର ପର୍ଦ୍ଦାଫାସ କରିବା ପାଇଁ ଭିଜିଲାନସକୁ ନିର୍ଦ୍ଦେଶ ଦେଇଛନ୍ତି । ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ଜେନା ମଧ୍ୟ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରିବା ସହ ଦୋଷୀ ଯେ କେହିବି ହୋଇ ଥାନ୍ତୁ ନା କାହିଁକି ସମସ୍ତଙ୍କୁ ଖୋଜି ବାହାର କରାଯିବା ସହିତ ଆଇନ ଅନୁସାରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ ସୁନ୍ଦରଗଡ ଜିଲ୍ଲା ହେମଗିରି ତହସିଲରେ ୨୨ଟି ଖଣିରୁ ବେଆଇନ ଭାବେ ୯୮୪୩ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ପରିମାଣର କୋଇଲା ଉତ୍ତୋଳନ କରାଯାଇଥିବା ନଜରକୁ ଆସିଛି। ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ। ଏହି ଖଣିଗୁଡ଼ିକ ମଧ୍ୟରୁ ୧୪ଟି ଖଣି ଗୋପାଳପୁର ଗ୍ରାମରେ, ୩ଟି ରନ୍‌ସୋରା ଗ୍ରାମରେ ଏବଂ ୫ଟି ଭୋଗରାକଚର ଗ୍ରାମରେ ଅବସ୍ଥିତ । ଏଗୁଡ଼ିକ ମୁଖ୍ୟତଃ ଜଙ୍ଗଲ କିସମର ଜମି। ଏଥିସହିତ ହେମଗିରିର ଜାମଖାନି ସରଂକ୍ଷିତ ଜଙ୍ଗଲ ଏବଂ ଭୋଗରାକଚର ଗ୍ରାମରେ ବେଆଇନ ଭାବେ କୋଇଲା ଗଚ୍ଛିତ କରାଯିବାର ସୂଚନା ମିଳିଛି । ସେହିପରି କୋଇଡା ତହସିଲ ଅନ୍ତର୍ଗତ ମାଲଦା, ପଟାବେଡ଼ା ସାନପୁଟୁଳି, କୋଲମଙ୍ଗ ଏବଂ ରୁସିବେଣୁଆ ଠାରେ ୫୦ଟି ବେଆଇନ ମାଙ୍ଗାନିଜ୍ ଏବଂ ଲୌହ ଉତ୍ତୋଳନ ଖଣିରୁ ବେଆଇନ ଭାବେ ମାଙ୍ଗାନିଜ୍ ଓ ଲୁହା ପଥର ଉତ୍ତୋଳନ କରାଯାଉଥିବାର ନଜରକୁ ଆସିଛି। ଏହି ୫୦ଟି ଖଣି ମଧ୍ୟରୁ ୧୬ଟି ପଟାବେଡା ଗ୍ରାମରେ, ୧୦ଟି ମାଲଦା ଗ୍ରାମରେ, ୨୦ଟି କୋଲମଙ୍ଗ ଗ୍ରାମରେ ଏବଂ ଅବଶିଷ୍ଟ ୪ଟି ସାନପୁଟୁଳି ଓ ରୁସିବେଣୁଆ ଗ୍ରାମରେ । ଏସବୁ ଖଣି ଗୁଡ଼ିକରୁ ୨୦ ହଜାର ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ମାଙ୍ଗାନିଜ ଓର ଏବଂ ୧୨୦୦ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ପରିମାଣର ଆଇରନ ଓର୍ ବେଆଇନ ଭାବେ ଉତ୍ତୋଳନ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୩୭ କୋଟିରୁ ଅଧିକ ଟଙ୍କା ହେବ।

AFFIDAVIT

By virtue of an affidavit sworn before the Executive Magistrate, sukinda, jajpur, dated: 17.05.2025, I, Paban Sethi, Address: village-Rajagola, Po- Atta, Ps-Sukinda, Dist- Jajpur, Odisha, PIN-755018, declare that I have changed my daughter's name from Pratyasha Sethy to Archana Priyadarsini Sethi. Henceforth, She shall be known as Archana Priyadarsini Sethi for all purposes.

Sd/- Paban Sethi

ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ସିନିୟର ଡିଭିଜନାଲ ଇଞ୍ଜିନିୟର, ଦକ୍ଷିଣ-ପୂର୍ବ ରେଳପଥ ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩, ନିମ୍ନରେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକ ପାଇଁ ନିର୍ଦ୍ଧାରିତ ତାରିଖର ଅପରାହ୍ନ ୩ଟା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। କ୍ରମିକ ନଂ, ଟେଣ୍ଡର ନଂ ଏବଂ କାର୍ଯ୍ୟର ବିବରଣୀ ନିମ୍ନରେ ପ୍ରଦତ୍ତ:୧. ଟି-ପିୟୁବି-ଜିଆରସି-୨୦୨୫-୩୯୮, ତାରିଖ: ୨୧.୦୫.୨୦୨୫, ଦକ୍ଷିଣ-ପୂର୍ବ ରେଳପଥ ହେଡକ୍ୱାର୍ଟରର ଗାର୍ଡେନ ରିଚ୍‌ରେ ଥିବା ଉତ୍ତର ଏବଂ ଦକ୍ଷିଣ କଲୋନୀଗୁଡ଼ିକରେ ଅବ୍ୟବହୃତ ପୁରୁଣା ଏବଂ ନଷ୍ଟ ହୋଇଯାଇଥିବା ସିଆଇ ମୁଖ୍ୟ ପାଇପ ଲାଇନ୍ ସହ ଜଳଯୋଗାଣ ପାଇପ୍ ଲାଇନ୍, ଲୁହା ପାଇପ୍ ଲାଇନ୍ ଏବଂ ୪ଟି ଓଭରହେଡ୍ ପାଣିଟାଙ୍କିର ବିକାଶ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୨,୬୮,୨୮,୫୩୧.୨୦/-, ଅମାନତ ଜମା: ୨,୮୪,୨୦୦/-। ୨. ଟି-ପିୟୁବି-ଜିଆରସି-୨୦୨୫-୪୦୨, ତାରିଖ: ୨୧.୦୫.୨୦୨୫, ଦକ୍ଷିଣ-ପୂର୍ବ ରେଳପଥର ହେଡକ୍ୱାର୍ଟର ଗାର୍ଡେନ ରିଚ୍‌ସ୍ଥିତ ଉତ୍ତର ଓ ଦକ୍ଷିଣ କଲୋନୀର ରାସ୍ତାର ବିକାଶ, ଡ୍ରେନ ଏବଂ ନାଳର ଉନ୍ନତିକରଣ, ପ୍ରବେଶ ଗେଟ୍‌ଗୁଡ଼ିକର ଡେକୋରେସନ କାର୍ଯ୍ୟ ଏବଂ ପାର୍କର ବିକାଶ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୧,୪୩,୯୮,୦୯୭.୭୭/-, ଟ.୨,୨୨,୦୦୦/-, ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ- ପ୍ରତ୍ୟେକଙ୍କ ପାଇଁ ଶୂନ। ଖୋଲିବା ତାରିଖ: ପ୍ରତ୍ୟେକଙ୍କ ପାଇଁ ୧୮.୦୬.୨୦୨୫। କାର୍ଯ୍ୟଶେଷ ଅବଧି: ପ୍ରତ୍ୟେକଙ୍କ ପାଇଁ ୮ ମାସ। ଟେଣ୍ଡର ସିଡ୍ୟୁଲରେ କୌଣସି ପ୍ରକାର ପରିବର୍ତ୍ତନ, ସଂଶୋଧନ, ଆମେଣ୍ଡମେଣ୍ଟ ଯଦି କିଛି ମିଳେ ତେବେ ଏହା କେବଳ ଇ-ଟେଣ୍ଡର ପୋର୍ଟାଲରେ ମିଳିବ ଏବଂ ସମାନ ଧରଣର ସମ୍ବାଦପତ୍ରରେ ପ୍ରକାଶ ପାଇବ। ଆଗ୍ରହୀ ଟେଣ୍ଡରରମାନେ ସଂପୂର୍ଣ୍ଣ ବିବରଣୀ, କାର୍ଯ୍ୟର ବିବରଣୀ ଓ ସ୍ୱତନ୍ତ୍ରତା ପାଇଁ ଆମର ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ଟେଣ୍ଡର ଦାଖଲ କରିପାରିବେ। ଏ କ୍ଷେତ୍ରରେ କୌଣସି ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିଶେଷ ଦ୍ରଷ୍ଟବ୍ୟ: ଆଗ୍ରହୀ ଠିକାଦାରମାନେ ଆମର ୱେବସାଇଟ୍ www.ireps.gov.in ପରିଦର୍ଶନ କରି ସମସ୍ତ କାର୍ଯ୍ୟର ବିବରଣୀ ପାଇପାରିବେ। ହେଲପ୍ ଡେସ୍କ ନଂ- ୦୩୩-୨୪୫୦-୩୭୮୩।

(PR-191)

# ପୁରୀ ରଥଯାତ୍ରା ପ୍ରସ୍ତୁତି ସଂପର୍କରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଆଗାମୀ ବିଶ୍ୱ ପ୍ରସିଦ୍ଧ ପୁରୀ .ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହେବା ପାଇଁ ଜାରି ରହିଥିବା ପ୍ରସ୍ତୁତି ସଂପର୍କରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅପରାହ୍ଣରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୁଲିସ ମହା ନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ, ପୂର୍ତ୍ତ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ସମେତ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲଙ୍କ ସମେତ ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ତଥା ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ପାଢୀ ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତି କାନ୍ତି ପାଇଁ ପ୍ରସ୍ତୁତି କରାଯାଉଥିବା, ରଥ ପ୍ରସ୍ତୁତି ଜାରି ସହ ଆବଶ୍ୟକ କାଠ ସଂଗ୍ରହ କାର୍ଯ୍ୟ କରାଯାଉଥିବା ସଂପର୍କରେ ସୂଚନା ଦେଇଥିଲେ । ରଥ ଟଣା ବେଳେ ଯେପରି ରଥ ସମ୍ମୁଖରେ ଅନାବଶ୍ୟକ ଗହଳି ନହୁଏ, ସେଥିପ୍ରତି ଆଲୋଚନା କରାଯାଇଥିଲା। ରଥଯାତ୍ରାରେ ଆଇନ୍ ଶୃଙ୍ଖଳା ରକ୍ଷା ସଂପର୍କରେ ପ୍ରସ୍ତୁତି ସଂପର୍କରେ ପୁରୀ ଆରକ୍ଷୀ ଅଧିକ୍ଷକ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ । ରଥ ଯାତ୍ରାରେ ଭିଭିଆଇପିମାନଙ୍କ ନିମନ୍ତେ ବସିବା ସ୍ଥାନ ଓ ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ମୁଖ୍ୟ ଶାସନ ସଚିବ ଆଇନଶୃଙ୍ଖଳା ପ୍ରତି ପ୍ରାଥମିକତା ଦେବାକୁ ଗୁରୁତ୍ୱ ଦେଇଛନ୍ତି। ପୂର୍ବରୁ ଶୃଙ୍ଖଳାର ସହିତ ରଥଯାତ୍ରା ଅନୁଷ୍ଠିତ ହେବା ନେଇ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ, ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପୋଲିସ ପ୍ରଶାସନ ଓ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ବୈଠକରେ ପୁଲିସ୍ ପ୍ରଶାସନ ତରଫରୁ ମୁତୟନ ହେବାକୁ ଥିବା ଆରକ୍ଷୀ ବଳଙ୍କ ପାଇଁ ଅସ୍ଥାୟୀ ଶିବିର ନିମନ୍ତେ ନଳକୂପ ସହିତ ୱାଟକୋ,ପୁରୀ ତରଫରୁ ପାନୀୟ ଜଳ ବ୍ୟବସ୍ଥା, ଓ ସଫେଇ କର୍ମୀଙ୍କ ଦ୍ୱାର ପରିମଳ ରକ୍ଷା ସଂପର୍କରେ ଆଲୋଚନା କରାଯାଇଥିଲା । ଭକ୍ତ ତଥା ଜନସାଧାରଣଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ ସୁବିଧା ପାଇଁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ, ସହରର ବିଭନ୍ନ ଅଂଚଳରେ ପରିମଳ ବ୍ୟବସ୍ଥା ପାଇଁ ଯୋଜନା ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା। ସମ୍ଭାବ୍ୟ ବର୍ଷାରେ ଜଳ ନିଷ୍କାସନ ନିମନ୍ତେ ପ୍ରସ୍ତୁତି ସ୍ୱରୂପ ପୁରୀ ମ୍ୟୁନିସିପାଲିଟି ତରଫରୁ ୧୫ ଟି ସମ୍ବେଦନଶୀଳ ଅଂଚଳ ଚିହ୍ନଟ କରାଯାଇଛି । ପୁରୀ ଡାକ୍ତରଖାନା ଛକ ସମେତ ସବୁଠି ଉଚ୍ଚ କ୍ଷମତା ସଂପନ୍ନ ଡିଜେଲ ପମ୍ପ ପ୍ରସ୍ତୁତି ରହିବ । ବିଭିନ୍ନ ସ୍ଥାନରେ ମୋବାଇଲ ଟଏଲେଟ୍ ଓ ଫାଇବର ପ୍ରସ୍ତୁତ ଶୌଚାଳୟ ସ୍ଥାପନ କରାଯିବ। ସେହିପରି ବିଭିନ୍ନ ରହଣି ସ୍ଥଳର ରକ୍ଷଣା ବେକ୍ଷଣ, ବିଦ୍ୟୁତ୍ ଭିତ୍ତିଭୂମି ଯାଞ୍ଚ, ଭିଆଇପି ମାନଙ୍କ ରହଣି ଓ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବା ପାଇଁ ଟ୍ରାଫିକ ପରିଚାଳନା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ, ଭିଡ଼ ନିୟନ୍ତ୍ରଣ, ଯାନ ବାହନ ପାଇଁ ପାର୍କିଂ ବ୍ୟବସ୍ଥା, ରଥଟଣା ସୁବ୍ୟବସ୍ଥା, ପାସ୍ ବ୍ୟବସ୍ଥା, ବିଶିଷ୍ଟ ଅତିଥି ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୀଠର ବିକାଶ...

ଶାସନ ସଚିବ ମନୋଜ ଆହୁଜା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଶ୍ରୀମନ୍ଦିର ପ୍ରଶାସକ ତଥା ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ ପାଢୀ, ପ୍ରମୁଖ ଶାସନ ସଚିବ ଆଇନ ବିଭାଗ ମାନସ ରଞ୍ଜନ ବାରିକ, ପ୍ରମୁଖ ଶାସନ ସଚିବ ପୂର୍ତ୍ତ ବିଭାଗ ସଞ୍ଜୟ ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ, ଜିଲ୍ଲାପାଳ ପୁରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ ଭୀନିତ୍ ଅଗ୍ରୱାଲ, ଗୋବର୍ଦ୍ଧନ ପୀଠର ପ୍ରତିନିଧି ପଣ୍ଡିତ ମାତୃପ୍ରସାଦ ମିଶ୍ର, ବ୍ରହ୍ମଚାରୀ ସୁୟସ ପ୍ରଶାନ୍ତ, ରଘୁନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଦେଶପ୍ରୀତିର...

ଓ ସାମରିକ ଶକ୍ତିର ପରାକାଷ୍ଠା ଏବଂ ଦେଶ ମାତୃକା ପ୍ରତି ଜନସାଧାରଣଙ୍କର ଥିବା ସମ୍ମାନକୁ ଦର୍ଶାଉଛି । ପରାକ୍ରମ ତଥା ତ୍ରିରଙ୍ଗା ଶୋଭାଯାତ୍ରା ମାଧ୍ୟମରେ ଦେଶ ଆଜି ଏକଜୁଟ ହୋଇଛି । ଅପରେସନ ସିନ୍ଦୁରର ସଫଳତା ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଦେଶର ତିନି ସେନାର ବୀର ଯବାନମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ୪ ଦୁର୍ଦ୍ଦାନ୍ତ ମାଓବାଦୀ...

ମାଓବାଦୀର ସାଧାରଣ ସଂପାଦକ ନମ୍ବଲା କେଶବ ରାଓ ଓରଫ ବାସବ ରାଜୁ ମଧ୍ୟ ସାମିଲ ରହିଥିଲା। ସୂଚନାଯୋଗ୍ୟ ଯେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ସମଗ୍ର ଦେଶରୁ ମାଓବାଦର ବିଲୋପ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେବା ପରେ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକରେ ନକ୍ସଲ ଦମନ ଅଭିଯାନ ଜୋର ଧରିଛି।

PARADIP PORT AUTHORITY
HARBOUR WORKS DIVISION No.I,
e-TENDER CALL NOTICE
e-TCN No.CE/HWDI/ACCTS-19/24/161, dtd.21.05.2025

Name of the work: "Improvement to the existing backup space of NQ-II Berth inside Harbour area". Put to tender value: Rs.4,11,79,577.17 plus GST as applicable. Last date & time of submission of tender through online bidding is 12.06.2025 up to 17:15 Hrs. For details, please log on to the Website: https://eprocure.gov.in/eprocure/app.

Sd/- Executive Engineer,
Horbour Works Division No.I,
Paradip Port Authority

PPA/PR/12/2025-2026 dtd.22.05.2025

AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 29.04.2025, I Kumar Anikesh@ Soumya Sambhas Ganthia, S/o- Ashok Kumar Ganthia, resident of Badasahi, Khalisahi, Nayagada, currently residing at Rasulgarh, Palasuni, Bhubaneswar, declares that I have changed my name from Soumya Sambhab Ganthia to Kumar Anikesh. Henceforth I shall be known as Kumar Anikesh for all purposes. This affidavit is to be used as and when required.

Sd/- Kumar Anikesh

AFFIDAVIT

By virtue of an affidavit sworn in the Court of Executive Magistrate, Purusottampur, dated: 22.05.2025, I, Kaberi Reddy, W/o- G. Kalia Reddy, resident of At/Po-Jhadabai, Ps- K.S.Nagar, Dist- Ganjam, declares that I have changed my minor son's name from G. Subham Reddy to G. Ayush Reddy. Henceforth, he shall be known as G. Ayush Reddy for all purposes.

Sd/- Kaberi Reddy

AFFIDAVIT

By virtue of an affidavit sworn before the Executive Magistrate, Pipili, dated: 23.05.2025, I, Kiran Pratap Swain, Address: village-Kanhapur Pada Dihasahi, Po- Pipili, Ps- Pipili, Dist-Puri, Odisha, PIN-752104, declare that I have changed my son's name from Debasuriya Pratap Swani to Debasuryapratap Swain. Henceforth, he shall be known as Debasuryapratap Swain for all purposes.

Sd/- Kiran Pratap Swain

AFFIDAVIT

By virtue of an affidavit sworn before the Executive Magistrate, Karanjia, I Alok Kumar Sahu, S/o- Late Rajkishore Sahu, resident of village- Karanjia ward No.1, Po/Ps- Karanjia, Dist- Mayurbhanj, declares that I have changed my minor daughter's name from Gudli Sahu to Ankita Sahu. Henceforth, she shall be known as Ankita Sahu for all purposes.

Sd/- Alok Kumar Sahu

ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ
ଭାରତ ସରକାର
କତା ବୋର୍ଡ

ଚୁକ୍ତିଭିତ୍ତିକ ପ୍ରକଳ୍ପ/ବୈଷୟିକ କର୍ମଚାରୀ ନିଯୁକ୍ତ

ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର ଦୁଇଟି ଗବେଷଣା ପ୍ରତିଷ୍ଠାନ କେରଳର ଅଲପୁଝାଠାରେ ଥିବା କେନ୍ଦ୍ରୀୟ କତା ଗବେଷଣା କେନ୍ଦ୍ର ଏବଂ କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଥିବା କେନ୍ଦ୍ରୀୟ କତା ବୈଷୟିକ ପ୍ରତିଷ୍ଠାନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ସଂପୂର୍ଣ୍ଣ ଚୁକ୍ତିଭିତ୍ତିକ ପ୍ରକଳ୍ପ/ବୈଷୟିକ କର୍ମଚାରୀ (୨୨ ପଦବୀ) ନିଯୁକ୍ତି ପାଇଁ ଆବେଦନପତ୍ର ଆହ୍ୱାନ କରୁଛନ୍ତି। ଆବେଦନକାରୀମାନେ ସଂପୂର୍ଣ୍ଣ ବିଜ୍ଞାପନ ସମ୍ବନ୍ଧୀୟ ବିବରଣୀ ୱେବ୍‌ସାଇଟ୍ (www.coirboard.gov.in. ପାଇପାରିବେ। ପୂର୍ଣ୍ଣାଙ୍ଗ ଆବେଦନପତ୍ର ୨୦୨୫ ଜୁନ୍ ୨୦ ତାରିଖ ଅପରାହ୍ନ ୫.୩୦ ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦାଖଲ କରିବାକୁ ପଡ଼ିବ।

ୱେବ୍‌ସାଇଟ୍ ପାଇଁ କ୍ୟୁଆର କୋଡ୍ ସ୍କାନ କରନ୍ତୁ

୦୯.୦୫.୨୦୨୫

ସ୍ୱା/-
ସେକ୍ରେଟାରୀ କତା ବୋର୍ଡ

CBC 25131/12/0005/2526

OFFICE OF THE PANCHAYAT SAMITI, BANDHUGAON
Ph No: 06855-263336 E-mail id: ori-bandhugaon@nic.in

TENDER CALL NOTICE No. 04/2025-26 i-120

The Block Development Officer Bandhugaon, Koraput district on behalf of Governor of Odisha invites percentage rate bid shall be opened on 12.06.2025 at 11.30 AM in the office of Panchayat Samiti Bandhugaon.

| SL No | Name of the work | Estimated cost in Rs. | Cost of Tender Paper in Rs. Including GST 18% | EMD in Rs | Class of Contractor | Time of Completion | Grant |
|---|---|---|---|---|---|---|---|
| 01 | Repair & Renovation of KGBV Hostel Building TYPE - 1 | 25,00,000/- | 6000/- | 13000/- | C & D | 270 days | PAB SS |

Other details can be seen in the bidding documents published in the website displayed in notice board & published in the district website Koraput.

-sd-
Block Development Officer,
Bandhugaon

OIPR 19038/11/0001/2526

OFFICE OF THE NOTIFIED AREA COUNCIL, RAMBHA
Letter No. 1078/NAC Date: 22.05.2025

Corrigendum-1 C-391

TENDER REFERENCE NO: RMB-02-NAC/2025-26

In continuation of Tender Ref No. RMB-02-NAC/2025-26, Dtd.19.05.2025 for the work-: Construction of temporary vending zone near Thana bandha Rambha NAC" having Tender ID-2025_ORULB_113587_6 is hereby cancelled on the ground of land issue.
Others are remained unchanged.

Sd/- Executive Officer,
NAC, Rambha

OIPR 13114/11/0035/2526

ODISHA CONSTRUCTION CORPORATION LIMITED
BHUBANESWAR, ODISHA
PIN: 751012, Tel No.(0674) 2562020, CAD-549
e-Mail: theoccltd@odishaconstruction.com
GSTIN- 21AAACO2571K2ZM

1st CORRIGENDUM

"e- Procurement Notice No- 09/OCCL/2025-26 (on-line)"

1. The availability of tender on-line start date is hereby extended to 29.05.2025 instead of 23.05.2025.
2. The date of opening of the tender (on-line) is hereby postponed to 30.06.2025 instead of 21.06.2025.

All other terms and conditions remain unaltered.

OIPR 34120/11/0032/2526 Sd/- MANAGING DIRECTOR

MUNICIPAL OFFICE: KENDRAPARA
ପୌରପାଳିକା କାର୍ଯ୍ୟାଳୟ: କେନ୍ଦ୍ରାପଡା
E-mail: kendraparamunicipality@gmail.com C-369

Notice. No. 1998 /KM, Date: 21.05.2025

"e" Procurement Notice

Bid Documents consisting of work, Estimate Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i,e -www.tendersodisha.gov.in.

1. Tender Reference No-01/KM 2025-26
2. Total No. of work:-01 to 50
3. Estimated Cost- Rs. 2,50,462/- to 19,99,950/-
4. Period of Completion:-60 Days to 180 Days
5. Date & time of Bidding:- Dt.28.05.25 at-11.00 AM to Dt.10.06.25 at-5.00 PM
6. Last Date & time for receipt of bids in the Portal:- Dt. 10.06.25 at-5.00 PM
7. Bids received Online shall be opened on:-Dt.11.06.25 at-11.00 AM
8. Name & Address of the Officer Inviting Bid:-Executive Officer, Kendrapara Municipality

Further details can be seen from the procurement portal i,e www.tendersorissa.gov.in

Sd/-Executive Officer
Kendrapara Municipality

OIPR 13185/11/0010/2526

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
LOWER INDRA CANAL DIVISION, KHARIAR A-207
e-Procurement Notice No. SELICD-03/2025-26, Dt.20.05.2025
e-mail address: - celicd.khr@gmail.com
*****

No 1784 Date 20.05.2025

1. Type/Nature of work: Civil Work / Canal Works
2. Total No. of works: 05 (Five) Nos.
3. Approx. value of works: Rs. 6.09 Lakh to Rs. 21.94 Lakh (Excluding GST).
4. Period of completion: 02 (Two) Calendar months.
5. Classification of bidders: "D", "C" & "B" Class Contractor only.

Other details as follows:

| Procurement Officer. | e-Procurement Notice No. | Availability & Submission of bids in online. From | To | Date & time of opening of tender. |
|---|---|---|---|---|
| 1 | 2 | 3 | 4 | 5 |
| Superintending Engineer, Lower Indra Canal Division Khariar, Dist:-Nuapada, Odisha. | SELICD-03/2025-26 | 26.05.2025 from 10.00 AM | 04.06.2025 up to 5.00 PM | 05.06.2025 at 11.00AM |

N.B: Further details can be seen from the e-procurement portal https://www.tendersodisha.gov.in. Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

(Er. Soumya Kishore Jaipuria)
Superintending Engineer,
Lower Indra Canal Division, Khariar

OIPR 32335/11/0004/2526

e-mail ID – eephctcii@gmail.com
sephdctc521@gmail.com

GOVERNMENT OF ODISHA C-367
OFFICE OF THE SUPERINTENDING ENGINEER,
P. H. DIVISION, CUTTACK

e-procurement Notice for Bid Identification No. SEPH-DIVISION, CTC- 07 of 2025-26

1. Name of the work : - 1 No of P.H. work
2. Estimated cost : - Rs. 20.96 Lakhs
3. Period of completion : - 3 months
4. Date & time of availability of bid document in the portal : - 28.05.2025 from 11.00 A.M to 06.06.2025 upto 5.00 P.M
5. Last date & time of seeking clarification :- 02.06.2025 upto 5.00 P.M
6. Last date / time of receipt of bids in the portal : - 06.06.2025 upto 5.00 P.M
7. Date & time of opening of bids : - 09.06.2025 at 11.00 A.M
8. Name and address of the officer inviting bid : - The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, email :- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in

Sd/-Superintending Engineer
P.H. Division, Cuttack

OIPR 13009/11/0003/2526



ନୂଆଦିଲ୍ଲୀ: ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ବିଦେଶୀ ଛାତ୍ରଙ୍କ ପ୍ରବେଶ ଉପରେ ରୋକ ଲଗାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଏବେ ବିଦେଶୀ ଛାତ୍ରଛାତ୍ରୀମାନେ ଏହି ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ପାରିବେନି ବୋଲି ଟ୍ରମ୍ପ ପ୍ରଶାସନର ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ଏହି ନିଷ୍ପତି ନେଇଛି । ସରକାରୀ ତଥ୍ୟ ଅନୁସାରେ ପ୍ରତିବର୍ଷ ୫୦୦ରୁ ୮୦୦ ଭାରତୀୟ ଛାତ୍ରଛାତ୍ରୀ ଏଠାରେ ନାମ ଲେଖାଇଥାନ୍ତି । ସାରା ବିଶ୍ୱରୁ ବର୍ତ୍ତମାନ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ୬ହଜାର ୮୦୦ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ଗତ କିଛି ଦିନ ଧରି ବିଦେଶୀ ଛାତ୍ରଛାତ୍ରୀଙ୍କ ସହିତ ଜଡ଼ିତ ରେକର୍ଡକୁ ନେଇ ଆମେରିକା ସରକାର ଏବଂ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ମଧ୍ୟରେ ଉତ୍ତେଜନା ଲାଗି ରହିଛି । ଗତ ମାସରେ ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ଏକ କଡ଼ା ଚେତାବନୀ ଜାରି କରିଥିଲା ଯେ ଯଦି ବିଶ୍ୱବିଦ୍ୟାଳୟ ଏପ୍ରିଲ ୩୦ସୁଦ୍ଧା ବିଦେଶୀ ଛାତ୍ରଛାତ୍ରୀଙ୍କ ବେଆଇନ ଏବଂ ହିଂସାତ୍ମକ ମାମଲାର ରେକର୍ଡ ପ୍ରଦାନ ନକରେ ତେବେ ସେମାନଙ୍କର ଏସ୍ଇଭିପି ଅର୍ଥାତ ଷ୍ଟୁଡେଣ୍ଟ ଆଣ୍ଡ ଏକ୍ସଚେଞ୍ଜ ଭିଜିଟର ପ୍ରୋଗ୍ରାମ ସାର୍ଟିଫିକେସନ୍ ବାତିଲ କରାଯିବ।

## ରାଇଜିଂ ନର୍ଥ ଇଷ୍ଟ ନିବେଶକ ସମ୍ମିଳନୀକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନୂଆଦିଲ୍ଲୀର ଭାରତ ମଣ୍ଡପମରେ ରାଇଜିଂ ନର୍ଥ ଇଷ୍ଟ ନିବେଶକ ସମ୍ମିଳନୀ ୨୦୨୫କୁ ଉଦଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ୱାଗତ ଜଣାଇ ପ୍ରଧାନମନ୍ତ୍ରୀ ଉତ୍ତର-ପୂର୍ବାଞ୍ଚଳର ଭବିଷ୍ୟତ ପ୍ରତି ଗର୍ବ, ଉତ୍ସାହ ଏବଂ ଅପାର ବିଶ୍ୱାସ ପ୍ରକାଶ କରିଥିଲେ। ଭାରତ ମଣ୍ଡପମରେ ଅନୁଷ୍ଠିତ ଅଷ୍ଟଲକ୍ଷ୍ମୀ ମହୋତ୍ସବକୁ ମନେ ପକାଇ ସେ ଉଲ୍ଲେଖ କରିଥିଲେ ଯେ ଆଜିର କାର୍ଯ୍ୟକ୍ରମ ଉତ୍ତର-ପୂର୍ବରେ ନିବେଶର ଉତ୍ସବ। ପ୍ରଧାନମନ୍ତ୍ରୀ ସମ୍ମିଳନୀରେ ଶିଳ୍ପ ନେତାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଉପସ୍ଥିତିକୁ ଉଲ୍ଲେଖ କରିଥିଲେ ଏବଂ ଏହି କ୍ଷେତ୍ରରେ ସୁଯୋଗ ବିଷୟରେ ସେମାନଙ୍କର ଉତ୍ସାହ ବିଷୟରେ ଆଲୋଚନା କରିଥିଲେ। ପର୍ଯ୍ୟଟନ କ୍ଷେତ୍ରକୁ ଆକର୍ଷଣୀୟ କରିବା ଏବଂ ନିବେଶକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବାରେ ଦୃଢ଼ ଭିତ୍ତିଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଥିଲେ ଯେ ସୁବିକଶିତ ରାସ୍ତା, ବିଦ୍ୟୁତ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ସ ନେଟୱାର୍କ ଯେକୌଣସି ଶିଳ୍ପର ମେରୁଦଣ୍ଡ ଗଠନ କରେ, ଯାହା ସୁଗମ ବାଣିଜ୍ୟ ଏବଂ ଆର୍ଥିକ ଅଭିବୃଦ୍ଧିକୁ ସହଜ କରିଥାଏ। ସେ କହିଥିଲେ ଯେ ଭିତ୍ତିଭୂମି ହେଉଛି ବିକାଶର ମୂଳଦୁଆ ଏବଂ ସରକାର ଉତ୍ତର-ପୂର୍ବରେ ଏକ ଭିତ୍ତିଭୂମି ବିପ୍ଳବ ଆରମ୍ଭ କରିଛନ୍ତି। ଗୌହାଟୀ, ଇମ୍ଫାଲ ଏବଂ ଅଗରତାଲାକୁ ବହୁମୁଖୀ ଲଜିଷ୍ଟିକ୍ସ ହବ୍ ଭାବରେ ବିକାଶ ଯୋଜନା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ମେଘାଳୟ ଏବଂ ମିଜୋରାମରେ ଲାଣ୍ଡ କଷ୍ଟମ୍ସ ଷ୍ଟେସନ୍ ସ୍ଥାପନ ଆନ୍ତର୍ଜାତୀୟ ବାଣିଜ୍ୟ ପାଇଁ ସୁଯୋଗକୁ ଆହୁରି ବିସ୍ତାର କରୁଛି। ପ୍ରଧାନମନ୍ତ୍ରୀ ନିବେଶକମାନଙ୍କୁ ଭାରତର 'ହିଲ୍ ଇନ୍ ଇଣ୍ଡିଆ' ମିଶନର ଏକ ପ୍ରମୁଖ ଉପାଦାନ ଭାବରେ ଉତ୍ତର-ପୂର୍ବର ଅନୁସନ୍ଧାନ କରିବାକୁ ଅନୁରୋଧ କରିଥିଲେ, ଏହି ଅଞ୍ଚଳର ଜଳବାୟୁ ଏବଂ ପରିବେଶଗତ ବିବିଧତା ସୁସ୍ଥତା-ଚାଳିତ ଶିଳ୍ପ ବା ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ଅପାର ସମ୍ଭାବନା ପ୍ରଦାନ କରେ ବୋଲି ଦୃଢ଼ୋକ୍ତି କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ରାଇଜିଂ ନର୍ଥ ଇଷ୍ଟ ନିବେଶକ ସମ୍ମିଳନୀ କେବଳ ଏକ ସମ୍ମିଳନୀ ନୁହେଁ – ଏହା ଏକ ଆନ୍ଦୋଳନ ଏବଂ କାର୍ଯ୍ୟ କରିବା ପାଇଁ ଏକ ଆହ୍ୱାନ। ସେ କହିଥିଲେ ଯେ ଉତ୍ତର-ପୂର୍ବର ପ୍ରଗତି ଏବଂ ସମୃଦ୍ଧି ମାଧ୍ୟମରେ ଭାରତର ଭବିଷ୍ୟତ ନୂତନ ଶିଖରରେ ପହଞ୍ଚିବ। ପ୍ରଧାନମନ୍ତ୍ରୀ ଉପସ୍ଥିତ ବ୍ୟବସାୟୀ ନେତାମାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ପ୍ରକାଶ କରିଥିଲେ ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏକାଠି ହେବାକୁ ଅନୁରୋଧ କରିଥିଲେ। ତାଙ୍କ ଭାଷଣ ଶେଷ କରି, ସେ ଉତ୍ତର-ପୂର୍ବର ସମ୍ଭାବନାର ପ୍ରତୀକ ଅଷ୍ଟଲକ୍ଷ୍ମୀଙ୍କୁ ଏକ ବିକଶିତ ଭାରତ ପାଇଁ ମାର୍ଗଦର୍ଶକ ଶକ୍ତିରେ ପରିଣତ କରିବା ପାଇଁ ଏକତ୍ର କାମ କରିବାକୁ ଅଂଶୀଦାରମାନଙ୍କୁ ଆହ୍ୱାନ କରିଥିଲେ। ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ ପରବର୍ତ୍ତୀ ଉଦୀୟମାନ ଉତ୍ତର-ପୂର୍ବ ନିବେଶକ ସମ୍ମିଳନୀ ସୁଦ୍ଧା, ଉତ୍ତର-ପୂର୍ବ ଭାରତ ବହୁତ ଆଗକୁ ବଢ଼ିଥିବ। ଏହି ଅବସରରେ ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ, ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା, ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ, ମେଘାଳୟର ମୁଖ୍ୟମନ୍ତ୍ରୀ କନରାଡ କେ. ସାଙ୍ଗମା, ମିଜୋରାମର ମୁଖ୍ୟମନ୍ତ୍ରୀ ଶ୍ରୀ ଲାଲଦୁହୋମା, ନାଗାଲ୍ୟାଣ୍ଡର ମୁଖ୍ୟମନ୍ତ୍ରୀ ନେଫିଉ ରିଓ, ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ, ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ସାହା, ଉତ୍ତର-ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ପ୍ରମୁଖ ଉପସ୍ଥିତ ଥିଲେ।

## 'ଥ୍ରେଡ୍ ଅଫ୍ ୱିଶଡମ୍-ଏ ୟୁଥ୍ ପ୍ରସ୍‌ପେକ୍ଟିଭ ଅନ୍ ଲାଇଫ୍' ପୁସ୍ତକ ଉନ୍ମୋଚିତ




ନୂଆଦିଲ୍ଲୀ : ଯୁବ ସାମାଜିକ ପରିବର୍ତ୍ତନକାରୀ ହୃଦାନନ୍ଦ ପୃଷ୍ଟିଙ୍କ ଦ୍ୱାରା ଲିଖିତ ପ୍ରେରଣାଦାୟକ ପୁସ୍ତକ 'ଥ୍ରେଡ୍ ଅଫ୍ ୱିଶଡମ୍-ଏ ୟୁଥ୍ ପ୍ରସ୍‌ପେକ୍ଟିଭ ଅନ୍ ଲାଇଫ୍' ଉନ୍ମୋଚିତ ହୋଇଯାଇଛି। ନୂଆଦିଲ୍ଲୀରେ ଆଇଜିଟିୟୁଡବ୍ଲ୍ୟୁଠାରେ ଏହି ପୁସ୍ତକକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉନ୍ମୋଚନ କରିଥିଲେ। ଯେଉଁମାନେ ଏହାର ଦୃଷ୍ଟିକୋଣ ଓ ମୂଲ୍ୟବୋଧ ଆଧାରିତ ଜୀବନଯାପନ ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ତାଙ୍କର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ପୁଡୁଚେରୀର ପୂର୍ବତନ ରାଜ୍ୟପାଳ ଡ. କିରଣ ବେଦୀ, ୟୁପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷା ପ୍ରୀତିସୁଦାନ, ଅବସରପ୍ରାପ୍ତ ଆଇଏଫ୍ଏସ୍ ତଥା ବିଶିଷ୍ଟ କବି ରାଷ୍ଟ୍ରଦୂତ ଅମରେନ୍ଦ୍ର ଖଟୁଆ, ପୂର୍ବତନ ଆଇଆର୍ଏସ୍ ସିଦ୍ଧାର୍ଥ ପ୍ରଧାନ, ଆଇଜିଡବ୍ଲ୍ୟୁର କୁଳପତି ପ୍ରଫେସର ରଞ୍ଜନ ଝା ଏବଂ ପୁସ୍ତକର ଲେଖକ ହୃଦାନନ୍ଦ ପୃଷ୍ଟି ଉପସ୍ଥିତ ଥିଲେ।

## ପୁଞ୍ଚ ଗସ୍ତ କରିବେ ରାହୁଲ



ନୂଆଦିଲ୍ଲୀ: କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଜମ୍ମୁ-କାଶ୍ମୀରର ପୁଞ୍ଚ ଅଞ୍ଚଳ ଗସ୍ତ କରିବେ। ଏହି ସମୟରେ ସେ ସମ୍ପ୍ରତି ପାକିସ୍ତାନୀ ଗୁଳିରେ ପ୍ରାଣ ହରାଇଥିବା ଏବଂ ପ୍ରଭାବିତ ହୋଇଥିବା ଲୋକଙ୍କ ପରିବାରକୁ ଭେଟିବେ। ଏନେଇ ଦଳର ନେତା ଜୟରାମ ରମେଶ ରାହୁଲ ଗାନ୍ଧୀଙ୍କ ଗସ୍ତ ବିଷୟରେ ସୂଚନା ଦେଇଛନ୍ତି। ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ୨୨ ଏପ୍ରିଲରେ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣ ପରେ ମଧ୍ୟ ରାହୁଲ ଗାନ୍ଧୀ ଜମ୍ମୁ ଏବଂ କାଶ୍ମୀର ଯାଇଥିଲେ। ଏହା ପରେ, ପୁଞ୍ଚରେ ପାକିସ୍ତାନ ଦ୍ୱାରା ଗୁଳିମାଡ଼ ପରେ ସେ ପୁଣି ଥରେ ସେହି ଅଞ୍ଚଳ ପରିଦର୍ଶନ କରିବାକୁ ଯାଉଛନ୍ତି। କଂଗ୍ରେସ ନେତା ଜୟରାମ ରମେଶ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଏକ୍ସ ରେ ରାହୁଲ ଗାନ୍ଧୀଙ୍କ ଗସ୍ତ ବିଷୟରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆସନ୍ତାକାଲି ପୁଞ୍ଚ ଗସ୍ତ କରିବେ, ଯେଉଁଠାରେ ସେ ସମ୍ପ୍ରତି ପାକିସ୍ତାନୀ ଗୁଳିମାଡ଼ରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ଭେଟିବେ। ଆକ୍ରମଣ ପରେ ଗତ ମାସରେ ଜମ୍ମୁ ଏବଂ କାଶ୍ମୀର ଗସ୍ତ ସମୟରେ ରାହୁଲ ଗାନ୍ଧୀ କହିଥିଲେ ଯେ ଆତଙ୍କବାଦୀ ଆକ୍ରମଣ ପଛରେ ଦେଶର ଲୋକଙ୍କୁ ବିଭାଜିତ କରିବା ଉଦ୍ଦେଶ୍ୟ ଥିଲା ଏବଂ ଭାରତ ଆତଙ୍କବାଦକୁ ସବୁଦିନ ପାଇଁ ପରାସ୍ତ କରିବା ପାଇଁ ଏକତ୍ରିତ ହେବା ଗୁରୁତ୍ୱପୂର୍ଣ୍ଣ। ଆତଙ୍କବାଦ ବିରୋଧରେ ପାକିସ୍ତାନକୁ ଶିକ୍ଷା ଦେବା ପାଇଁ, ଭାରତ ମେ ୭ ତାରିଖରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଭାରତର ଅପରେସନ ସିନ୍ଦୂର ଯୋଗୁଁ ପାକିସ୍ତାନ କ୍ରୋଧିତ ହୋଇଥିଲା, ଯାହା ପରେ ପାକିସ୍ତାନ ନିୟନ୍ତ୍ରଣ ରେଖା ଉପରେ ଅବିଚାରିତ ଗୁଳିଚାଳନା କରିଥିଲା। ଏହି ଗୁଳିବିନିମୟରେ, ଅଧିକାଂଶ ଗୁଳିବିନିମୟ ପୁଞ୍ଚରେ ହିଁ କରାଯାଇଥିଲା। ମେ ୮ ରୁ ମେ ୧୦ ପର୍ଯ୍ୟନ୍ତ ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିଲେ। ଏହି ସମୟ ମଧ୍ୟରେ, ପୁଞ୍ଚରେ ପାକିସ୍ତାନ ପକ୍ଷରୁ ଗୁଳିବର୍ଷା ହୋଇଥିଲା, କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣରେ ୨୭ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୭୦ ରୁ ଅଧିକ ଆହତ ହୋଇଥିଲେ।

## ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଶାହାଙ୍କ ସମୀକ୍ଷା ବୈଠକ

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ନୂଆଦିଲ୍ଲୀରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁଙ୍କ ସହ ରାଜ୍ୟରେ ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ପୋଲିସ, କାରାଗାର, ଅଦାଲତ, ଅଭିଯୋଜନ ଏବଂ ଫରେନ୍ସିକ୍ ସମ୍ବନ୍ଧୀୟ ବିଭିନ୍ନ ନୂତନ ବ୍ୟବସ୍ଥାର କାର୍ଯ୍ୟକାରିତା ଏବଂ ବର୍ତ୍ତମାନର ସ୍ଥିତି ସମୀକ୍ଷା କରାଯାଇଥିଲା। ଏହି ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ, ଆନ୍ଧ୍ର ପ୍ରଦେଶର ମୁଖ୍ୟ ସଚିବ ଏବଂ ଗୃହ ମନ୍ତ୍ରଣାଳୟ ତଥା ଆନ୍ଧ୍ର ପ୍ରଦେଶ ସରକାରଙ୍କ ବରିଷ୍ଠ ଅଧିକାରୀ, ପୋଲିସ ମହାନିର୍ଦ୍ଦେଶକ, ବିପିଆର ଆଣ୍ଡ ଡି ମହାନିର୍ଦ୍ଦେଶକ ଏବଂ ଏନସିଆରବି ନିର୍ଦ୍ଦେଶକ ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଅଣାଯାଇଥିବା ତିନୋଟି ନୂଆ ଅପରାଧିକ ଆଇନ ଭାରତୀୟ ସମ୍ବିଧାନର ଭାବନାକୁ ପ୍ରତିଫଳିତ କରିବା ଏବଂ ସେଗୁଡ଼ିକୁ ବାସ୍ତବ ରୂପ ଦେବା ପାଇଁ ଉଦ୍ଦିଷ୍ଟ। ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ତାଙ୍କ ନେତୃତ୍ୱରେ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ମାଧ୍ୟମରେ ଭାରତୀୟ ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ଏକ ବିରାଟ ପରିବର୍ତ୍ତନ ଆଣିବା ପାଇଁ କରାଯାଇଥିବା ପ୍ରୟାସ ପାଇଁ ଧନ୍ୟବାଦ ଜଣାଇଥିଲେ।



## ଶହୀଦ ଯବାନ ମେହୁଲ ଭାଇଙ୍କୁ ବିଷ୍ଣୁଦେବଙ୍କ ଶ୍ରଦ୍ଧାଞ୍ଜଳି



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବିଜାପୁର ଜିଲ୍ଲାର ଉଶୁରୁ କ୍ଷେତ୍ରରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନରେ ଅଦମ୍ୟ ସାହସର ପରିଚୟ ଦେଇ ଶହୀଦ ହୋଇଥିବା ସିଆର୍‌ପିଏଫ୍ କୋବ୍ରା ବାଟାଲିଅନର କନ୍‌ଷ୍ଟେବଲ ସୋଲାଙ୍କି ମେହୁଲ ଭାଇ ନନ୍ଦଲାଲଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶ୍ରୀ ସାଏ ତାଙ୍କ ପାର୍ଥୀବ ଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କୁ ଅନ୍ତିମ ବିଦାୟ ଦେଇଥିଲେ। ଶ୍ରୀ ସାଏ ମାନାସ୍ଥିତ ଚତୁର୍ଥ ବାଟାଲିୟନର ପରିସରରେ ପହଞ୍ଚି ଶହୀଦଙ୍କ ଶେଷ ଦର୍ଶନ ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ସେ ଶହୀଦ ପରିବାରକୁ ଗଭୀର ସମବେଦନା ଜଣାଇ କହିଥିଲେ ଯେ, ଏହି କଠିନ ସମୟରେ ଭଗବାନ ଆପଣଙ୍କୁ ଅସୀମ ଶକ୍ତି ପ୍ରଦାନ କରନ୍ତୁ। ଶହୀଦ ମେହୁଲୁ ଭାଇଙ୍କ ବୀରତ୍ୱ ଓ ଦେଶଭକ୍ତି ଆମର ସବୁଦିନ ପାଇଁ ମନେ ରହିବ। ସେ କହିଥିଲେ ଗତ ୧ବର୍ଷ ହେବ ନକ୍ସଲ ବିରୋଧୀ ଅଭିଯାନରେ ଆମର ସୁରକ୍ଷା କର୍ମୀମାନେ ସାମିଲ ହୋଇ ସେମାନଙ୍କ ପରାକାଷ୍ଠା ଦେଖାଇବା ସହ ନକ୍ସଲ ଦମନ ପାଇଁ ସଂକଳ୍ପ ନେଇଛନ୍ତି। ସେ କହିଥିଲେ ୨୦୨୬ ମାର୍ଚ୍ଚ ସୁଦ୍ଧା ଆମେ ଆମ ରାଜ୍ୟରୁ ନକ୍ସଲମାନଙ୍କୁ ଦମନ କରିବୁ। ଶହୀଦଙ୍କ ବଳିଦାନ କେବେ ବି ବ୍ୟର୍ଥ ଯିବ ନାହିଁ। ସରକାର ଶହୀଦ ପରିବାର ସହିତ ରହିଛନ୍ତି ଏବଂ ଯଥା ସମ୍ଭବ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଏହି ଅବସରରେ ଛତିଶଗଡ ଗୃହମନ୍ତ୍ରୀ ବିଜୟ ଶର୍ମା, ବିଧାୟକ ମୋତିଲାଲ ସାହୁ, ପୁରନ୍ଦର ମିଶ୍ରା, ପୋଲିସ ମହାନିର୍ଦ୍ଦେଶକ ଅରୁଣଦେବ ଗୌତମଙ୍କ ସମେତ ବହୁ ଜନପ୍ରତିନିଧି, ଅଧିକାରୀ ଓ ନାଗରିକଗଣ ଉପସ୍ଥିତ ଥିଲେ୧

# ବାଣିଜ୍ୟ



ନୂଆଦିଲ୍ଲୀ: ଅଗ୍ରଣୀ ଘରୋଇ ସ୍ମାର୍ଟଫୋନ ନିର୍ମାତା ଲାଭା ଇଂଟରନ୍ୟାଶନାଲ ଲିମିଟେଡ ଭୁବନେଶ୍ୱରରେ ଏକ ପାୱାର-ପ୍ୟାକ୍‌ଡ ଲଂଚ ଇଭେଂଟରେ ଏହାର ନୂତନ ସାର୍କ ୫ଜି' ସ୍ମାର୍ଟଫୋନର ଉନ୍ମୋଚନ କରିଛି। ଏହି ଉନ୍ମୋଚନ ବିଭିନ୍ନ ବର୍ଗରେ ଭାରତୀୟ ଉପଭୋକ୍ତାଙ୍କ ପାଇଁ ନେକ୍ସଟ-ଜେନ ଟେକ୍ନୋଲୋଜିକୁ ଅଧିକ ପହଂଚଯୋଗ୍ୟ କରିବା ପାଇଁ ଲାଭାର ବିଦ୍ୟମାନ ପ୍ରୟାସଗୁଡିକରେ ଆଉ ଏକ ସଫଳତାକୁ ଚିହ୍ନିତ କରୁଛି। ୭୯୯୯ ଟଙ୍କା ମୂଲ୍ୟର ସାର୍କ ୫ଜି କ୍ରୟ ପାଇଁ ରିଟେଲ ଆଉଟଲେଟ ଓ ଲାଭା ଇ-ଷ୍ଟୋର୍‌ରେ ଉପଲବ୍ଧ ହେବ। ଏହି ଶୁଭାରମ୍ଭ ସମ୍ପର୍କରେ ଲାଭା ଇଂଟରନ୍ୟାଶନାଲ ଲିମିଟେଡର ଉତ୍ପାଦ ମୁଖ୍ୟ ସୁମିତ ସିଂହ କହିଛନ୍ତି, 'ଗତ ଦୁଇ ବର୍ଷ ମଧ୍ୟରେ ଆମେ ମିଡ୍-ପ୍ରିମିୟମ ସେଗ୍‌ମେଂଟରେ ଅଗ୍ନି ଓ ବ୍ଲେଜ ଏବଂ ମାସ୍ ମାର୍କେଟରେ ଯୁବା ଓ ଷ୍ଟର୍ମ ସିରିଜ ଭଳି ସଫଳ ଲଂଚ୍‌ଗୁଡିକ ସହିତ ଆମର ପ୍ରତ୍ୟାବର୍ତନକୁ ପରିଚାଳନା କରିଛି। ସ୍ମାର୍ଟଫୋନ ବ୍ୟତୀତ ଲାଭା ସ୍ମାର୍ଟ ଆକ୍‌ସେସରିଜ ବର୍ଗରେ ଏହାର ଉପସ୍ଥିତି ବିସ୍ତାର କରିଛି ଯାହା ସ୍ମାର୍ଟୱାଚ ଓ ଇୟରବଡ୍‌ଗୁଡିକର ଏକ ବର୍ଦ୍ଧିତ ରେ ପ୍ରଦାନ କରୁଛି। ଏହି ଶୃଙ୍ଖଳାରେ ଟ୍ରୁ ୱାୟାରଲେସ ସେଗ୍‌ମେଂଟରେ ପ୍ରୋବଡ୍‌ସ ଟି୨୪ ଓ ପ୍ରୋବଡ୍‌ସ ଟି୩୧ ଭଳି ଲୋକପ୍ରିୟ ମଡେଲ ଏବଂ ପ୍ରୋୱାଚ ଭି୧ ଓ ପ୍ରୋୱାଚ ଏକ୍ସ ଭଳି ସ୍ମାର୍ଟୱାଚ ଆଦି ସାମିଲ ରହିଛି।

## ଟାଟାଷ୍ଟିଲ ୟାଟ୍‌ସ ବିଜେତାଙ୍କ ଇସ୍ରୋ ପରିଭ୍ରମଣର ଶୁଭାରମ୍ଭ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣରେ ଗଲେ ୟାଟ୍‌ସ (ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ)ର କୃତି ଛାତ୍ରଛାତ୍ରୀ। ଟାଟା ଷ୍ଟିଲ ଓ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନରେ ଭୁବନେଶ୍ୱର ସ୍ଥିତ ପଠାଣୀ ସାମନ୍ତ ପ୍ଲାନେଟାରିୟମ୍‌ର ସହଯୋଗିତାରେ ଆୟୋଜିତ ୟାଟ୍‌ସ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଆଜି ବେଙ୍ଗାଲୁରୁସ୍ଥିତ ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଏବଂ କମାଣ୍ଡ ନେଟୱାର୍କ (ଆଇଏସ୍‌ଟିଆରଏସି) ଏବଂ ୟୁଆରରା ଓ ସାଟେଲାଇଟ ସେଣ୍ଟର (ୟୁଆରଏସସି)କୁ ଶିକ୍ଷାମୂଳକ ଭ୍ରମଣରେ ପଠାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ୟାଟ୍‌ସର ୧୮ତମ ସଂସ୍କରଣର ଶୀର୍ଷ ୩୦ବିଜୟୀ ଛାତ୍ରଛାତ୍ରୀଙ୍କୁ ପରିଭ୍ରମଣ ପାଇଁ ପଠାଯାଇଛି। ଏହିଯାତ୍ରା ମେ'୨୪ ରୁ ୨୮ତାରିଖ ପର୍ଯ୍ୟନ୍ତ ହେବ। ଏହି ପରିପ୍ରେକ୍ଷୀରେ ଆୟୋଜିତ ସମାରୋହରେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗର ପ୍ରମୁଖ ସଚିବ ଏବଂ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ଅଧ୍ୟକ୍ଷା ଚିତ୍ରାଆରୁମୁଗମ, ଆଇଏଏସ୍ ଏହି ଭ୍ରମଣକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ନିର୍ଦ୍ଦେଶକ ଓ ଓଡ଼ିଶା ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ ଉପସଚିବ ଉର୍ମିପ୍ରଭା ମହାରଣା ଏବଂ ଟାଟାଷ୍ଟିଲ୍‌ର କର୍ପୋରେଟ୍ କମ୍ୟୁନିକେସନ୍ସ ଚିଫ୍ ସର୍ବେଶ କୁମାର ଉପସ୍ଥିତ ଥିଲେ। ରାଜ୍ୟର ୭୧୦୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବିଜୟୀ ହୋଇଥିବା ୩୦ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ଚିତ୍ରା ଆରୁମୁଗମ କହିଥିଲେ ଯେ, ଗତବର୍ଷ ତୁଳନାରେ ଚଳିତବର୍ଷ ଅଧିକ ପିଲା ପ୍ରତିଯୋଗୀତାରେ ବିଜୟୀ ହୋଇ ଇସ୍ରୋ ଯାଉଛନ୍ତି। ଟାଟା ଷ୍ଟିଲ ଓ ପଠାଣି ସାମନ୍ତ ପ୍ଲାନେଟାରିୟମର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମ କେବଳ ପଠାଣି ସାମନ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ନୁହେଁ ବରଂ ଛାତ୍ରଛାତ୍ରୀଙ୍କ ମନରେ ବୈଜ୍ଞାନିକ ହେବାର ସ୍ୱପ୍ନ ଉଜାଗର କରିବ। ଟାଟାଷ୍ଟିଲ୍‌ର କର୍ପୋରେଟ୍ କମ୍ୟୁନିକେସନ୍ସର ଚିଫ୍ ସର୍ବେଶ କୁମାର କହିଛନ୍ତିଯେ, "ଆମେ ଭବିଷ୍ୟତର ବିଜ୍ଞାନୀମାନଙ୍କୁ ପ୍ରେରଣା ଦେବା ଏବଂ ସଶକ୍ତ କରିବା ପାଇଁ ପ୍ଲାଟଫର୍ମ ସୃଷ୍ଟି କରିବାରେ ବିଶ୍ୱାସକରୁ। ୟାଟ୍‌ସ ମାଧ୍ୟମରେ ଆମେ ଏକ ଏଭଳି ଅନୁଭୂତି ପ୍ରଦାନ କରିବାକୁ ଚାହୁଁଛୁ।

## ୨୪ରୁ 'ମାଷ୍ଟର କ୍ରାଫ୍ଟର୍ସ' ପ୍ରଦର୍ଶନୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କ୍ରାଫ୍ଟ କାଉନ୍ସିଲ ଅଫ୍ ଓଡିଶା ପକ୍ଷରୁ ଏକ ଦୁଇ ଦିନିଆ ପ୍ରଦର୍ଶନୀ 'ମାଷ୍ଟର କ୍ରାଫ୍ଟର୍ସ'ର ଘୋଷଣା କରାଯାଇଛି। ଏହି ପ୍ରଦର୍ଶନୀ ୨୪ ଓ ୨୫ ତାରିଖ ୨୦୨୫ରେ ଭୁବନେଶ୍ୱର କ୍ଲବର ବାଂକ୍ୱେଟ ହଲ୍‌ରେ ସକାଳ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଆୟୋଜିତ ହେବ।'ମାଷ୍ଟର କ୍ରାଫ୍ଟର୍ସ'ରେ ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ କାରିଗରଙ୍କ ସମେତ ୨୦ ଜଣ ମାଷ୍ଟର କାରିଗର ସାମିଲ ହେବେ। ପଟ୍ଟଚିତ୍ର, ତାଳପତ୍ର ଖୋଦନ, ଟେରାକୋଟା, ପଥର ଓ କାଠ ଖୋଦିତ ବସ୍ତୁ, ଆପ୍ଲିକ୍, ଗୋଲ୍ଡେନ ଗ୍ରାସ, ସବାଇ ଗ୍ରାସ, ରୂପା ତାରକସି, ସିସେଲ ଆର୍ଟ, ଢୋକ୍ରା କାଷ୍ଟିଙ୍ଗ୍, ଆଦିବାସୀ ପେଂଟିଙ୍ଗ୍ ଓ ହାତ ବୁଣା ଇକ୍କତ ଆଦି କଳାକୃତିଗୁଡିକୁ ପ୍ରଦର୍ଶନ ଓ ବିକ୍ରି କରାଯିବ। ଏହି କାର୍ଯ୍ୟକ୍ରମ କାରିଗରୀର ଉତ୍କର୍ଷତାର ପ୍ରଚାର ପ୍ରସାର କରିବା, ସବୁ ସମୟରେ ବଜାର ସୁଯୋଗ ପ୍ରଦାନ କରିବା ଏବଂ କାରିଗର ଓ କ୍ରେତାଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି। ମେ' ୨୪ ତାରିଖ ସନ୍ଧ୍ୟା ୫ଟାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ରାଜ୍ୟ ଉନ୍ନୟନ କମିଶନର ଓ ଅତିରିକ୍ତ ମୁଖ୍ୟ ସଚିବ, ଆଇଏଏସ୍ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଏବଂ କ୍ରାଫ୍ଟ କାଉନ୍ସିଲ ଅଫ୍ ଓଡିଶାର ଅଧ୍ୟକ୍ଷ, ଆଇଏଏସ୍ (ଅବସରପ୍ରାପ୍ତ) ସନ୍ତୋଷ କୁମାର ମହାପାତ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ସଚିବ, ଆଇଏଏସ୍ ଶ୍ରୀମତି ପୁନମ ଗୁହା ତାପସ କୁମାର, ହସ୍ତଶିଳ୍ପର ନିର୍ଦ୍ଦେଶକ , ଆଇଏଏସ୍ ଶ୍ରୀମତି ପ୍ରଣତୀ ଛୋଟରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମ କଳାପ୍ରେମୀ, ସଂଗ୍ରହକାରୀ, ହସ୍ତକଳା କ୍ଷେତ୍ର ଅଭିଜ୍ଞ ବ୍ୟକ୍ତି ଏବଂ ଓଡିଶାର ହସ୍ତଶିଳ୍ପର ଜୀବ' ଐତିହ୍ୟର ଅନୁଭୂତି ପାଇବା ଓ ତାହାକୁ ସମର୍ଥନ କରିବା ପାଇଁ ଆଗ୍ରହୀ ଜନସାଧାରଣଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି।




## ତନିସ୍କର ପକ୍ଷରୁ 'ସ୍ରୋତିକା'ର ଶୁଭାରମ୍ଭ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ତନିସ୍କ ଓଡ଼ିଶାରେ ଏହାର ନୂଆ କଲେକ୍ସନ 'ସ୍ରୋତିକା'ର ଶୁଭାରମ୍ଭ କରିଛି। ଜୀବନର ଧାରାରୁ ଅନୁପ୍ରାଣିତ ଏବଂ ସୌନ୍ଦର୍ଯ୍ୟରେ ସଜ୍ଜିତ ଏହି କଲେକ୍ସନକୁ ତନିସ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ ଏବଂ କ୍ଲଷ୍ଟର ମାର୍କେଟିଂ ମ୍ୟାନେଜର ସର୍ମିଳା ସେନ୍ ରୟ ଉନ୍ମୋଚନ କରିଥିଲେ। ଏ ଅବସରରେ ବ୍ରାଣ୍ଡ୍ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଗ୍ରାହକ ସୁନା ଗହଣା ଗଢ଼ା ମଜୁରି ଉପରେ ଏବଂ ହୀରା ଗହଣା ମୂଲ୍ୟ ଉପରେ ୨୦ଧ ପର୍ଯ୍ୟନ୍ତ ରିହାତି ପାଇବେ। ଏହାସହିତ ସୁନା ଗହଣା କ୍ରୟ ଉପରେ ଗ୍ରାମ ପିଛା ୧୦୧ ଟଙ୍କା ରିହାତି ପ୍ରଦାନ କରାଯାଉଛି। ଦେଶର ଯେକୌଣସି ସ୍ଥାନରୁ କିଣାଯାଇଥିବା ପୁରୁଣା ସୁନାର ଶତପ୍ରତିଶତ ମୂଲ୍ୟ ପ୍ରଦାନ କରୁଛି ତନିସ୍କ। ଏ ଅଫର ଚଳିତ ମାସ ୨୩ ତାରିଖରୁ ୨୬ ଯାଏ ଉପଲବ୍ଧ। ଜୀବନର ପ୍ରବାହରୁ ଅନୁପ୍ରାଣିତ ଏବଂ ସୁନ୍ଦରତାରେ ସଜ୍ଜିତ ନୂଆ କଲେକ୍ସନ 'ସ୍ରୋତିକା' ଏଠାରେ ରହିଛି। ଏହାସହିତ ନୂତନ ଭାବେ ଲଞ୍ଚ୍ ହୋଇଥିବା 'ଇଲାନ୍' କଲେକ୍ସନ ରହିଛି, ଯାହାକି ସୂକ୍ଷ୍ମ କାରୁକାର୍ଯ୍ୟ, ପ୍ରସ୍ଫୁଟିତ ଫୁଲର ମୋଟିଭ୍ ଏବଂ ଚିଲ୍ଲାଇ ପେଭ୍-ସେଟ୍ ହୀରା ଦ୍ୱାରା ଅନୁପ୍ରାଣିତ। ହିନ୍ଦୁ ବିବାହର ପବିତ୍ର ଉପାଦାନରୁ ଅନପତ୍ରାଣିତ ସ୍ୱତନ୍ତ୍ର ରେଞ୍ଜ୍ ମଙ୍ଗଳସୂତ୍ର କଲେକ୍ସନ 'ଡୋର୍' ଏବଂ ପୁରୁଷଙ୍କ ପାଇଁ ସ୍ୱତବ ଗହଣା କଲେକ୍ସନ 'ଆଭୀର'ମଧ୍ୟ ରହିଛି। ଭାରତୀୟ ବିବାହ ପରମ୍ପରାକୁ ପାଳନ କରୁଥିବା ବ୍ରାଣ୍ଡର ବିବାହ ଗହଣା ଉପ-ବ୍ରାଣ୍ଡ୍ 'ରିଭା ବାୟ ତନିସ୍କ' ମଧ୍ୟ ଏଠାରେ ଉପଲବ୍ଧ। ଏ ଅବସରରେ ତନିସ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ କୁହନ୍ତି, ନୂଆ 'ସ୍ରୋତିକା' କଲେକ୍ସନର ଶୁଭାରମ୍ଭ କରି ଆମେ ଅତ୍ୟନ୍ତ ଆନନ୍ଦିତ।

## ୭୫ ହଜାର କୋଟି ଟଙ୍କା ନିବେଶ ଲକ୍ଷ୍ୟ ରଖିଛି ରିଲାଏନ୍ସ: ମୁକେଶ ଅମ୍ବାନୀ

ନୂଆଦିଲ୍ଲୀ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ କମ୍ପାନୀର ପୁିନିବେଶକୁ ୭୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ କମ୍ପାନୀର ଏହି ରାଜ୍ୟଗୁଡ଼ିକରେ ପ୍ରାୟ ୩୦ ହଜାର କୋଟି ଟଙ୍କାର ପୁିନିବେଶ ରହିଛି। ଅର୍ଥାତ୍, ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ, ରିଲାଏନ୍ସ ଏହି ରାଜ୍ୟଗୁଡ଼ିକରେ ପ୍ରାୟ ୪୫ ହଜାର କୋଟି ଟଙ୍କାର ନୂତନ ନିବେଶ କରିବାକୁ ଯାଉଛି। ଦିଲ୍ଲୀର ଭାରତ ମଣ୍ଡପମରେ ଆୟୋଜିତ 'ରାଇଜିଂ ନର୍ଥଇଷ୍ଟ ନିବେଶକ ସମ୍ମିଳନୀ'ରେ ମୁକେଶ ଅମ୍ବାନୀ ଏହା କହିଛନ୍ତି। ଏହି ପ୍ରସ୍ତାବିତ ନିବେଶ ୨୫ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ପ୍ରକାଶ କରିବା ସହିତ ମୁକେଶ ଅମ୍ବାନୀ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକରେ ୩୫୦ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରିବା ନେଇ ପ୍ରତିବଦ୍ଧତା ଦୋହରାଇଛନ୍ତି। ଜିଓ ସମ୍ପର୍କରେ ସୂଚନା ଦେଇ ମୁକେଶ ଅମ୍ବାନୀ କହିଛନ୍ତି ଯେ ରିଲାଏନ୍ସ ଜିଓର ୫ଜି ନେଟୱାର୍କ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ପ୍ରାୟ ୯୦ ପ୍ରତିଶତ ଜନସଂଖ୍ୟା ପାଖରେ ପହଞ୍ଚିସାରିଛି। ୫୦ ଲକ୍ଷ ଲୋକ ଏବେ ଜିଓ ୫ଜି ନେଟୱାର୍କ ସହିତ ଯୋଡି ହୋଇଛନ୍ତି ଏବଂ ଏହି ବର୍ଷ ଏହି ସଂଖ୍ୟା ଦ୍ୱିଗୁଣିତ ହେବ। ରିଲାଏନ୍ସ ରିଟେଲ୍ ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ ସେମାନଙ୍କଠାରୁ ସିଧାସଳଖ କ୍ରୟକୁ ଉତ୍ସାହିତ କରିବ। ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା କରି ମୁକେଶ ଅମ୍ବାନୀ କହିଛନ୍ତି ଯେ ଆପଣଙ୍କ ପ୍ରୟାସ ଯୋଗୁଁ ଉତ୍ତର-ପୂର୍ବାଞ୍ଚଳ ଭାରତର ବିକାଶ ମାନଚିତ୍ରରେ ଦୃଢ଼ ଭାବରେ ଉଭା ହୋଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ରିଲାଏନ୍ସ ଫାଉଣ୍ଡେସନର କାର୍ଯ୍ୟ ଉପରେ ଆଲୋକପାତ କରି ସେ କହିଛନ୍ତି ରିଲାଏନ୍ସ ଫାଉଣ୍ଡେସନ ମଣିପୁରରେ ୧୫୦ ଶଯ୍ୟା ବିଶିଷ୍ଟ ଏକ କର୍କଟ ହସ୍ପିଟାଲ ପ୍ରତିଷ୍ଠା କରିଛି। ଏହା ସହିତ, ଫାଉଣ୍ଡେସନ ଜିନୋମିକ୍ ତଥ୍ୟ ବ୍ୟବହାର କରି ସ୍ତନ କର୍କଟ ଚିକିତ୍ସାକୁ ଆଗକୁ ବଢ଼ାଇବା ପାଇଁ ମିଜୋରାମ ବିଶ୍ୱବିଦ୍ୟାଳୟ ସହିତ ସହଯୋଗ କରୁଛି।

## ଖିମଜୀ ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ଅଫର ଘୋଷଣା




କଟକ (ଭାସ୍କର ନ୍ୟୁଜ୍): ଖିମଜୀ ଜୁଏଲର୍ସ ତାହାର କଟକ ଷ୍ଟୋରର ୧୪ତମ ବର୍ଷ ପୂର୍ତ୍ତି ସମ୍ପର୍କରେ ଆନନ୍ଦର ସହିତ ଘୋଷଣା କରୁଛି। ଏହି ସ୍ୱତନ୍ତ୍ର ଅବସରକୁ ପାଳନ କରିବାକୁ ଖିମଜୀ ଜୁଏଲର୍ସ ୨୦୨୫ ମେ ୨୩ ତାରିଖରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ବହୁବିଧ ସ୍ୱତନ୍ତ୍ର ରିହାତି ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଅଳଙ୍କାର ଏବଂ ହୀରା ଅଳଙ୍କାର ଗଢା ମଜୁରୀ ଉପରେ ଫ୍ଲାଟ ୪୦% ରିହାତି ଉପଭୋଗ କରିପାରିବେ। ଏହି ବର୍ଷପୂର୍ତ୍ତି ଉତ୍ସବ ପାଳନ ଖିମଜୀ ଜୁଏଲର୍ସର ଉତ୍କର୍ଷ ପ୍ରତି ସ୍ଥାୟୀ ପରମ୍ପରା ଏବଂ ପ୍ରତିବଦ୍ଧତାର ନିଦର୍ଶନ ହୋଇଛି। ଦୀର୍ଘ ୮୯ ବର୍ଷର ସମୃଦ୍ଧ ଐତିହ୍ୟ ସହିତ ଖିମଜୀ ଜୁଏଲର୍ସ ଆକର୍ଷଣୀୟ କାରିଗରୀ ଏବଂ ଅତୁଳନୀୟ ଗୁଣବତ୍ତା ନିମନ୍ତେ ସର୍ବତ୍ର ପରିଚିତ ହୋଇଛି। ମିତେଶ ଖିମଜୀ, ଡାଇରେକ୍ଟର, ଖିମଜୀ ଜୁଏଲର୍ସ ଏହି ଉଲ୍ଲେଖନୀୟ ସଫଳତା ନିମନ୍ତେ ନିଜର କୃତଜ୍ଞତା ପ୍ରକାଶ କରି କହିଛନ୍ତି, 'କଟକ ଷ୍ଟୋରର ୧୪ତମ ବର୍ଷ ପୂର୍ତ୍ତି ଆମ ପାଇଁ ଏକ ଐତିହାସିକ ଅବସର ହୋଇଛି। ଆମ ଗ୍ରାହକମାନେ ବର୍ଷ ବର୍ଷ ଧରି ଯେଉଁ ବିଶ୍ୱାସ ଓ ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛନ୍ତି ସେଥିପାଇଁ ଆମେ ତାହାକୁ ଆନ୍ତରିକତାର ସହିତ ପ୍ରଶଂସା କରୁଛୁ। ଖିମଜୀ ଜୁଏଲର୍ସର ଗୁଣବତ୍ତା ଏବଂ ଗ୍ରାହକ ସନ୍ତୁଷ୍ଟି ପ୍ରତି ଏକନିଷ୍ଠ ଉତ୍ସର୍ଗୀକୃତ ଭାବ ଏହାର ସ୍ଥିତିକୁ ଓଡ଼ିଶାରେ ସର୍ବାଧିକ ବିଶ୍ୱସନୀୟ ଜୁଏଲର ଭାବରେ ଦୃଢ଼ୀଭୂତ କରିଛି। ସମଗ୍ର ରାଜ୍ୟରେ ରଣକୌଶଳାତ୍ମକ ଦୃଷ୍ଟିରୁ ଅବସ୍ଥିତ ନଅଟି ଷ୍ଟୋର ସହିତ ଖିମଜୀ ଜୁଏଲର୍ସ ନିଜ ଅଳଙ୍କାରରେ ଚିରନ୍ତନ ସୌନ୍ଦର୍ଯ୍ୟ ଏବଂ ଉଚ୍ଚସ୍ତରର କାରିଗରୀ ଆବଶ୍ୟକ କରୁଥିବା ଗ୍ରାହକଙ୍କ ନିମନ୍ତେ ଶୀର୍ଷ ପସନ୍ଦ ହୋଇ ରହିଆସିଛି।



ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଆଉ କିଛି ଦିନ ପରେ ଶେଷ ହୋଇଯିବ। ଏହି ଖେଳରେ, ଦଳ ମାଲିକଙ୍କ ସହିତ, ଖେଳାଳିମାନେ ମଧ୍ୟ କୋଟି କୋଟି ଟଙ୍କା ରୋଜଗାର କରନ୍ତି। ସେହି ସମୟରେ, ଚିୟରଲିଡର୍ସ ଏବଂ ଅମ୍ପାୟାରମାନଙ୍କୁ ମଧ୍ୟ ବହୁତ ଟଙ୍କା ମିଳିଥାଏ। ଦଳର ଖେଳାଳିମାନଙ୍କୁ ନିଲାମ କରାଯାଏ, ଯାହା ସେମାନଙ୍କୁ ମିଳୁଥିବା ପରିମାଣ ପ୍ରକାଶ କରେ। ଆଇପିଏଲ ମ୍ୟାଚ୍ ସମୟରେ, ଚୌକା ଏବଂ ଛକା ମାରିବା ସମୟରେ କିମ୍ବା କୌଣସି ଦଳର ୱିକେଟ୍ ପଡ଼ିବା ସମୟରେ ଚିୟରଲିଡର୍ସ ସେମାନଙ୍କ ନିଜ ନିଜ ଦଳକୁ ସମର୍ଥନ କରୁଥିବାର ଦେଖାଯାଏ। ସମସ୍ତ ଦଳର ଚିୟରଲିଡରସଙ୍କ ଦରମା ଭିନ୍ନ ଭିନ୍ନ। ସମସ୍ତ ଫ୍ରାଞ୍ଚାଇଜ୍ ନିଜ ନିଜ ଅନୁସାରେ ସେମାନଙ୍କର ଦରମା ନିର୍ଦ୍ଧାରଣ କରନ୍ତି। ଚିୟରଲିଡରସ ଆଇପିଏଲର ଗୋଟିଏ ସିଜିନ୍‌ରୁ ଦୁଇରୁ ଚାରି ଲକ୍ଷ ଟଙ୍କା ରୋଜଗାର କରିଥାନ୍ତି। ଆଇପିଏଲରେ, ଯେତେବେଳେ କିଛି ଦଳ ସେମାନଙ୍କ ଚିୟରଲିଡରସଙ୍କୁ ଏକ ମ୍ୟାଚ୍ ପାଇଁ ପ୍ରାୟ ୧୪ ହଜାର ଟଙ୍କା ଦିଅନ୍ତି। ସେହି ସମୟରେ, କିଛି ଦଳ ୨୪ ହଜାର ଟଙ୍କା ପର୍ଯ୍ୟନ୍ତ ମଧ୍ୟ ଦିଅନ୍ତି। ଏହିପରି ଭାବରେ, ଚିୟରଲିଡରସ ଦଳ ଅନୁସାରେ ଭିନ୍ନ ଭିନ୍ନ ପରିମାଣର ଟଙ୍କା ପାଆନ୍ତି। ଅନ୍ୟପଟେ ଅମ୍ପାୟରଙ୍କ କାମ ହେଉଛି ମ୍ୟାଚ୍‌କୁ ସଠିକ୍ ଭାବରେ ପରିଚାଳନା କରିବା ଏବଂ ସେମାନେ ମ୍ୟାଚ୍‌ରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତି। ଅମ୍ପାୟରଙ୍କ କାମ ଚିୟରଲିଡର୍ସଙ୍କ ଅପେକ୍ଷା ଅଧିକ ଏବଂ ଏହି କାରଣରୁ ସେମାନଙ୍କର ଦରମା ମଧ୍ୟ ଅଧିକ। ଆଇପିଏଲ ୨୦୧୯ରେ, ଅମ୍ପାୟର ଜବାଗଲ ଶ୍ରୀନାଥଙ୍କୁ ୫୨.୪୫ ଲକ୍ଷ ଟଙ୍କା ମିଳିଥିଲା। ସେହି ସମୟରେ, ମନୁ ନାୟାରଙ୍କୁ ଅମ୍ପାୟରିଂ ପାଇଁ ୪୧.୯୬ ଲକ୍ଷ ଟଙ୍କା ମିଳିଥିଲା ।

**୬୫ତମ** | **ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସନରାଇଜର୍ସ ହାଇଦ୍ରାବାଦ**

# ସନରାଇଜର୍ସ ହାଇଦ୍ରାବାଦ ୪୨ରନ୍‌ରେ ବିଜୟୀ

ଲକ୍ଷ୍ନୌ : ଲକ୍ଷ୍ନୌରେ ଆଇପିଏଲ ୨୦୨୫ର ୬୫ ତମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ସନରାଇଜର୍ସ ହାଇଦ୍ରାବାଦ ୪୨ରନ୍‌ରେ ବିଜୟୀ ହୋଇଛି। ବେଙ୍ଗାଲୁରୁ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଯାହାଫଳରେ ପ୍ରଥମେ ବ୍ୟାଟିଂ କରିଥିଲା ସନରାଇଜର୍ସ ହାଇଦ୍ରାବାଦ। ହାଇଦ୍ରାବାଦ ପକ୍ଷରୁ ଦୁଇ ଓପନର ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମା ଆରମ୍ଭରୁ ଲଢୁଆ ବ୍ୟାଟିଂ କରି ପ୍ରଥମ ୱିକେଟ ଯୋଡ଼ିରେ ୫୪ ରନ କରିଥିଲେ । ତେବେ ହାଇଦ୍ରାବାଦ ଇନିଂସର ମୁଖ୍ୟ ଆକର୍ଷଣ ଥିଲା ଇଶାନ କିଷନଙ୍କ ବିସ୍ଫୋରକ ବ୍ୟାଟିଂ। ସେ ମାତ୍ର ୪୮ଟି ବଲରେ ୯୪ ରନ କରିଥିଲେ।



ନିଜର ଏହି ଇନିଂସରେ ସେ ୫ ଛକା ଓ ୭ ଚୌକା ମାରିଥିଲେ । ଅନ୍ୟପକ୍ଷରେ ହେନେରିକ କ୍ଲାସେନ ୨୪ ଓ ଅନିକେତ ବର୍ମା ୨୬ ରନ କରିଥିଲେ । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୩୧ ରନ କରିଥିଲା। ବେଙ୍ଗାଲୁରୁ ପକ୍ଷରୁ ରୋମାରିଓ ସେଫାର୍ଡ ୨ଟି ୱିକେଟ ନେଇଥିବାବେଳେ ଭୁବନେଶ୍ୱର କୁମାର, ଲୁଙ୍ଗି ଏନଗିଡି, କୃନାଲ ପାଣ୍ଡ୍ୟା ଓ ସୁୟାଶ ଶର୍ମା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ୨୩୨ରନ୍‌ର ଟାର୍ଗେଟ ନେଇ ପଡ଼ିଆକୁ ଓହ୍ଲାଇଥିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ। ଆରସିବି ୧୯.୫ ଓଭରରେ ୧୦ୱିକେଟ ହରାଇ ୧୮୯ କରି ମ୍ୟାଚ୍ ହାରିଯାଇଥିଲା। ଦଳ ପକ୍ଷରୁ ଫିଲିପ୍ ସଲ୍ଟ ୬୨, ବିରାଟ କୋହଲି ୪୩, ମୟଙ୍କ ଅଗ୍ରୱାଲ ୧୧, ରଜତ ପାଟିଦାର ୧୮, ଜିତେଶ ଶର୍ମା ୨୪, ରୋମାରିଓ ସେଫର୍ହଡ ୦, କ୍ରୁଣାଲ ପାଣ୍ଡେ ୮, ଟିମ୍ ଡାଭିଡ୍ ୧, ଭୁବନେଶ୍ୱର କୁମାର ୩, ଯଶ୍ ଦୟାଲ ୩ ରନ୍ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ପାଟ କୁମିନ୍ସ ୩ ୱିକେଟ୍, ଜୟଦେବ ଉନାଦକୋଟ ଓ ହର୍ଷଦ ପାଟେ, ହର୍ଷ ଦୁବେ, ନିତେଶ କୁମାର ରେଡ୍ଡି ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ନେଇଥିବା ବେଳେ ଇଷାନ ମାଲିଙ୍ଗା ୨ ୱିକେଟ ନେଇଥିଲେ।

# କଶିକା ନମ୍ବର ୱାନ୍ ଆମେଚର ମହିଳା ଗଲ୍ଫର

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁରର ବାସିନ୍ଦା କଶିକା ମିଶ୍ର ଦେଶର ଲେଡିଜ୍ ଆମେଚର ଗଲ୍ଫରମାନଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ହାସଲ କରିବାରେ ରାଜ୍ୟର ପ୍ରଥମ ଗଲ୍ଫର ହେବାର ଇତିହାସ ସୃଷ୍ଟି କରିଛନ୍ତି। ତାଙ୍କର ବିଗତ ଏକ ବର୍ଷର ନିରନ୍ତର ଭଲ ପ୍ରଦର୍ଶନ ଏବଂ ୧୩ ରୁ ୧୬ ମେ ପର୍ଯ୍ୟନ୍ତ ରୟାଲ୍ କଲିକତା ଗଲ୍ଫ କ୍ଲବରେ ଅନୁଷ୍ଠିତ ଓଏଟ ପଶ୍ଚିମବଙ୍ଗ ଲେଡିଜ୍ ଆଣ୍ଡ ଜୁନିଅର ଗାର୍ଲ୍ସ ଗଲ୍ଫ ଚାମ୍ପିଅନସିପରେ ସଦ୍ୟତମ ସ୍ଥାନ ସହିତ, କଶିକା ୧୬ ପଏଣ୍ଟର ଅଗ୍ରଣୀ ସହିତ ଚତୁର୍ଥ ସ୍ଥାନରୁ ଉପରକୁ ଉଠି ପ୍ରଥମ ସ୍ଥାନରେ ନିଜକୁ ସୁଦୃଢ଼ କରିଛନ୍ତି। ଭାରତର ଆମେଚର ଗଲ୍ଫ ରାଙ୍କିଙ୍ଗରେ ଓଡ଼ିଶାର ଆଉ ଜଣେ ଖେଳାଳି ମାନଭି ସିଂଘାନିଆ ମହିଳାମାନଙ୍କ ମଧ୍ୟରେ ୩୬ତମ ସ୍ଥାନରେ ଅଛନ୍ତି, ଯେତେବେଳେ ଏହି ତାଲିକାରେ କୌଣସି ପୁରୁଷ ଗଲ୍ଫ ଖେଳାଳିଙ୍କ ନାମ ନାହିଁ। କଶିକା ସମ୍ପ୍ରତି ୬-୯ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଭିଏତନାମର ଡାନାଙ୍ଗରେ ଅନୁଷ୍ଠିତ ମହିଳା ଆମେଚର ଏସିଆ-ପାସିଫିକ୍ ଚାମ୍ପିଅନସିପରେ ଭାରତୀୟ ଦଳର ଅଂଶ ଥିଲେ। ଖୁବ୍ ଶୀଘ୍ର ସେ ମେ



ମାସର ଶେଷ ସପ୍ତାହରେ ହଂକଂରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଷ୍ଠିତ ଏସିଆ ପାସିଫିକ୍ ଗଲ୍ଫ କନଫେଡେରେସନ ଚାମ୍ପିଅନସିପରେ ଭାରତୀୟ ଦଳ ପାଇଁ ଖେଳିବେ। କାଶିକା ବର୍ତ୍ତମାନ ଗୁରୁଗ୍ରାମର ଶ୍ରୀ ରାମ ସ୍କୁଲରେ ତାଙ୍କର ଦ୍ୱାଦଶ ଶ୍ରେଣୀ ସମାପ୍ତ କରିଛନ୍ତି ଏବଂ ଖୁବ୍ ଶୀଘ୍ର ତାଙ୍କର ଗଲ୍ଫିଂ ଏବଂ ଉଚ୍ଚଶିକ୍ଷା ପାଇଁ ଆମେରିକାର ଏକ ବିଶ୍ୱବିଦ୍ୟାଳୟରେ ଯୋଗଦେବେ । ମାତ୍ର ପାଞ୍ଚ ବର୍ଷ ପୂର୍ବେ ଗଲ୍ଫ ଖେଳିବା ଆରମ୍ଭ କରିବା ଏବଂ ମେ ୨୦୨୩ ରେ ଡବ୍ଲ୍ୟୁଏଜ (ୱାର୍ଲ୍ଡ ଆମେଚର ଗଲ୍ଫ ରାଙ୍କିଂ) ହାସଲ କରିବା ପରେ, ଗତ ବର୍ଷ ଧରି ତାଙ୍କର ପ୍ରଦର୍ଶନ ଖୁବ ଭଲ ରହିଥିବାରୁ ସେ ଆମେଚର ରାଙ୍କିଂରେ ଉପରକୁ ଉଠିବାରେ ସକ୍ଷମ ହୋଇଛନ୍ତି। କଶିକାଙ୍କୁ ୨୨ ମଇ ରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବାର ସୌଭାଗ୍ୟ ମିଳିଥିଲା, ଯାହା ତାଙ୍କୁ ଆହୁରି କଠିନ ପରିଶ୍ରମ କରିବାକୁ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅଧିକ ଗୌରବ ହାସଲ କରିବାକୁ ପ୍ରେରଣା ଦେଇଛି। କଶିକା ତାଙ୍କର ସଫଳତା ପାଇଁ ତାଙ୍କ ପ୍ରଶିକ୍ଷକ ଅନିତ୍ୟ ଚାନ୍ଦ, ତାଙ୍କ ପିତାମାତା କିରଣ ମିଶ୍ର ଏବଂ ବ୍ରିଗେଡିୟର ତାପସ ମିଶ୍ରଙ୍କ ମାର୍ଗଦର୍ଶନ, ଭୁବନେଶ୍ୱର ଏବଂ ଦିଲ୍ଲୀ ଗଲ୍ଫ କ୍ଲବ, ଓଡ଼ିଶା ସରକାର, ଅନ୍ୟାନ୍ୟ ସଂସ୍ଥା ଙ୍କର ସମର୍ଥନର ଏବଂ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦକୁ ଶ୍ରେୟ ଦେଇଛନ୍ତି। ସେ ଗଏଗ ମିନେରାଲ୍ସ ଲିମିଟେଡକୁ ସେମାନଙ୍କର ଅକ୍ଳାନ୍ତ ସମର୍ଥନ ପାଇଁ ବିଶେଷ ଭାବରେ କୃତଜ୍ଞତା ଜଣାଇଛନ୍ତି।

# ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଟିମ୍-ଡି ବିଜୟୀ



ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜ ଏଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୭ମ ଦିନର ଖେଳରେ ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଡି, ସେଣ୍ଟ ଏନିଜ କନଭେଣ୍ଟ ସ୍କୁଲକୁ ୮ ୱିକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସେଣ୍ଟ ଏନିଜ କନଭେଣ୍ଟ ସ୍କୁଲ ୧୬ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୫୩ ରନ ସଂଗ୍ରହ କରିଥିଲା। ବିପକ୍ଷ ଦଳର ଜଗନ ରେଡ୍ଡୀ ୪ ଟି ଉଇକେଟ ଅକ୍ତିଆର କରିଥିଲା। ଜବାବରେ ଟିମ - ଡି ୭.୫ ଓଭରରେ ୨ ଉଇକେଟ ହରାଇ ୫୪ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ସୁଜିତ ଦେଓ ୧୯ ରନ ସଂଗ୍ରହ କରିଥିବା ବେଳେ ଜଗନ ରେଡ୍ଡୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ଉପସ୍ଥିତ ରହି ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଦିଲ୍ଲୀପ କୁମାର ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ଶନିବାର ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଏଫ ଏବଂ ସେଣ୍ଟ ଇନିଜ କନଭେଣ୍ଟ ସ୍କୁଲ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ଗୁଜବକୁ ନେଇ ରାଗିଲେ ପନ୍ତ

ଲକ୍ଷ୍ନୌ: ଏଥର ଆଇପିଏଲ ମେଗା ନିଲାମରେ ରିଷଭ ପନ୍ତ ସବୁଠାରୁ ଦାମୀ ଖେଳାଳି ହୋଇଥିଲେ। ଲକ୍ଷ୍ନୌ ସୁପର ଜ୍ୟାଂଟସ ତାଙ୍କୁ ୨୭ କୋଟିରେ କ୍ରୟ କରିଥିଲା । ତେବେ ୨୦୨୫ ଆଇପିଏଲରେ ପନ୍ତଙ୍କ ପ୍ରଦର୍ଶନ ସମସ୍ତଙ୍କୁ ନିରାଶ କରିଛି। ପନ୍ତ କେବଳ ଗୋଟିଏ ଅର୍ଦ୍ଧଶତକ ମାରିବାରେ ସଫଳ ହୋଇଛନ୍ତି। ଏହା ପରେ ଆଗାମୀ ଆଇପିଏଲରେ ଲକ୍ଷ୍ନୌ ପନ୍ତଙ୍କୁ ରିଲିଜ କରିବା ପାଇଁ ଯୋଜନା କରୁଛି ବୋଲି ଖବର ପ୍ରକାଶ ପାଇଥିଲା। ଏବେ ଏହି ଖବର ନେଇ ପନ୍ତ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ସେ ବିରକ୍ତ ହୋଇ କହିଛନ୍ତି ଏହା ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଖବର। ଲକ୍ଷ୍ନୌ ପନ୍ତଙ୍କ ନେତୃତ୍ୱ ଓ ପ୍ରଦର୍ଶନ ନେଇ ଅସନ୍ତୁଷ୍ଟ ରହିଛି। ଟିମ ମ୍ୟାନେଜମେଂଟ ମଧ୍ୟ ୨୭ କୋଟି ବହୁତ ବଡ ଅର୍ଥ ବୋଲି ମାନିଛି। ତେବେ ପନ୍ତଙ୍କୁ ରିଲିଜ କରାଯିବା ସମ୍ପର୍କରେ କୌଣସି ବୟାନ ଜାରୀ କରାଯାଇ ନାହିଁ। ଆପଣମାନେ ଖବର ପରିବେଷଣ କଲାବେଳେ ଏହାର ସତ୍ୟତା ଉପରେ ଧ୍ୟାନ ଦେବା ଉଚିତ ବୋଲି ପନ୍ତ କହିଛନ୍ତି। ପନ୍ତ ୧୨ଟି ମ୍ୟାଚରେ ୧୨.୨୭ ଆଭେରେଜରେ ୧୩୫ ରନ କରିବାକୁ ସକ୍ଷମ ହୋଇଛନ୍ତି । ଲକ୍ଷ୍ନୌ ମଧ୍ୟ ପ୍ଲେ ଅଫ ଦୌଡରୁ ବାଦ ପଡି ସାରିଛି । ଏହା ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସର ନିୟମିତ ସଦସ୍ୟ ଥିବା ପନ୍ତଙ୍କୁ ଲକ୍ଷ୍ନୌ ନିଜ ଟିମରେ ମୋଟା ଅଙ୍କର ଅର୍ଥ ଦେଇ ସାମିଲ କରିଥିଲା।



# ବିଜେତା କପ୍‌ରେ ପ୍ରିସ୍କିଲାଙ୍କୁ ବ୍ରୋଞ୍ଜ ପଦକ



ବୋଲଗଡ (ଭାସ୍କର ନ୍ୟୁଜ୍) : ଡିଙ୍ଗର ଗ୍ରାମର ରବି ନାରାୟଣ ନାଗ ଓ କବିତା ନାୟକଙ୍କ ଝିଅ ପ୍ରିସ୍କିଲା ଜାତୀୟ ସ୍ତରର କୁଡୋ ପ୍ରତିଯୋଗିତାର ବିଜେତା କପର ତୃତୀୟ ବାର୍ଷିକ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରି ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାଟି ୧୬ ବର୍ଷରୁ କମ ବର୍ଗର ଯୁବକ/ ଯୁବତୀ ମାନଙ୍କୁ ନେଇ ମହାରାଷ୍ଟ୍ର ରାଜ୍ୟର ପୁନେ ଜିଲ୍ଲାର ଫୁଲଗାଁ ଠାରେ ଆୟୋଜିତ ଛଅ ଦିନ ଧରି ଚାଲିଥିବା କୁଡୋ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏପରିକି ପୂର୍ବରୁ କୋଚ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରିସ୍କିଲା ଓଡ଼ିଶାରେ ରାଜ୍ୟ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଯିଏ କି ଭୁବନେଶ୍ୱର ସ୍ଥିତ କେଦାର ଗୌରୀ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ନବମ ଶ୍ରେଣୀରେ ଅଧ୍ୟୟନରତ ଥିବା ବେଳେ ସୁନ୍ଦରପଦା ସ୍ଥିତ ବାପୁଜୀ କ୍ଲବ ପରିସରରେ କୁଡୋ ଖେଳର ପ୍ରଶିକ୍ଷଣ ନେଉଛନ୍ତି। ଯାହାକୁ ନେଇ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ସମେତ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ମାନେ ଶୁଭେଚ୍ଛା ଜଣାଇଛନ୍ତି ।

**JAMSHEDPUR NOTIFIED AREA COMMITTEE**
**New Kalimati Road, Sakchi-831001**
**E- mail ID-jnacjsr@gmail.com**

**Very Short E- Procurement Notice**
**Tender Notice**

**NIT No- JNAC/03/2025-26** **Date-23.05.2025**

| | | |
|---|---|---|
| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. (3rd Call) |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 |
| 3. | Cost of Bid Document (INR) | INR 10,000/- (Ten thousand Only) Non-Refundable. |
| 4. | Bid Security (INR) | Bid Security: Rs 3,33,497.00 |
| 5. | Time of Completion | 1Year |
| 6. | Date/Time of publication of tender on website | 24.05.2025 at 05:00 Pm |
| 7. | Document downloading Start date | 24.05.2025 at 05:00 Pm |
| 8. | Pre bid meeting date, Time & venue | 26.05.2025 at 03:00 Pm, JNAC Conference Hall |
| 9. | Bid Submission Start date | 27.05.2025 at 05:00 Pm |
| 10. | Bid Submission end date | 09.06.2025 at 05:00 Pm |
| 11. | Bid Opening date | 10.06.2025 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | |
| 15. | Helpline No. of E-procurement cell | |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

PR 353343 Urban Development(25-26).D

**Deputy Municipal Commissioner,**
**Jamshedpur Notified Area Committee,**
**Jamshedpur.**

# ଆର୍‌ଏସ୍‌ପିର ବାର୍ଷିକ ଗ୍ରୀଷ୍ମ ଶିବିରରେ କ୍ରୀଡାର ଆୟୋଜନ



ରାଉରକେଲା (ଭାସ୍କର ନ୍ୟୁଜ୍): ସେଲ୍ ରାଉରକେଲା ଇସ୍ପାତ କାରଖାନାର ବାର୍ଷିକ ଗ୍ରୀଷ୍ମ ଶିବିର ଜାରି ରହିବା ସହ ସେକ୍ଟର ୬ ସ୍ଥିତ ଇସ୍ପାତ ଷ୍ଟାଡିୟମ, ସେକ୍ଟର -୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ସେକ୍ଟର ୨୦ ଇନଡୋର ଷ୍ଟାଡିୟମ, ବାସ୍କେଟବଲ ପଡିଆ କିମ୍ବା କବାଡି ପଡିଆ, ଇସ୍ପାତ ସହରର ସମସ୍ତ ଖେଳ ପଡିଆରେ ପିଲାମାନଙ୍କର ବିପୁଳ ଆନନ୍ଦ ଉତ୍ସାହ ଦେଖିବାକୁ ମିଳୁଛି। ଆରଏସପିର କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ଏହି ବହୁ ପ୍ରତୀକ୍ଷିତ ବାର୍ଷିକ କାର୍ଯ୍ୟକ୍ରମ, ପିଲାମାନଙ୍କୁ ବିଭିନ୍ନ କ୍ରୀଡାରେ ସାମିଲ ହେବା ସଙ୍ଗେସଙ୍ଗେ ସେମାନଙ୍କ ପ୍ରତିଭାକୁ ଶାଣିତ କରିବା ଏବଂ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମଞ୍ଚ ଯୋଗାଇବାକୁ ଲକ୍ଷ୍ୟ ରଖିଛି। ଇସ୍ପାତ ଷ୍ଟାଡିୟମର ଫୁଟବଲ ପଡିଆରୁ ଅଞ୍ଚଳର ଅନ୍ୟତମ ଲୋକପ୍ରିୟ ଖେଳରେ ମସଗୁଲ ୧୪୦ରୁ ଅଧିକ ପିଲାଙ୍କର ହର୍ଷୋଲ୍ଲାସ ସ୍ପଷ୍ଟ ବାରି ହୁଏ। ସେମାନଙ୍କ ପ୍ରଶିକ୍ଷକଙ୍କ ସତର୍କ ଦୃଷ୍ଟି ଭିତରେ ପିଲାମାନେ ସକ୍ରିୟ ଭାବରେ ବଲ୍ କିକ୍ କରୁଥିବା, ସେମାନଙ୍କର ଦକ୍ଷତାକୁ ଶାଣିତ କରୁଥିବା ଏବଂ ଖେଳର ଭାବନାକୁ ଉପଭୋଗ କରୁଥିବା ଦେଖିବାକୁ ମିଳୁଛି। 'ଚଳିତ ବର୍ଷ ଶିବିରରେ ୩୦ରୁ ୪୦ ଜଣ ଉଦୀୟମାନ ଆଦିବାସୀ ଝିଅ ଅଂଶଗ୍ରହଣ କରିବା ଏହାକୁ ସ୍ୱତନ୍ତ୍ର ଗାଢୁଛି। ସେମାନଙ୍କ ଉତ୍ସାହ ଏବଂ ଏହି ଖେଳରେ ସେମାନଙ୍କର ଅନ୍ତର୍ମୁଖୀ ପ୍ରତିଭା ଖେଳର ଅଧିବେଶନଗୁଡ଼ିକରେ ନୂତନ ସ୍ପନ୍ଦନ ଆଣିଦେଉଛନ୍ତି ବୋଲି ଆରଏସପି ଉଦ୍ୟାନକୃଷି ବିଭାଗରେ କାର୍ଯ୍ୟରତ ଫୁଟବଲ୍ ପ୍ରଶିକ୍ଷକ ପ୍ରଦୀପ୍ତ କୁମାର ମହାନ୍ତି କୁହନ୍ତି। 'ଏହି କ୍ରୀଡା ପ୍ରତି ବିଶେଷ ଆଗ୍ରହ ମୋତେ ଏଠାକୁ ଟାଣି ଆଣିଛି ଏବଂ ମୁଁ ଏହି ଖେଳ ଖେଳି ମୋର ସ୍ୱପ୍ନକୁ ସାକାର କରିବାକୁ ଚାହୁଁଛି' ବୋଲି ଶିବିରର ଅଂଶଗ୍ରହଣକାରୀ ଆରତୀ ସୁନ୍ୟାନି କୁହନ୍ତି। 'ମୁଁ ପ୍ରତିବର୍ଷ ଏହି ଶିବିର ପାଇଁ ସର୍ବଦା ଅପେକ୍ଷା କରିଥାଏ। ଏହା ମୋତେ ନୂତନ ସ୍ମୃତି ସୃଷ୍ଟି କରିବାର ସୁଯୋଗ ଦିଏ' ବୋଲି ରାଉରକେଲା ଡ଼ିପିଏସର ଷଷ୍ଠ ଶ୍ରେଣୀର ଛାତ୍ର ସୌରଭ ମତ ଦିଅନ୍ତି। ୩୮ ତମ ସଂସ୍କରଣରେ ପହଞ୍ଚିଥିବା ଏହି ଗ୍ରୀଷ୍ମ ଶିବିର ଅଞ୍ଚଳରେ ଏକ ପ୍ରିୟ ପରମ୍ପରା ପାଲଟିଛି। ଏହା ପିଲାମାନଙ୍କୁ ସେମାନଙ୍କର ଆଥଲେଟିକ୍ ଦକ୍ଷତା ପ୍ରଦର୍ଶନ କରିବା ପାଇଁ କେବଳ ଏକ ସୁଯୋଗ ପ୍ରଦାନ କରେ ନାହିଁ ବରଂ ସେମାନଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ଦୃଢ ମୂଲ୍ୟବୋଧ ମଧ୍ୟ ସୃଷ୍ଟି କରେ। ଏହି ଶିବିର ଯୁବ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି କରିବା, ଚିରସ୍ଥାୟୀ ସ୍ମୃତି ଏବଂ ବନ୍ଧନ ସୃଷ୍ଟି କରିବା ପାଇଁ ଏକ ମଞ୍ଚ ଭାବରେ ମଧ୍ୟ କାର୍ଯ୍ୟ କରୁଛି।

# ମୁହଁ ଖୋଲିଲେ ଗମ୍ଭୀର: କୋହଲି, ରୋହିତଙ୍କ ଅଭାବ ପରିଲକ୍ଷିତ ହେବ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଟିମର ମୁଖ୍ୟ କୋଚ ଦୀର୍ଘ ଦିନ ପରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଟେଷ୍ଟ ଅବସର ନେଇ ମୁହଁ ଖୋଲିଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ, ରୋହିତ ଓ କୋହଲିଙ୍କ ଅନୁପସ୍ଥିତି ଆଗାମୀ ଇଂଲଣ୍ଡ ଗସ୍ତ ଚ୍ୟାଲେଞ୍ଜପୂର୍ଣ୍ଣ ହେବ। ଅପରପକ୍ଷରେ ଏହା ଯୁବ ଖେଳାଳିଙ୍କୁ ଏକ ବଡ ସୁଯୋଗ ପ୍ରଦାନ କରିବ। ରିପୋର୍ଟ ମୁତାବକ ଶନିବାର ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳର ଘୋଷଣା କରାଯିବ। ଅବସର ନେବା ପାଇଁ



କାହା ଉପରେ ଚାପ ପକା ଯାଇ ନ ଥିଲା ବୋଲି ଏହି ଅବସରରେ ଗମ୍ଭୀର ସ୍ପଷ୍ଟ କରିଛନ୍ତି । ଜଣେ ଖେଳାଳି ତାର କ୍ୟାରିୟର ଆରମ୍ଭ ଓ ଶେଷ କରିବା ନିଷ୍ପତ୍ତି ନିଜେ ନେଇଥାଏ। ଏବେ ଦଳରେ କେତେକ ଯୁବ ଖେଳାଳି ବଡ ଦାୟିତ୍ୱ ନେବା ପାଇଁ ପ୍ରସ୍ତୁତ ହୋଇ ସାରିଛନ୍ତି। ୨୦୨୭ ଦିନିକିଆ ବିଶ୍ୱକପରେ କୋହଲି ଓ ରୋହିତଙ୍କ ଖେଳିବା ସମ୍ପର୍କରେ ଗମ୍ଭୀର ଠିକ ଭାବେ କିଛି କହି ନ ଥିଲେ। ସେ କହିଥିଲେ, ଇଂଲଣ୍ଡ ଗସ୍ତ ପରେ ଟି୨୦ ବିଶ୍ୱକପ ପାଇଁ ପ୍ରସ୍ତୁତି ଆରମ୍ଭ ହେବ। ଦିନିକିଆ ବିଶ୍ୱକପ ପାଇଁ ଆହୁରି ଅନେକ ଦିନ ବାକି ରହିଛି । ଫର୍ମ ଏବଂ ଫିଟନେସକୁ ଆମେ ଗୁରୁତ୍ୱ ଦେଉଛୁ । ବୟସକୁ କେବେ ବି ମାପକାଠି ଭାବେ ବିବେଚନା କରାଯାଉନି ବୋଲି ଗମ୍ଭୀର କହିଛନ୍ତି।

## ଅବସର ନେବେ ଆଞ୍ଜେଲୋ ମାଥ୍ୟୁସ୍

ନୂଆଦିଲ୍ଲୀ: ଶ୍ରୀଲଙ୍କାର ଜଣାଶୁଣା କ୍ରିକେଟର ଆଞ୍ଜେଲୋ ମାଥ୍ୟୁସ୍ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଶୁକ୍ରବାର ଏକ ବିବୃତିରେ ୩୭ ବର୍ଷୀୟ ମାଥ୍ୟୁସ୍ ଜୁନ ମାସରେ ଗାଲେ ଆନ୍ତର୍ଜାତୀୟ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ହେବାକୁ ଥିବା ଟେଷ୍ଟ ମ୍ୟାଚ ତାଙ୍କର ଦୀର୍ଘତମ ଫର୍ମାଟରେ ଶେଷ ମ୍ୟାଚ ହେବ। ମାଥ୍ୟୁସ୍ ୨୦୦୯ରେ ଗାଲେରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିଲେ। ୧୬ ବର୍ଷର କ୍ୟାରିୟରରେ ସେ ଶ୍ରୀଲଙ୍କାର ଟେଷ୍ଟ ଇତିହାସରେ ତୃତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇପାରିଛନ୍ତି, କୁମାର ସାଙ୍ଗାକାରା ଓ ମାହେଲା ଜୟବର୍ଦ୍ଧନେଙ୍କ ପଛରେ। ୧୧୮ ଟେଷ୍ଟରେ ମାଥ୍ୟୁସ୍ ୪୪.୬୨ ହାରରେ ୮,୧୬୭ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୧୬ଟି ଶତକ ଓ ୪୫ଟି ଅର୍ଦ୍ଧଶତକ ରହିଛି। କୃତଜ୍ଞ ହୃଦୟ ଓ ଅବିସ୍ମରଣୀୟ ସ୍ମୃତି ସହିତ, ମୁଁ ଖେଳର ସବୁଠାରୁ ପ୍ରିୟ ଫର୍ମାଟ, ଆନ୍ତର୍ଜାତୀୟ ଟେଷ୍ଟ କ୍ରିକେଟକୁ ବିଦାୟ ଦେବାର ସମୟ ଆସିଛି। ଶ୍ରୀଲଙ୍କା ପାଇଁ ୧୭ ବର୍ଷ କ୍ରିକେଟ ଖେଳିବା ମୋ ପାଇଁ ସର୍ବୋଚ୍ଚ ସମ୍ମାନ ଓ ଗର୍ବର ବିଷୟ।

**कार्यपालक अभियंता का कार्यालय**
**लघु सिंचाई प्रमण्डल, मेदिनीनगर**
**g-mail I.D. – eemid041@gmail.com**

पत्रांक :– 197 मेदिनीनगर, दिनांक– 21/05/2025

**शुद्धि पत्र**

इस कार्यालय के द्वारा आमंत्रित ई0– निविदा सूचना सं0:– WRD/MID/MEDININAGAR/B.D./S.L.I.-02/2025-26, PR No:- 352961 (Minor Irrigation) 25-26 (D) Construction of Bakhari Solar Lift Irrigation Scheme में निर्गत सूचना में निम्न रूप से आंशिक संशोधन किया जाता है।

उक्त ई0– निविदा सूचना में निर्गत 10 HP Pumps (DC Surface water Pumps) के स्थान पर 10 HP Pumps (AC Surface Water Pumps) पढ़ा जाय।

कार्यपालक अभियंता,
लघु सिंचाई प्रमण्डल
मेदिनीनगर

PR 353348 Minor Irrigation (25-26)_D

**झारखण्ड सरकार**
**उपायुक्त का कार्यालय**
**(जिला बाल संरक्षण इकाई), धनबाद**
मिश्रित भवन, Ground Floor, कमरा नम्बर – 7, दुरभाष – 7903353045, Email ID-dcps-dhanbad@jharkhandmail.gov.in

**गुमशुदा नवजात शिशु की सूचना**

एतद् द्वारा सूचित किया जाता है कि गुमशुदा नवजात शिशु के बार में पता लगाना है। जिसकी विवरणी निम्नवत है–



नाम – ममता (देय नाम)
लिंग – स्त्री
पिता का नाम – अज्ञात
माता का नाम – अज्ञात
उम्र – 01 माह लगभग

नवजात शिशु ममता, उम्र–01 माह लगभग, जन्म तिथि–13.04.2025 (अनुमानित), का माता/पिता/पता–अज्ञात है। दिनांक–15.05.2025 को यह बच्ची धनबाद स्टेशन से मिली है। उक्त नवजात शिशु को बाल कल्याण समिति, धनबाद के आदेशानुसार आश्रय हेतु विशिष्ट दत्तक ग्रहण संस्था, धनबाद में रखा गया है।

आम जनता से अपील है कि इस नवजात शिशु के संबंध में अगर कोई जानकारी उपलब्ध हो तो जिला बाल संरक्षण पदाधिकारी, धनबाद के संपर्क नम्बर–7903353045 पर जानकारी दे सकते है अथवा जिला बाल संरक्षण इकाई, धनबाद के कार्यालय मिश्रित भवन के कमरा नम्बर–7 में जानकारी दे सकते है।

**कार्यालय का पता:–**
जिला बाल संरक्षण इकाई, मिश्रित भवन के कमरा नं0–7
धनबाद। संपर्क नं0–7903353045

(साधना कुमारी)
जिला बाल संरक्षण पदाधिकारी,
धनबाद

PR 353342 Women, Child Development & Social Security(25-26)#D

**OFFICE OF THE EXECUTIVE ENGINEER**
**National Rural Employement Program, Ranchi.**

**Very Short**
**e-Procurement Notice**

e-Tender Refrence No. – National Rural Employement Program, Ranchi./RANCHI-05/2025-26 Date :-

| Sl. No. | Name of Scheme | Estimated Amount (Lakh) | Earnest Mone (Lakh) | BOQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | चान्हों प्रखण्ड अन्तर्गत अवस्थित टाना भगत आश्रम सोनचिपी परिसर में गेस्ट हाउस एवं कॉन्फ्रेन्स हॉल निर्माण कार्य तथा परिसर का चाहरदिवारी निर्माण, भू–समलीकरण एवं पेवर ब्लॉक बिछाने का निर्माण कार्य। | 4,02,93,800/- | 8,06,000/- | 10,000/- | 18 Months | कार्य के अनुरूप |

| | | |
|---|---|---|
| 5. | Mode of Submission of tender | **Online through www.jharkhandtendrs.gov.in** |
| 6. | Date of Publication of Tender on Website | **Start Date 26.05.2025 to 11.00 AM** |
| | | **End Date 31/05/2025 up to : 2.00 PM** |
| 5. | Bids online Submission | **Start Date 26.05.2025 Time : 11.00 AM** |
| | | **End Date 31/05/2025 Time : 11.00 AM** |
| 6. | Technical Bid Oppening Date | **Date 02/06/2025 Time : 11.00 AM** |
| **Officer Inviting Bids** | | **Executive Engineer** |
| | | **National Rural Employement Program, Ranchi.** |
| | | **Address : National Rural Employement Program, Vikash Bhawan, Ranchi.** |

**Executive Engineer**
**National Rural Employement Program, Ranchi**

PR 353358 NREP (25-26)_D

**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय,**
**तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड–815301**

**ई–पुनर्निविदा आमंत्रण सूचना**

ई–निविदा सं0 :–**11/R1/2025-26/RWD/EE/GIRIDIH** दिनांक :– **22.05.2025**

गिरिडीह द्वारा निम्नविवरण के अनुसार e-procurment पद्धति से निविदा आमंत्रित की जाती है।
कार्य का नाम :–

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपया में) | | कार्य समाप्ति की अवधि | टेंडर कॉल संख्या |
|---|---|---|---|---|---|---|
| | | | अंक में | अक्षर में | | |
| 1. | RWD/GIRIDIH/ 04/2024-25 | मुण्डरो से कोल्हरिया तक पथ निर्माण कार्य। (लं0–2060 कि0मी0) | 2,25,57,400.00 | दो करोड़ पच्चीस लाख सन्तावन हजार चार सौ रू0 मात्र | 12 माह | द्वितीय |

2. वेबसाईट में निविदा प्रका ान की तिथि :– **28.05.2025**
3. ई–निविदा प्राप्ति की अंतिम तिथि एवं समय :– **09.06.2025** अपराह्न **5.00** बजे तक।
4. निविदा खोलने की तिथि एवं समय :– **11.06.2025** अपराह्न **3.30** बजे।
5. निविदा आमंत्रित करने वाले पदाधिकारी का पदनाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, गिरिडीह, तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड – 815301
6. ई–निविदा प्रकोश्ठ का दूरभाश सं0– 06532–225381

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

ह0/–
कार्यपालक अभियंता,
ग्रामीण कार्य विभाग, कार्य प्रमण्डल, गिरिडीह।

**PR.NO.353363 REO(25-26):D**

**कार्यपालक अभियंता का कार्यालय**
**लघु सिंचाई प्रमण्डल, मेदिनीनगर।**
**g-mail I.D. – eemid041@gmail.com**
पत्रांक:–196 मेदिनीनगर, दिनांक– 21/05/2025

**शुद्धि पत्र**

इस कार्यालय के द्वारा आमंत्रित ई0– निविदा सूचना सं0:–WRD/MID/ MEDININAGAR /B.D./S.L.I.-01/2025-26, PR No:- 352964 Minor Irrigation (25-26)#D Construction of Jhari Solar Lift Irrigation Scheme में निर्गत सूचना में निम्न रूप से आंशिक संशोधन किया जाता है।

उक्त ई0– निविदा सूचना में निर्गत **10 HP Pumps (DC Surface water Pumps)** के स्थान पर **10 HP Pumps (AC Surface Water Pumps)** पढ़ा जाय।

कार्यपालक अभियंता,
लघु सिंचाई प्रमण्डल, मेदिनीनगर।

PR 353347 Minor Irrigation(25-26)D



କଞ୍ଚାଲଙ୍କାରେ ଅନେକ ପୋଷକ ତତ୍ତ୍ୱ ଏବଂ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ। କଞ୍ଚା ଲଙ୍କାରେ ଭିଟାମିନ ସି, ଭିଟାମିନ ଏ, ବିଟା-କ୍ୟାରୋଟିନ୍, ଆଇରନ ଏବଂ ପୋଟାସିୟମ ଭଳି ଉପାଦାନ ପ୍ରଚୁର ପରିମାଣରେ ମିଳିଥାଏ। ଏହା ବ୍ୟତୀତ ଏଥିରେ 'କ୍ୟାପସାଇସିନ' ନାମକ ଏକ ବିଶେଷ ଉପାଦାନ ଅଛି, ଯାହା ଏହାକୁ ମସଲାଦାର କରିଥାଏ। ଏହି କ୍ୟାପସାଇସିନ ଆମ ଶରୀର ପାଇଁ ଅନେକ ଉପାୟରେ ଲାଭଦାୟକ ହୋଇପାରେ। ଅନେକ ଗବେଷଣାରୁ ଜଣାପଡ଼ିଛି, କଞ୍ଚା ଲଙ୍କାରେ ଥିବା କ୍ୟାପସାଇସିନ ହାର୍ଟ ପାଇଁ ଭଲ। ଏହା ଶରୀରରେ ଖରାପ କୋଲେଷ୍ଟ୍ରଲ ହ୍ରାସ କରିବାରେ ସାହାଯ୍ୟ କରେ ଏବଂ ଭଲ କୋଲେଷ୍ଟ୍ରଲ ବଜାୟ ରଖିବାରେ ସାହାଯ୍ୟ କରେ। ଏହା ସହିତ, ଏହା ରକ୍ତ ସଞ୍ଚାଳନକୁ ଉନ୍ନତ କରେ ଏବଂ ରକ୍ତ ଧମନୀରେ ଚର୍ବି ଜମାକୁ ହ୍ରାସ କରିବାରେ ସାହାଯ୍ୟ କରିପାରେ। ଏହା ହାର୍ଟଆଟାକ୍ ଏବଂ ଷ୍ଟ୍ରୋକର ଆଶଙ୍କାକୁ ହ୍ରାସ କରିପାରିବ। ଏହା ବ୍ୟତୀତ, କଞ୍ଚା ଲଙ୍କାରେ ଆଣ୍ଟି-ଅକ୍ସିଡାଣ୍ଟ ଥାଏ, ଯାହା ଶରୀରରେ ପ୍ରଦାହ କମ କରିଥାଏ। ପ୍ରଦାହକୁ ମଧ୍ୟ ହାର୍ଟଆଟାକ୍ ଏକ ପ୍ରମୁଖ କାରଣ ଭାବରେ ବିବେଚନା କରାଯାଏ। କଞ୍ଚା ଲଙ୍କା କେବଳ ହାର୍ଟ ସମ୍ବନ୍ଧୀୟ ସମସ୍ୟା ସହିତ ଲଢ଼ିବାରେ ସହାୟକ ନୁହେଁ ବରଂ କ୍ୟାନସର ଭଳି ରୋଗ ସହିତ ଲଢ଼ିବାରେ ମଧ୍ୟ ସହାୟକ ହୋଇଥାଏ। ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଶରୀରରେ ମୁକ୍ତ ରାଡିକାଲ୍ସକୁ ଦୂର କରିବାରେ କାମ କରେ।

## ନିଆରା ବିମାନବନ୍ଦର
## ୩୦ ବର୍ଷ ଧରି ହଜିନି ଯାତ୍ରୀଙ୍କ ଜିନିଷ

ବିମାନ ଯାତ୍ରାବେଳେ ଅନେକ ସମୟରେ ଯାତ୍ରୀମାନଙ୍କର କିଛି ) ଜିନିଷ ହଜିଯିବାର ଦେଖାଯାଏ। ଯେଉଁଥିପାଇଁ ଯାତ୍ରୀମାନେ ବ୍ୟସ୍ତ ବିବ୍ରତ ହୋଇ ପଡ଼ନ୍ତି । କିନ୍ତୁ ନିକଟରେ ଜାପାନର ଏକ ବିମାନବନ୍ଦର ନିଆରା ରେକର୍ଡ କରି ଚର୍ଚ୍ଚାରେ ରହିଛି। ଜାପାନର କଂସାଇ ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦରରେ ବିଗତ ୩୦ ବର୍ଷ ହେଲାଣି ଯାତ୍ରୀମାନଙ୍କର ଗୋଟିଏ ବି ଜିନିଷ ହଜିନାହିଁ । ଖାସ୍ ସେଥିପାଇଁ ଏହି ବିମାନବନ୍ଦରରେ ଯାତ୍ରୀମାନେ ନିଶ୍ଚିନ୍ତରେ ଯାତ୍ରା କରିଥାନ୍ତି। ନିକଟରେ ସଂଯୁକ୍ତ ରାଷ୍ଟ୍ର ସ୍ଥିତ ଆଭିଏସନ୍ ର୍ୟାଙ୍କିଂ ଆଣ୍ଡ ରେଟିଂ ୱେବ୍‌ସାଇଟ୍ 'ସ୍କାଏଟ୍ରାକ୍ସ' ଏହି ବିମାନ ବନ୍ଦରକୁ ବିଶ୍ୱର ସବୁଠୁ ଭଲ ବ୍ୟାଗେଜ୍ ଡେଲିଭରି ସିଷ୍ଟମ୍ ବିମାନବନ୍ଦରର ମାନ୍ୟତା ପ୍ରଦାନ କରିଛି । ଏହି ବିମାନବନ୍ଦରଟି ଜାପାନର ସପ୍ତମ ବ୍ୟସ୍ତବହୁଳ ବିମାନବନ୍ଦରର ମାନ୍ୟତା ଲାଭ କରିଛି । ୧୯୯୪ ମସିହା ସେପ୍ଟେମ୍ବର ମାସରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ଉଲ୍ଲେଖନୀୟ କଥାଟି ହେଲା, ବିମାନ ବନ୍ଦର ଖୋଲିବା ପରଠୁ ଅଦ୍ୟାବଧି କୌଣସି ଯାତ୍ରୀଙ୍କର ଗୋଟିଏ ହେଲେ ବ୍ୟାଗ କିମ୍ବା ଲଗେଜ୍ ହଜିନାହିଁ । ପ୍ରତିବର୍ଷ ୨ରୁ ୩ କୋଟି ଯାତ୍ରୀ ଏଠାକୁ ଆତଯାତ କରିଥାନ୍ତି। ତେବେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଏଠାରେ ଏକାଧିକବାର ଚେକିଂ ବ୍ୟବସ୍ଥା ଥିବାରୁ କୌଣସି ଯାତ୍ରୀଙ୍କ ଜିନିଷ କେବେ ବି ହଜି ନ ଥାଏ ।



## ଅଧିକ ଫୋନ୍ ବ୍ୟବହାର କରୁଥିଲେ
## ସାବଧାନ ! ବେକ ହାଡ଼ ହୋଇପାରେ ବଙ୍କା



*ଆଜିକା ଦୁନିଆରେ ମୋବାଇଲ୍ ଆମ ଜୀବନରେ ଅଭିନ୍ନ ଅଙ୍ଗ ହୋଇପଡିଲାଣି। ଏହି ଉପକରଣ ଆମ ଜୀବନର ଅଧାରୁ ଅଧିକ କାମକୁ ସହଜ କରିପାରିଛି। ଘରେ ବସି ଟିକେଟ୍ ବୁକିଂ କରିବାଠାରୁ ଆରମ୍ଭ କରି ଅନଲାଇନ୍ ସପିଂ କିମ୍ବା ଟଙ୍କା ହସ୍ତାନ୍ତର ସବୁକିଛି ମୋବାଇଲରେ କରିବା ସମ୍ଭବ ହେଉଛି। ତେଣୁ ଏହାର ଆବଶ୍ୟକତା କ୍ରମଶଃ ବଢିଚାଲିଛି।*

ପିଲାଙ୍କଠାରୁ ଆରମ୍ଭ କରି ବୁଢା ଯାଏ ସମସ୍ତେ ଲଗାତାର ମୋବାଇଲ୍ ବ୍ୟବହାର କରିବାରେ ବ୍ୟସ୍ତ। ପ୍ରାୟ ଲୋକ ସୋସିଆଲ୍ ମିଡିଆରେ ଅଧିକରୁ ଅଧିକ ସମୟ ବିତାଇବାରେ ଲାଗିଛନ୍ତି। ଯାହା ଲୋକମାନଙ୍କ ପାଇଁ ସମସ୍ୟାର ବାଟ ଖୋଲି ଚାଲିଛି। ମୁଣ୍ଡବିନ୍ଧା, ନିଦ ନ ହେବା, ଚାପଗ୍ରସ୍ତ ଆଖିରୁ ଆରମ୍ଭ କରି ବେକ ଓ ପିଠି ଯନ୍ତ୍ରଣା ପରି ସମସ୍ୟାମାନ ଦେଖାଦେଇଥାଏ। ଏହା ସତ୍ତ୍ୱେ ମଧ୍ୟ ଲୋକମାନେ ଏହାର ବ୍ୟବହାରକୁ କମାଇବାକୁ ରାଜି ନୁହଁନ୍ତି। ଏବେ ଏହି ସମସ୍ୟାରେ ଯୋଡି ହୋଇଯାଇଛି ଟେକ୍ସଟ୍ ନେକ୍ ସିଣ୍ଡ୍ରୋମ୍।

### ବେକ ନଇଁ ଯାଏ

ଲଗାତାର ମୋବାଇଲ୍ ବ୍ୟବହାର ପାଇଁ ନଇଁବା ଦ୍ୱାରା ଲୋକମାନଙ୍କର ବେକ ଆଗକୁ ନଇଁ ପଡିଥାଏ। ଏହାକୁ ଟେକ୍ସଟ୍ ନେକ୍ ସିଣ୍ଡ୍ରୋମ୍ କୁହାଯାଏ। ଏହାଦ୍ୱାରା ମେରୁଦଣ୍ଡ ହାଡ ଉପରେ ଅଧିକ ଚାପ ପଡିଥାଏ। ଫଳରେ ବେକ ଯନ୍ତ୍ରଣା ଓ ବେକର ମାଂସପେଶୀ ଟାଣ ହୋଇଯାଇଥାଏ। ଏହା ସହିତ ସର୍ଭାଇକାଲ୍ ସ୍ପାଇନକୁ ମଧ୍ୟ କ୍ଷତି ପହଞ୍ଚିଥାଏ। ଟେକ୍ସଟ୍ ନେକ୍‌ର ଲକ୍ଷଣ ମୁଣ୍ଡ ଓ ବେକ ଯନ୍ତ୍ରଣା ହୋଇଥାଏ। ବେକ ଆଗକୁ ନଇଁ ପଡିଥାଏ। ଫଳରେ ମେରୁଦଣ୍ଡ ହାଡର ଆକାର ମଧ୍ୟ ବଦଳିଯାଇଥାଏ। ଏପରିକି ଶେଷରେ ବେକର ସର୍ଜରୀ କରିବାକୁ ପଡିପାରେ।

### ଲକ୍ଷଣ

ବେକ ଯନ୍ତ୍ରଣା, କାନ୍ଧ ଓ ବେକରେ ଷ୍ଟିଫନେସ୍, ପିଠିର ଉପରି ଭାଗରେ ଯନ୍ତ୍ରଣା, ମୁଣ୍ଡବିନ୍ଧା, ମାଂସପେଶୀ ଟାଣ ଲାଗିବା, ହାତ ଆଙ୍ଗୁଳି ଝିମ୍‌ଝିମ୍ ହେବା ଓ ବସିବା ଶୈଳୀରେ ପରିବର୍ତ୍ତନ ଆଦି ହୋଇଥାଏ। ଯଦି ଏପରି ଲକ୍ଷଣ ଦେଖାଦେଉଥାଏ, ତେବେ ସମସ୍ୟା ଗଭୀର ହୋଇଥାଇପାରେ। ଏହି ସ୍ଥିତିରେ ବେକ ହାଡ ତୀକ୍ଷ୍ଣ ହୋଇଥାଏ। ଏଥିରୁ ରକ୍ଷା ପାଇବା ପାଇଁ ମୋବାଇଲର ବ୍ୟବହାରକୁ କମ୍ କରିବାକୁ ପଡିଥାଏ। ପିଲାମାନଙ୍କୁ ମୋବାଇଲ୍ ଦେବା ଆଦୌ ଉଚିତ୍ ନୁହେଁ।



## 'ସ୍ପିରିଟ୍'ରୁ ଦୀପିକା ଆଉଟ୍

ସନ୍ଦୀପ ରେଡ୍ଡୀ ଭାଙ୍ଗା ନିଜର ଅପକମିଙ୍ଗ ଫିଲ୍ମ 'ସ୍ପିରିଟ୍' ର ନାୟିକା ଭାବେ ଦୀପିକା ପାଦୁକୋନଙ୍କୁ କାଷ୍ଟ କରିଥିଲେ। କିନ୍ତୁ ଏବେ ତାଙ୍କୁ ଫିଲ୍ମରୁ ହଟାଇ ଦିଆଯାଇଛି। ଏହା ପଛରେ ଦୀପିକାଙ୍କ ମାତ୍ରାଧିକ ପାରିଶ୍ରମିକ ଦାବି ରହିଛି ବୋଲି ଚର୍ଚ୍ଚା ହେଉଛି। ଆଠ ଘଣ୍ଟାର ଶିଫ୍ଟ, ମୋଟା ଅଙ୍କର ପାରିଶ୍ରମିକ, ଲାଭରେ ଭାଗିଦାରୀ ଏବଂ ତେଲୁଗୁରେ ଡାଇଲଗ୍ ନ କହିବା ଭଳି ଦାବି ଦୀପିକା କରିଥିଲେ। ଗତ ସେପ୍ଟେମ୍ବରରେ ଦୀପିକା ମା' ହୋଇଛନ୍ତି। ସେଥିପାଇଁ ସପ୍ତାହରେ ୫ ଦିନ ୮ ଘଣ୍ଟାର ସିଫ୍ଟରେ କାମ କରିବାକୁ ସେ ଚାହୁଁଥିଲେ। ଏସବୁ ଦାବିରେ ସନ୍ଦୀପ ଖୁସି ନଥିଲେ। ଦୀପିକାଙ୍କୁ ଫିଲ୍ମରୁ ହଟାଇବା ପରେ ସନ୍ଦୀପ ଏବେ ନୂଆ ଫିମେଲ୍ ଲିଡ୍‌ଙ୍କ ଅନ୍ୱେଷଣରେ ଅଛନ୍ତି। ୨୦୨୪, ଶେଷ ବେଳକୁ 'ସ୍ପିରିଟ୍' ର ସୁଟିଂ ହେବାର ଥିଲା। କିନ୍ତୁ ଦୀପିକା ଗର୍ଭାବସ୍ଥା ପାଇଁ ସୁଟିଂକୁ ବାତିଲ କରାଗଲା। ମା' ହେବା ପରେ ବ୍ୟସ୍ତତା ଯୋଗୁ ଫିଲ୍ମ କରିବାକୁ ଦୀପିକା ମନା କରିଥିଲେ। କିନ୍ତୁ ସନ୍ଦୀପଙ୍କର ଏକମାତ୍ର ପସନ୍ଦ ଦୀପିକା ଥିଲେ। କିନ୍ତୁ ଦୀପିକାଙ୍କ ହିସାବରେ ସୁଟିଂ ସମୟକୁ ସେ ବଦଳାଇଲେ। ତାପରେ ଦୀପିକା ଫିଲ୍ମ କରିବାକୁ ରାଜି ହେଲେ। କିଛି ଦିନ ତଳେ ଚର୍ଚ୍ଚା ହେଉଥିଲା 'ସ୍ପିରିଟ୍' ପାଇଁ ଦୀପିକାଙ୍କୁ ୨୦ କୋଟି ଟଙ୍କା ଦିଆଯାଇଛି। ପ୍ରଭାସଙ୍କ ଅପୋଜିଟରେ ସେ ନଜର ଆସିଥାନ୍ତେ। ଏବେ ସନ୍ଦୀପଙ୍କ ଫିଲ୍ମ ଛାଡିବା ପରେ ଦୀପିକା ଆଟ୍‌ଲିଙ୍କ ଅପକମିଙ୍ଗ୍ ତେଲୁଗୁ ଫିଲ୍ମ ସାଇନ୍ କରିଛନ୍ତି। ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି ଅଲ୍ଲୁ ଅର୍ଜୁନ୍। ଶାହରୁଖଙ୍କ 'କିଙ୍ଗ୍' ର ସୁଟିଂ ଶେଷ କରିବା ପରେ ଦୀପିକା ଆଟ୍‌ଲିଙ୍କ ଫିଲ୍ମ ସୁଟିଂରେ ଯୋଗ ଦେବେ।

## ରାଣ୍ୟାଙ୍କୁ ଆଶ୍ୱସ୍ତି



କନ୍ନଡ ଅଭିନେତ୍ରୀ ରାଣ୍ୟା ରାଓ ଏବଂ ତାଙ୍କ ସହ ଅଭିଯୁକ୍ତ ତରୁଣ କୋଣ୍ଡାରୁ ରାଜୁଙ୍କୁ ମିଳିଲା ଆଶ୍ୱସ୍ତି। କେରଳର ବହୁଚର୍ଚ୍ଚିତ ସୁନା ଚୋରା ଚାଲାଣ ମାମଲାରେ ଉଭୟଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି ସ୍ୱତନ୍ତ୍ର ଅଦାଲତ। ଜଷ୍ଟିସ୍ ବିଶ୍ୱନାଥ ସି. ଗୌଡର ଅଭିନେତ୍ରୀଙ୍କୁ ଜାମିନ ଦେବା ସମୟରେ ଦୁଇଟି ସର୍ତ୍ତ ରଖିଛନ୍ତି। ଯଦି ସେ ଏହି ସର୍ତ୍ତ ଗୁଡ଼ିକ ପାଳନ ନ କରନ୍ତି, ତେବେ ତାଙ୍କର ଜାମିନ ବାତିଲ କରିଦିଆଯିବ। ଏହି ସର୍ତ୍ତ ଅନୁଯାୟୀ, ରଣ୍ୟା ରାଓ ଏବଂ ତରୁଣ କୋଣ୍ଡାରୁ ଦେଶ ଛାଡି ବାହାରକୁ ଯାଇ ପାରିବେ ନାହିଁ ଏବଂ ପୁଣି କୌଣସି ଅପରାଧରେ ସାମିଲ୍ ହେବେ ନାହିଁ। ଯଦି ଉଭୟ ଏହି ସର୍ତ୍ତାବଳୀକୁ ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କ ଜାମିନ ବାତିଲ କରାଯିବ ବୋଲି କୁହାଯାଇଛି। ସୂଚନା ଅନୁଯାୟୀ, ରାଣ୍ୟାଙ୍କୁ ଜାମିନ ମିଳିଛି କିନ୍ତୁ ତାଙ୍କୁ ମୁକ୍ତ କରାଯାଇ ନାହିଁ। କାରଣ ତାଙ୍କ ବିରୁଦ୍ଧରେ ବିଦେଶୀ ମୁଦ୍ରା ସଂରକ୍ଷଣ ଏବଂ ଚୋରାଚାଲାଣ କାର୍ଯ୍ୟକଳାପ ନିବାରଣ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ସୂଚନାଥାଉକି ଯେ ରଣ୍ୟା ରାଓ ଜଣେ ପ୍ରସିଦ୍ଧ କନ୍ନଡ ଅଭିନେତ୍ରୀ। ଚଳିତ ବର୍ଷ ମାର୍ଚ୍ଚ ୩ ତାରିଖରେ ବେଙ୍ଗାଲୁରୁର କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦରରୁ ପ୍ରାୟ ୧୨ କିଲୋ ସୁନା ସହିତ ତାଙ୍କୁ ଗିରଫ କରାଯାଇଥିଲା। ଏବେ ଅଭିନେତ୍ରୀଙ୍କୁ ଦୁଇ ମାସ ପରେ ଜାମିନ ମିଳିଛି।

## ନିକିତାଙ୍କୁ କରୋନା



କବୀର ସିଂହ ଏବଂ ଜୁଏଲ୍ ଥିଫ୍ ଭୂମିକା ପାଇଁ ପ୍ରସିଦ୍ଧ ଅଭିନେତ୍ରୀ ନିକିତା ଦତ୍ତ ଖୁବ୍ ଜଣାଶୁଣା। ବର୍ତ୍ତମାନ ସେ କୋଭିଡରେ ଆକ୍ରାନ୍ତ ହୋଇଛନ୍ତି। ଅଭିନେତ୍ରୀ ଜଣକ ଇନଷ୍ଟାଗ୍ରାମରେ ତାଙ୍କ ଫଲୋଅର୍ସଙ୍କୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ସୂଚନା ଦେଇଥିଲେ ଏବଂ କହିଥିଲେ ଯେ କେବଳ ସେ ନୁହଁନ୍ତି ତାଙ୍କ ମାଆ ମଧ୍ୟ ଏହି ଭାଇରସରେ ସଂକ୍ରମିତ ହୋଇଛନ୍ତି । ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରିରେ ଏକ ଅପଡେଟ୍ ସେୟାର କରି ନିକିତା ଲେଖିଛନ୍ତି, 'କୋଭିଡ୍ ମୋ ମାଆକୁ ଏବଂ ମୋତେ ନମସ୍କାର କରିବାକୁ ଆସିଛି।' ଆଶା କରୁଛି ଏହି ନିମନ୍ତ୍ରିତ ଅତିଥି ଅଧିକ ଦିନ ରହିବେ ନାହିଁ । ଏହି ଛୋଟ କ୍ୱାରାଣ୍ଟାଇନ୍ ପରେ ଦେଖା ହେବ । ସମସ୍ତେ ସୁରକ୍ଷିତ ରୁହନ୍ତୁ । ବର୍ତ୍ତମାନ ଘରେ କ୍ୱାରେଣ୍ଟାଇନ୍ ଥିବା ନିକିତା କୋଭିଡ୍ ସଂକ୍ରମଣର ସାମାନ୍ୟ ଲକ୍ଷଣ ଅନୁଭବ କରୁଛନ୍ତି, କିନ୍ତୁ ତାଙ୍କ ସାମ୍ପୁଲ ଟେଷ୍ଟ ପଜିଟିଭ୍ ଆସିଛି, ତେଣୁ ସେ ସୁସ୍ଥ ନହେବା ପର୍ଯ୍ୟନ୍ତ ତାଙ୍କର ସମସ୍ତ ପ୍ରକଳ୍ପକୁ ସ୍ଥଗିତ ରଖିଛନ୍ତି । ପୂର୍ବରୁ ଅଭିନେତ୍ରୀ ଶିଳ୍ପା ଶିରୋଡକର ମଧ୍ୟ କରୋନାରେ ସଂକ୍ରମିତ ହୋଇଥିଲେ । ହେଲେ ଗୁରୁବାର ଦିନ, ଶିରୋଡକର ତାଙ୍କ ପ୍ରଶଂସକମାନଙ୍କୁ ଏକ ସକାରାତ୍ମକ ସୂଚନା ଦେଇ କହିଥିଲେ ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




କାକଟପୁର(ଭାସ୍କର ନ୍ୟୁଜ):ଆତଙ୍କବାଦୀ ଆକ୍ରମଣର ଭାରତୀୟ ସେନାର କଡା ଜବାବକୁ ସମର୍ଥନ, ସେନାବଳଙ୍କୁ ସମ୍ମାନ ଓ ସେମାନଙ୍କ ମନୋବଳ ବୃଦ୍ଧି ସହିତ ଦେଶର ସୁରକ୍ଷା ଲାଗି ପ୍ରତ୍ୟକ ନାଗରିକଙ୍କ ନିକଟରେ ସନ୍ଦେଶ ପହଞ୍ଚାଇବା ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ଅପରାହ୍ନରେ କାକଟପୁର ବିଜେପି ପକ୍ଷରୁ ମହର୍ଷି ବିଶ୍ୱାମିତ୍ର ଆଶ୍ରମଠାରୁ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଦଳରର ବରିଷ୍ଠ ନେତା ବାଇଧର ମଲ୍ଲିକ (ନେତୃତ୍ୱ)ରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ଦଳର ରାଜ୍ୟ ମହିଳା ମୋର୍ଚ୍ଚା ସଂପାଦିକା ରାଜଲକ୍ଷ୍ମୀ ଦାଶ, ପୁରୀ ଜିଲ୍ଲା ଉପସଭାପତି ରତିକାନ୍ତ ବେହେରା, ସରପଞ୍ଚ ପ୍ରଜ୍ଞା ପରମିତା ନାୟକ , ମଙ୍ଗଳା ପ୍ରସାଦ ସାମନ୍ତରାୟ, ଲଳିତ କୁମାର ରଥ, ରଶ୍ମି ରଞ୍ଜନ ବିଶ୍ୱାଳ କାକଟପୁର ମଣ୍ଡଳ ସଭାପତି କାଳନ୍ଦୀ ଦୀକ୍ଷିତ, ରାକେଶ ବିଶ୍ୱାଳ, ଦୀପକ ସାହୁ, ଗୋପୀନାଥ ସ୍ୱାଇଁ ଦିଲ୍ଲୀପ ପ୍ରଧାନ, ରତ୍ନାକର ନାୟକ, ଇନ୍ଦ୍ରମଣି ଜେନା, ନରେଶ ପତି, ସର୍ବେଶ୍ୱର ବେହେରା, କାର୍ତ୍ତିକ ରାଉତଙ୍କ ସହ ସାଧାରଣ ଜନତା, ମହିଳା, ଛାତ୍ରଛାତ୍ରୀ ଓ ଏହି ଶୋଭାଯାତ୍ରାରେ ସାମିଲ ହୋଇ ପ୍ରାୟ ୪ ଲକ୍ଷ ଏହି ଶୋଭାଯାତ୍ରା ବଜାର ପରିକ୍ରମା ପରେ ବିଜେପି ଦଳୀୟ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଦେଶ ଲାଗି ବଳିଦାନ ଦେଇଥିବା ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଭାରତୀୟ ଯବାନ ମାନଙ୍କ (ବୀରତ୍ୱ)ର ଗାଥା ଉପରେ ବହୁ ବକ୍ତା ବକ୍ତବ୍ୟ ଦେଇଥିଲେ ।

### ଅଳିଆ ପୃଥକୀକରଣ ଗୃହ ପାଲଟିଛି ବ୍ୟବସାୟୀଙ୍କ ଗୋଦାମ ଘର

# ପଡୁନି ଅଧିକାରୀଙ୍କ ନଜର

କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ଅଳିଆ ପୃଥକି କରଣ କରିବା ନିମନ୍ତେ ସରକାରଙ୍କ ତରଫରୁ ପ୍ରତେକ ଗ୍ରାମ ପଞ୍ଚାୟତରେ ତିନି ଲକ୍ଷରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ଗୃହ ନିର୍ମାଣ ହୋଇଥିବା ବେଳେ ଘର ଘର ବୁଲି ଅଳିଆ ଆଣିବା ନିମନ୍ତେ ସରକାର ଗାଡି ମଧ୍ୟ ଯୋଗାଇ ଦେଇଛନ୍ତି । ବିଭିନ୍ନ ପଞ୍ଚାୟତରେ ଗାଡିଗୁଡିକ ରାସ୍ତାରେ ଗଡୁନଥିବା ଦେଖିବାକୁ ମିଳୁଛି ବୋଲି ଗ୍ରାମବାସି କହୁଥିବା ବେଳେ ଅଳିଆ ପୃଥକି କରଣ ଗୃହଗୁଡିକ ଆଉ କେଉଁ କାମରେ ଆସିବ ବୋଲି ପ୍ରଶ୍ନ କରିବା ସହ କିଛି ବ୍ୟବସାୟୀ ଉକ୍ତ ଗୃହକୁ ନିଜ ଗୋଦାମ ଗୃହ ଭାବେ ବ୍ୟବହାର କରୁଛନ୍ତି ବୋଲି କହିଛନ୍ତି । ଧାନ ସମୟରେ ବାଦାମ ସିଜିନରେ ବାଦାମ ଏବଂ ମହୁଲ ଭଳି ବିଭିନ୍ନ ସାମଗ୍ରୀ ରଖୁଥିବା ଦେଖିବାକୁ ମିଳୁଛି । ତାସହିତ ଉକ୍ତ ଗୃହକୁ ନିଜ ଗୋଦାମ ଗୃହ ଭାବି ବ୍ୟବସାୟୀ ଚାବି ପାକଇ ନିଜ



ଅକ୍ତିଆରରେ ରହୁଛନ୍ତି । ଏମିତି ଏକ ଅଳିଆ ପୃଥକିକରଣ ଗୃହ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ଡୁଡାମେଟା ଗ୍ରାମପଞ୍ଚାୟତ ସଦରରେ । ୩.୫୦ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ଅଳିଆ ପୃଥକିକରଣ ଗୃହ ନିର୍ମାଣ ହୋଇଥିଲା । ହେଲେ ଏବେ ସେହି ଗୃହ କିଛି ସ୍ଥାନୀୟ ବ୍ୟବସାୟି ଗୋଦାମ ଗୃହ ଭାବେ ବ୍ୟବହାର କରିବା ଦେଖିବାକୁ ମିଳୁଛି । ଗ୍ରାମବାସୀଙ୍କ କହିବା ଅନୁଯାଇ ଉକ୍ତ ଗୃହ ନିର୍ମାଣ ହେବାଠାରୁ ଦିନେ ମଧ୍ୟ ଜନସାଧାରଙ୍କ କାମରେ ଆସିନି କି କୌଣସି ଅଳିଆ ବୁହା ଗାଡି ବିନେ ମଧ୍ୟ କେଉଁ ଗାଁରେ ବୁଲି ଅଳିଆ ଆଣିବା ଦେଖୁନୁ । କିନ୍ତୁ ବିଭିନ୍ନ ସମୟରେ ଧାନ, ବାଦାମ, ମହୁଲ ଆଦି କିଛି ବ୍ୟବସାୟୀ ରଖୁଥିବା ଦେଖିବାକୁ ମିଳୁଛି । ପଞ୍ଚାୟତ ସଦର ଠାରୁ ମାତ୍ର ୫୦ମିଟର ଦୂର ରାସ୍ତା କଡରେ ଏହି ଅଳିଆ ପୃଥକିକରଣ ଗୃହ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କ ନଜରରେ ପଡୁନାହିଁ ନା ସବୁ ଜାଣିଶୁଣି ନିରବଦ୍ରଷ୍ଟା ସାଜି ବ୍ୟବସାୟିଙ୍କୁ ଗୋଦାମ ଗୃହ କରିବାକୁ ସୁଯୋଗ ଦେଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ଏନେଇ ଆମେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ କି ମୁଁ ଏବିଷୟ ଜାଣିନି ବୁଝିକି ଦେଖୁଚି ଯଦି ସେମିତିକିଛି ହେଇଚି ତେବେ କିପରି ଭାବେ ସେ ଜନସାଧାରଣଙ୍କ କାର୍ଯ୍ୟରେ ଆସିବ ତାକୁ ନେଇ ପଦକ୍ଷେପ ଗ୍ରହଣ କରାଯିବ।

### ଅପରେସନ ସିନ୍ଦୂରର ସଫଳତା ଉଦ୍ଦେଶ୍ୟରେ ରକ୍ତଦାନ ଶିବିର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): 'ଅପରେସନ ସିନ୍ଦୁର'ର ସଫଳତା ଏବଂ ଆମ ଯବାନଙ୍କ ସାହସ ଓ ପରାକ୍ରମ ଉଦ୍ଦେଶ୍ୟରେ ତଥା ରକ୍ତଭାବ ପୂରଣ କରିବା ପାଇଁ ଏକାମ୍ର ନିର୍ବାଚନ ମଣ୍ଡଳୀର ସୁନ୍ଦରପଦା କପିଳପ୍ରସାଦ ଅଞ୍ଚଳରେ ସତ୍ୟ ନାରାୟଣ ଯୁବ ପରିଷଦ ପକ୍ଷରୁ ଆୟୋଜିତ ରକ୍ତ ଦାନ ଶିବିରକୁ ଏକାମ୍ର ବିଧାୟକ ବାବୁ ସିଂ ଉଦ୍ଘାଟନ କରିଥିଲେ। ରକ୍ତର ଅଭାବ ଯେପରି ନ ହେଉ ତାହାକୁ ଲକ୍ଷ୍ୟ କରି ହୋଇଥିବା ରକ୍ତଦାନ ଶିବିରରେ ଏକାମ୍ର ନିର୍ବାଚନ ମଣ୍ଡଳୀର ବହୁ ଯୁବ,ମହିଳା ତଥା ସ୍ୱେଚ୍ଛାସେବୀ ମାନେ ଆସି ରକ୍ତଦାନ କରିଥିଲେ।ରକ୍ତଦାନରେ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ସ୍ଥାନୀୟ କର୍ପୋରେଟର ମଧୁସ୍ମିତା ପ୍ରଧାନ ସତ୍ୟ ନାରାୟଣ ଯୁବ ପରିଷଦର ସଭାପତି ଦେବୀ ପ୍ରସାଦ ନନ୍ଦ, ସାଧାରଣ ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ସ୍ଥାନୀୟ ନେତୃତ୍ୱ ସୁରେନ୍ଦ୍ର ପ୍ରଧାନ, ଆନନ୍ଦ ପ୍ରଧାନ, ସନ୍ତୋଷ ମାର୍ଥା, ସୁରୀୟକାନ୍ତ ସ୍ୱାଇଁ, ସଚ୍ଚିଦାନନ୍ଦ ସେଠୀଙ୍କ ସହ ସତ୍ୟନାରାୟଣ ଯୁବ ପରିଷଦ ର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### କୋଟିଆ ପାଇଁ ୧୬ ଜଣିଆ କମିଟି ଗଠନକୁ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ

## କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ: ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ । କୋଟିଆବାସୀଙ୍କ ସହ ଆମର ଭାବାବେଗ ଜଡ଼ିତ ବୋଲି ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଟିଆ ଗ୍ରାମସମୂହର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠନ ହୋଇଥିବା କମିଟିକୁ ସ୍ୱାଗତ କରିବା ଅବସରରେ କହିଛନ୍ତି । ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ କୋରାପୁଟ ଜିଲ୍ଲା କୋଟିଆ ଗ୍ରାମସମୂହର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ସୁବିଧା କୋଟିଆର ଜନସାଧାରଣଙ୍କ ପହଞ୍ଚାଇବା ପାଇଁ ଓଡ଼ିଶା ସରକାର ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ୧୬ ଜଣିଆ କମିଟି ଗଠନ କରିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ କହିଛନ୍ତି, ଓଡ଼ିଶାର ସାମାଜିକ, ଭୌଗୋଳିକ ଓ ସାଂସ୍କୃତିକ ରୂପେ ସୁରକ୍ଷିତ ରଖିବାର ସଂକଳ୍ପକୁ ନେଇ ମୁଁ ପୂର୍ବରୁ କୋଟିଆ ଗସ୍ତରେ ଯାଇଥିଲି । କୋଟିଆର ସ୍ଥାୟୀ ସମାଧାନ ପାଇଁ ଅନେକ ଥର ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ଅନୁରୋଧ କରିଛି । ଅନୁରୋଧ ଓ ଦାବି ସତ୍ତ୍ୱେ ପୂର୍ବ ସରକାର ଏହି ବିଷୟରେ କର୍ଣ୍ଣପାତ କରିନଥିଲେ।

## ସଠିକ୍ ମତଦାନ ପାଇଁ ଭୋଟରଙ୍କୁ ସଶକ୍ତ କରାଯିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମତଦାନ ପ୍ରକ୍ରିୟାକୁ ଅଧିକ ସୁଗମ ଏବଂ ସୁବ୍ୟବସ୍ଥିତ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ ଗତକାଲି ଘୋଷଣା କରିଛନ୍ତି ଯେ ଗୋଟିଏ ମତଦାନ କେନ୍ଦ୍ରରେ ସର୍ବାଧିକ ଭୋଟରଙ୍କ ସଂଖ୍ୟାକୁ ୧୫୦୦ରୁ ୧୨୦୦କୁ ହ୍ରାସ କରାଯିବ। ଏହି ପଦକ୍ଷେପ ମତଦାନ କେନ୍ଦ୍ରରେ ଭିଡ଼ ଏବଂ ମତଦାନ ପାଇଁ ଅପେକ୍ଷା ସମୟକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ ବୋଲି ଆଶା କରାଯାଉଛି। ଏହା ବ୍ୟତିତ, ସହରାଞ୍ଚଳ ଜନବସତିର ବୃଦ୍ଧିକୁ ଚିହ୍ନଟ କରି, ବହୁତଳ ବିଶିଷ୍ଟ ଆବାସିକ ସମାଜ ଏବଂ କଲୋନୀ ଗୁଡ଼ିକରେ ଅତିରିକ୍ତ ମତଦାନ କେନ୍ଦ୍ର ଗୁଡ଼ିକର ସ୍ଥାପନା ପାଇଁ ଏକ ଦୃଷ୍ଟିକୋଣ ରଖାଯାଇଛି ଯାହା ଦ୍ୱାରା ସହରାଞ୍ଚଳର ସ୍ଥାନୀୟ ଭୋଟର ମାନଙ୍କ ପାଇଁ ମତଦାନକୁ ଅଧିକ ସୁବିଧାଜନକ ଏବଂ ସୁଗମ କରାଯାଇପାରିବ। ଏହା ଛଡ଼ା, ଭୋଟର ସୂଚନା ସ୍ଲିପକୁ ଅଧିକ ବ୍ୟବହାରକାରୀ-ଅନୁକୂଳ କରାଯିବ, ମତଦାନ ବିବରଣୀର ସହଜ ଚିହ୍ନଟ ପାଇଁ କ୍ରମ ଏବଂ ଅଂଶ ଅଙ୍କ ଗୁଡ଼ିକୁ ଅଧିକ ପ୍ରମୁଖ ଭାବରେ ପ୍ରଦର୍ଶିତ କରାଯିବ। ଭୋଟର ତାଲିକାର ସଠିକତା ବୃଦ୍ଧି କରିବା ପାଇଁ ମଧ୍ୟ ନିର୍ବାଚନ ଆୟୋଗ କିଛି ପଦକ୍ଷେପ ନେଉଛନ୍ତି, ଯେପରି ଏବେ ଆୟୋଗ ସିଧାସଳଖ ଭାରତର ରେଜିଷ୍ଟ୍ରାର ଜେନେରାଲ ଠାରୁ ମୃତ୍ୟୁ ପଞ୍ଜୀକରଣ ତଥ୍ୟ ପ୍ରାପ୍ତ କରିପାରିବେ ଏବଂ ଯାଞ୍ଚ ପରେ ଏହି ତଥ୍ୟକୁ ବ୍ୟବହାର କରି ମୃତ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେଇ ପାରିବେ । ଏହା ଦ୍ୱାରା ଅଧିକ ଦକ୍ଷତାର ସହ ଭୋଟର ତାଲିକାର ସଠିକତାକୁ ସୁନିଶ୍ଚିତ କରାଯାଇପାରିବ। ଏହା ସହିତ ଆୟୋଗ ଅନେକ ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳ ଯେପରି ଆମ ଆଦମୀ ପାର୍ଟି, ଭାଜପା, ବହୁଜନ ସମାଜ ପାର୍ଟି, କମ୍ୟୁନିଷ୍ଟ ଦଳ ସିପିଆଇ (ଏମ୍) ଏବଂ ନ୍ୟାସନାଲ ପିପୁଲ୍ସ ପାର୍ଟିର ମୁଖ୍ୟ ମାନଙ୍କ ସହ ବୈଠକ ମଧ୍ୟ କରିଥିଲେ। ଭାରତ ନିର୍ବାଚନ ଆୟୋଗ ଲକ୍ଷ୍ୟଭେଦ ତାଲିମ ଏବଂ ଏହି ପରି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟାରେ ସାମିଲ ସମସ୍ତ କର୍ମୀଙ୍କୁ ମଜବୁତ କରିବା ପାଇଁ ବିଶେଷ ଧ୍ୟାନ ମଧ୍ୟ ଦେଉଛନ୍ତି।

## ୧.୫୫ କୋଟି ଟଙ୍କାର ସାଇବର ଠକେଇ, ୨ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅନଲାଇନ ପୁଞ୍ଜିନିବେଶ ନାଁରେ କୋଟିପତି ହେବାର ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୧.୫୫ କୋଟି ଟଙ୍କା ଠକି ନେଇଥିବା ୨ ଜଣ ସାଇବର ଠକକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ତୟବ ଖାନ ଏବଂ ଫିରୋଜ ଖାନ। ଉଭୟଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ୨୦୨୫ ମସିହା ଜାନୁୟାରୀ ଏକ ତାରିଖରେ ଭୁବନେଶ୍ୱରରେ ରହୁଥିବା ଜଣେ ବ୍ୟକ୍ତି ସାଇବର ଥାନାରେ ରିପୋର୍ଟ କରିଥିଲେ। ଅନଲାଇନରେ ପୁଞ୍ଜିନିବେଶ କରି ସେ ଠକାମିର ଶିକାର ହୋଇଥିଲେ। ଅଭିଯୁକ୍ତମାନେ ପ୍ରଥମେ ତାଙ୍କୁ ଅଧିକ ଟଙ୍କା ଫେରସ୍ତ କରିବାର ଲୋଭ ଦେଖାଇ ପୁଞ୍ଜିନିବେଶ କରିବାକୁ ପ୍ରୋତ୍ସାହିତ କରିଥିଲେ। ଯାହା ଫଳରେ ଅଭିଯୋଗକାରୀ ଜଣକ ୧ କୋଟି ୫୦ ଲକ୍ଷ ୫୦ ହଜାର ଟଙ୍କା ସ୍ଥାନାନ୍ତର କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ କ୍ଷତି ହେବା ସତ୍ତ୍ୱେ ସାଇବର ଠକ ମାନଙ୍କ ପ୍ରରୋଚନାରେ ଅଧିକ ଟଙ୍କା ନିବେଶ କରିବାକୁ ଚାପ ପକାଉଥିଲେ। କିନ୍ତୁ ଟଙ୍କା ଉଠାଇବାକୁ ଚେଷ୍ଟା କରିବା ସମୟରେ ସେମାନେ ଅଧିକ ଟଙ୍କା ନିବେଶ କରିବାକୁ ଦାବି କରୁଥିଲେ। ଦିନ ପରେ ଦିନ ଗଡ଼ିବା ସତ୍ତ୍ୱେ ତାଙ୍କ ଆକାଉଣ୍ଟରୁ ଟଙ୍କା ଫେରି ନଥିଲା। ପରେ ସେ ଏହା ସାଇବର ଠକଙ୍କ କାମ ବୋଲି ଜାଣିପାରିଥିଲେ। ଏ ସଙ୍କ୍ରାନ୍ତରେ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ମଧ୍ୟପ୍ରଦେଶର ତୟବ ଖାନ (୨୩) ଏବଂ ଫିରୋଜ ଖାନ (୩୬) ଙ୍କୁ ଗିରଫ କରିଛି। ଅଭିଯୁକ୍ତ ୦୨ ଜଣ ନିଜକୁ ଟ୍ରେଡ ଆନାଲିଷ୍ଟ ଭାବେ ଉପସ୍ଥାପନ କରି ଅଭିଯୋଗକାରୀଙ୍କ ଠାରୁ ୧ କୋଟି ୫୦ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିଲେ। ତଦନ୍ତକାରୀ ଟିମ ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ, ପ୍ୟାନ୍ କାର୍ଡ ଇତ୍ୟାଦି ସମେତ ବିଭିନ୍ନ ଅପରାଧମୂଳକ ସାମଗ୍ରୀ ଜବତ କରିଛି। ଏହି ମାମଲାରେ ପୂର୍ବରୁ ଠକମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି।

## ୪୦ ବର୍ଷ ପରେ ମହାପ୍ରଭୁଙ୍କ ଦର୍ଶନ କଲେ ଏଏସଆଇ ଡିଜି

ପୁରୀ (ଭାସ୍କର ନ୍ୟୁଜ) : ପୁରୀରେ ଏଏସଆଇ ଡିଜି ଯଦ୍ବୀର ସିଂହ ରାୱତ୍। ଦୀର୍ଘ ୪୦ ବର୍ଷ ପରେ ପୁରୀ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ କଲେ ଦର୍ଶନ ।ଉଭୟ ଭିତର ଓ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।ବଳକା କାର୍ଯ୍ୟ ରଥଯାତ୍ରା ସମୟରେ କରାଯିବ। ଏଏସଆଇର ଅଭିଜ୍ଞ ଓ କୁଶଳୀ ଶ୍ରମିକଙ୍କ ଦ୍ୱାରା ମରାମତି କରାଯାଉଛି । ଶ୍ରୀମନ୍ଦିର ସଂରକ୍ଷଣ ଓ ମରାମତି ଦାୟିତ୍ୱ ଆମ ଲାଇ ଗୁରୁ ଦାୟିତ୍ୱ। ଆଜି କୋଣାର୍କ ପରିଦର୍ଶନ କରିବେ ଏଏସଆଇ ଡିଜି ।କୋଣାର୍କରୁ ବାଲି କଢ଼ା ସ୍ଥିତିର ସମୀକ୍ଷା କରିବେ ।ମହାପ୍ରଭୁଙ୍କ ଦର୍ଶନ ସହିତ ମା ବିମଳା, ଲକ୍ଷ୍ମୀଙ୍କ ସହିତ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ମଧ୍ୟ କରିଛନ୍ତି। ଦୀର୍ଘ ୪୦ ବର୍ଷ ପରେ ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ମିଳିଲା। ମହାପ୍ରଭୁଙ୍କ ଦର୍ଶନ ପାଇ ନିଜକୁ ଭାଗ୍ୟବାନ ମନେ କରୁଛି। ଠାକୁରଙ୍କ ଆଶୀର୍ବାଦରୁ ଶ୍ରୀମନ୍ଦିରର ବିଭିନ୍ନ ମରାମତି କାର୍ଯ୍ୟ ଏଏସଆଇ ପକ୍ଷରୁ କରାଯାଉଛି। ଖୁବଶୀଘ୍ର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହେବ। ଆଗକୁ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଥିବାରୁ ଠାକୁରମାନେ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ଯିବା ସମୟରେ ଯେଉଁ ସମୟ ମିଳିବ ସେହି ସମୟ ମଧ୍ୟରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ କରାଯିବ। ସେହିପରି ଅନ୍ୟାନ୍ୟ ଯାହାକିଛି କାର୍ଯ୍ୟ ବାକି ରହିଛି ତା'କୁ ମଧ୍ୟ ଶିଘ୍ର ଶେଷ କରାଯିବ। ମହାପ୍ରଭୁଙ୍କ କାର୍ଯ୍ୟ କରିବା ପାଇଁ ଏଏସଆଇ ସବୁବେଳେ ପ୍ରତିଶ୍ରୁତି ବଦ୍ଧ। ସେହିପରି କୋଣାର୍କ ମନ୍ଦିରର କାର୍ଯ୍ୟ ଏଏସଆଇ ପକ୍ଷରୁ ଜାରି ରହିଥିବା ବେଳେ ସମସ୍ତ କାର୍ଯ୍ୟକୁ ଏଏସଆଇ ଗୁରୁତ୍ୱର ସହ ନେଇଛି। ଦର୍ଶନ ସାରି ଫେରିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସଆଇ ଡିଜିଙ୍କୁ ଠାକୁରଙ୍କ ପତିତପାବନ ପତାକା ପ୍ରଦାନ କରାଯାଇଥିଲା।

### କୋଟିଆ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଆବଶ୍ୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗୀ ବ୍ଲକରେ ଥିବା କୋଟିଆ ଗ୍ରାମ ସମୂହର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ କରିବା, ସରକାରଙ୍କ ସମସ୍ତ ଯୋଜନା ପ୍ରଣୟନ କରିବା ଓ ଓଡିଆ ଅସ୍ମିତାରେ ବାନ୍ଧି ରଖିବା ପାଇଁ ରାଜ୍ୟ ସରକାର ରାଜସ୍ୱ ମନ୍ତ୍ରୀଙ୍କ ଅଧକ୍ଷତାରେ ଗଠନ କରିଥିବା କମିଟିକୁ ଉତ୍କଳ ସମ୍ମିଳନୀ ସ୍ୱାଗତ କରୁଛି । ଏହି କମିଟିରେ କୋରାପୁଟ ଜିଲ୍ଲା ଜଙ୍ଗଲ ଅଧିକାରୀ (ଡିଏଫଓ) ରହିବା ଆବଶ୍ୟକତା ରହିଛି । ଏହି କମିଟି ଦ୍ୱାରା ଯୋଜନା ପ୍ରଣୟନ ହେବା ସହିତ ଓଡିଆ ଅସ୍ମିତା କାର୍ଯ୍ୟ ହୋଇ ପାରିବ, ମାତ୍ର କୋଟିଆ ସମସ୍ୟାର ସ୍ଥାୟୀ ସମାଧାନ ହୋଇ ପାରିବ ନାହିଁ, ଏଥି ପାଇଁ କେନ୍ଦ୍ର ସରକାରଙ୍କର ସହଯୋଗର ଆବଶ୍ୟକତା ଅଛି ବୋଲି ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି ।

### ଏସସି/ଏସଟି ପ୍ରାର୍ଥୀଙ୍କ ପାଇଁ ଷ୍ଟାଇପେଣ୍ଡ ସହ ନିଯୁକ୍ତି ଭିତ୍ତିକ ତାଲିମର ସୁଯୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଚାକିରି ଆଶାୟୀଙ୍କ ପାଇଁ ଭୁବନେଶ୍ୱରସ୍ଥିତ ଭାରତ ସରକାରଙ୍କ ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ଅଧୀନ ଏସସି/ଏସଟି ଜାତୀୟ କ୍ୟାରିଅର ସେବା କେନ୍ଦ୍ର ଏକ ଅଭିନବ ସୁଯୋଗ ଆଣିଛି । ଏସସି/ଏସଟି ବର୍ଗର ଚାକିରି ଆଶାୟୀ ପ୍ରାର୍ଥୀମାନେ ଏଠାରେ ସ୍ୱତନ୍ତ୍ର ତାଲିମ, ଓ'ଲେଭଲ୍ ସଫ୍ଟୱେର ତାଲିମ, ଓ' ଲେଭଲ ବର୍ଷକିଆ କମ୍ପ୍ୟୁଟର ହାର୍ଡୱେର ତାଲିମ (ସିଏଚଏମ), ଅଫିସ ଅଟୋମେସନ, ଆକାଉଣ୍ଟିଂ ଓ ପବ୍ଲିଂ ଆସିଷ୍ଟାଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ ଓ ବିଜନେସ ଆକାଉଣ୍ଟିଂ ଆସୋସିଏଟ୍, ସାଇବର ସିକ୍ୟୁର୍ଡ଼ ୱେବ୍ ଡେଭଲପେମେଣ୍ଟ ଆସୋସିଏଟ୍ ପ୍ରୋଗ୍ରାମରେ ପ୍ରଶିକ୍ଷଣ ହାସଲ କରିପାରିବେ। ସେମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ତାଲିମ ଦିଆଯିବା ସହିତ ମାସିକ ୧୦୦୦ ଟଙ୍କାର ଷ୍ଟାଇପେଣ୍ଡ ମିଳିବ। ୧୮ରୁ ୩୦ ବର୍ଷ ବୟସର ପ୍ରାର୍ଥୀ ଯେଉଁମାନଙ୍କର ପରିବାରର ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ ସେମାନେ ଏହାର ଲାଭ ପାଇପାରିବେ।

### ୩୧ରୁ ବେଆଇନ ମାଦକଦ୍ରବ୍ୟ ବିରୋଧୀ ସଚେତନତା କାର୍ଯ୍ୟକ୍ରମ

## ବେଆଇନ ମାଦକ ଦ୍ରବ୍ୟ କାରବାର ରୋକିବାକୁ ସରକାର ସଂକଳ୍ପବଦ୍ଧ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରୁ ବେଆଇନ ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆମ ସମସ୍ତଙ୍କୁ ଉଦ୍ୟମ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଚଳିତ ୨୦୨୫ ମଇ ୩୧ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ରୋକିବା ଦିଗରେ ସଚେତନତା କାର୍ଯକ୍ରମ ନେଇ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ବିରୋଧରେ ସାରା ରାଜ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର କୋଣ ଅନୁକୋଣରେ ସଚେତନତାର ବାର୍ତ୍ତାକୁ ପହଞ୍ଚାଇବାକୁ ପଡ଼ିବ । ପାଲା, ଦାସକାଠିଆ, ଘୋଡ଼ାନାଚ ଆଦି ସହ ବିଭିନ୍ନ ହାଟବଜାର ଅଞ୍ଚଳରେ ପଥପ୍ରାନ୍ତ ନାଟକ ଜରିଆରେ ବେଆଇନ ନିଶା ସେବନ କାରବାରର କୁପରିଣତି ନେଇ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେବ । ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ବିଦ୍ୟାଳୟ ସ୍ତରରେ ବେଆଇନ ନିଶା ସେବନ ସମ୍ବନ୍ଧରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରିବା ସହ ବେଆଇନ ମାଦକ ଦ୍ରବ୍ୟ କାରବାର ଓ ସେବନ ବିରୁଦ୍ଧରେ ନିୟମିତ ସଚେତନତା କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଆୟୋଜିତ ହେବାକୁ ଥିବା ଏହି ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ବିଭାଗର ସମ୍ପୃକ୍ତି ବିଷୟରେ ବୈଠକରେ ମାନ୍ୟବର ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର.କେ. ଶର୍ମା, ପୋଲିସ ଡିଆଇଜି(ଏସ୍‌ଟିଏଫ୍) ପିନାକ ମିଶ୍ରଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ବାଣିଜ୍ୟ ଓ ପରିବହନ, କ୍ରୀଡ଼ା ଓ ଯୁବସେବା, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ପଞ୍ଚାୟତିରାଜ ଓ ପାନୀୟ ଜଳ, ମିଶନ ଶକ୍ତି, ଓରସାକ୍, ଏନ୍‌ସିବି, ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିଃର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦେଶରେ ଚାକିରୀ ଦେବା ନାଁରେ ଠକେଇ

## ଅଭିଯୁକ୍ତଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଦେଶରେ ଉଚ୍ଚ ଦରମାରେ ଚାକିରୀ କରାଇ ଦେବାର ପ୍ରତିଶ୍ରୁତି ଦେଇ ଲୋକଙ୍କ ନିକଟରୁ କୋଟି କୋଟି ଟଙ୍କା ଠକି ନେଇଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ୨୦୧୮ ମସିହାରୁ ଲୋକଙ୍କ ନିକଟରୁ ଟଙ୍କା ଠକିନେଇ ଫେରାର ଥିବା ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଞ୍ଚଳର ଅଭିଯୁକ୍ତ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି ବୋଲି କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି। ଡିଜିପିଙ୍କ ସୂଚନା ମୁତାବକ, ଅଭିଯୁକ୍ତ ବିଷ୍ଣୁ ଗୁଣୁପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ବିଦେଶରେ ଉଚ୍ଚ ଦରମାରେ ଚାକିରି ଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ଠକି ନେଇଥିଲେ। ବ୍ରିଟିଶ ଏୟାରୱେଜ୍ ଏବଂ ଲୁଫଥାନ୍ସା ଏୟାରୱେଜ୍ ଭଳି କମ୍ପାନୀରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୯୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଏହା ସହ ସେ ତାଙ୍କୁ ନିଯୁକ୍ତି ପତ୍ର ମଧ୍ୟ ଦେଇଥିଲେ । ତେବେ ପରବର୍ତୀ ସମୟରେ ନିଯୁକ୍ତି ପତ୍ରଟି ସମ୍ପୂର୍ଣ୍ଣ ଜାଲ ବୋଲି ବ୍ୟକ୍ତି ଜଣକ ଜାଣିବା ପରେ ଗୁଣୁପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ଅନ୍ୟ ଏକ ମାମଲାରେ ଅଭିଯୁକ୍ତ ବିଷ୍ଣୁ ଅନ୍ୟଜଣେ ବ୍ୟକ୍ତିଙ୍କ ପୁଅକୁ ବିଦେଶରେ ଏକ ଲାଭଜନକ ଚାକିରି ଯୋଗାଇ ଦେବା ବାହାନାରେ ୧୫ ଲକ୍ଷ ଟଙ୍କା ଠକି ନେଇଥିଲେ। ଉଭୟ ମାମଲା ଗୁଣୁପୁର ଥାନାରେ ପଞ୍ଜୀକୃତ ହୋଇଥିଲା। ପରବର୍ତୀ ସମୟରେ ଏହି ଦୁଇ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ଅଭିଯୁକ୍ତ ବିଷ୍ଣୁ ବିଭିନ୍ନ ସମୟରେ ନିଜକୁ ଡାକ୍ତର, ପ୍ରଫେସର, ଇଞ୍ଜିନିୟର ପରିଚୟ ଦେବାସହ ନିଜର ଠିକଣା ପ୍ରମାଣ, ଡ୍ରାଇଭିଂ ଲାଇସେନ୍ସର ଜାଲ କାଗଜ ପତ୍ର ପ୍ରସ୍ତୁତ କରିଥିଲେ। ବିଷ୍ଣୁଙ୍କ ବିରୁଦ୍ଧରେ ୨୦୧୯ରେ ପୋଲିସ ପକ୍ଷରୁ ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ଜାରି କରାଯାଇଥିଲା । ଅଭିଯୁକ୍ତ ବିଷ୍ଣୁ ବିଶାଖାପାଟଣା, ବ୍ରହ୍ମପୁର, ଭୁବନେଶ୍ୱର ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ ଚାକିରି ଯୋଗାଇବା ବାହାନାରେ ଲୋକଙ୍କୁ ଟଙ୍କା ଠକେଇ କରିଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି । ତାଙ୍କୁ ରାୟଗଡ଼ା ଜିଲ୍ଲା ଗୁଣୁପୁରର ଏସଡିଜେଏମଙ୍କ ସମ୍ମୁଖରେ ହାଜର କରାଯାଇଥିବା ବେଳେ ଅଧିକ ତଦନ୍ତ ନିମନ୍ତେ ରିମାଣ୍ଡରେ ଅଣାଯିବ ବୋଲି ଡିଜିପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଡିଆଇଜି କ୍ରାଇମବ୍ରାଞ୍ଚ ବି. ଗଙ୍ଗାଧର ମଧ୍ୟ ଉପସ୍ଥିତ ଥିଲେ।

## ପୁରୁଣା ସରକାରୀ ବସ୍ ହେବ ଇଭି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରଦୂଷଣ ରୋକିବାକୁ ନୂଆ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର। ଏଣିକି ପୁରୁଣା ସରକାରୀ ବସ୍ କୁ ଇଭିରେ ପରିବର୍ତନ କରାଯିବ। ବସ୍ ସହ ବିଭିନ୍ନ ବିଭାଗର ସରକାରୀ ଗାଡ଼ି ପର୍ଯ୍ୟାୟ କ୍ରମେ ଇଭି ହେବ। ଏଥିପାଇଁ ଜର୍ମାନ କମ୍ପାନି ସହ ଆଲୋଚନା ଚାଲିଛି । ପେଟ୍ରୋଲ, ଡିଜେଲ ଚଳିତ ଗାଡି କୁ ଇଭିରେ ପରିବର୍ତନ କରୁଥିବା ଏହି କମ୍ପାନୀ ଖୁବଶୀଘ୍ର ନିଜ ପ୍ଲାଣ୍ଟ ଓଡିଶାରେ ସ୍ଥାପନ କରିବବୋଲି କହିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା।

## ଆସିକା ବ୍ଲକ୍ ପଞ୍ଚାୟତ ସମିତି ବୈଠକ ଦେଲା ଭିନ୍ନ ରାଜନୈତିକ ବାର୍ତ୍ତା

ଆସିକା:୨୩/୦୫/ଆସିକା ବ୍ଲକ ଅଫିସରେ ଦିର୍ଘ ଦିନ ପରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ପଦାରେ ପଡିଲା ଆସିକା ବିଜେପିର ଗୋଷ୍ଠୀ କନ୍ଦଳ, ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ସମିତି ବୈଠକରେ ଏକାଠି ବସିଲେନି ସାଂସଦ ଓ ବିଧାୟକ। ଦାଣ୍ଡରେ ପଡି ହାଟ ରେ ଗଡ଼ିଲାଣି ଗଞ୍ଜାମ ଜିଲ୍ଲା ଆସିକା ବିଜେପିରେ ଚାଲିଥିବା ଗୋଷ୍ଠୀ କନ୍ଦଳ । ରାଜ୍ୟରେ ବିଜେପି ସରକାର ଗଢିବାର ଏକ ବର୍ଷ ନ ପୂରୁଣୁ ଦଳରେ ଭିତରେ ତୀବ୍ର ହେଲାଣି ଗୋଷ୍ଠୀ କନ୍ଦଳ କ୍ଷ ବିଶେଷ କରୀ ଆସିକା ନିର୍ବାଚନ ମଣ୍ଡଳୀରେ ସିଧାସଳଖ ବିଧାୟକ ଓ ସାଂସଦଙ୍କ ମଧ୍ୟରେ ଚାଲିଛି କଡା ଟକ୍କର । ଏଠି ଗୋଷ୍ଠୀ କନ୍ଦଳ ଏତେ ତୀବ୍ର ହୋଇଛି ଯେ ନିର୍ବାଚନ ପରଠାରୁ ଉଭୟ କୌଣସି କାର୍ଯ୍ୟକ୍ରମ ରେ ଏକାଠି ହୋଇ ବସିଥିବା ଦେଖିବାକୁ ମିଳିନାହିଁ, ଯାହାର ଉଦାହରଣ ଆଜି ଦେଖିବାକୁ ମିଳିଛି ଆଜି ଆସିକା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ପଞ୍ଚାୟତ ସମିତି ଅଧିବେଶନରେ ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକଙ୍କ ସଭାପତିତ୍ୱରେ ଆଜି ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଯୋଗଦାନ ଲାଗି ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଏବଂ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଙ୍କୁ ନିମନ୍ତ୍ରଣ କରାଯାଇଥିଲା । ନିମନ୍ତ୍ରଣ ରକ୍ଷାକରି ପ୍ରଥମେ ବିଧାୟକ କାର୍ଯ୍ୟକ୍ରମରେ ଯୋଗଦାନ ନିମନ୍ତେ ଆସିଥିଲେ ସତ କିନ୍ତୁ ସମିତି ବୈଠକ ଆରମ୍ଭ ବିଳମ୍ବ କାରଣରୁ ବିରକ୍ତ ପ୍ରକାଶ କରି ବିଧାୟକ ସେଠାରୁ



ଅନ୍ୟତ୍ର କାର୍ଯ୍ୟକ୍ରମ ଅଛି କହି ଚାଲିଯାଇଥିଲେ। କିଛି ସମୟ ରହିବା ପରେ ସାଂସଦ ଅନିତା ଶୁଭଦର୍ଶିନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଧାୟକଙ୍କୁ ପକ୍ଷରେ ଥିବା ଆସିକା ବ୍ଲକ ଉପାଧକ୍ଷା ରେଶମା ଦୋରା କିଛି ସରପଞ୍ଚ ଓ ସମିତି ସଭ୍ୟ ମଧ୍ୟ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଚାଲି ଯାଇଥିଲେ । ଆସିକା ସାଂସଦ ଆସିକା ବ୍ଲକରେ ପହଞ୍ଚିବା ପରେ ଆସିକା ବ୍ଲକ ଅଧକ୍ଷା ତ୍ରିବେଣୀ ନାହକ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ /ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟ/ ସଭ୍ୟା ସାଂସଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଆସିକା ବିଡ଼ିଓ ସ୍ୱାସ୍ଥ୍ୟ ଖରାପ କାରଣରୁ ସମିତି ବୈଠକରେ ଯୋଗଦେବେ ନାହିଁ ବୋଲି କହିବାରୁ ତାଙ୍କୁ ସମିତି ସଭ୍ୟ /ସଭ୍ୟା, ସରପଞ୍ଚ ଓ ଜିଲ୍ଲା ପରିଷଦ ସଭ୍ୟ ମାନେ ଯାଇ ଡାକିଥିଲେ । ଉକ୍ତ କାର୍ଯ୍ୟକ୍ରମ ବହୁ ବାଦ ବିବାଦ ପରେ ଶେଷ ହେଲା ।ନିର୍ଦ୍ଧାରିତ ସମୟରେ କାହିଁକି ସମିତି ବୈଠକ କରାଗଲା ନାହିଁ ବୋଲି ସାଂସଦ ବି ପ୍ରଶ୍ନ ରଖିବା ସହିତ ଏଭଳି ଘଟଣାକୁ ନିନ୍ଦା କରିଥିଲେ। ଏହି ବୈଠକରେ ବିଧାୟକ ଓ ସାଂସଦ ନିମନ୍ତ୍ରିତ ଅତିଥି ଥିବାରୁ ସେମାନଙ୍କୁ ଅପେକ୍ଷା କରିବା ଆଳରେ ବୈଠକ ଡେରି ହେବା ପ୍ରସଙ୍ଗ ଏବେ ଆସିକା ସାଧାରଣ ଜନତା ମହଲରେ ଚିନ୍ତାର ବିଷୟ ପାଲଟିଛି। ପରିଚାଳନାଗତ ତ୍ରୁଟି କାରଣରୁ ଆସିକା ବ୍ଲକ ନିନ୍ଦିତ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ପାଲଟିଛି। ଏଠି ଭୁଲ ଠିକ ବିଚାର ବିମର୍ଶ ଚାଲୁ ଚାଲୁ ସାଧାରଣ ଜନତାଙ୍କ ସ୍ୱାର୍ଥ ବଳୀ ପଡୁଥିବା ଦେଖିବାକୁ ମିଳୁଛି। ଉନ୍ନୟନ ମୂଳକ କାମ ଗୁଡିକ ପ୍ରାୟତଃ ଗୋଷ୍ଠୀ କନ୍ଦଳ ଓ ରାଜନୈତିକ ବ୍ୟକ୍ତିବିଶେଷ ମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥ କାରଣରୁ ଠପ ହୋଇଥିବା ଅଭିଯୋଗ ହେଉଛି ।ବିଧାୟକ ସମୟାନୁବର୍ତ୍ତିତାକୁ ନେଇ କ୍ଷୋଭ ପ୍ରକାଶ କରିଥିବା ବେଳେ ସାଂସଦ ବି ଏହାକୁ ନିନ୍ଦା କରିଥିଲେ। ବାସ୍ତବରେ ବାର୍ତ୍ତା ଏହା ଯାଉଥିଲା କି ସାଂସଦ କାଳେ ଆସିବେ ବୋଲି ବୈଠକକୁ ଡେରି କରାଯାଇଥିଲା ।ଦଳୀୟ କନ୍ଦଳ ପଦାରେ ପଡିବା ଭୟରେ ସାଂସଦ ବୈଠକରେ ବିଧାୟକଙ୍କୁ ସୁହାଇଲା ଭଳି ମନ୍ତବ୍ୟ ରଖିଥିଲେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ସେପଟେ ବିଡ଼ିଓ କାହା ସପକ୍ଷରେ ଯିବେ କାହା କଥା ଶୁଣିବେ ସେ ନେଇ ହରଡ଼ା ଘଣାରେ ପଡି ଦେହ ଖରାପର ବାହାନା କରିଥିବା ସ୍ପଷ୍ଟ ଜଣାପଡୁଥିଲା। ରାଜନୈତିକ ଚାପ କାରଣରୁ ଆସିକାର ଉନ୍ନତି ବାଧକ ସାଜିଥିବା ନେଇ ଏକ ପ୍ରକାର ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ବିଧାୟକଙ୍କ ରୋକଠୋକ କଥା କିଛି ଅଫିସର ହଜମ କରୁଥିବା ବେଳେ ଆଉ କିଛି ଅଫିସର ଭୟ ପ୍ରକାଶ କରୁଛନ୍ତି। ବ୍ଲକ ଅଧକ୍ଷାଙ୍କ ସପକ୍ଷରେ ଥିବା ସରପଞ୍ଚ ଓ ସମିତି ମେମ୍ବର ମାନେ ଆଜି ବିଭିନ୍ନ ପ୍ରସଙ୍ଗରେ ଲାଇନ ଅଫିସର ମାନଙ୍କୁ ପ୍ରଶ୍ନ କରିଥିଲେ କିନ୍ତୁ ସନ୍ତୋଷ ଜନକ ଉତ୍ତର ମିଳିନଥିଲା। ସାଂସଦଙ୍କ ଆଜିର ବୈଠକରେ ଉପସ୍ଥିତି ଭିନ୍ନ ଏକ ରାଜନୈତିକ ବାର୍ତ୍ତା ରଖୁଥିବା ବେଳେ ଏବେ ଦେଖିବାକୁ ବାକି ରହିଲା କିଭଳି ମୋଡ଼ ନେଉଛି ଏ ବିବାଦ।

## ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ତାଲିମ ବାବଦ ଅର୍ଥ ହଡପ ଘଟଣାର ତଦନ୍ତ ନିର୍ଦ୍ଦେଶ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିମ ବାବଦ ଅର୍ଥ ହଡପ ଘଟଣାର ତଦନ୍ତ ନିମନ୍ତେ କଟକ ଜିଲ୍ଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଗତ ୨୦୧୭ରୁ ଗତ ୨୦୨୪ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ଅଧିନରେ ଅନୁଷ୍ଠିତ ବିଭିନ୍ନ ତାଲିମ କାର୍ଯ୍ୟକ୍ରମରେ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ମାତ୍ର ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ତରଫରୁ ଚଂଚକତା କରାଯାଇ ଏପର୍ଯ୍ୟନ୍ତ ଲକ୍ଷାଧିକ ଟଙ୍କା ତାଲିମ ବାବଦ ଅର୍ଥ ପ୍ରଦାନ ପରିବର୍ତ୍ତେ ହଡପ କରାଯାଇଥିବାର ଅଭିଯୋଗ ହୋଇଥିଲା। ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରାପ୍ୟ ପ୍ରଦାନ ରହସ୍ୟ ଜନକ ଭାବେ କରାଯାଇ ନଥିବା ଅଭିଯୋଗ ହୋଇଛି। ଏ ସମ୍ବନ୍ଧରେ ଶିକ୍ଷକ ସଙ୍ଘ ତରଫରୁ ଶିକ୍ଷକ ଶିକ୍ଷୟିତ୍ରୀ ଜିଲ୍ଲା ଓ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ଯାହାର ଫଳସ୍ୱରୂପ ଦୀର୍ଘ ୧ ବର୍ଷ ପରେ ଗତ ୨୦୨୪ ମସିହା ଅଗଷ୍ଟ ୧୨ ତାରିଖରେ ସରକାରଙ୍କ ତରଫରୁ ଏକ କମିଟି ଦ୍ୱାରା ଏହାର ତଦନ୍ତ କରାଯାଇଥିଲା। ତଦନ୍ତ ଅଧିକାରୀଙ୍କ ପତ୍ର ସଂଖ୍ୟା ୭୫ ତା୨୧/୯/୨୦୨୪ରିଖ ଅନୁଯାଇ ଆବଶ୍ୟକୀୟ ନଥିପତ୍ର ତା ୨୫/୯/୨୦୨୪ରିଖ ସୁଧା ପୈଠ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲା। ମାତ୍ର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପାର୍ବତୀ ନନ୍ଦ ଏ ସମ୍ପର୍କରେ ସଙ୍ଘର ସଭାପତି ସାରଦା ଆଚାର୍ଯ୍ୟଙ୍କୁ ତାଙ୍କର ପତ୍ର ମାଧ୍ୟମରେ ଗତ ୨୦୨୪ ମସିହା ସେପ୍ଟମ୍ବର ୨୩ରେ ପଠାଇଥିଲେ। ୧ ଦିନ ମଧ୍ୟରେ ବାବଦରେ ଶିକ୍ଷକଶିକ୍ଷିକାଙ୍କ ବ୍ୟକ୍ତିଗତ ଆପତି ଫର୍ଦ୍ଦ ପୈଠ କରିବା ସମ୍ଭବ ହୋଇନପାରିବା ଆଶଙ୍କାରେ ସଭାପତି ଶ୍ରୀ ଆଚାର୍ଯ୍ୟ ଗତ ୨୦୨୪ ମସିହା ଅକ୍ଟୋବର ୩୧ ତାରିଖରେ ସମୟ ଅବଧି ବଢାଇବା ନିମନ୍ତେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ତଦନ୍ତ ଅଧିକାରୀଙ୍କୁ ଜଣାଇଥିଲେ। ଗତ ତା ୩୧/୧୦/୨୦୨୪ରିଖରେ ଶିକ୍ଷକଶିକ୍ଷିକାଙ୍କ ଆପତି ଫର୍ଦ୍ଦ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଦାଖଲ କରାଯାଇଥିଲା। ମାତ୍ର ଅଦ୍ୟାବଧି ସେମାନଙ୍କର ତାଲିମ ବାବଦ ଲକ୍ଷାଧିକ ଟଙ୍କା ଏପର୍ଯ୍ୟନ୍ତ ପାଇପାରିନାହାନ୍ତି। ଫଳରେ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଏଥିନେଇ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ତାଲିମ ବାବଦ ଅର୍ଥ ତୁରନ୍ତ ପ୍ରଦାନ ନିମନ୍ତେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ହରିପୁର ରୋଡ କଟକ-ଏ ନିଶ୍ଚିନ୍ତକୋଇଲି ବ୍ଲକ ଶାଖାର ସଭାପତି ସାରଦା ପ୍ରସନ୍ନ ଆଚାର୍ଯ୍ୟ, ସାନ୍ତନୁ କୁମାର କର, ଅମିତା ସେଠୀ, ଗୁଲାମ ମେହେନ୍ଦି ହସନ, ଦିଲିପ କୁମାର ସାମଲ, ଦେବବ୍ରତ ସାମନ୍ତରାୟ, ପବିତ୍ର କୁମାର ଲେଙ୍କା, କିଶୋରଚନ୍ଦ୍ର ନାଥ, ଗଗନ ବିହାରୀ ଚାନ୍ଦ, ଗତିକୃଷ୍ଣ ରାଉତ ପ୍ରମୁଖ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଗଣ ଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଗଣ ଶିକ୍ଷା ସଚିବ, ବିଦ୍ୟାଳୟ ଓ ଗଣ ଶିକ୍ଷା ନିର୍ଦ୍ଦେଶକ, ଓଡିଶା ମାଧ୍ୟମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ନିର୍ଦ୍ଦେଶକ, କଟକ ଜିଲ୍ଲାପାଳ, ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଭାବେ କରିଥିଲେ। ତେବେ ଏହି ଦାବି ଉପରେ ତଦନ୍ତ କରିବା ନିମନ୍ତେ କଟକ ଜିଲ୍ଲା ଶିକ୍ଷାଧିକାରୀ ବ୍ଲକ ଶିକ୍ଷାଧିକାରିଣୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ତେବେ ନବ ନିଯୁକ୍ତ ଶିକ୍ଷାଧିକାରିଣୀ ସଞ୍ଜୁକ୍ତା ମହାପାତ୍ର ଜଣେ ଦକ୍ଷ ଅଧିକାରୀ ହୋଇଥିବାରୁ ଖୁବ ଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଶିକ୍ଷକମାନେ ଆଶା ପୋଷଣ କରିଛନ୍ତି। ଏହି ଘଟଣାକୁ ନେଇ କାର୍ଯ୍ୟାଳୟର ୨ଜଣ ବହୁ ଚର୍ଚ୍ଚିତ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଯାଇଛି।

## ମରଣଯନ୍ତା ପାଲଟିଛି ସିଙ୍ଗାରୀଘାଟି

# ଦୁଇ ବିଭାଗର ଛକାପଞ୍ଝା, ପଥଚାରୀ ହନ୍ତସନ୍ତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକକୁ ସଂଯୋଗ କରୁଥିବା କଳମପୁର-ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା ସିଙ୍ଗାରୀ ଘାଟି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଥୁଆମୂଳ ରାମପୁର ଓ କଳମପୁର ବ୍ଲକର ଜନସାଧାରଣଙ୍କ ପାଇଁ ଜୀବନରେଖା ପାଲଟିଥିବା ଏହି ରାସ୍ତା ବର୍ତ୍ତମାନ ମରଣଯନ୍ତାରେ ପରିଣତ ହୋଇଛି। ଏମିତି କି ତିନି ବର୍ଷ ମଧ୍ୟରେ ଏହି ରାସ୍ତାରେ ଦୁର୍ଘଟଣା ଘଟି ୫୦ ଜଣରୁ ଅଧିକ ମୃତ୍ୟୁ ଘଟିଲାଣି। ରାସ୍ତାର ଉନ୍ନତିକରଣ ତଥା ମରାମତି ପାଇଁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ବିଭିନ୍ନ ସମୟରେ ଏହି ରାସ୍ତାର ବାସ୍ତବ ସ୍ଥିତିକୁ ନେଇ ବିଭିନ୍ନ ଗଣମାଧ୍ୟମରେ ସମ୍ବାଦ ପ୍ରକାଶିତ ହେଉଥିଲେ ମଧ ଏହାକୁ ଅଣଦେଖା କରାଯାଉଛି। ଏଇ ରାସ୍ତା ଦେଇ ନେତା ମନ୍ତ୍ରୀଙ୍କ ଆରମ୍ଭ କରି ବଡ଼ବଡ଼ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ସମୟରେ ବ୍ଲକ ପରିଦର୍ଶନରେ ଆସିଥାନ୍ତି। ସେହି ରାସ୍ତା ଉପରେ ଦେଇ ଯାନବାହନରେ ଯାତାୟତ କରୁଥିବା ବେଳେ ପ୍ରତ୍ୟକ୍ଷ ଭାବେ ରାସ୍ତାର ଅବସ୍ଥା ଦେଖି ଏଭଳି ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱ ନଦେବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳକୁ ଗମନାଗମନର ଉନ୍ନତିକରଣ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଅଛି। ଏହି ରାସ୍ତାରେ ବ୍ୟବହାର ପାଇଁ ବାଲି, ସିମେଣ୍ଟ, ମେଟାଲ ଓ ଚିପ୍ସ ବୋଝେଇ ଟ୍ରକ୍ ଓ ହାଇୱା ଭଳି ଭାରିଯାନ ଚଳାଚଳ ଯୋଗୁଁ ସିଙ୍ଗାରୀଘାଟି ରାସ୍ତାର ଅବସ୍ଥା ଏଭଳି ବିପର୍ଯ୍ୟସ୍ତ ହୋଇଯାଇଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ରାସ୍ତାର ସ୍ଥାନେ ସ୍ଥାନେ ଛୋଟବଡ ଖାଲ ଖମା ସୃଷ୍ଟି ହେଲେହେଁ ପିଚୁ ବିହୀନ ମିଳୁନି। ଗତ କିଛି ମାସ ତଳେ ଏହି ରାସ୍ତାର ମାତ୍ର ଦୁଇ କିଲୋମିଟର ସ୍ଥାନରେ ପିଚୁ ପକାଇ ମରାମତି ହୋଇଥିବା ବେଳେ ବାକି ରାସ୍ତା ଉପରେ କେବେ ମରାମତି କାମ ହେବ ସେନେଇ ପ୍ରଶ୍ନ ଉଠୁଛି। ପୂର୍ତ୍ତ ବିଭାଗ ପ୍ରତିବର୍ଷ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ରାସ୍ତାର ଅବସ୍ଥା ଯଥା ପୂର୍ବଂ ତଥା ପରଂ ସ୍ଥିତିରେ। ରାସ୍ତାର ସୁରକ୍ଷା ଦୃଷ୍ଟିରୁ ଉଭୟ ପାର୍ଶ୍ୱରେ ସୁରକ୍ଷା ପାଚେରି ଏବଂ ଡ୍ରେନେଜ ବ୍ୟବସ୍ଥା ନ ଥିବା ଯୋଗୁଁ ବର୍ଷାରେ ପାହାଡିଆ ପାଣି ରାସ୍ତାକୁ ଧୋଇ ନେଉଛି। ଏନେଇ ପ୍ରଶାସନ ତଥା ଅଧିକାରୀ ଗୁରୁତ୍ୱ ଦେଉ ନ ଥିବାରୁ ବର୍ଷା ଦିନ ଥୁଆମୂଳ ରାମପୁର ଏବଂ କଳମପୁର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ଦେଖାଦେଇଛି। ଏନେଇ ଥୁଆମୂଳ ରାମପୁର ବାସିନ୍ଦାଙ୍କ ମତ ହେଲା 'ସିଙ୍ଗାରୀ ଘାଟି ରାସ୍ତାକୁ ନେଇ ଆମେ ଦୀର୍ଘ ୬ ମାସ ହେଲା ଅଭିଯୋଗ କରି ଆସୁଛୁ। କିନ୍ତୁ ଯେତେ କହିଲେ ମଧ କେହି ଶୁଣୁ ନାହାନ୍ତି ଫଳରେ ସିଙ୍ଗାରୀଘାଟି ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ସିଙ୍ଗାରୀ ଘାଟି ରାସ୍ତା ହେଉଛି ଆମର ଜୀବନ ରେଖା ଯେହେତୁ କର୍ଲାପାଟ ରାସ୍ତାରେ ବନ୍ୟଜନ୍ତୁଙ୍କ ଭୟ ରହୁଛି ତେଣୁ ସନ୍ଧ୍ୟା ହେଲେ ସେହି ରାସ୍ତାରେ ଯିବା ସମ୍ଭବ ନୁହେଁ ତେଣୁ ଏହି ରାସ୍ତା ଉପରେ ଆମେ ନିର୍ଭରଶୀଳ। ଭାରି ଯାନ ଯିବା ଆସିବା କରିବା ଯୋଗୁଁ ଏହି ସିଙ୍ଗାରୀ ଘାଟି ରାସ୍ତା ଦୁର୍ବିଶହ ହୋଇ ପଡ଼ିଛି। ବାରମ୍ବାର ପ୍ରଶାସନିକ ଅଧିକାରୀ ମାନଙ୍କୁ ଜଣାଇଲେ ମଧ କେଜାଣି କାହିଁକି ସେମାନେ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି ଆମେ ବୁଝି ପାରୁନାହୁଁ। ଫଳରେ ଘାଟିରେ ଅନେକ ଦୁର୍ଘଟଣା ଘଟି ବହୁ ମୂଲ୍ୟବାନ ଜୀବନ ଯାଉଛି। ୨୦୨୨ ମେ ମାସରେ ଥୁଆମୂଳ ରାମପୁର ବ୍ଲକ୍ ସିଚିପଦର ପଞ୍ଚାୟତ ବାର୍ଷିକେନା ଗାଁର ପ୍ରାୟ ୧୬ ଜଣ ହିତାଧିକାରୀ ପିଡ଼ିଏସ ଚାଉଳ ନେଇ ଗାଁକୁ ସିଙ୍ଗାରୀ ଘାଟି ରାସ୍ତାରେ ପିକଅପ୍ ଗାଡ଼ି ଯୋଗେ ଯାଉଥିବା ବେଳେ ଭରସାମ୍ୟ ହରାଇ ଭ୍ୟାନଟି ଘାଟି ତଳକୁ ଖସି ପଡ଼ିଥିଲା। ଫଳରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ଗୁରୁତର ହୋଇଥିଲେ। ଅନୁରୂପ ଭାବେ ୨୦୨୩ ମସିହାର ଥୁଆମୂଳ ରାମପୁର ଅଞ୍ଚଳର ୨୫ ଜଣ ମହିଳା ଯୁବକ ଓ ଶିଶୁ ଭୋଜି ଖାଇ ଟ୍ରାକ୍ଟର ଯୋଗେ ଫେରୁଥିବା ବେଳେ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଏଥିରେ ଟ୍ରାକ୍ଟର ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ରାସ୍ତାରେ ଯାଉଥିବା ଯାତ୍ରୀ ଆହତ ମାନଙ୍କୁ ଉଦ୍ଧାର କରିଥିଲେ। ପ୍ରଶାସନର ନିରବତା ଯୋଗୁଁ ସିଙ୍ଗାରୀ ଘାଟିରେ ଅଧିକାଂଶ ଦିନ ଦୁର୍ଘଟଣା ଘଟିବାର ଲାଗିଛି। ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ବିଶେଷ କରି କଳାହାଣ୍ଡି ପୂର୍ତ୍ତ ବିଭାଗ ଏହି ରାସ୍ତା ପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଅନୁରୋଧ କରିଛନ୍ତି।

# ପାଣି ପାଇଁ ରାଜରାସ୍ତାରେ ମହିଳା



ଧର୍ମଗଡ଼/ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଦଶପୁର ଗାଁରେ ପୁଣି ପାଣି ପାଇଁ ରାଜରାସ୍ତାକୁ ଓହ୍ଲାଇଲେ ଶତାଧିକ ମହିଳା। ପାନୀୟ ଜଳ ଯୋଗାଣ ଦାବିରେ ବୃନ୍ଦାବାହାଲରୁ ଜାରିଂକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ଅବରୋଧ କରି ଦଶପୁରଠାରେ ରାସ୍ତାରେ ଗରା, ମାଠିଆ, ବାଲଟି ପାଣି ଡବା ରଖି ରାସ୍ତା ରୋକ କରିଥିବାର ଦେଖିବାକୁ ମିଳିଛି। ଦିନ ୧୧ଟା ସମୟରୁ ରାସ୍ତା ଅବରୋଧ କରିବା ଫଳରେ ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ମୋଟର ଅଟକି ଯାତାୟାତ ଠପ୍ ହୋଇଯାଇଥିଲା। ଏହି ସମସ୍ୟା କିଛି ନୂଆଁ ନୁହଁ ଦୀର୍ଘ ୨ବର୍ଷ ଧରି ଗ୍ରାମବାସୀ ପିଇବା ପାଣି ପାଇଁ ସଂଘର୍ଷ କରୁଛନ୍ତି। ସ୍ଥାନୀୟ ସରପଞ୍ଚଠୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ବିଧାୟକ ପର୍ଯ୍ୟନ୍ତ ଅଭିଯୋଗ କଲେ ହେଁ କୌଣସି ସୁଫଳ ମିଳିପାରିନାହିଁ। ଯାହାଫଳରେ ସ୍ଥାନୀୟ ଲୋକେ ବର୍ତ୍ତମାନ ଆନ୍ଦୋଳନ କରିବା ପାଇଁ ବାଧ୍ୟ ହୋଇଛନ୍ତି। ପୂର୍ବରୁ କିଛି ଦିନ ତଳେ ମଧ ରାସ୍ତା ଅବରୋଧ କରିଥିଲେ। ଏହି ସମୟରେ ଘଟଣାସ୍ଥଳକୁ

### ଆସିଲେନି ଅଧିକାରୀ, ନିରାଶ ହେଲେ ଆନ୍ଦୋଳନକାରୀ

ଜଳ ଯୋଗାଣ ଓ ପରିମଳ କନିଷ୍ଠ ଯନ୍ତ୍ରୀ ରିତାରାଣୀ କିଷାନ ପହଞ୍ଚି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଠିକ ସେହିପରି ଆଜି ମଧ ଶତାଧିକ ମହିଳାଙ୍କ ତରଫରୁ ରାସ୍ତା ରୋକ ହୋଇଥିବା ବେଳେ ଦୀର୍ଘ ୫ଘଣ୍ଟା ରାସ୍ତା ଅବରୋଧ ହେବା ପରେ ମଧ କୌଣସି ଅଧିକାରୀ ଆସିନଥିବା ହେତୁ ଆନ୍ଦୋଳନକାରୀ ନିରାଶ ହୋଇଥିବା ଜଣାପଡିଛି। ଯାହା ଫଳରେ ପୁଣି ଆନ୍ଦୋଳନକୁ ବ୍ୟାପକ କରାଯିବା ନେଇ ଆନ୍ଦୋଳନକାରୀମାନେ ସୂଚନା ଦେଇଛନ୍ତି।

# ଖାଉଟି କାର୍ଡ ବାଣ୍ଟିଲେ ମନ୍ତ୍ରୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାସ୍ତରୀୟ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ୨୨ ତାରିଖ ଗୁରୁବାର ଦିନ କଳାହାଣ୍ଡି ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାର ବୈଷୟିକ ବିଭାଗର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଜିଲ୍ଲାର ୧୩ ଟି ବ୍ଲକ ଓ ୟୁଏଲବିର ୯୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ଖାଉଟି କାର୍ଡ ବଣ୍ଟନ କରିଥିଲେ। ପରବର୍ତ୍ତୀ ସମୟରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ନୂତନ ଖାଉଟି କାର୍ଡ ପ୍ରଦାନ କରାଯିବ ଏବଂ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସଦ, ବିଧାୟକଙ୍କୁ ସାମିଲ କରାଯାଇ ତାଙ୍କ ଦ୍ୱାରା ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରିବା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରୁ ଯେପରି କୌଣସି ଗରିବ ଲୋକ, ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲ୍ଲାର ୪,୧୪,୭୯୬ ଜଣ ଯୋଗ୍ୟ ହିତାଧିକାରୀ ଉପକୃତ ହେଉଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ସମ୍ମାନିତ ଅତିଥି ଭାବେ ସଂସାଦ କଳାହାଣ୍ଡି ମାଳବିକା ଦେବୀ, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ, ଉପ ଜିଲ୍ଲାପାଳ ଧର୍ମଗଡ଼ ଧୀମାନ ଚକମା, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା ଯୋଗଦେଇ ହିତାଧିକାରୀଙ୍କୁ ନୂତନ ଖାଉଟି କାର୍ଡ ବଣ୍ଟନ କରିଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ସଂପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗାଣ ବିଭାଗର ଅଧିକାରୀ, ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାସ୍ତରୀୟ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଯୋଗଦେଇ ଖାଉଟି କାର୍ଡ ହିତାଧିକାରୀଙ୍କୁ ବଣ୍ଟନ କରି ସମସ୍ତଙ୍କୁ ଉତ୍ସାହିତ କରିଥିବାରୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ନୂତନ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ସ୍ୱରୂପ ସୁଭଦ୍ରା ଯୋଜନା, କୃଷକଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ, ନୂତନ ଖାଉଟି କାର୍ଡ ପ୍ରଦାନ କରି ଲୋକଙ୍କ ମୁହଁରେ ହସ ଫୁଟାଇ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ପରେ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପାତ୍ର ଯୋଗ ଦେଇଥିଲେ,ଏଥିରେ ସାଂସଦ କଳାହାଣ୍ଡି, ଶ୍ରୀମତୀ ଦେଓ, ବିଧାୟକ ଧର୍ମଗଡ଼ ଶ୍ରୀ ପାଟଯୋଷୀ, ଜିଲ୍ଲା ଭାଜପା ସଭାପତି ଶ୍ରୀ ପୋଡ଼ଙ୍କ ସମେତ ଅନେକ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଓ ଯୁଗାନ୍ତକାରୀ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଥିଲେ।

## ଏନ୍‌ଏସିର ସଫେଇ କାର୍ଯ୍ୟ ଆରମ୍ଭ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ ଅଞ୍ଚଳରେ ମଶା ମାଛିର ପ୍ରାଦୁର୍ଭାବକୁ ଓଡିଶା ଭାସ୍କରରେ ଖବର ପ୍ରସାରଣ ପରେ ଚେଇଁ ଉଠିଛି ଧର୍ମଗଡ଼ ଏନ୍‌ଏସି। ଧର୍ମଗଡ଼ ଏନ୍‌ଏସି ପକ୍ଷରୁ ତତ୍ପରତା ପ୍ରକାଶ କରି ଶୁକ୍ରବାର ଦିନ ସଫେଇ କାମ ଆରମ୍ଭ ହୋଇଛି। ୱାର୍ଡ ନଂ ୧-ଭୀମଖୋଜ ପଡା ସ୍ଥିତ ଡ୍ରେନରୁ ପଙ୍କ ନର୍ଦ୍ଦମା ଆବର୍ଜନା ସଫା କରାଯାଉଥିବା



ଓଡିଶା ଭାସ୍କରର ପ୍ରଭାବ

ଦେଖିବାକୁ ମିଳିଛି। ଏପରିକି ମଶା ମାଛି ନିୟନ୍ତ୍ରଣ ପାଇଁ ଔଷଧ ସିଞ୍ଚନ କରାଯାଇଥିବା ଜଣାପଡିଛି। ସୂଚନା ଯେ ଏହି ୱାର୍ଡରେ ନିର୍ମାଣ ହୋଇଥିବା ଡ୍ରେନରୁ ଦୀର୍ଘ ଦିନ ହେବ ସଫା କରାଯାଇ ନଥିବା ବେଳେ ମଶାମାଛିର ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଥିଲା। ଯାହା ଫଳରେ ଲୋକେ ମଶା ମାଛି କାମୁଡ଼ାରେ ଅସ୍ତବ୍ୟସ୍ତ ହେବା ସହ ବିଭିନ୍ନ ଚର୍ମ ରୋଗ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ରୋଗରେ ଶିକାର ସାଜୁଥିଲେ ଗ୍ରାମବାସୀ। ସରକାର ପରିବେଶ ପରିଷ୍କାର ରଖିବା ତଥା ସୁସ୍ଥ ପରିବେଶ ସହ ସୁସ୍ଥ ଜୀବନଯାପନ ନେଇ ସ୍ୱଚ୍ଛ ଭାରତ ମିଶନ ଯୋଜନା ମାଧ୍ୟମରେ ଗାଁର ଆବର୍ଜନା ନର୍ଦ୍ଦମା ଆଦି ସଫା କରିବା ବ୍ୟବସ୍ଥା ରହିଛି। ବିଳମ୍ବରେ ହେଉ ପଛେ ଏନ୍‌ଏସି ପକ୍ଷରୁ ତୁରନ୍ତ ପଦକ୍ଷେପ ନେଇଥିବା ଓ ତତ୍ପରତା ଦେଖାଇଥିବା ନେଇ ୱାର୍ଡବାସୀଙ୍କ ଭିତରେ ଖୁସି ଦେଖା ଯାଇଛି। ୱାର୍ଡ ବାସୀଙ୍କ ପକ୍ଷରୁ ଓଡିଶା ଭାସ୍କର ଖବର କାଗଜକୁ ଧନ୍ୟବାଦ ଦେବା ସହ ସାମ୍ବାଦିକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଆନ୍ତଃଜିଲ୍ଲା ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ଓଡିଶା କ୍ରିକେଟ ଏସୋସିଏସନ ପ୍ରାୟୋଜିତ ଜିଲ୍ଲା ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ସାମ୍ବାଦିକ ଉମାଶଙ୍କର କର ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସାଧାରଣ ସଂପାଦକ ତଥା କଳାହାଣ୍ଡି କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ଓଡିଶା କ୍ରିକେଟ ଏସୋସିଏସନର ଉପ ସଭାପତି ଜଗମୋହନ ପଟ୍ଟନାୟକ, ଜିଲ୍ଲା କ୍ରୀଡା ସଂସ୍ଥାର ଉପ ସଭାପତି ରାମ କୁମାର ଜୈନ ଓ ଅର୍ଜୁନ କୁମାର ପଟ୍ଟନାୟକ, ଯୁଗ୍ମ ସଂପାଦକ କାଳି ପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠୀ, କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ତ ସିଂ, ଫୁଟବଲ ସଂପାଦକ ମହମ୍ମଦ ଅବଦୁଲ୍ କାଦର, କୋଷାଧ୍ୟକ୍ଷ ସରଦାର ନିର୍ମଳ ସିଂ, ଅନ୍ୟାନ୍ୟ ଖେଳ ସଂପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ, ରବି ପ୍ରସାଦ କାନୁନଗୋ, ସୁବାଷ ଚନ୍ଦ୍ର ପଣ୍ଡା, ଭିକାରୀ ଚରଣ ମିଶ୍ର, ବିପିନ ଚନ୍ଦ୍ର ମିଶ୍ର, ଅଜୟ ପଟ୍ଟନାୟକ, ଶମ୍ଭୁ ପ୍ରସାଦ ରାଉତ, ପଙ୍କଜ କୁମାର ପଟ୍ଟନାୟକ, ପୁରନ୍ଦର ଭୋଇ, କୁଳମଣି ସାହୁ, ଭବାନୀ ଶଙ୍କର ପଟ୍ଟନାୟକ, ମହେନ୍ଦ୍ର କୁମାର ପଣ୍ଡା ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁରେଶ ଗଉଡ ପ୍ରମୁଖ ଉପସ୍ଥିତ ରହି ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ। ଉଦ୍‌ଘାଟନୀ ଖେଳ ଭିମଳା କନଭେଣ୍ଟ ସ୍କୁଲ ଭବାନୀପାଟଣା ଓ ହାଇଟେକ୍ ପବ୍ଲିକ୍ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ହାଇଟେକ୍ ପବ୍ଲିକ ସ୍କୁଲ ବିଜୟୀ ହୋଇଥିଲା। ଏହି ଖେଳକୁ ଆମ୍ପାୟାର ଭାବରେ ଜଗଦୀପ ସିଂ ଓ ତେଜନ କୁମାର ଦୂର୍ଗା ଏବଂ ଡିଜିଟାଲ ସ୍କୋରର ସାକ୍ଷୀ ଗୋପାଳ ପାଣ୍ଡା ଓ ମାନୁଏଲ ସ୍କୋରର ମନୋଜ ସିଂ ପରିଚାଳନା କରିଥିଲେ। ହାଇଟେକ୍ ପବ୍ଲିକ୍ ସ୍କୁଲ ଦଳର ଖେଳାଳୀ ବରୁଣ କୁମାର ପଣ୍ଡା 'ପ୍ଲେୟାର ଅଫ୍ ଦି ଡେ' ଭାବେ ପୁରସ୍କୃତ ହୋଇଥିଲେ।ଏଠାରେ ପ୍ରକାଶ ଯୋଗ୍ୟ ଯେ ଏହି ଟୁର୍ଣ୍ଣାମେଣ୍ଟରେ ଦଶଟି ବିଦ୍ୟାଳୟର କ୍ରିକେଟ ଦଳ ଯୋଗ ଦେଇଛନ୍ତି ଆସନ୍ତା ଜୁନ ୧୪ ତାରିଖ ଦିନ ଏହାର ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି କଳାହାଣ୍ଡି ଜିଲ୍ଲା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରାକ୍ଟର ଜବତ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ବନ ବିଭାଗ ଦ୍ୱାରା କାଠ ବୋଝେଇ ଟ୍ରାକ୍ଟର ଜବତ ହୋଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ବୁଧବାର ବିଳମ୍ବିତ ରାତ୍ରିରେ ଗଣ୍ଡାମେର ପଞ୍ଚାୟତ ବାବେଗୁଡ଼ାରୁ ଏକ ଟ୍ରାକ୍ଟର ଯୋଗେ କାଠ ବୋଝଇ କରି ଚିଚିଆ ଅଭିମୁଖେ ରପ୍ତାନି କରୁଥିବା ସମୟରେ କୌଣସି ମତେ ଖବର ପାଇ କେଗାଁ ବନ ବିଭାଗ ଚଢ଼ାଉ କରିଥିଲା। ବୃନ୍ଦାବାହାଲ ପଞ୍ଚାୟତ ସମ୍ମୁଖରେ ଟ୍ରାକ୍ଟରକୁ ଜବତ କରି ଦଶପୁର ବନପାଳଙ୍କ କାର୍ଯ୍ୟାଳୟକୁ ନେଇଯାଇଥିଲେ। ଗୁରୁବାର ଟ୍ରାକ୍ଟର ଡ୍ରାଇଭର ଭୀଷ୍ମ ନାଏକ(୨୯)ଙ୍କୁ କୋର୍ଟ ଚାଲାଣ କରିଥିବା ବନ ବିଭାଗ ଅଧିକାରୀ ଚିନ୍ମୟ ଗର୍ତିଆ ପ୍ରକାଶ କରିଛନ୍ତି। ହେଲେ ଟ୍ରାକ୍ଟରଟି ଦୁଇ ଦିନ ତଳେ ସ୍ୱରାଜ କମ୍ପାନୀ ଠାରୁ ବାହାରିଥିବାରୁ ତାର ରେଜିଷ୍ଟ୍ରେସନ ନମ୍ବର ହୋଇ ନ ଥିବା ସୂଚନା ମିଳିଛି।



# ଡକାୟତି ଉଦ୍ୟମ ପଣ୍ଡ

କୋକସରା, (ଭାସ୍କର ନ୍ୟୁଜ୍) : କିଛି ଦିନର ନିରବତା ପରେ କୋକସରା ଅଞ୍ଚଳରେ ପୁଣି ସକ୍ରିୟ ହେଲେଣି ଡାକୟତ ଗ୍ୟାଙ୍ଗ। ବୁଧବାର ବିଳମ୍ବିତ ରାତିରେ କୋକସରା ଥାନା ଟେମରା ଗ୍ରାମର ଈଶ୍ୱର ଚନ୍ଦ୍ର ସାହୁଙ୍କ ଘରେ ଡକାୟତି ଉଦ୍ୟମ ହୋଇଛି। ତେବେ ଘରଲୋକ ଉଠି ପଡିବାରୁ ଡକାୟତ ମାନେ ଚମ୍ପଟ ମାରିଥିଲେ। ସୂଚନା ଅନୁସାରେ, ଗତ ବିଳମ୍ବିତ ରାତିରେ ଘର ପଛ ପଟକୁ ଥିବା ପାଚେରୀକୁ ଡକାୟତ ମାନେ ସିନ୍ଧି କରି ଘରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗି ଡକାୟତି ପାଇଁ ଯୋଜନା କରିଥିଲେ। ଏହା ପୂର୍ବରୁ ଘରଲୋକେ ଉଠି ପଡିବା ଜାଣି ଡକାୟତି ଦଳ ସେଠାରୁ ଫେରାର ହୋଇ ଯାଇଥିଲେ। ଘଟଣା ସମ୍ପର୍କରେ କୋକସରା ପୋଲିସକୁ ଅଭିଯୋଗ କରିବା ପରେ ଗୁରୁବାର ସକାଳେ ପୋଲିସ ଟିମ୍ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରିବା ସହ ଭଙ୍ଗାରୁଜା ହୋଇଥିବା ସିସିଟିଭି କ୍ୟାମେରା ଜବତ କରିଥିବା ସୂଚନା ମିଳିଛି। ତେବେ ଘର ମାଲିକ ପୋଲିସ ନିକଟରେ ସନ୍ଧାନି କୁକୁର ନେଇ ତଦନ୍ତ କରିବାକୁ ଲିଖିତ ଅଭିଯୋଗ ପରେ ସନ୍ଧ୍ୟାରେ ପୋଲିସ ପକ୍ଷରୁ ସନ୍ଧାନି କୁକୁର ସାହାଯ୍ୟରେ ତଦନ୍ତ ପ୍ରକ୍ରିୟାକୁ ଆଗକୁ ବଢାଇଥିବା ଜଣାପଡିଛି। ଏନେଇ କୋକସରା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

## ନୂତନ ଯାଦବ ଭବନର ପ୍ରତିଷ୍ଠା ଉତ୍ସବ

# ନାରୀଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ


କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ସଦର ମହକୁମା ପଞ୍ଚାୟତ ଚିଲିଗୁଡାଠାରେ ନବ ନିର୍ମିତ ବ୍ଲକ ଯାଦବ ଭବନ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ନୂତନ ଭବନକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକ ଯାଦବ ମହାସଭାର ସଭାପତି ବିନୋଦ ରାଉତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଣ୍ଟାବାଞ୍ଜି ବିଧାୟକ ଶ୍ରୀବାଗ ସମେତ ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଜିଲ୍ଲା ଯାଦବ ମହିଳା ସଭାନେତ୍ରୀ ରଶ୍ମି ରେଖା ରାଉତ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ, ଭବାନୀପାଟଣା ପୂର୍ବତନ ପୌରଧକ୍ଷା ସଞ୍ଜୁକ୍ତା ବେହେରା, କୋକସରା ବିଇଓ ମହେଶ କୁମାର ଭାଟି, ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଦ ଯାଦବ, ଉତ୍କଳ ଯାଦବ ମହାସଭା ବୁଦ୍ଧିଜୀବି ଶାଖା ସଦସ୍ୟ ଦ୍ୱାରୀକା ନାଥ ବାଗ, ଜିଲ୍ଲା ଯୁବ ଯାଦବ ସଭାପତି ଗୋବିନ୍ଦ ବନଛୋର, ପୂର୍ବତନ ଜିଲ୍ଲା ଯାଦବ ସଭାପତି ଡମ୍ବରୁଧର ଲହଜଲ, ଟିକଚନ ନାଗ, ଧର୍ମଗଡ ଏନ୍‌ଏସି ସଭାପତି ଅନିରୁଦ୍ଧ ଲହଜଲ, ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼, ଜିଲ୍ଲାପରିଷଦ ସଭ୍ୟ ତ୍ରିନାଥ ବାଗ, କଲମପୁର ଯାଦବ ସମିତି ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଲହଜଲ, ଲାଞ୍ଜିଗଡ ବ୍ଲକ ସଭାପତି ପାନାଲାଲ ବେମାଲ, ଜିଲ୍ଲା ଯୁବ ଯାଦବ ଉପ-ସଭାପତି ଡାକେଶ୍ୱର ଲହଜଲ, ଲିଙ୍ଗରାଜ ଗହୀର ପ୍ରମୁଖ ଯୋଗଦେଇଥିଲେ। ସମାଜର ସାଂଗଠାନିକ ସ୍ଥିତି ସୁଦୃଢ଼ କରିବା, ନାରୀଶିକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି କ୍ରମରେ ଯାଦବ ଭବନ ପାଇଁ ଜମି ଦାନ କରିଥିବା ଚିଲିଗୁଡା ଗ୍ରାମର ପାର୍ଥ ଗୋପାଳଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକ ଓ ସ୍କୁଲ ଟପ୍ପର ହୋଇଥିବା ଜିଲ୍ଲାର ବିଭିନ୍ନ ଅଞ୍ଚଳର ଯାଦବ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକାର୍ଯ୍ୟକୁ ବ୍ଲକ ସାଧାରଣ ସମ୍ପାଦକ ଅଲେଖ ଗୋପାଳ ସଭା ସଂଯୋଜନା କରିଥିବାବେଳେ ଅଧ୍ୟାପକ ମାଧବ ଲହଜଲ ଧନ୍ୟବାଦ ଅର୍ପଣ କରିଥିଲେ। ନୂତନ ଭବନ ପ୍ରତିଷ୍ଠା ଉତ୍ସବ ଅବସରରେ ଯାଦବ ଭବନ ନିକଟରେ ଶୁକ୍ରବାର ସକାଳୁ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏଥି ନିମନ୍ତେ ପୂର୍ବରୁ କଳସ ଯାତ୍ରା ମଧ ଅନୁଷ୍ଠିତ ହୋଇଥିଲା। ନୂତନ ଯାଦବ ଭବନ ନିକଟରୁ ଶତାଧିକ ଯାଦବ ମହିଳା ଓ ଯୁବତୀ ମାନେ କଳସ ଯାତ୍ରାରେ ବାହାରି ଚିଲିଗୁଡା ବଡ଼ବନ୍ଧ ନିକଟରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ ଜଳ କଳସୀ ଧାରଣ କରି ନାମଯଜ୍ଞ ମଣ୍ଡପ ନିକଟରେ ପ୍ରତ୍ୟାବର୍ତ୍ତନ କରି କଳସ ସ୍ଥାପନ କରିଥିଲେ। ଏହି ସମୟରେ ଯାଦବ ସମାଜର ମହାନ ବିଭବ ବନବାଡି, ସଂକୀର୍ତ୍ତନ ଦଳ ଓ ବିଭିନ୍ନ ସାଂସ୍କୃତିକ ଦଳ ସାମିଲ ହୋଇଥିଲା। ନାମଯଜ୍ଞରେ କର୍ତ୍ତାଭାବେ ପାର୍ଥ ଗୋପାଲ ଓ ତାଙ୍କ ସହ ଧର୍ମଣୀ ଲାଲ ଗୋପାଲ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜକ ଭାବେ କିଶୋର ଠାକୁର ଓ ଗୋପାଳ ପ୍ରସାଦ ଜୀ ଠାକୁର ପୂଜାକାର୍ଯ୍ୟ ନିର୍ବାହ କରୁଛନ୍ତି। ଉତ୍ସବ କମିଟିର ସଭାପତି ବିଦ୍ୟାଧର ଗହୀର, ସମ୍ପାଦକ ଅର୍ଜୁନ ଭାଟି, କୋଷାଧ୍ୟକ୍ଷ ସୁଦର୍ଶନ ବେହେରା, ଉପ ସଭାପତି ଲିଙ୍ଗରାଜ ବେହେରା, ଲକ୍ଷ ପୁଞ୍ଜି, ଅଭିମନ୍ୟୁ ଗୋପାଲ, ମଙ୍ଗଳୁ ଭାଟି, ଦୟାନିଧି ଭାଟି, ଧନସିଂ ବାଗ, ସମେତ ବିଭିନ୍ନ ଅଞ୍ଚଳରୁ ଶତାଧିକ ଯାଦବ ମହିଳା ଓ ପୁରୁଷ ମାନେ ସାମିଲ ହୋଇଥିଲେ।





# ରାଶିଫଳ

**ଶନିବାର, ୨୪ ମଇ ୨୦୨୫**




**ମେଷ:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ।




**ବୃଷ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି। ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ।



**ମିଥୁନ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ।




**କର୍କଟ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ। ଯାନ-ଯନ୍ତ୍ରପାତି କ୍ରୟ ସମ୍ଭାବନା। ବ୍ୟବସାୟରେ ବାଧା ଆସିବ।



**ସିଂହ:** ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।




**କନ୍ୟା:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ବ୍ୟବସାୟ ଯାତ୍ରା ସଫଳ ହେବ। ଅହଂକାର ଦୂର କରନ୍ତୁ। ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ।



**ତୁଳା:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ବିଛା:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରାର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**ଧନୁ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



**ମକର:** ଆପଣ ସ୍ୱାଦିଷ୍ଟ ଭୋଜନ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



**କୁମ୍ଭ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।



**ମୀନ:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯